# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୭/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, February 7/2023 | Page 14 | ₹ 7.00 | RAYAGADA

୪୯ଶ ଭାଗ ୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 49 ISSUE 75 | ମୂଲ୍ୟ ₹୭/-




**ନିମନ୍ତ୍ରଣ ରଖିଲେ ସୋନୁ**

ଜୟପୁରରେ ଜଣେ ବ୍ୟକ୍ତି ବଲିଉଡ୍ ଅଭିନେତା ସୋନୁ ସୁଦ୍‌ଙ୍କ ନାମରେ ଏକ ଦୋକାନ କରିଥିବାବେଳେ ସେ ତାଙ୍କ ନିମନ୍ତ୍ରଣ ରଖି ସେଠାରେ ପାଓଭାଜି ଖାଇଛନ୍ତି।

୧୦

୧୪

**ଭାରୋତ୍ତୋଳନରେ ଭିନତାଇଙ୍କ ଜାତୀୟ ରେକର୍ଡ**

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଭାରୋତ୍ତୋଳନରେ ଜାତୀୟ ରେକର୍ଡ ସ୍ଥାପନ କରିଛନ୍ତି ନାଶିକର ୧୭ ବର୍ଷୀୟା ଭିନତାଇ ଆହେର୍।





ଭୂକମ୍ପରେ ତୁର୍କୀର ଦିୟାର୍ବାକିର୍ ସହରରେ ଭୁଶୁଡ଼ି ପଡ଼ିଥିବା କୋଠା।

# ତୁର୍କୀ, ସିରିଆରେ ଭୂକମ୍ପ
# ୨୩୦୦ ମୃତ

- ବହୁ କୋଠା ମାଟିରେ ମିଶିଲା
- ଉଦ୍ଧାର କାର୍ଯ୍ୟ ଜାରି
- ସହାୟତା ପଠାଇବ ଭାରତ

**ଇସ୍ତାନବୁଲ୍/ଦମାସ୍କସ୍,୬।୨**

ତୁର୍କୀ ଓ ସିରିଆରେ ରବିବାର ବିଳମ୍ବିତ ରାତିରେ ବଡ଼ ଧରଣର ଭୂକମ୍ପ ହୋଇଛି। ଲୋକେ ଶୋଇଥିବାବେଳେ ଭୂମିକମ୍ପ ହେବାରୁ ୨,୩୦୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇବା ସହ ବହୁ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାବେଳେ ଭଗ୍ନାବଶେଷ ତଳେ ଅନେକ ହଜାର ଲୋକ ଚାପିହୋଇ ରହିଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଭୂକମ୍ପରେ ଘରଗୁଡ଼ିକ ମାଟିରେ ମିଶିଯାଇଛି। ଭଗ୍ନାବଶେଷ ତଳୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରାତିରେ ହୋଇଥିବା ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୭.୮ ରହିଥିଲା, ଯାହାର କମ୍ପନ ଗ୍ରୀନ୍‌ଲାଣ୍ଡ ଏବଂ ସାଇପ୍ରସ୍ ଦ୍ୱୀପ ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା। ଏହାର କିଛି ଘଣ୍ଟା ପରେ ୭.୭ ତୀବ୍ରତା ବିଶିଷ୍ଟ ଆଉ ଏକ ଭୂକମ୍ପ ହେବାରୁ ତୁର୍କୀର କେତେକ ଜନବସତି ବହୁଳ ବୃହତ୍ ସହର ଧ୍ୱଂସ ହୋଇଯାଇଛି। ସିରିଆ ଗୃହଯୁଦ୍ଧ ସମୟରେ ଲକ୍ଷାଧିକ ଲୋକ ପଳାଇଆସି ଉକ୍ତ ଅଞ୍ଚଳରେ ବସବାସ କରୁଥିଲେ।

ତୁର୍କୀର ଦକ୍ଷିଣ ଭାଗ ଏବଂ ସିରିଆର ଉତ୍ତର ପାର୍ଶ୍ୱରେ ଭୂକମ୍ପ ଅନୁଭୂତ ହୋଇଥିଲା। ସିରିଆର ଜାତୀୟ ଭୂକମ୍ପ କେନ୍ଦ୍ରର ମୁଖ୍ୟ ରାଏଦ୍ ଅହମଦଙ୍କ କହିବା ଅନୁଯାୟୀ ଉକ୍ତ କେନ୍ଦ୍ର ଇତିହାସରେ ଏହା ହେଉଛି ସବୁଠୁ ବଡ଼ ଭୂମିକମ୍ପ। ସିରିଆର ବିଦ୍ରୋହୀ ଏବଂ ସରକାରଙ୍କ ନିୟନ୍ତ୍ରଣରେ ଥିବା ଅଞ୍ଚଳରେ ଅନ୍ୟୂନ ୫୬୦ ଜଣଙ୍କ ମୃତ୍ୟୁ ଘଟିଛି। ତୁର୍କୀରେ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ୧୫୦୦ ଟପିଥିବାବେଳେ ୫ ହଜାରରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ରାଷ୍ଟ୍ରପତି ରେସିପ୍ ତାୟିପ ଏର୍ଦୋଗାନ୍ ସୂଚନା ଦେଇଛନ୍ତି। ଦୁଇ ଦଶନ୍ଧି ମଧ୍ୟରେ ଏହା ସବୁଠୁ ଶକ୍ତିଶାଳୀ ଭୂକମ୍ପ ବୋଲି ସେ କହିଛନ୍ତି। ରାତିର ଭୂକମ୍ପ ପରେ ୫୦ରୁ ଊର୍ଦ୍ଧ୍ୱ ଥର ପଶ୍ଚାତ୍ କମ୍ପନ ଅନୁଭୂତ ହୋଇଥିଲା। ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଥିବାବେଳେ ସୋମବାର ଅପରାହ୍ନରେ ହୋଇଥିବା ଦ୍ୱିତୀୟ ଭୂକମ୍ପ ଉକ୍ତ ଅଞ୍ଚଳକୁ ସମ୍ପୂର୍ଣ୍ଣ ଦୋହଲାଇଦେଇଛି। ଏହା ତୁର୍କୀ ରାଜଧାନୀ ଆଙ୍କାରା ଏବଂ ଇରାକର କୁର୍ଦ୍ଦିସ୍ତାନ ସହର ଇର୍ବିଲ ପର୍ଯ୍ୟନ୍ତ ଅନୁଭୂତ ହୋଇଛି। ବିଭିନ୍ନ ସହରରେ ରେସ୍କ୍ୟୁ ଟିମ୍ ଏବଂ ବାସିନ୍ଦାମାନେ ଉଦ୍ଧାର କାର୍ଯ୍ୟରେ ☞ପୃଷ୍ଠା-୪

# ଇତିହାସ ରଚିଲେ ବେୟୋନ୍ସେ
## ଜିତିଛନ୍ତି ସର୍ବାଧିକ 'ଗ୍ରାମୀ ଆୱାର୍ଡ'



**ଲସ୍‌ଏଞ୍ଜେଲ୍ସ ୬।୨**

ଆମେରିକୀୟ କଣ୍ଠଶିଳ୍ପୀ, ସଙ୍ଗୀତ ସଂଳାପିକା ଏବଂ ଡ୍ୟାନ୍ସର ବେୟୋନ୍ସେ ସର୍ବାଧିକ 'ଗ୍ରାମୀ ଆୱାର୍ଡ' ଜିତି ମ୍ୟୁଜିକ୍ ଇଣ୍ଡଷ୍ଟ୍ରିରେ ଇତିହାସ ସୃଷ୍ଟି କରିଛନ୍ତି। ଆମେରିକାର ଲସ୍‌ଏଞ୍ଜେଲ୍ସଠାରେ ରବିବାର ଅନୁଷ୍ଠିତ ୬୫ତମ ଗ୍ରାମୀ ଆୱାର୍ଡ ସମାରୋହରେ ବେୟୋନ୍ସେଙ୍କୁ ତାଙ୍କ ଆଲବମ୍ 'ରିନେସାନ୍ସ' ପାଇଁ ସମ୍ମାନିତ କରାଯାଇଛି। ବେଷ୍ଟ ଡ୍ୟାନ୍ସ ଏବଂ ଇଲେକ୍ଟ୍ରୋନିକ ମ୍ୟୁଜିକ୍ କାଟାଗୋରିରେ ବେୟୋନ୍ସେଙ୍କ ଆଲ୍‌ବମ୍‌କୁ ଚୟନ କରାଯାଇଥିଲା। ଚଳିତ ବର୍ଷ ସେ ଏକକାଳୀନ ୩ଟି ଆୱାର୍ଡ ନିଜ ନାମରେ କରିଛନ୍ତି। ବେୟୋନ୍ସେ ସର୍ବାଧିକ ୩୨ଟି ଗ୍ରାମୀ ଆୱାର୍ଡ ଜିତି ଏବେ ଅଧିକ ଚର୍ଚ୍ଚା ଓ ପ୍ରଶଂସା ସାଉଁଟିବାରେ ଲାଗିଛନ୍ତି।

ଏହି ଅବସରରେ ବେୟୋନ୍ସେ ନିଜ ଅଭିଭାବକ ଏବଂ ଏଲ୍‌ଜିବିଟିକ୍ୟୁ କମ୍ୟୁନିଟିକୁ ଧନ୍ୟବାଦ ଜଣାଇଛନ୍ତି। ସେମାନଙ୍କ ଭଲ ପାଇବା ଏବଂ ସହଯୋଗ ପାଇଁ ବେୟୋନ୍ସ ଅନେକଙ୍କ ପ୍ରିୟଭାଜନ ହୋଇପାରିଥିବା କହିଛନ୍ତି। ଅନ୍ୟପକ୍ଷେ ନିଜର ଏହି ବିରାଟ ସଫଳତା ପାଇଁ ସେ ସମସ୍ତ ଶ୍ରେୟ ତାଙ୍କ ମାମୁଙ୍କୁ ଦେଇଛନ୍ତି। ତାଙ୍କ ମାମୁ ଜଣେ ସମଲିଙ୍ଗୀ ହୋଇଥିବାବେଳେ ନିଜ ମ୍ୟୁଜିକାଲ କ୍ୟାରିୟର୍ ଆରମ୍ଭ କରିବା ସମୟରେ ତାଙ୍କୁ ବହୁ ସାହାଯ୍ୟ କରିଥିବା ବେୟୋନ୍ସେ ଗ୍ରାମୀ ପୁରସ୍କାର ଗ୍ରହଣ କରିବାବେଳେ କହିଛନ୍ତି। ହଙ୍ଗେରୀ-ବ୍ରିଟିଶ ଗୀତିକାର ସୋଲ୍ଟି ୧୯୯୭ ମସିହାରେ ୩୧ଟି ଗ୍ରାମୀ ଆୱାର୍ଡ ଜିତି ରେକର୍ଡ କରିଥିଲେ। ବେୟୋନ୍ସେ ବର୍ତ୍ତମାନ ସୋଲ୍ଟିଙ୍କ ଏହି ରେକର୍ଡକୁ ନିଜ ନାମରେ କରିଛନ୍ତି।

**ଭାରତୀୟ ସଙ୍ଗୀତ ସଂଳାପକ ରିକି ସମ୍ମାନିତ**

ଚଳିତବର୍ଷ ଭାରତୀୟ ମ୍ୟୁଜିକ୍ କମ୍ପୋଜର ରିକି ରେଜ୍‌ଙ୍କୁ ମଧ୍ୟ ଗ୍ରାମୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ତାଙ୍କ ମ୍ୟୁଜିକାଲ ଆଲବମ୍ 'ଡିଭାଇନ୍ ଟାଇଡ୍'କୁ ବେଷ୍ଟ ଇମେର୍ସିଭ୍ ଅଡିଓ ଆଲବମ୍ କାଟାଗୋରିରେ ଚୟନ କରାଯାଇଥିଲା। ରିକି ଏବଂ ବ୍ରିଟିଶ ରକ୍ ବ୍ୟାଣ୍ଡ 'ଦି ପୋଲିସ' ମିଳିତ ଭାବେ ଏହି ଆଲବମ୍ ନିର୍ମାଣ କରିଛନ୍ତି। ଏହା ରିକିଙ୍କ ତୃତୀୟ ଗ୍ରାମୀ ଆୱାର୍ଡ। ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ସେ ଏହି ପୁରସ୍କାରକୁ ଭାରତ ନାଁରେ ଉତ୍ସର୍ଗ କରିଥିବା କହିଛନ୍ତି।

# ୩୪ ଡିଗ୍ରୀ ଡେଇଁଲା ପାରଦ
## ଆହୁରି ତତେଇବ ଫେବୃୟାରୀ

**ଭୁବନେଶ୍ୱର,୬।୨(ବ୍ୟୁରୋ)**

ଚଳିତବର୍ଷ ଫେବୃୟାରୀରୁ ପାରଦ ଉପରମୁହାଁ ହେବା ଆରମ୍ଭ କରିଛି। ସର୍ବନିମ୍ନ ତାପମାତ୍ରା ୩୪ ଡିଗ୍ରୀ ଡେଇଁଲାଣି। ଆସନ୍ତା ସପ୍ତାହରେ ଆହୁରି ତତେଇବ। ସ୍ୱାଭାବିକଠାରୁ ତାପମାତ୍ରା ଅଧିକ ରହିବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବର୍ଷାର ଅଭାବ, ଜଳବାୟୁରେ ପରିବର୍ତ୍ତନ ଓ ଜଙ୍ଗଲ ହ୍ରାସ ଯୋଗୁ ତାତି ବଢ଼ିବା ସମ୍ଭାବନା ରହିଛି। ଚଳିତବର୍ଷ ରାଜ୍ୟରେ ଫେବୃୟାରୀ ମାସରେ ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଅଧିକ ରହିବ ବୋଲି ଅନୁମାନ କରାଯାଉଛି। ରବିବାର ରାଜ୍ୟର ଅଧିକାଂଶ ଅଞ୍ଚଳରେ ଦିନର ତାପମାତ୍ରା ୩୦ ଡିଗ୍ରୀ ଉପରେ ରହିଥିବା ବେଳେ ସୋମବାର ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଆଦାନୀ ନୁହେଁ ଭାରତ

# ପିଟି ମାରିଦେଲେ ବନ ଅଧିକାରୀ

- ବଡ଼ମ୍ବା ବନାଞ୍ଚଳ ଅଧିକାରୀଙ୍କ ବିରୋଧରେ ହତ୍ୟା ଅଭିଯୋଗ
- ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ, ବିଟ୍ ହାଉସ୍ ଭଙ୍ଗାରୁଜା
- ୧୬ ବନ କର୍ମଚାରୀ ଆଠଗଡ଼ ଥାନାରେ ଅଟକ
- ପ୍ରଶାସନ ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

**ବଡ଼ମ୍ବା/ତିଗିରିଆ/ଆଠଗଡ଼(ଡି.ଏନ୍.ଏ),୬।୨**

ବଡ଼ମ୍ବା ବନାଞ୍ଚଳ ଅନ୍ତର୍ଗତ ହିଣ୍ଡିଆ ସଂରକ୍ଷିତ ଜଙ୍ଗଲରେ ଦନ୍ତାହାତୀ ହତ୍ୟା ଅଭିଯୋଗରେ ବନ ବିଭାଗ କର୍ମଚାରୀଙ୍କ ଦ୍ୱାରା ଗିରଫ ହୋଇଥିବା ଧନେଶ୍ୱର ବେହେରା(୫୬)ଙ୍କ ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ବନ ବିଭାଗ କର୍ମଚାରୀମାନେ ଧନେଶ୍ୱରଙ୍କୁ କୌଣସି ଏକ ଅଜ୍ଞାତ ସ୍ଥାନକୁ ନେଇ ପିଟି ପିଟି ମାରିଦେଇଥିବା ପରିବାର ଲୋକ ଏବଂ ସମ୍ପର୍କୀୟମାନେ ଅଭିଯୋଗ ଆଣିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦ ୫୦ଲକ୍ଷ ଟଙ୍କା, ତାଙ୍କ ପୁଅଙ୍କୁ ଚାକିରି ଏବଂ ଧନେଶ୍ୱରଙ୍କୁ ପିଟି ମାରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ସ୍ଥାନୀୟ ଲୋକମାନେ ରାସ୍ତାରୋକୋଠାରୁ ଆରମ୍ଭ କରି ବାଣପୁର ବିଟ୍‌ରେ ଭଙ୍ଗାରୁଜା କରିଛନ୍ତି। ଅପରପକ୍ଷରେ ରବିବାର ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଧନେଶ୍ୱରଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ୨ସହକାରୀ ବନ ସଂରକ୍ଷକ, ବଡ଼ମ୍ବା ବନାଞ୍ଚଳ ଅଧିକାରୀ ଏବଂ ୩ ବନପାଳଙ୍କ ସମେତ ୧୬ଜଣଙ୍କୁ ଆଠଗଡ଼ ଥାନାରେ ଅଟକ ରଖାଯାଇଛି। ସେମାନଙ୍କ ମଧ୍ୟରେ ୨ସହକାରୀ ବନ ସଂରକ୍ଷକ ଘନଶ୍ୟାମ ମୁଦୁଲି, ହରେକୃଷ୍ଣ ମଲ୍ଲିକ, ବଡ଼ମ୍ବା ବନାଞ୍ଚଳ ଅଧିକାରୀ ସୁବ୍ରତ ବେହେରା ପ୍ରମୁଖ ରହିଛନ୍ତି। ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଓ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କୃଷ୍ଣ ପ୍ରସାଦ ପଟ୍ଟନାୟକ ଅଟକ ଥିବା କର୍ମଚାରୀମାନଙ୍କୁ ପଚରାଉଚରା କରୁଛନ୍ତି। ମଙ୍ଗଳବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପଟ୍ଟନାୟକ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ମୃତକଙ୍କ ସ୍ତ୍ରୀ ତୁଳସୀ ବେହେରାଙ୍କ ବଡ଼ମ୍ବା ଥାନାରେ ଲିଖିତ ଅଭିଯୋଗକୁ ଆଧାର କରି ଏକ ମାମଲା(ନଂ. ୨୫/୨୦୨୩) ରୁଜୁ ହୋଇ ଘଟଣାର ତଦନ୍ତ ଜାରି ରହିଛି।



ଧନେଶ୍ୱର ବେହେରା

ମିଳିଥିବା ସୂଚନା ଅନୁସାରେ, ପ୍ରାୟ ୫ଦିନ ତଳେ ବଡ଼ମ୍ବା ସୀମାବର୍ତ୍ତୀ ଜଙ୍ଗଲରେ ଏକ ହାତୀକୁ ଶିକାର କରାଯାଇ ତାର ଦାନ୍ତକୁ ଦୁର୍ବୃତ୍ତ କାଟି ନେଇଥିଲେ। ଉକ୍ତ ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ୍ୟ ବନବିଭାଗ ସମ୍ପୃକ୍ତ ଅଭିଯୁକ୍ତଙ୍କ ସନ୍ଧାନ ପାଇ ନ ଥିଲା। ରବିବାର ବଡ଼ମ୍ବା ଥାନା ଅନ୍ତର୍ଗତ ସାତଗୋଛିଆ ଗ୍ରାମର ଧନେଶ୍ୱର ଓ ତାଙ୍କ ପରିବାରର ଅନ୍ୟ ☞ପୃଷ୍ଠା-୪

# ଆଦାନୀ ଜାଲିଆତିର ତଦନ୍ତ ଦାବି
## ଦେଶବ୍ୟାପୀ କଂଗ୍ରେସର ବିକ୍ଷୋଭ

**ନୂଆଦିଲ୍ଲୀ,୬।୨(ପି.ଟି.)**

ଆମେରିକାର ଶର୍ଟ ସେଲର କମ୍ପାନୀ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଦାନୀ ଗ୍ରୁପ୍ ବିରୋଧରେ ଜାଲିଆତ ଅଭିଯୋଗ ଆଣିବା ପରେ ଏହାର ତଦନ୍ତ ଦାବିରେ ସୋମବାର ବିରୋଧୀ ଦଳ ପାର୍ଲାମେଣ୍ଟ ଅଚଳ କରିଥିବାବେଳେ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ଏସ୍‌ବିଆଇ ଏବଂ ଏଲ୍‌ଆଇସି କାର୍ଯ୍ୟାଳୟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ତତ୍ତ୍ୱାବଧାନରେ କିମ୍ବା ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ତଦନ୍ତ କରାଇବାକୁ ବିରୋଧୀ ଦଳ ଦାବି କରିଛି। ବିଭିନ୍ନ ସହରର ଏଲ୍‌ଆଇସି କାର୍ଯ୍ୟାଳୟ ଏବଂ ଷ୍ଟେଟ୍ ବ୍ୟାଙ୍କ ଶାଖା ସମ୍ମୁଖରେ କଂଗ୍ରେସ ସଦସ୍ୟମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। କେତେକ ସ୍ଥାନରେ ବିକ୍ଷୋଭ ବେଳେ ପୋଲିସ ସହ କଂଗ୍ରେସ କର୍ମୀଙ୍କ ଧସ୍ତାଧସ୍ତି ହୋଇଥିଲା। ବିକ୍ଷୋଭକାରୀମାନେ ପ୍ଲାକାର୍ଡ ଧରି କେତେକ ସ୍ଥାନରେ ବ୍ୟାରିକେଡ୍ ଉପରେ ଚଢ଼ୁଥିବାର ଭିଡିଓ ଅନ୍‌ଲାଇନରେ ଦେଖିବାକୁ ମିଳିଛି। ସରକାର ଗୌତମ ଆଦାନୀଙ୍କୁ ସୁରକ୍ଷା ଦେଉଥିବା ବିରୋଧୀ ଅଭିଯୋଗ କରିଛନ୍ତି।

ସୋମବାର ସକାଳେ ପାର୍ଲାମେଣ୍ଟ ଭବନ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଆଗରେ ୧୭ଟି ବିରୋଧୀ ଦଳର ନେତାମାନେ ସରକାର ବିରୋଧୀ ସ୍ଲୋଗାନ ଦେବା ସହ ଆଦାନୀ ☞ପୃଷ୍ଠା-୪




ପାର୍ଲାମେଣ୍ଟ ପରିସରସ୍ଥିତ ଗାନ୍ଧୀମୂର୍ତ୍ତି ଆଗରେ ୧୭ ବିରୋଧୀ ଦଳର ନେତାମାନେ ଆଦାନୀ ଗ୍ରୁପ୍ ବିରୋଧରେ ତଦନ୍ତ ଦାବିରେ ବିକ୍ଷୋଭ କରୁଛନ୍ତି।

**ହ୍ୱାଟ୍ସଆପ୍‌ରେ ଖାଦ୍ୟ ଅର୍ଡର କରିପାରିବେ ଟ୍ରେନ୍ ଯାତ୍ରୀ**

ଟ୍ରେନ୍ ଯାତ୍ରୀମାନେ ଖୁବ୍‌ଶୀଘ୍ର ଏକ ହ୍ୱାଟ୍ସଆପ୍ ନମ୍ବର ଜରିଆରେ ଖାଦ୍ୟ ପାଇଁ ଅର୍ଡର କରିପାରିବେ। ଏକ ଇଣ୍ଟରାକ୍ଟିଭ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସମର୍ଥ ଚାଟବୁଟ୍ ସେମାନଙ୍କ ଅର୍ଡରକୁ ଇ-କ୍ୟାଟରିଂରେ ପରିଚାଳନା କରାଇବା ସହ ଖାଦ୍ୟ ବୁକ୍ କରାଇବ। ଆଇଆର୍‌ସିଟିସି କେତେକ ନିର୍ଦ୍ଦିଷ୍ଟ ରୁଟ୍‌ରେ ହ୍ୱାଟ୍ସଆପ୍ ନମ୍ବର +୯୧୮୭୫୦୦୦୧୩୨୩ ଜରିଆରେ ଖାଦ୍ୟ ଯୋଗାଇ ଦେଉଛି। ନିର୍ଦ୍ଦିଷ୍ଟ ଟ୍ରେନ୍ ଓ ଯାତ୍ରୀମାନଙ୍କୁ ଏହି ଇ-କ୍ୟାଟରିଂ ସେବା ହ୍ୱାଟ୍ସଆପ୍ ଜରିଆରେ ଉପଲବ୍ଧ ହେଉଛି।


ଭୂକମ୍ପ ପ୍ରଭାବରେ ତୁର୍କୀର ମାଲାତ୍ୟାରେ ଥିବା ଐତିହାସିକ ୟେନି ମସଜିଦ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି।


ଦିୟାରବାକିରରେ ଏକ ବିଲ୍ଡିଂରେ ରେସ୍କ୍ୟୁ ଅପରେଶନ୍ ଚାଲିଛି।

# ତାସଘର ଭଳି ଭୁଶୁଡ଼ିଲା କୋଠା

## ୩ ଶକ୍ତିଶାଳୀ ଭୂକମ୍ପରେ ଦୋହଲିଲା ତୁର୍କୀ-ସିରିଆ

ଇସ୍ତାନବୁଲ, ୬।୨

ଗୋଟିଏ ଦିନରେ ତିନିଟି ଶକ୍ତିଶାଳୀ ଭୂକମ୍ପ ତୁର୍କୀ ଏବଂ ସିରିଆକୁ ଦୋହଲାଇ ଦେଇଛି। ଦୁଇ ଦେଶର ପାରିପାର୍ଶ୍ୱିକ ବାତାବରଣର ଚିତ୍ର ମଧ୍ୟ ବଦଳିଯାଇଛି। ଚାରିଆଡ଼େ କାନ୍ଦ ବୋବାଳିର ଶବ୍ଦ ଶୁଣାଯାଉଥିବାବେଳେ ଡାକ୍ତରଖାନାରେ ରକ୍ତଭିଜା ଶରୀରରେ ଛାଇ ହୋଇଯାଇଛି। ବିଲ୍ଡିଂର ଭଗ୍ନାବଶେଷରେ ରାସ୍ତାଘାଟ ସବୁ ଅବରୋଧ ହୋଇଯାଇଛି। ଭୂକମ୍ପ ପ୍ରଭାବରେ ତାସଘର ଭଳି କୋଠାମାନ ଭୁଶୁଡୁଥିବା ଦେଖିବାକୁ ମିଳିଛି। ଭୂକମ୍ପରେ ୨୩୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଭଗ୍ନାବଶେଷ ତଳେ ଶତାଧିକ ଲୋକେ ଫସି ରହିଥିବା ବିଶ୍ୱାସ କରାଯାଉଛି। ଭୂକମ୍ପଜନିତ ମୃତ୍ୟୁ ସଂଖ୍ୟାରେ ବୃଦ୍ଧି ଘଟିବାର ଆଶଙ୍କା ରହିଛି। ୭.୮ ତୀବ୍ରତା ବିଶିଷ୍ଟ ଭୂକମ୍ପ ପରେ ଆହୁରି ୨ଟି ବଡ଼ ଭୂକମ୍ପ ସହ ପଶ୍ଚାତ କମ୍ପନ ଅନୁଭୂତ ହୋଇଥିଲା। ତୁର୍କୀ ରାଷ୍ଟ୍ରପତି ରିସେପ ତାୟିପ ଇର୍ଦୋଗାନଙ୍କ ସୂଚନା ମୁତାବକ ଭୂକମ୍ପରେ ୫,୩୮୩ ଜଣ ଆହତ ହୋଇଥିବାବେଳେ ପାଖାପାଖି ୨,୮୧୮ ବିଲ୍ଡିଂ ମାଟିରେ ମିଶିଯାଇଛି।

ତୁର୍କୀ ଓ ସିରିଆରେ ଏ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ପରେ ବହୁ ରାଷ୍ଟ୍ର ସହାୟତାର ହାତ ବଢ଼ାଇଛନ୍ତି। ଭାରତ ପକ୍ଷରୁ ଦୁଇଟି ରେସ୍କ୍ୟୁ ଟିମ୍, ଚିକିତ୍ସା ସମାଗ୍ରୀ ପଠାଯାଇଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମୃତକଙ୍କ ପାଇଁ ସମବେଦନା ଜଣାଇବା ସହ ସ୍ୱତନ୍ତ୍ର ଟିମ୍ ଓ ରିଲିଫ୍ ସାମଗ୍ରୀ ଦୁଇ ଦେଶକୁ ପଠାଇଥିବା କହିଛନ୍ତି। ତୁର୍କୀର ଦକ୍ଷିଣାଞ୍ଚଳ ଏବଂ ସିରିଆର ଉତ୍ତରାଞ୍ଚଳରେ ବଡ଼ ଧରଣର ଭୂକମ୍ପ ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଦୁଇ ଦେଶକୁ ଆବଶ୍ୟକ ସହାୟତା ଯୋଗାଇ ଦେବା ନେଇ ତୁର୍କୀ ପ୍ରତିପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଭୂକମ୍ପରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ପୋପ୍ ଫ୍ରାନ୍ସିସ୍ ଅତ୍ୟନ୍ତ ମର୍ମାହତ ଏବଂ ମୃତକଙ୍କ ପାଇଁ ସେ ସମବେଦନା ଜଣାଇଥିବା ଭାଟିକାନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋଁ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ତୁର୍କୀ ଓ ସିରିଆକୁ ସହାୟତାର ହାତ ବଢ଼ାଇଛନ୍ତି।


ଭୂକମ୍ପରେ ତୁର୍କୀର ଦିୟାରବାକିରରେ ଏକ ବିଲ୍ଡିଂ ଭୁଶୁଡ଼ି ପଡ଼ିଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ପୂର୍ବରୁ ହୋଇଥିବା ବଡ଼ ଭୂକମ୍ପ

- ୧୯୬୦ ମସିହା ମେ ୨୨ରେ ଦକ୍ଷିଣ ଆମେରିକାର ଚିଲେରେ ୯.୫ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିରେ ୪,୪୮୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨ ନିୟୁତ ଲୋକ ବାସହରା ହୋଇଥିଲେ।
- ୧୯୬୪ ମସିହା ମାର୍ଚ୍ଚ ୨୮ରେ ଆଲାସ୍କାର ପ୍ରିନ୍ସ ୱିଲିଅମ ସାଉଣ୍ଡରେ ୯.୨ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଥିଲା। ଯେଉଁଥିରେ ୧୨୮ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୩୧୧ ନିୟୁତ ଡଲାରର ସମ୍ପତ୍ତି ନଷ୍ଟ ହୋଇଥିଲା।
- ୨୦୦୪ ମସିହା ଡିସେମ୍ବର ୨୬ରେ ନର୍ଦର୍ନ ସୁମାତ୍ରାର ୱେଷ୍ଟ କୋଷ୍ଟରେ ଅନୁଭୂତ ହୋଇଥିବା ଭୂକମ୍ପର ତୀବ୍ରତା ୯.୧ ଥିଲା। ଏଥିରୁ ହୋଇଥିବା ସୁନାମି ଦ୍ୱାରା ଇଣ୍ଡୋନେସିଆ ଅଧିକ ପ୍ରଭାବିତ ହୋଇଥିଲା। ପାଖାପାଖି ୨,୩୦,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା।
- ୧୮୬୮ ମସିହା ଅଗଷ୍ଟ ୧୩ରେ ଆମେରିକାର ଏରିକା ଓ ପେରୁରେ ୯ ତୀବ୍ରତା ବିଶିଷ୍ଟ ଭୂକମ୍ପ ହୋଇଥିବାବେଳେ ୨୫,୦୦୦ ଜଣଙ୍କ ମୃତ୍ୟୁ ଘଟିଥିଲା।
- ୨୦୧୦ ମସିହା ଫେବୃୟାରୀ ୨୭ରେ ଚିଲେର ଅଫ୍ ବିଓ-ବିଓରେ ୮.୮ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଦ୍ୱାରା ସୁନାମି ହୋଇଥିଲା। ଯେଉଁଥିରେ ପାଖାପାଖି ୫୨୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୮,୦୦,୦୦୦ ଲୋକ ବାସହରା ହୋଇଥିଲେ।
- ୧୯୦୬ ମସିହା ଜାନୁୟାରୀ ୧୩ରେ ପ୍ରଶାନ୍ତ ମହାସାଗରର କୋଷ୍ଟ ଅଫ୍ ଇକୁଆଡୋରରେ ୮.୮ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିରେ ୧୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିଥିଲା।
- ୧୯୫୦ ମସିହା ଅଗଷ୍ଟ ୧୫ରେ ଆସାମ ଓ ତିବ୍ବତରେ ୮.୬ ତୀବ୍ରତା ଭୂକମ୍ପ ଅନୁଭୂତ ହୋଇଥିବାବେଳେ ୧,୫୨୬ ଜଣଙ୍କ ପ୍ରାଣହାନି ଘଟିଥିଲା।
- ୨୦୦୫ ମସିହା ଅକ୍ଟୋବର ୮ରେ ପାକିସ୍ତାନ ଅଧିକୃତ କଶ୍ମୀରର ଉତ୍ତର-ପଶ୍ଚିମାଞ୍ଚଳରେ ୭.୬ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିଲା। ଭୂକମ୍ପରେ ୭୯,୦୦୦ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୩୨,୦୦୦ ବିଲ୍ଡିଂ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା।

## ସଂକ୍ଷେପରେ

### ପୁଣି ଅଟକିଲା ଦିଲ୍ଲୀ ମେୟର ନିର୍ବାଚନ

**ନୂଆଦିଲ୍ଲୀ,୬।୨:** ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ହାଉସ୍‌ରେ ସୋମବାର ଭାଜପା ଏବଂ ଏଏପି ସଦସ୍ୟମାନଙ୍କ ମଧ୍ୟରେ ହଟ୍ଟଗୋଳ ଲାଗି ରହିବାରୁ ମେୟର ନିର୍ବାଚନ ହୋଇ ନ ପାରି ଗୃହକୁ ମୁଲତବୀ ରଖାଯାଇଛି। ମାସକ ମଧ୍ୟରେ ତୃତୀୟ ଥର ପାଇଁ ଦିଲ୍ଲୀ ମେୟର ନିର୍ବାଚନ ଅଟକିଛି। ମେୟର, ଡେପୁଟୀ ମେୟର ଏବଂ ଷ୍ଟାଣ୍ଡିଂ କମିଟି ସଦସ୍ୟ ନିର୍ବାଚନ ଲାଗି ସୋମବାର ଅଧିବେଶନ ଡକାଯାଇଥିବାବେଳେ ଉଭୟ ଭାଜପା ଏବଂ ଏଏପି ସଦସ୍ୟମାନେ ଗୃହରେ ସ୍ଲୋଗାନ ଦେଇଥିଲେ। ମନୋନୀତ ସଦସ୍ୟଙ୍କୁ ଭୋଟ ଦେବା ଲାଗି ଅନୁମତି ମିଳିବାରୁ ଏହାକୁ ନେଇ ହଟ୍ଟଗୋଳ ହୋଇଥିଲା। ଫଳରେ ଗୃହର ଅଧ୍ୟକ୍ଷ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

### ୨ କୋଟି ଲାଞ୍ଚ ମାମଲା: ରେଲ୍‌ୱେ ଇଞ୍ଜିନିୟର ଗିରଫ

**ନୂଆଦିଲ୍ଲୀ,୬।୨:** ୨ କୋଟି ଟଙ୍କା ଲାଞ୍ଚ କାରବାର ଅଭିଯୋଗରେ ସିବିଆଇ ଉତ୍ତରପୂର୍ବ ଫ୍ରଣ୍ଟିୟର ରେଲ୍‌ୱେ ଜୋନ୍‌ର ୨ ଇଞ୍ଜିନିୟରଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ବରିଷ୍ଠ ସେକ୍ସନ ଇଞ୍ଜିନିୟର ସନ୍ତୋଷ କୁମାର ଏବଂ ତାଙ୍କ ଉପରିସ୍ଥ ଡେପୁଟି ଚିଫ୍ ଇଞ୍ଜିନିୟର ରାମପାଲଙ୍କ ସମେତ ଠିକାଦାର ତଥା ତ୍ରିବେଣୀ କନ୍‌ଷ୍ଟ୍ରକ୍‌ଶନର ମାଲିକ ସଜ୍ଜନ ଚୌଧାରୀଙ୍କୁ ଗିରଫ କରାଯାଇଛି। କନ୍‌ଷ୍ଟ୍ରକ୍‌ଶନ କମ୍ପାନୀଠାରୁ ଲାଞ୍ଚ ଅର୍ଥରୁ ୮ ଲକ୍ଷ ଟଙ୍କା କୁମାର ଗ୍ରହଣ କରୁଥିବାବେଳେ ଗିରଫ ହୋଇଥିଲେ। ସିବିଆଇ ୧୯ଟି ସ୍ଥାନରେ ଚଢ଼ାଉ କରି ରାମପାଲଙ୍କ ଶ୍ୱଶୁର ଘରୁ ୬୭ ଲକ୍ଷ ଟଙ୍କା ସମେତ ମୋଟ ୧.୧୦ କୋଟି ନଗଦ ଟଙ୍କା ଜବତ କରିଥିଲା।

### ଉପରାଷ୍ଟ୍ରପତିଙ୍କ ନାଁରେ ଜାଲ୍ ମେସେଜ୍ କରୁଥିବା ଯୁବକ ଗିରଫ

**ନୂଆଦିଲ୍ଲୀ, ୬।୨:** ଉପରାଷ୍ଟ୍ରପତି ଜଗଦୀପ ଧନ୍‌କରଙ୍କ ମିଛ ପରିଚୟ ଦେଇ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ସାହାଯ୍ୟ ମାଗୁଥିବା ୨୨ ବର୍ଷୀୟ ଗଗନଦୀପଙ୍କୁ ଦିଲ୍ଲୀ ପୋଲିସ ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଗିରଫ କରିଛି। ସେ ୨୦୦୭ରୁ ଇଟାଲୀରେ ରହିଆସୁଛନ୍ତି। ସେ ଭାରତୀୟ ନମ୍ବର ବ୍ୟବହାର କରି ଏହି ହ୍ୱାଟ୍ସଆପ୍ ମେସେଜ୍ କରୁଥିଲେ। ଏଥିରେ ଗଗନଦୀପଙ୍କୁ ସହଯୋଗ କରୁଥିବା ଅଶ୍ୱିନୀ କୁମାରଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ଅଭିଯୋଗ ପରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ତଦନ୍ତ ଆରମ୍ଭ କରିଥିଲା।

# ଆଦାନୀ ପ୍ରସଙ୍ଗରେ ପାର୍ଲାମେଣ୍ଟ ଅଚଳ

ନୂଆଦିଲ୍ଲୀ,୬।୨(ପି.ଟି.)

ଆଦାନୀ ଗ୍ରୁପ୍ ବିରୋଧରେ ଜାଲିଆତି ଅଭିଯୋଗ ଏବଂ ଏହାର ଜେପିସି ତଦନ୍ତ ଦାବିରେ ବିରୋଧୀ ଦଳଗୁଡ଼ିକ ଅଡ଼ି ବସିବାରୁ ସୋମବାର ପାର୍ଲାମେଣ୍ଟର ଉଭୟ ଗୃହରେ ଅଚଳାବସ୍ଥା ଲାଗି ରହିଥିଲା। ଦ୍ୱିତୀୟ ସପ୍ତାହ ଆରମ୍ଭରେ ପାର୍ଲାମେଣ୍ଟରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ବିତର୍କ ଆରମ୍ଭ କରିବାକୁ ସରକାର ଆଶାବାଦୀ ଥିବାବେଳେ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିବାରୁ ଗୃହକାର୍ଯ୍ୟ ଚାଲିପାରି ନ ଥିଲା। ଗତ ୧ ତାରିଖରେ ବଜେଟ ଉପସ୍ଥାପନ ପରେ ଆଦାନୀ ପ୍ରସଙ୍ଗରେ ବିରୋଧୀଙ୍କ ପ୍ରତିବାଦ ଯୋଗୁ ଲୋକ ସଭା ଓ ରାଜ୍ୟ ସଭାରେ କ୍ୱଚିତ୍ କାର୍ଯ୍ୟ ହୋଇଛି। ଘରୋଇ ସଂସ୍ଥା ବ୍ୟାପାର ଉପରେ ଗୃହରେ ଆଲୋଚନା ହୋଇପାରିବ ନାହିଁ ବୋଲି ଶାସକ ଭାଜପା ସଦସ୍ୟମାନେ କହିବା ସହ ବିରୋଧୀ ଦଳଗୁଡ଼ିକ ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେବାକୁ କହିଥିଲେ। ସୋମବାର ପୂର୍ବାହ୍ନରେ ଲୋକସଭା ଆରମ୍ଭ ହେବା କ୍ଷଣି କଂଗ୍ରେସ ସମେତ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଯାଇ ହଟ୍ଟଗୋଳ କରିବା ସହ 'ଆଦାନୀ ସରକାର ଲଜ୍ଜା, ଲଜ୍ଜା ସ୍ଲୋଗାନ ଦେଇଥିଲେ। ଆମେରିକାର ଶର୍ଟ-ସେଲିଂ କମ୍ପାନୀ ଆଦାନୀ ଗ୍ରୁପ୍ ବିରୋଧରେ ଜାଲିଆତି ଏବଂ ଷ୍ଟକ୍ ହେରଫେର ଅଭିଯୋଗ ଆଣିଥିବାରୁ ଏହାର ତଦନ୍ତ ଯୁଗ୍ମ ସଂସଦୀୟ କମିଟି ଦ୍ୱାରା କରାଇବାକୁ ବିରୋଧୀ ଦାବି କରିଥିଲେ। ବାଚସ୍ପତି ଓମ୍ ବିର୍ଲା ସେମାନଙ୍କୁ ନିଜ ନିଜ ଆସନକୁ ଫେରିଯିବା ଲାଗି ଅନୁରୋଧ କରିବା ସହ ତାଙ୍କ ଚାମ୍ବରରେ ଏ ସମ୍ପର୍କରେ ଆଲୋଚନା କରିବାକୁ ଡାକିଥିଲେ। ତେବେ ବିରୋଧୀମାନେ ତାଙ୍କ ଅନୁରୋଧକୁ ଅଗ୍ରାହ୍ୟ କରି ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ପ୍ରଥମେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏବଂ ପରେ ଦିନକ ପାଇଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ରାଜ୍ୟ ସଭାରେ ମଧ୍ୟ ଆଦାନୀ ପ୍ରସଙ୍ଗକୁ ନେଇ ଅନୁରୂପ ସ୍ଥିତି ସୃଷ୍ଟି ହୋଇଥିଲା। ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ଗୃହ ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଅନୁମତି ନ ଦେବାରୁ ବିରୋଧୀମାନେ ହଟ୍ଟଗୋଳ କରିଥିଲେ। ଫଳରେ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।



# ୩ ହାଇକୋର୍ଟରେ ୧୩ ବିଚାରପତି ନିଯୁକ୍ତ

ନୂଆଦିଲ୍ଲୀ,୬।୨(ପି.ଟି.)

ଆଲ୍ଲାହାବାଦ, କର୍ନାଟକ ଏବଂ ମାଡ୍ରାସ ହାଇକୋର୍ଟରେ ସୋମବାର ୧୩ ଜଣ ଅତିରିକ୍ତ ବିଚାରପତି ନିଯୁକ୍ତ ହୋଇଛନ୍ତି। ୧୧ ଜଣ ଆଇନଜୀବୀ ଏବଂ ଦୁଇଜଣ ଜୁଡ଼ିସିଆଲ ଅଫିସରଙ୍କୁ ଅତିରିକ୍ତ ବିଚାରପତି ଭାବେ ନିଯକ୍ତି ମିଳିଛି। ସେମାନଙ୍କ ମଧ୍ୟରୁ ମାଡ୍ରାସ ହାଇକୋର୍ଟରେ ନିଯୁକ୍ତି ପାଇଥିବା ଆଇନଜୀବୀ ଲେଖମନ ଚନ୍ଦ୍ର ଭିକ୍ଟୋରିଆ ଗୌରୀଙ୍କ ନିଯୁକ୍ତିକୁ ନେଇ ବିବାଦ ଦେଖାଦେଇଥିଲା। ତାଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ କରାଯାଇଥିବାବେଳେ ମଙ୍ଗଳବାର ସୁପ୍ରିମକୋର୍ଟରେ ଏହାର ଶୁଣାଣି ହେବ। ଆଇନମନ୍ତ୍ରୀ କିରେନ୍ ରିଜିଜୁ ବିଚାରପତିମାନଙ୍କ ନିଯୁକ୍ତି ସମ୍ପର୍କରେ ଟୁଇଟ୍ କରିଥିଲେ। ଆଲ୍ଲାହାବାଦ ହାଇକୋର୍ଟରେ ୬ ଜଣ ବିଚାରପତି ନିଯୁକ୍ତ ହୋଇଥିବାବେଳେ ମାଡ୍ରାସ ହାଇକୋର୍ଟରେ ୫ ଜଣ ଏବଂ କର୍ନାଟକ ହାଇକୋର୍ଟରେ ୨ ଜଣ ବିଚାରପତି ନିଯୁକ୍ତି ପାଇଛନ୍ତି।

# ୫ ନୂଆ ବିଚାରପତି ଶପଥ ନେଲେ


ସିଜେଆଇ ଡିୱାଇ ଚନ୍ଦ୍ରଚୂଡ ବିଚାରପତି ପଙ୍କଜ ମିଥାଲଙ୍କୁ ଶପଥପାଠ କରାଉଛନ୍ତି।

ନୂଆଦିଲ୍ଲୀ,୬।୨(ପି.ଟି.)

ସୁପ୍ରିମକୋର୍ଟରେ ୫ ଜଣ ନବନିଯୁକ୍ତ ବିଚାରପତିଙ୍କୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ସୋମବାର ଶପଥ ପାଠ କରାଇଛନ୍ତି। ସୁପ୍ରିମକୋର୍ଟ ପରିସରରେ ଜଷ୍ଟିସ ପଙ୍କଜ ମିଥାଲ, ସଞ୍ଜୟ କାରୋଲ, ପି.ଭି. ସଞ୍ଜୟ କୁମାର, ଅସାଉଦ୍ଦିନ୍ ଅମନୁଲ୍ଲା ଏବଂ ମନୋଜ ମିଶ୍ରା ଶପଥ ପାଠ କରିଥିଲେ। ଏମାନଙ୍କୁ ମିଶାଇ ସର୍ବୋଚ୍ଚ ଅଦାଲତର ବିଚାରପତି ସଂଖ୍ୟା ୩୨କୁ ବୃଦ୍ଧି ପାଇଛି, ଯାହା ପୂର୍ଣ୍ଣ ସାମର୍ଥ୍ୟରୁ ୨ କମ୍। ଉପରୋକ୍ତ ବିଚାରପତିମାନଙ୍କୁ ସୁପ୍ରିମକୋର୍ଟକୁ ପଦୋନ୍ନତି ଲାଗି କଲେଜିୟମ ଗତବର୍ଷ ଡିସେମ୍ବର ୧୩ରେ ସୁପାରିସ କରିଥିଲେ। ସୁପ୍ରିମକୋର୍ଟ ଏବଂ ଦେଶର ୨୫ଟି ହାଇକୋର୍ଟରେ ବିଚାରପତି ନିଯୁକ୍ତିକୁ ନେଇ କେନ୍ଦ୍ର ସରକାର ଓ ନ୍ୟାୟପାଳିକା ମଧ୍ୟରେ ଟଣାଓଟରା ଲାଗି ରହିଥିବାବେଳେ ଅଦାଲତଙ୍କ କଡ଼ା ଚେତାବନୀ ପରେ ୫ ବିଚାରପତିଙ୍କୁ ନିଯୁକ୍ତି ମିଳିଛି।

# ଆଇଏନ୍ଏସ୍ ବିକ୍ରାନ୍ତରେ ପ୍ରଥମ ଯୁଦ୍ଧବିମାନ ଅବତରଣ

ନୂଆଦିଲ୍ଲୀ,୬।୨

ଭାରତର ଯୁଦ୍ଧବିମାନବାହୀ ଯୁଦ୍ଧଜାହାଜ ଆଇଏନ୍ଏସ୍ ବିକ୍ରାନ୍ତ ସୋମବାର ବଡ଼ ସଫଳତା ହାସଲ କରିଛି। ଏହାର ଫ୍ଲାଇଟ୍ ଡେକ୍‌ରେ ପ୍ରଥମ ଥର ପାଇଁ ଯୁଦ୍ଧବିମାନ ଅବତରଣ କରିଛି। ସାମୁଦ୍ରିକ ପରୀକ୍ଷା ଅବସରରେ ସ୍ୱଦେଶୀ ନିର୍ମିତ ହାଲୁକା ଲଢ଼ୁଆ ବିମାନ ତେଜସ୍‌ର ନୌସେନା ଭର୍ସନ ଆଇଏନ୍ଏସ୍ ବିକ୍ରାନ୍ତ ଉପରେ ସଫଳତାର ସହ ଅବତରଣ କରିଥିଲା। ଭାରତୀୟ ନୌସେନା ଦ୍ୱାରା ଆତ୍ମନିର୍ଭର ଭାରତ ଦିଗରେ ଏହା ଏକ ଐତିହାସିକ ସଫଳତା। ସ୍ୱଦେଶୀ ଯୁଦ୍ଧବିମାନବାହୀ ରଣତରୀର ଡିଜାଇନ୍, ବିକାଶ, ନିର୍ମାଣ ଓ ପରିଚାଳନା କରିବା ସହ ଏହା ଉପରେ ସ୍ୱଦେଶୀ ଲଢ଼ୁଆ ବିମାନ ଅବତରଣ କରାଇବାରେ ଭାରତ ନିଜର କ୍ଷମତା ପ୍ରଦର୍ଶନ କରିଥିବା ନୌସେନା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ୪୫,୦୦୦ ଟନ୍ ଓଜନ ବିଶିଷ୍ଟ ଆଇଏନ୍ଏସ୍ ବିକ୍ରାନ୍ତ ନିର୍ମାଣରେ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଗତବର୍ଷ ସେପ୍ଟେମ୍ବରରେ ଏହା ନୌସେନାରେ ସାମିଲ ହୋଇଥିଲା। ବିକ୍ରାନ୍ତର ଲମ୍ବ ୨୬୨ ମିଟର ହୋଇଥିବାବେଳେ ପ୍ରସ୍ଥ ୬୨ ମିଟର।



# ଉଚ୍ଚଶିକ୍ଷା ପାଇଁ ୫ ବର୍ଷରେ ବିଦେଶ ଯାଇଛନ୍ତି ୩୦ ଲକ୍ଷ ଭାରତୀୟ

ନୂଆଦିଲ୍ଲୀ,୬।୨(ପି.ଟି.)

ଉଚ୍ଚଶିକ୍ଷା ପାଇଁ ୨୦୧୭ରୁ ୨୦୨୨ ମଧ୍ୟରେ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଭାରତୀୟ ବିଦେଶ ଯାଇଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଲୋକ ସଭାକୁ ଏହି ସୂଚନା ଦିଆଯାଇଛି। ଜେଡିୟୁ ଏମ୍‌ପି ରାଜୀବ ରଞ୍ଜନ ସିଂ ଓରଫ ଲଲନ ସିଂ ଏବଂ ଅନ୍ୟମାନଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁଭାଷ ସର୍କାର ଏହା କହିଥିଲେ। ଭାରତୀୟମାନଙ୍କ ଆଗମନ ଓ ପ୍ରସ୍ଥାନ ସମ୍ପର୍କିତ ତଥ୍ୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବ୍ୟୁରୋ ଅଫ୍ ଇମିଗ୍ରେଶନ ପାଖରେ ରହିଛି। ତେବେ ଉଚ୍ଚଶିକ୍ଷା ଉଦ୍ଦେଶ୍ୟରେ ବିଦେଶ ଯାଉଥିବା ଭାରତୀୟଙ୍କ ବର୍ଗ ଚିହ୍ନଟ କରିବାର କୌଣସି ସୂଚକାଙ୍କ ନାହିଁ। କେବଳ ସେମାନେ ମୌଖିକ ଭାବେ ଦେଉଥିବା ସୂଚନା ଏବଂ ଗନ୍ତବ୍ୟ ସ୍ଥଳ ଭିଜାରୁ ସେମାନଙ୍କ ଗସ୍ତର ଉଦ୍ଦେଶ୍ୟ ଜଣାପଡ଼ିଥାଏ। ୨୦୨୨ରେ ୭.୫୦ ଲକ୍ଷ ଭାରତୀୟ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାଉଥିବା କହିଥିଲେ। ଏହା ପୂର୍ବବର୍ଷ ଅର୍ଥାତ୍ ୨୦୨୧ରେ ୪.୪ ଲକ୍ଷ ବିଦେଶ ଯାଇଥିବାବେଳେ ୨୦୨୦ରେ ୨.୫୯ ଲକ୍ଷ, ୨୦୧୯ରେ ୫.୮୬ ଲକ୍ଷ, ୨୦୧୮ରେ ୫.୧୭ ଲକ୍ଷ ଏବଂ ୨୦୧୭ରେ ୪.୫୪ ଲକ୍ଷ ଭାରତୀୟ ଉଚ୍ଚଶିକ୍ଷା ଉଦ୍ଦେଶ୍ୟରେ ବିଦେଶ ଯାଇଥିଲେ ବୋଲି ଶିକ୍ଷା ରାଷ୍ଟ୍ରମନ୍ତ୍ରୀ କହିଛନ୍ତି। ବିଦେଶରେ ଭାରତୀୟ ଛାତ୍ରୀଛାତ୍ର ବ୍ୟୟ କରୁଥିବା ଅର୍ଥ ଦେଶର ଶିକ୍ଷା ବଜେଟଠାରୁ ଅଧିକ କି ବୋଲି ବିରୋଧୀ ସଦସ୍ୟମାନେ ପ୍ରଶ୍ନ କରିବା ସହ ଏହି ଅର୍ଥକୁ ରୋକିବା ଲାଗି ଦେଶରେ ଉଚ୍ଚ ମାନର ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପ୍ରସ୍ତାବ ରହିଛି କି ବୋଲି ପଚାରିଥିଲେ। ତେବେ ଭାରତରେ ବିଦେଶୀ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର କ୍ୟାମ୍ପସ୍ ସ୍ଥାପନ ଲାଗି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଚିଠା ନିୟମାବଳୀ ପ୍ରସ୍ତୁତ କରିଥିବା ମନ୍ତ୍ରୀ କହିଛନ୍ତି। ଏହା ଉପରେ ବିଭିନ୍ନ ଷ୍ଟେକ୍‌ହୋଲ୍ଡରଙ୍କଠାରୁ ଗତ ଜାନୁୟାରୀ ୧୮ ସୁଦ୍ଧା ମତାମତ ଓ ପ୍ରସ୍ତାବ ଆହ୍ୱାନ କରାଯାଇଥିଲା। ଏହି ସମୟସୀମାକୁ ଫେବୃୟାରୀ ୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।






# ବଂଶୀଧର ପ୍ରତିହାରୀ ପାଇଲେ 'ଧର୍ମପଦ ପୁରସ୍କାର'

## ୭ଶିଳ୍ପୀଙ୍କୁ 'ଚାରୁକଳା ପୁରସ୍କାର', ୫ଜଣଙ୍କୁ 'ଶିଳ୍ପୀ ସମ୍ବର୍ଦ୍ଧନା'

ଭୁବନେଶ୍ୱର,୬।୨(ବ୍ୟୁରୋ)

ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୨୨ ମସିହା ପାଇଁ ଚିତ୍ରକଳା ଓ ସ୍ଥାପତ୍ୟ କଳା କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ 'ଧର୍ମପଦ ପୁରସ୍କାର' ଓ 'ଶିଳ୍ପୀ ସମ୍ବର୍ଦ୍ଧନା' ସହିତ ୪୦ତମ ରାଜ୍ୟସ୍ତରୀୟ 'ଚାରୁକଳା ପୁରସ୍କାର' ପ୍ରଦାନ କରାଯାଇଛି। ସୋମବାର ସଂସ୍କୃତି ଭବନରେ ଆୟୋଜିତ ଉତ୍ସବରେ ୯୪ ବର୍ଷୀୟ ବିଶିଷ୍ଟ ଚିତ୍ରଶିଳ୍ପୀ ବଂଶୀଧର ପ୍ରତିହାରୀଙ୍କୁ 'ଧର୍ମପଦ ପୁରସ୍କାର' ଦିଆଯାଇଥିବାବେଳେ ପୁରସ୍କାର ବାବଦକୁ ୫ଲକ୍ଷ ଟଙ୍କାର ଅର୍ଥରାଶି ମିଳିଛି। ପୁରସ୍କାର ଗ୍ରହଣ କରିବାବେଳେ ବଂଶୀଧର ଖୁସିବ୍ୟକ୍ତ କରିବା ସହ ବଞ୍ଚିଥିବା ପର୍ଯ୍ୟନ୍ତ ପିଲାମାନଙ୍କୁ ଚିତ୍ର ଶିଖାଇବାକୁ ଚେଷ୍ଟା ଜାରି ରଖିବି ବୋଲି କହିଛନ୍ତି। ସେହିପରି ୭ ଶିଳ୍ପୀଙ୍କୁ 'ଚାରୁକଳା ପୁରସ୍କାର' ପ୍ରଦାନ କରାଯାଇଛି। ଭାସ୍କର୍ଯ୍ୟ କଳାରେ ଶିଳ୍ପୀ ପ୍ରତାପ ଚନ୍ଦ୍ର ଜେନା ଓ ଅଶାନ୍ତ ଦାସ, ମୁଦ୍ରଣ କଳାରେ ଶିଳ୍ପୀ ରବି ନାରାୟଣ ଗୁପ୍ତା ଓ ଶିଳ୍ପୀ ଟୁକୁନା ଡାକୁଆ, ପାରମ୍ପରିକ ଚିତ୍ରକଳାରେ ଶିଳ୍ପୀ ନିରଞ୍ଜନ ମୁଖି, ଚିତ୍ରକଳାରେ ଶିଳ୍ପୀ ଶୀତିକାନ୍ତ ସାମନ୍ତସିଂହାର ଓ ଶିଳ୍ପୀ ଅମିତ କୁମାର ଓଝାଙ୍କୁ ଉତ୍ତରୀୟ ଓ ମାନପତ୍ର ସହ ୨ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ଦିଆଯାଇଛି। ଏଥିସହିତ ୫ଜଣଙ୍କୁ 'ଶିଳ୍ପୀ ସମ୍ବର୍ଦ୍ଧନା' ପ୍ରଦାନ କରାଯାଇଛି। ବିଶିଷ୍ଟ ଭାସ୍କର୍ଯ୍ୟ ଓ ଚିତ୍ରଶିଳ୍ପୀ ବ୍ରଜବନ୍ଧୁ ମିଶ୍ର, ତାଳପତ୍ର ଚିତ୍ରଶିଳ୍ପୀ ଲକ୍ଷ୍ମୀଧର ସୁବୁଦ୍ଧି, ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ଭ୍ରମରବର ନାୟକ, ଚିତ୍ରଶିଳ୍ପୀ ରମେଶ କୁମାର ବେହେରା ଓ ବିଶିଷ୍ଟ ପ୍ରସ୍ତର ଶିଳ୍ପୀ କେଶବ ଚନ୍ଦ୍ର ମହାରଣାଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି ସହ ସମ୍ବର୍ଦ୍ଧିତ କରାଯାଇଛି।

ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳ୍ପୀମାନଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଲେ, ଶିଳ୍ପୀମାନେ ଚିର ନମସ୍ୟ, ପ୍ରଣମ୍ୟ। ସେମାନଙ୍କ ସାଧନା ଓ ସମର୍ପଣ ଭାବ କଳାକ୍ଷେତ୍ରକୁ ପ୍ରସ୍ଫୁଟିତ କରିଛି। ଉତ୍କର୍ଷ କଳା ଯୋଗୁ ଆମ ରାଜ୍ୟ ଉତ୍କଳ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ବିଶ୍ୱ ପ୍ରସିଦ୍ଧ ପୁରୀର ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର ଏହାର ସାକ୍ଷୀ ବୋଲି ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଆଗାମୀ ପିଢ଼ିର କଳାକାରଙ୍କ ପାଇଁ ସମ୍ବର୍ଦ୍ଧିତ ଶିଳ୍ପୀମାନେ ମାର୍ଗଦର୍ଶକ ବୋଲି ମତବ୍ୟକ୍ତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ଲଳିତ କଳା ଏକାଡେମୀ ସଭାପତି ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏକାଡେମୀ ସଚିବ ପଞ୍ଚାନନ ସାମଲ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥାପକ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏବଂ ଅନ୍ୟ ଅତିଥିଙ୍କ ଗହଣରେ 'ଧର୍ମପଦ ପୁରସ୍କାର' ପାଇଥିବା ବଂଶୀଧର ପ୍ରତିହାରୀ ଓ ସମ୍ବର୍ଦ୍ଧିତ ୫ ଶିଳ୍ପୀ। (ଫଟୋ: ବିକାଶ)

# ଯୁଦ୍ଧାସ୍ତ୍ର ପରୀକ୍ଷଣ ପାଇଁ ସମୁଦ୍ରରେ ୩ ଦିନିଆ କଟକଣା

ପାରାଦୀପ,୬।୨(ସ୍ୱ.ପ୍ର.)

ଉପକୂଳବର୍ତ୍ତୀ ଓଡିଶାର ୪ ଜିଲାର ମତ୍ସ୍ୟଜୀବୀଙ୍କ ପାଇଁ ଫେବୃୟାରୀ ୮ରୁ ୧୦ ପର୍ଯ୍ୟନ୍ତ ସାମୁଦ୍ରିକ କଟକଣା ଜାରି କରାଯାଇଛି। ପ୍ରତିରକ୍ଷା ବିଭାଗ ଚାନ୍ଦିପୁର ପକ୍ଷରୁ ଜାରି ବିଜ୍ଞପ୍ତିରୁ ମିଳିଥିବା ସୂଚନା ଅନୁସାରେ, ଏହି ୩ ଦିନ ସମୁଦ୍ରରେ କିଛି ଯୁଦ୍ଧାସ୍ତ୍ର ପରୀକ୍ଷଣ କରାଯିବ। ଏନେଇ ଉକ୍ତ ୩ ଦିନ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କୂଳଠାରୁ ୩୦ କି.ମି. ମଧ୍ୟରେ ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର କୌଣସି ମାଛଧରା ବୋଟ୍ କିମ୍ବା ଅନ୍ୟ କୌଣସି ପାଣି ଯାନ ସମୁଦ୍ରକୁ ନ ଯିବା ଲାଗି ସମ୍ପୃକ୍ତ ଜିଲାର ଜିଲାପାଳଙ୍କୁ ପରାମର୍ଶ ଦିଆଯାଇଛି। ଏହି ସୂଚନା ପାରାଦୀପ ମାଛଧରା ବନ୍ଦର ମତ୍ସ୍ୟଜୀବୀଙ୍କ ପାଖରେ ପହଞ୍ଚିବା ପରେ ବୋଟ ମାଲିକଙ୍କୁ ବୋଟ ସମୁଦ୍ରରୁ ଫେରାଇ ଆଣିବାକୁ ପରାମର୍ଶ ଦିଆଯାଇଛି ବୋଲି ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ(ଓମ୍ପା) ସମ୍ପାଦକ ଅରବିନ୍ଦ ସ୍ୱାଇଁ କହିଛନ୍ତି।

## ମହୁମାଛି ଆକ୍ରମଣରେ ବାପଝିଅ ଗୁରୁତର, ୧୦ରୁ ଊର୍ଦ୍ଧ୍ୱ ଆହତ

**ନୀଳଗିରି,୬।୨(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ସେରଗଡ଼-ଉଦଳା ରାସ୍ତା ନୀଳଗିରି ବ୍ଲକ ବାଉଁଶନାଳ ନିକଟରେ ମହୁମାଛି ଆକ୍ରମଣରେ ବାପ ଝିଅ ଗୁରୁତର ହୋଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଗୁରୁତର ବାପଝିଅ ହେଲେ ଜାମୁଡ଼ିହା ଗ୍ରାମର କାହ୍ନୁଚରଣ ପ୍ରଧାନ ଓ ତାଙ୍କ ଝିଅ ସୁଚିସ୍ମିତା। ସୋମବାର ମଧ୍ୟାହ୍ନରେ କାହ୍ନୁଚରଣ ଝିଅ ସୁଚିସ୍ମିତାଙ୍କ ସହ ନୀଳଗିରି ଆଡ଼କୁ ଆସୁଥିବା ବେଳେ ବାଉଁଶନାଳ ନିକଟରେ ମହୁମାଛି ଆକ୍ରମଣ ଆରମ୍ଭ କରିଦେଇଥିଲେ। ସେହି ସମୟରେ ଉକ୍ତ ରାସ୍ତାରେ ଯାଉଥିବା ପଥଚାରୀଙ୍କୁ ମଧ ମହୁମାଛି ଆକ୍ରମଣ କରିଥିଲେ। ଆକ୍ରମଣରେ ମୁହଁ ଓ ଦେହରେ ଆଘାତ ହୋଇଥିବା ଦେଖିବାକୁ ମିଳିଛି।

## ଲୁଟିନେଲେ ୧ଲକ୍ଷ

**ଭୋଗରାଇ, ୬।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଳେଶ୍ୱର ଚନ୍ଦନେଶ୍ୱର ରାସ୍ତା ନଗୁଆ ଛକଠାରେ ସୋମବାର ଜଣେ ଏଲଆଇସି ଏଜେଣ୍ଟଙ୍କଠାରୁ ୨ଜଣ ଦୁର୍ବୃତ୍ତ ୧ଲକ୍ଷ ଟଙ୍କା କୌଶଳକ୍ରମେ ଲୁଟିନେଇ ଚମ୍ପଟ ମାରିଛନ୍ତି। ଭୋଗରାଇ ଥାନା ଅଧୀନ ନାମ୍ପୋଇ ଗ୍ରାମର ହରିପଦ ଦାସ ଚନ୍ଦନେଶ୍ୱର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ୧ଲକ୍ଷ ଟଙ୍କା ଉଠାଇ ବ୍ୟାଗରେ ଭର୍ତ୍ତି କରି ଏକ ବାଇକ ଯୋଗେ ଆସି ନଗୁଆ ଛକରେ ଗାଡି ରଖି ବ୍ୟାଗ ନେଇ ସେଠାରେ ଥିବା ଏକ ଔଷଧ ଦୋକାନକୁ ଯାଇଥିଲେ। ବ୍ୟାଗକୁ ତଳେ ରଖି ସେଥିରେ ଥିବା କାଗଜପତ୍ର ବାହାର କରି ଦୋକାନୀକୁ ଦେଉଥିବା ବେଳେ ହଠାତ୍ ୨ ଜଣ ଯୁବକ ବ୍ୟାଗକୁ କୌଶଳ କ୍ରମେ ଲୁଟି ନେଇ ବାଇକରେ ବସି ଦ୍ରୁତ ଗତିରେ ଜଳେଶ୍ୱର ରାସ୍ତା ଅଭିମୁଖେ ଚମ୍ପଟ ମାରିଥିଲେ। ଏନେଇ ଭୋଗରାଇ ଥାନାରେ ଏକ ମାମଲା(ନଂ.୪୨/୨୩) ରୁଜୁ ହୋଇଛି।

# ଲୋକଙ୍କ ଆକାଂକ୍ଷା ପୂରଣ ହେଲା: ମୁଖ୍ୟମନ୍ତ୍ରୀ

## ହିଞ୍ଜିଳିକାଟୁରେ ସିନିୟର ଡିଭିଜନ ସିଭିଲ ଜଜ୍ କୋର୍ଟ ଉଦ୍‌ଘାଟନ

ହିଞ୍ଜିଳିକାଟୁ,୬।୨(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଓଡ଼ିଶା ହାଇକୋର୍ଟର ପ୍ରଧାନ ବିଚାରପତି ଡା. ଏସ୍. ମୁରଲିଧର ସୋମବାର ଭର୍ଚୁଆଲରେ ଗଞ୍ଜାମ ଜିଲା ହିଞ୍ଜିଳିକାଟୁଠାରେ ସିଭିଲ ଜଜ୍ (ସିନିୟର ଡିଭିଜନ)- କମ୍ -ଆସିଷ୍ଟାଣ୍ଟ ସେସନ୍ସ ଜଜ୍ କୋର୍ଟ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ସମ୍ବୋଧିତକରି କହିଛନ୍ତି, ଏହି କୋର୍ଟ ଖୋଲିବା ସହ ହିଞ୍ଜିଳିକାଟୁବାସୀଙ୍କ ଦୀର୍ଘ ଦିନର ଆକାଂକ୍ଷା ପୂରଣ ହୋଇଛି। ସେ ଆହୁରି ମଧ୍ୟ କହିଛନ୍ତି, ଓଡ଼ିଶା ସରକାର ଆମ ନାଗରିକଙ୍କୁ ଦ୍ୱାରଦେଶରେ ସୁବିଧାଜନକ ତଥା ଦକ୍ଷ ଆଇନ ସେବା ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ହିଞ୍ଜିଳିକାଟୁବାସୀଙ୍କ ପାଇଁ ନ୍ୟାୟ ପାଇବାରେ ଏହା ଏକ ପ୍ରମୁଖ ପଦକ୍ଷେପ। ଗରିବ ଲୋକମାନେ, ଏହି କୋର୍ଟରେ ଆଇନଗତ ସୁବିଧା ସେମାନଙ୍କ ଘର ପାଖରେ ରହି ପାଇବେ। ମୁଖ୍ୟମନ୍ତ୍ରୀ ଆଶା କରିଥିଲେ ଯେ ଗଞ୍ଜାମର ଓକିଲମାନେ ଏହି ସୁବିଧାକୁ ପୂର୍ଣ୍ଣ ସାମର୍ଥ୍ୟରେ ବ୍ୟବହାର କରିବେ ଏବଂ ନ୍ୟାୟ ପ୍ରଦାନ ପାଇଁ ମକଦ୍ଦମାକାରୀଙ୍କ ନିକଟରେ ପହଞ୍ଚିବେ। ହିଞ୍ଜିଳିକାଟୁ ଜେଏମ୍ଏଫ୍‌ସି କୋର୍ଟ ପରିସରରେ ସିଭିଲ ଜଜ୍ (ସିନିୟର ଡିଭିଜନ) – କମ୍- ଆସିଷ୍ଟାଣ୍ଟ ସେସନ୍ସ ଜଜ୍ କୋର୍ଟ ଉଦ୍‌ଘାଟନକୁ ଓଡ଼ିଶା ହାଇକୋର୍ଟର ପ୍ରଧାନ ବିଚାରପତି ତଥା ଅନ୍ୟ ବିଚାରପତିମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

କଟକରୁ ଏହି ଅବସରରେ ଉଦ୍‌ବୋଧନ ଦେଇ ବିଚାରପତି ମୁରଲିଧର କହିଛନ୍ତି, ଲୋକଙ୍କୁ ନ୍ୟାୟ ପ୍ରଦାନରେ ବିଳମ୍ବ ନ ହେବା ପାଇଁ ହାଇକୋର୍ଟ ଏବଂ ନ୍ୟାୟପାଳିକା ପଦକ୍ଷେପ ନେଉଛନ୍ତି। ସେ ଆହୁରି ମଧ୍ୟ କହିଥିଲେ, କୋଭିଡ୍ ମହାମାରୀ ସମୟରେ ମଧ୍ୟ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ହାଇକୋର୍ଟ କାର୍ଯ୍ୟ କରି ନ୍ୟାୟ ପ୍ରଦାନ କରିଥିଲେ। ଏହି ନୂତନ ଅଦାଲତ ଖୋଲିବାକୁ ସମର୍ଥନ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା ହାଇକୋର୍ଟର ଜଜ୍ ତଥା ଗଞ୍ଜାମ ଦାୟିତ୍ୱରେ ଥିବା ଡା. ଜଷ୍ଟିସ୍ ବି . ଷଡ଼ଙ୍ଗୀ ନୂତନ ଅଦାଲତ ଖୋଲିବା ଏବଂ ନ୍ୟାୟ ବ୍ୟବସ୍ଥାକୁ ଲୋକଙ୍କ ନିକଟତର କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମର ପ୍ରଶଂସା କରିଥିଲେ। ନୂତନ କୋର୍ଟ ଖୋଲିବାରେ ସହଯୋଗ କରିଥିବାରୁ ସେ ଉଭୟ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନ ବିଚାରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, ଜିଲା ଜଜ୍ ଆନନ୍ଦ ଚନ୍ଦ୍ର ବେହେରା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀପ୍ତିମୟୀ ସାହୁ, ନୂତନ ସବ୍ ଜଜ୍ ଅବକାଶ ଚୌଧୁରୀ, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଛତ୍ରପୁର ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା, ହିଞ୍ଜିଳିକାଟୁ ଓକିଲ ସଂଘ ସଭାପତି ଦ୍ୱିତୀକୃଷ୍ଣ ସାବତ, ସମ୍ପାଦକ ଶ୍ରୀରାମ ପଣ୍ଡା, ବରିଷ୍ଠ ଓକିଲ ନିର୍ମଳ ସାହୁ, ପୌର ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ଗ୍ରୀଟ୍ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ଆସିକା ଏମ୍‌ପିଙ୍କ ପ୍ରତିନିଧି ନୀଳମଣି ପଟ୍ଟନାୟକ, ଓଡ଼ିଶା କୃଷି ବିପଣନ ବୋର୍ଡ ଉପଦେଷ୍ଟା ସୁରେନ୍ଦ୍ରନାଥ ପ୍ରଧାନ, ଓଆର୍‌ଏଚ୍‌ଡିସି ଅଧ୍ୟକ୍ଷ ଡି. ବିଶ୍ୱନାଥ, ଜିଲା ପରିଷଦ ସଭ୍ୟା ବି .ଗୀତାଞ୍ଜଳି, ଏ. ସୁଦର୍ଶନ, ପ୍ରୀତି ସାହୁ, ଅଜୟ କୁମାର ମହାରଣା, ବିଡିଓ ସୁବ୍ରତ କୁମାର ଜେନା, ଆସିକା ଉପଖଣ୍ଡ ଅଧିକାରୀ ଉମାଶଙ୍କର ସିଂ, ତହସିଲଦାର ପ୍ରଭାତ କୁମାର ପରିଡ଼ା, ହିଞ୍ଜିଳି ଥାନାଧିକାରୀଙ୍କ ସମେତ ହିଞ୍ଜିଳିକାଟୁ, ବ୍ରହ୍ମପୁର ଏବଂ ଛତ୍ରପୁର ବାର୍ ଆସୋସିଏଶନର ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ପ୍ରତାପ କୁମାର ପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ରେଜିଷ୍ଟ୍ରାର (ଜୁଡିସିଆଲ) ସୁମନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଗଞ୍ଜାମ ଜିଲା ହିଞ୍ଜିଳିକାଟୁରେ ସିନିୟର ଡିଭିଜନ ସିଭିଲ ଜଜ୍ କୋର୍ଟ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

# ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କୁ ହାଇକୋର୍ଟ ଝଟ୍‌କା

## ଚିଟ୍‌ଫଣ୍ଡ ଠକେଇ ମାମଲା ପ୍ରତ୍ୟାହାର ଆବେଦନ ଖାରଜ

କଟକ ଅଫିସ,୬।୨

ବାଲେଶ୍ୱରର ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କୁ ହାଇକୋର୍ଟରୁ ଝଟ୍‌କା ଲାଗିଛି। ସି-ସୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ ରବୀନ୍ଦ୍ରଙ୍କ ଲିଙ୍କ୍ ସଂକ୍ରାନ୍ତୀୟ ଶୁଣାଣି ଜାରି ରହିବ ବୋଲି ବିଚାରପତି ବି.ପି. ରାଉତରାୟଙ୍କ ଖଣ୍ଡପୀଠ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସି-ସୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ ତାଙ୍କ ବିରୋଧରେ ସିବିଆଇ ଦେଇଥିବା ଏତଲା ଏବଂ ଚାର୍ଜଶିଟ୍‌କୁ ରଦ୍ଦ କରିବା ନେଇ ସେ କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି।

ସି-ସୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ ରବୀନ୍ଦ୍ରଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ହୋଇଥିଲା। ସିବିଆଇ ପକ୍ଷରୁ ତାଙ୍କ ବିରୋଧରେ ଏତଲା ଦାଏର କରାଯାଇଥିଲା। ସିବିଆଇ ମାମଲାର ତଦନ୍ତ କରି ତାଙ୍କ ବିରୋଧରେ ସି-ସୋରଠାରୁ ୧ କୋଟି ୭୫ ଲକ୍ଷ ଟଙ୍କା ବେଆଇନ କାରବାର କରିଥିବା ନେଇ ଚାର୍ଜଶିଟ୍ ଦାଖଲ କରିଥିଲା। ରାଜନୈତିକ ପ୍ରଭାବ ବିସ୍ତାର ସହ ସି-ସୋରକୁ ଫାଇଦା ଓ ସୁରକ୍ଷା ଦେବା ଏହି ବେଆଇନ ଅର୍ଥ କାରବାରର ଉଦ୍ଦେଶ୍ୟ ହୋଇଥିବା ନେଇ ସିବିଆଇ ଓକିଲ ସାର୍ଥକ ନାୟକ ଅଦାଲତରେ ତଥ୍ୟ ପ୍ରମାଣ ଉପସ୍ଥାପନ କରିଥିଲେ। ଅନ୍ୟପକ୍ଷରେ ରବୀନ୍ଦ୍ରଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ, ଏହି ଟଙ୍କା ସି-ସୋରରୁ ସେ ଋଣ ଆକାରରେ ନେଇଥିଲେ। ସମବାୟ ଆଇନ ଅନୁଯାୟୀ ପଞ୍ଜୀକୃତ ହୋଇଥିବା ସି-ସୋର ନିଜ ମେମ୍ବରଙ୍କ ବ୍ୟତୀତ ଅନ୍ୟ କାହାକୁ ଋଣ ଦେଇପାରିବ ନାହିଁ ଏବଂ ଏଥିପାଇଁ ପରିଚାଳନା କମିଟିରେ ଦସ୍ତାବିଜ ଜାଲ୍ କରାଯାଇଥିବା ସିବିଆଇ ପକ୍ଷରୁ ଦର୍ଶାଯାଇଥିଲା।

## ଚିଟ୍‌ଫଣ୍ଡ ଠକେଇ: ରାଜ ଗଡସନ୍ ଏମ୍‌ଡିଙ୍କୁ ୫ବର୍ଷ ଜେଲ

ବାଲେଶ୍ୱର ଅଫିସ, ୬।୨

ବାଲେଶ୍ୱର ଚିଟ୍‌ଫଣ୍ଡ ଅଦାଲତର ବିଚାରପତି ବିଶ୍ୱଜିତ୍ ଦାସ ଏକ ଠକେଇ ମାମଲାର ବିଚାର କରି ରାଜ ଗଡସନ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ଜଗଦୀଶ ମିଶ୍ରଙ୍କୁ ୫ବର୍ଷ ଜେଲ୍‌ଦଣ୍ଡ ସହ ୩ଲକ୍ଷ ୮୧ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନଦେୟ ଆଉ ଅଧିକ ଅଢ଼େଇବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ଗତ ୨୦୧୦ରେ ଜଗଦୀଶ ମିଶ୍ର ରାଜ ଗଡସନ୍ ସର୍ଭିସେସ୍ ପ୍ରା.ଲି. ନାମରେ ଚିଟ୍‌ଫଣ୍ଡ ସଂସ୍ଥା କରି ଏହାର ମୁଖ୍ୟ ଅଫିସ୍ ଭୁବନେଶ୍ୱରର ନିଳାଦ୍ରୀ ବିହାର ଓ ବ୍ରାଞ୍ଚ ଅଫିସ୍ ବାଲେଶ୍ୱର ମଲ୍ଲିକାଶପୁର ସହ ମୟୂରଭଞ୍ଜ ଓ ଭଦ୍ରକ ଜିଲାରେ ଶାଖା ଖୋଲିଥିଲେ। ଜମାକାରୀଙ୍କୁ ମୂଳ ଟଙ୍କାର ୪ବର୍ଷରେ ୨ଗୁଣା ଓ ୭ବର୍ଷରେ ୪ ଗୁଣା ଫେରସ୍ତ ଦେବା ସହ ବାଲେଶ୍ୱର ଟାଉନ ଓ ଆଖପାଖ ଅଞ୍ଚଳର ସମାନ ମୂଲ୍ୟର ଜମିର ପ୍ଲଟ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ କୋଟି କୋଟି ଟଙ୍କା ଉଠାଇଥିଲେ। ଏହାର ଖିଲାପ ହେବାରୁ ଜମାକାରୀମାନେ ୨୦୧୬ ଅଗଷ୍ଟ ୨୩ରେ ଅଭିଯୋଗ କରିଥିଲେ। ଏନେଇ ମାମଲା (ନଂ. ୨୧୬/୧୬) ପ୍ରାଇଜ୍ ଚିଟ୍ ମନି ସର୍କୁଲେସନ୍ (ବ୍ୟାନିଂ) ଆକ୍ଟ ୧୯୭୮ ଓ ଓଡ଼ିଶା ପ୍ରୋଟେକ୍ସନ୍ ଅଫ୍ ଇଣ୍ଟରେଷ୍ଟ ଅଫ୍ ଡିପୋଜିଟର୍ସ (ଇନ୍ ଫାଇନାନ୍‌ସିଆଲ୍ ଏଷ୍ଟାବ୍ଲିସ୍‌ମେଣ୍ଟ) ଆକ୍ଟ ୨୦୧୧ ଅନୁଯାୟୀ ରୁଜୁ କରାଯାଇଥିଲା।

## ରାଷ୍ଟ୍ରପତିଙ୍କ ୨ ଦିନିଆ ଓଡ଼ିଶା ଗସ୍ତ: ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

### ଦାୟିତ୍ୱରେ ନିୟୋଜିତ ଅଧିକାରୀ, ଅତିଥିଙ୍କ ହେବ ଆର୍‌ଟିପିସିଆର ଟେଷ୍ଟ

ଭୁବନେଶ୍ୱର,୬।୨(ବ୍ୟୁରୋ)

ଫେବୃୟାରୀ ୧୦ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨ ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଦାୟିତ୍ୱରେ ନିୟୋଜିତ ଅଧିକାରୀ, ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଉଥିବା ଅତିଥି ଏବଂ ସାକ୍ଷାତ୍ କରିବାକୁ ଥିବା ବ୍ୟକ୍ତିବିଶେଷଙ୍କ ୭୨ ଘଣ୍ଟା ପୂର୍ବରୁ ଆରଟିପିସିଆର ଟେଷ୍ଟ ସହ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଛି। ସୋମବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତକାଳରେ ଏ ନେଇ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ସମସ୍ତ ଆନୁଷଙ୍ଗିକ ପ୍ରସ୍ତୁତି ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ପ୍ରସ୍ତୁତି ତଦାରଖ ନିମନ୍ତେ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ବୈଠକରେ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା ସୂଚନା ଦେଇଛନ୍ତି। ରାଷ୍ଟ୍ରପତି ଆସନ୍ତା ୧୦ ତାରିଖରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରେ ପହଞ୍ଚିବା ପରେ ଉତ୍କଳ ମଣ୍ଡପରେ ଜ୍ଞାନପ୍ରଭା ମିଶନ ପକ୍ଷରୁ ଆୟୋଜିତ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମଧ୍ୟାହ୍ନ ବିରତି ପରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହାପରେ ରାଷ୍ଟ୍ରପତି ରାଜଭବନରେ ରାତ୍ରିଯାପନ କରିବେ। ୧୧ ତାରିଖ ସକାଳେ ମହାପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିବା ପରେ କଟକ ଗସ୍ତ କରି ଜାତୀୟ ଧାନ ଗବେଷଣା କେନ୍ଦ୍ରଠାରେ ଦ୍ୱିତୀୟ ଭାରତୀୟ ଧାନ କଂଗ୍ରେସକୁ ଉଦ୍‌ଘାଟନ କରିବେ। ଏହାପରେ ଉକ୍ତ ଦିନ ଭୁବନେଶ୍ୱର ବିମାନବନ୍ଦରରୁ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ସୁରକ୍ଷା, ଆତିଥେୟତା, ଯାନବାହନ ଓ ବାରିକେଡ୍ ବ୍ୟବସ୍ଥା, ଅଗ୍ନିଶମ, ସ୍ୱାସ୍ଥ୍ୟ, ନୀରବଚ୍ଛିନ୍ନ ଜଳ ଓ ବିଦ୍ୟୁତ୍ ଯୋଗାଣ, ଯୋଗାଯୋଗ, ଗଣମାଧ୍ୟମ ପରିଚାଳନା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ମଞ୍ଚ ସାଜସଜ୍ଜା ଓ ବୈଠକରେ ଯୋଗଦେଉଥିବା ବ୍ୟକ୍ତିବିଶେଷଙ୍କ ଆସନ ଗ୍ରହଣ ସମ୍ପର୍କରେ ଗୃହ ଓ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ଯୋଗସୂତ୍ର ରଖିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

# ତଦନ୍ତ ପରିସରଭୁକ୍ତ ହେବ ସ୍ୱୀକୃତିପ୍ରାପ୍ତ ସେଲ୍ଫଫାଇନାନ୍ସ କଲେଜ

- ପିଲାଙ୍କ ଅଭିଯୋଗକୁ ଦିଆଯିବ ଗୁରୁତ୍ୱ
- ବେଆଇନ ସ୍ୱୀକୃତି ଧରାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ
- ନକଲି କଲେଜ ତାଲିକା ପ୍ରକାଶ କରିବେ ସରକାର

ଭୁବନେଶ୍ୱର, ୬।୨(ବ୍ୟୁରୋ):

ରାଜ୍ୟରେ ଛତୁ ଫୁଟିଲା ଭଳି ଗଢ଼ି ଉଠିଥିବା ସେଲ୍ଫଫାଇନାନ୍ସ କଲେଜର ଯାଞ୍ଚ କରାଯିବ। ଅବହେଳା ପ୍ରଦର୍ଶନ କରୁଥିବା କିମ୍ବା ପିଲାଙ୍କ ଅଭିଯୋଗକୁ ଭିତ୍ତିକରି କଲେଜ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ମିଳିଥିବା ସୂଚନାନୁସାରେ, ରାଜ୍ୟ ବାହାରର ଅନାମଧେୟ ଅନୁଷ୍ଠାନରୁ ସ୍ୱୀକୃତି ଆଣି ଏଠାରେ ଶିକ୍ଷା ନାଁରେ ଅନେକ ସେଲ୍ଫଫାଇନାନ୍ସ କଲେଜ ଖୋଲି ବ୍ୟବସାୟ ଚଳାଇଥିବା ଅଭିଯୋଗ ହେଉଛି। ଆଉ କିଛି ନକଲି ସାର୍ଟିଫିକେଟ ଦେଇ ପିଲାଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ତେବେ ସର୍ବଭାରତୀୟ ସ୍ତରରେ ୨୩ଟି ନକଲି ବିଶ୍ୱବିଦ୍ୟାଳୟ ଚିହ୍ନଟ ହେବା ପରେ ଏବେ ବିଭାଗର ଚେତା ପଶିଛି। ରାଜଧାନୀ ସମେତ ରାଜ୍ୟର ସମସ୍ତ ଜିଲାରେ ଥିବା ବାହାର ଅନୁଷ୍ଠାନର ସ୍ୱୀକୃତିପ୍ରାପ୍ତ କଲେଜଗୁଡ଼ିକ ତଦନ୍ତ ପରିସରଭୁକ୍ତ ହେବା ସହ ସେଗୁଡିକର ଭିତ୍ତିଭୂମିଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସ୍ଥାକୁ ଯାଞ୍ଚ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟରେ ବର୍ତ୍ତମାନ ୪୦୦ରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ରହିଛି, ଯେଉଁଗୁଡ଼ିକ ବାହାର ରାଜ୍ୟରୁ ସ୍ୱୀକୃତି ଆଣି ସେଲ୍ଫଫାଇନାନ୍ସ କୋର୍ସ ପ୍ରଦାନ କରୁଛନ୍ତି। ସମ୍ପୃକ୍ତ କଲେଜ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କୁ ପାସ୍ କରିଦେବାର ଗ୍ୟାରେଣ୍ଟି ବି ଦେଉଛନ୍ତି। ଫଳରେ ଏଠାକାର ଛାତ୍ରୀଛାତ୍ରମାନେ ପାସ କରିବା ପାଇଁ ମଧ୍ୟ ପେପର୍ ପିଛା ଅଢ଼େଇ ହଜାରରୁ ପାଞ୍ଚ ହଜାର ଟଙ୍କା ଲାଞ୍ଚ ଦେଉଛନ୍ତି। ସରକାରଙ୍କର କୌଣସି ନିୟନ୍ତ୍ରଣ ନ ଥିବାରୁ ସମ୍ପୃକ୍ତ କଲେଜଗୁଡ଼ିକର ଆୟବ୍ୟୟର ହିସାବ ମଧ୍ୟ କାହା ପାଖରେ ନାହିଁ। ଫଳରେ ରାଜ୍ୟର ବହୁ ଗରିବ ମେଧାବୀ ପିଲା ଶୋଷଣର ଶିକାର ହେଉଛନ୍ତି। ତେଣୁ ଏ ଦିଗରେ ରୋକ୍ ଲଗାଇବା ପାଇଁ ସରକାର ଏପରି ପଦକ୍ଷେପ ନେବାକୁ ଯାଉଛନ୍ତି। ଉଚ୍ଚଶିକ୍ଷା ବିଭାଗ ଓ ଆଞ୍ଚଳିକ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଏକ ସ୍କ୍ୱାଡ୍ ଗଠନ କରାଯିବ। ବାହାର ରାଜ୍ୟରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକରୁ ସ୍ୱୀକୃତି ଆଣିଥିବା ଘରୋଇ କଲେଜଗୁଡ଼ିକର ସମସ୍ତ ତଥ୍ୟ ଯାଞ୍ଚ ହେବ। ତେବେ ଯାଞ୍ଚ ରିପୋର୍ଟ ମାର୍ଚ୍ଚ ଶେଷ ସୁଦ୍ଧା ସରକାରଙ୍କୁ ପ୍ରଦାନ କରାଯିବ। ଅପରପକ୍ଷେ ରାଜ୍ୟର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରୁ ସ୍ୱୀକୃତି ପାଇଥିବା ଅନୁଷ୍ଠାନକୁ ତଦନ୍ତରୁ ବାଦ୍ ଦେବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ସମ୍ପୃକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମିକୁ ଯାଞ୍ଚ କରାଯିବ। ୟୁଜିସି ପକ୍ଷରୁ ଯେପରି ସର୍ବଭାରତୀୟସ୍ତରରେ ନକଲି କଲେଜର ତାଲିକା ପ୍ରକାଶ ପାଉଛି, ସେହିପରି ରାଜ୍ୟରେ ଶିକ୍ଷା ନାଁରେ ବ୍ୟବ୍ୟସାୟ କରୁଥିବା କିମ୍ବା ନକଲି କଲେଜର ତାଲିକା ପ୍ରକାଶ କରାଯାଇ ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ବିଭାଗ ପକ୍ଷରୁ ଯୋଜନା ରହିଥିବା ଜଣାପଡ଼ିଛି।

**ଆଜିର ମନ୍ତବ୍ୟ**

“ଭାଜପା ନେତୃତ୍ୱାଧୀନ ସରକାର ଦେଶରୁ ଜବରଦଖଲ ହଟାଇବା ସକାଶେ ବୁଲଡୋଜର ଲଗାଇ ଗରିବ ଲୋକଙ୍କ ଘର ଭାଙ୍ଗୁଛି। ଏହି ସରକାର ଜମ୍ମୁ-କଶ୍ମୀରକୁ ଖୁବ୍ କମ୍ ଦିନରେ ଆଫଗାନିସ୍ତାନରେ ପରିଣତ କରିଦେବ।

– ମେହବୁବା ମୁଫ୍ତି, ପିଡିପି ଅଧ୍ୟକ୍ଷା



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଘଟ ଘଟା,**
**ମଲ୍ଲୀ ଫୁଲଠାରେ ଉଠିଛି କଣ୍ଟା।**

ଗୋଲାପ ଗଛରେ କଣ୍ଟା ଥାଏ ପରନ୍ତୁ ମଲ୍ଲୀ ଗଛରେ କଣ୍ଟା ନ ଥାଏ। ବେଳେବେଳେ କିଛି ଆଚମ୍ବିତ କଲା ଭଳି ଘଟଣା ଘଟିଥାଏ ; ଯାହାକି ଆଖିକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଅଘଟଣ ଘଟଣା ଘଟିବା ବା ଉପୁଜିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଜା ଜାଣି ନାତି,**
**ମାଛ ଜାଣି କାତି।**

ବଂଶର ଗୁଣ ଅନୁସାରେ ପିଲାର ଗୁଣ ମଧ୍ୟ ପ୍ରସ୍ଫୁଟିତ ହୋଇଥାଏ। ଅଜା ବା ଜେଜେଙ୍କର ଗୁଣ, ସ୍ୱଭାବ ତଥା ପ୍ରକୃତି ସ୍ଥଳ ବିଶେଷରେ ନାତିଠାରେ ପରିଲକ୍ଷିତ ବା ପ୍ରତିଫଳିତ ହୋଇଥାଏ। ଉତ୍ତରାଧିକାର ସୂତ୍ରରେ ନାତିର ଗୁଣଗ୍ରାମ ଅଜା ବା ଜେଜେଙ୍କ ସହ ମେଳ ଖାଇଥାଏ। ସେହିପରି କାତି ଦେଖି ଏହା କେଉଁ ପ୍ରଜାତିର ମାଛ ତାହା ସହଜରେ ଜାଣି ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ପ୍ରଥମ ପୃଷ୍ଠାରୁ...**

## ତୁର୍କୀ, ସିରିଆରେ...

ପ୍ରଥମ ପୃଷ୍ଠାରୁ...

ନିୟୋଜିତ ଅଛନ୍ତି। ତୁର୍କୀର ଏକ ହସ୍ପିଟାଲ ଭୁଶୁଡ଼ିପଡ଼ିବାରୁ ନବଜାତ ଶିଶୁଙ୍କ ସମେତ ରୋଗୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ତୁର୍କୀ କର୍ତ୍ତୃପକ୍ଷ ଲେବଲ୍ ୪ ସତର୍କ ସୂଚନା ଜାରି କରିବା ସହ ଅନ୍ତର୍ଜାତୀୟ ସହାୟତା ପାଇଁ ନିବେଦନ କରିଛନ୍ତି। ଭୂକମ୍ପର କେନ୍ଦ୍ରସ୍ଥଳ ସିରିଆ ଗୃହଯୁଦ୍ଧର ଶରଣାର୍ଥୀମାନେ ରହିଥିବା ତୁର୍କୀର ଗାଜିଆଣ୍ଟେପ୍ ସହରର ଉତ୍ତର ଭାଗରେ ବୋଲି କୁହାଯାଉଛି। ଏହା ସିରିଆ ସୀମାଠାରୁ ୯୦ କିଲୋମିଟର ଦୂରରେ ଅବସ୍ଥିତ। ତୁର୍କୀ ବୃହତ୍ ଫଲ୍ଟ ଲାଇନ୍ ଉପରେ ରହିଥିବାରୁ ଏଠାରେ ଅନେକ ସମୟରେ ଭୂକମ୍ପ ଅନୁଭୂତ ହୋଇଥାଏ। ପ୍ରତି ୧୦୦ ବର୍ଷରେ ଅନ୍ୟୂନ ଥରେ ଏଭଳି ଶକ୍ତିଶାଳୀ ଭୂକମ୍ପ ହୋଇଥାଏ ବୋଲି ବିଶେଷଜ୍ଞମାନେ କହିଛନ୍ତି। ତୁର୍କୀ ଭୂକମ୍ପରେ ବହୁସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଓ ସମ୍ପତ୍ତି ନଷ୍ଟକୁ ନେଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖପ୍ରକାଶ କରିଛନ୍ତି। ସେ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଦୁଃଖ ସମୟରେ ଭାରତ ତୁର୍କୀବାସୀଙ୍କ ନିକଟରେ ଛିଡ଼ାହେବା ସହ ସମସ୍ତ ଆବଶ୍ୟକ ସହାୟତା ଯୋଗାଇଦେବ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ଭୂକମ୍ପ କ୍ଷତିଗ୍ରସ୍ତ ତୁର୍କୀକୁ ତୁରନ୍ତ ଏନ୍‌ଡିଆର୍‌ଏଫ୍‌ର ଉଦ୍ଧାରକାରୀ ଟିମ୍, ମେଡିକାଲ ଟିମ୍ ଏବଂ ରିଲିଫ୍ ସହାୟତା ପଠାଇବାକୁ କେନ୍ଦ୍ର ସରକାର ସୋମବାର ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ଏନେଇ ସାଉଥ୍ ବ୍ଲକ୍‌ରେ ଜରୁରୀ ବୈଠକ କରି ସହାୟତା ପଠାଇବା ସମ୍ପର୍କରେ ଆଲୋଚନା କରିଥିଲେ। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ୧୦୦ ଜଣିଆ ଟିମ୍, ଡଗ୍ ସ୍କ୍ୱାଡ୍ ଏବଂ ଆବଶ୍ୟକ ଉପକରଣ ତୁର୍କୀ ଯିବା ପାଇଁ ପ୍ରସ୍ତୁତ ହୋଇରହିଛି। ସେହିପରି ସ୍ୱତନ୍ତ୍ର ତାଲିମପ୍ରାପ୍ତ ଡାକ୍ତର ଏବଂ ପାରାମେଡିକ୍ ଷ୍ଟାଫ୍ ଜରୁରୀ ଔଷଧ ସହ ତୁର୍କୀ ଯିବା ପାଇଁ ପ୍ରସ୍ତୁତ ରହିଛନ୍ତି।

## ୩୪ ଡିଗ୍ରୀ ଡେଇଁଲା...

ସୂଚନା ଅନୁଯାୟୀ ବୌଦ୍ଧରେ ସର୍ବାଧିକ ତାପମାତ୍ରା ୩୪.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱରରେ ୩୪.୨, ବରଗଡ଼ ୩୩, ନୟାଗଡ଼ ୩୩, ମାଲକାନଗିରି ୩୩.୫, ବଲାଙ୍ଗୀର ୩୩, ତାଳଚେର ୩୩.୨, ଝାରସୁଗୁଡ଼ା ୩୩.୨, ସମ୍ବଲପୁର ୩୩.୬, ଟିଟିଲାଗଡ଼ ୩୩ ଏବଂ ରାଉରକେଲାରେ ସର୍ବାଧିକ ତାପମାତ୍ରା ୩୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଗତ ୩ ମାସ ହେବ ରାଜ୍ୟରେ ବର୍ଷା ଟୋପାଏ ନାହିଁ। ଉପକୂଳ ଓଡ଼ିଶାରେ ଦିନର ସର୍ବୋଚ୍ଚ ତାପମାତ୍ରା ସ୍ୱାଭାବିକଠାରୁ ୨ ରୁ ୩ ଡିଗ୍ରୀ ଅଧିକ ରହୁଥିବା ବେଳେ ରାତି ତାପମାତ୍ରା ୩ରୁ ୪ ଡିଗ୍ରୀ କମ ରହୁଛି। ଏବେ ରାଜ୍ୟକୁ ଉତ୍ତର–ପଶ୍ଚିମ ଦିଗରୁ ବାୟୁ ପ୍ରବାହ ରହୁଛି। ଆସନ୍ତା ୧୧ ତାରିଖ ବେଳକୁ ଦକ୍ଷିଣ–ପଶ୍ଚିମ ଦିଗରୁ ବାୟୁ ପ୍ରବାହିତ ହେବ। ଏଥିଯୋଗୁ ତାପମାତ୍ରା ଆହୁରି ବଢ଼ିବା ନେଇ ଆକଳନ କରାଯାଇଛି। ପାଣିପାଗ ବିଶେଷଜ୍ଞଙ୍କ କହିବା କଥା ହେଲା, ଅକ୍ଟୋବରରୁ ପୂର୍ବ ଭାରତରେ ବର୍ଷା ନାହିଁ। ଚଳିତବର୍ଷ ପଶ୍ଚିମା ବାୟୁ ଉତ୍ତର–ପଶ୍ଚିମ ଭାରତରୁ ମାସକୁ ଦୁଇ ବା ତିନିଥର ପୂର୍ବ ଭାରତକୁ ଆସିଥାଏ। ଏହାର ପ୍ରଭାବରେ ଉତ୍ତର ଓଡ଼ିଶାରେ ବର୍ଷା ହୋଇଥାଏ। କିନ୍ତୁ ଚଳିତବର୍ଷ ଏହା ନ ଥିବାରୁ ସୂର୍ଯ୍ୟ କିରଣର ବିକିରଣ ବାୟୁମଣ୍ଡଳକୁ ଉତ୍ତପ୍ତ କରିବାରେ ସହାୟକ ହେଉଛି। ଏହାଛଡ଼ା ଦ୍ରୁତ ଶିଳ୍ପାୟନ ଓ ସହରୀକରଣରୁ ମଧ୍ୟ ତାପମାତ୍ରା ବଢ଼ୁଛି।

## ପିଟି ମାରିଦେଲେ...

ସଦସ୍ୟମାନେ ଏକ ଟେମ୍ପୋ ଗାଡ଼ି ଯୋଗେ ନୟାଗଡ଼ ନିକଟସ୍ଥ ଝିଅ ଘରକୁ ପିଠା ନେଇ ଯାଇଥିଲେ। ସେଠାରୁ ସେମାନେ ଫେରୁଥିବାବେଳେ ବଡ଼ମ୍ବା ପେଟ୍ରୋଲ ଟାଙ୍କି ନିକଟରେ ସ୍ଥାନୀୟ ବନବିଭାଗ କର୍ମଚାରୀ ବଳପୂର୍ବକ ମାଡ଼ମାରି ଜୋର ଜବରଦସ୍ତ ଧନେଶ୍ୱରଙ୍କୁ ଉଠାଇ ନେଇଯାଇଥିଲେ। ରାତିରେ ଏକ ଅଜ୍ଞାତ ସ୍ଥାନକୁ ନେଇ ତାଙ୍କୁ ବନ କର୍ମଚାରୀ ଏବଂ ଅଧିକାରୀମାନେ ପ୍ରବଳ ମାଡ଼ ମାରିଥିଲେ। ଧନେଶ୍ୱର ଅସୁସ୍ଥ ହୋଇପଡ଼ିବାରୁ ରାତି ପ୍ରାୟ ୧୨ଟା ୨୦ରେ ଏକ ବୋଲେରୋ ଗାଡ଼ିରେ ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଦାୟିତ୍ୱରେ ଥିବା ଡାକ୍ତର ଧନେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ। ପରେ ଖବର ପାଇ ତାଙ୍କୁ ରାତି ପ୍ରାୟ ୧୨ଟା ୪୫ମିନିଟ୍‌ରେ ଟିଗିରିଆ ଆଇଆଇସି ସୁଚିତ୍ରା ଜେନା, ଏଏସ୍ଆଇ ସନ୍ତୋଷ ପ୍ରଧାନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପରେ ଏହି ଘଟଣା କେହି ଜାଣିବା ପୂର୍ବରୁ ଭୋର ୪ଟାରେ ଧନେଶ୍ୱରଙ୍କ ମୃତଦେହକୁ ଆଠଗଡ଼ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲେ। ଧନେଶ୍ୱରଙ୍କୁ ବନ ବିଭାଗ ହେପାଜତରେ ମାଡ଼ ମାରି ହତ୍ୟା କରାଯାଇଥିବା ଜଣାପଡ଼ିବା ପରେ ସୋମବାର ସକାଳ ପ୍ରାୟ ୭ଟାରେ ସ୍ଥାନୀୟ ଲୋକେ ବଡ଼ବାର୍ସିଙ୍ଗ, ବଡ଼ମ୍ବା ଓ ଧୋବଣୀନାଳଠାରେ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଏପରି କି କିଛି ଲୋକ ବାଣପୁର ବିଟ ହାଉସରେ ପହଞ୍ଚି ଭଙ୍ଗାରୁଜା କରିଥିଲେ। ସକାଳ ପ୍ରାୟ ୮ଟାରେ ଆଠଗଡ଼ ଏସ୍‌ଡିପିଓ ବିଜୟ କୁମାର ବିଶି, ବଡ଼ମ୍ବା ତହସିଲ୍‌ଦାର ନୀଳକଣ୍ଠ ବେହେରା, ବଡ଼ମ୍ବା ଆଇଆଇସି ସ୍ନିଗ୍ଧାମୟୀ ବରାଳ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ଲୋକମାନେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଜିଦ୍ ଧରିଥିଲେ। ଘଟଣାସ୍ଥଳରେ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ଅପରାହ୍ନ ପ୍ରାୟ ୨ଟାରେ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା, ପୁଅକୁ ବନ ବିଭାଗରେ ଚାକିରି ଏବଂ ଅଭିଯୁକ୍ତ ବନ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ଲୋକମାନେ ଧାରଣାରୁ ହଟିଥିଲେ। ମିଳିଥିବା ସୂଚନା ଅନୁସାରେ ମୃତକଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ୩ଲକ୍ଷ ଟଙ୍କାର ଚେକ୍ ଏବଂ ରେଡ୍ କ୍ରସ୍ ପାଣ୍ଠିରୁ ୩୦ହଜାର ଟଙ୍କା ଦିଆଯାଇଥିବାବେଳେ ବାକି ୧ଲକ୍ଷ ୭୦ହଜାର ଟଙ୍କା ମଙ୍ଗଳବାର ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଧନେଶ୍ୱର କିପରି ଓ କେଉଁ ପରିସ୍ଥିତିରେ ମଲେ ତାହାର ତଦନ୍ତ ଜାରି ରହିଛି ବୋଲି ଏସଡିପିଓ ବିଶି କହିଛନ୍ତି। ଅପରପକ୍ଷରେ ଧନେଶ୍ୱର ଅତି ନିରୀହ ଓ ତାଙ୍କର ହାତୀ ହତ୍ୟା ଘଟଣାରେ କୌଣସି ସମ୍ପୃକ୍ତି ନ ଥିବାବେଳେ ବନ ବିଭାଗ କର୍ମଚାରୀଙ୍କ ଏଭଳି ବର୍ବରୋଚିତ ଘଟଣାକୁ ବଡବାର୍ସିଙ୍ଗ ସରପଞ୍ଚ ସ୍ୱାଧୀନ ସାହୁ ନିନ୍ଦା କରିଛନ୍ତି। ଏଥିସହିତ ଦୃଢ଼ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଲିପ୍ସା ବିଶୋଇଙ୍କୁ ପଚାରିବାରେ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ଧନେଶ୍ୱରଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ଦେହରେ ପାଣି ଢାଳି ଓଦା କରାଯାଇଥିବା ସହିତ ପିଠିରେ ମାଡ଼ ହୋଇଥିବା ଚିହ୍ନ ରହିଥିଲା ବୋଲି ବିଶୋଇ କହିଛନ୍ତି। ଏଥିରୁ ଧନେଶ୍ୱରଙ୍କୁ ବନ କର୍ମଚାରୀ ପିଟି ପିଟି ମାରିଦେଇଥିବା ଏକ ପ୍ରକାର ସ୍ପଷ୍ଟ ହେଉଥିଲେ ମଧ୍ୟ ପୋଷ୍ଟ ମର୍ଟମ୍ ରିପୋର୍ଟ ଘଟଣାର ସତ୍ୟତାକୁ ପର୍ଦ୍ଦାଫାଶ କରିବ ବୋଲି କୁହାଯାଉଛି।

# ପୁଣି ଆନ୍ଦୋଳନକୁ ଓହ୍ଲାଇବେ ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ

ଭୁବନେଶ୍ୱର, ୬।୨(ବ୍ୟୁରୋ)

ଦାବି ପୂରଣ ନ ହେବାରୁ ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘର କହିବାନୁସାରେ, ମୁଖ୍ୟମନ୍ତ୍ରୀ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ହେଲା ବୋଲି ଘୋଷଣା କଲେ। ତେବେ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଶିକ୍ଷକଙ୍କ ମଧ୍ୟରେ ଏହି ବିଜ୍ଞପ୍ତିକୁ ନେଇ ବହୁ ଅସଙ୍ଗତି ସୃଷ୍ଟି ହେଲା। ୨୦୧୩ ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମାନୁସାରେ ଯେଉଁମାନେ ନିଯୁକ୍ତି ପାଇଛନ୍ତି ସେହିମାନେ ହିଁ କେବଳ ଉପକୃତ ହେବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ଥିଲା। ଅର୍ଥାତ ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକମାନେ କୌଣସି ସୁବିଧା ପାଇବେ ନାହିଁ। ଏହି ଶିକ୍ଷକଙ୍କର ୬ ବର୍ଷ ଚୁକ୍ତି ଅବଧିକୁ ମୂଳ ଚାକିରି ସହ ଯୋଗ କରିବା ସହ ୬ଟି ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ଏବଂ ୨୦୧୬ରୁ ୨୦୨୨ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ତୁରନ୍ତ ନିୟମିତ କରିବା ଭଳି ଦୁଇ ଦଫା ଦାବି ପୂରଣ ନିମନ୍ତେ ସଂଘ ଗତ ଡିସେମ୍ବର ୧୨ରେ ଆନ୍ଦୋଳନକୁ ଓହ୍ଲାଇଥିଲା। ୧୭ ଦିନ ଧରି ଚାଲିଥିବା ଏହି ଆନ୍ଦୋଳନରେ ଦାବି ପୂରଣ ନିମନ୍ତେ ସଂଘ ବିଭିନ୍ନ ପ୍ରକାର କାର୍ଯ୍ୟପନ୍ଥା ଗ୍ରହଣ କରିଥିଲା। ଫଳରେ ସରକାର ଚାପଗ୍ରସ୍ତ ହୋଇ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଗଣଶିକ୍ଷା ସଚିବ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାଜ୍ୟ ସଂଘ ଆନ୍ଦୋଳକୁ ସ୍ଥଗିତ ରଖିଥିଲା। ଇତିମଧ୍ୟରେ ମାସେ ବିତିଯାଇଥିଲେ ମଧ୍ୟ ସରକାର କୌଣସି ଦାବି ପୂରଣ କରୁନାହାନ୍ତି। ଆସନ୍ତା ୧୦ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ସଂଘ ପୁନଶ୍ଚ ରାଜରାସ୍ତାକୁ ଓହ୍ଲାଇବ ବୋଲି କଡ଼ା ଚେତାବନୀ ଦେଇଛି। ୧୩ ତାରିଖରେ ଗଣଶିକ୍ଷା ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଓ ଉକ୍ତ ଦିନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯିବ। ଏହାପରେ ଯଦି ସରକାର ଦାବି ପୂରଣ ନ କରନ୍ତି ତା’ହେଲେ ୧୫ ତାରିଖରେ ସମସ୍ତ ବିଧାୟକ/ମନ୍ତ୍ରୀଙ୍କୁ ରାଜ୍ୟ ସଂଘ ତରଫରୁ ଦାବିପତ୍ର ଦିଆଯିବ। ଆଗକୁ ମାଟ୍ରିକ ପରୀକ୍ଷା ଆସୁଛି। ଶିକ୍ଷକମାନେ ଚାହୁଁନାହାନ୍ତି ବିଦ୍ୟାଳୟ ଛାଡ଼ି ପୁଣି ରାଜ ରାସ୍ତାକୁ ଆସନ୍ତୁ। କିନ୍ତୁ ସରକାର ବାରମ୍ବାର ଆନ୍ଦୋଳନ କରିବା ପାଇଁ ବାଧ୍ୟ କରୁଛନ୍ତି ବୋଲି ରାଜ୍ୟ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି।

# ଶିମିଳିପାଳରୁ ୫ ଶିକାରୀ ଗିରଫ

**୨ ଦେଶୀ ବନ୍ଧୁକ, ମୋବାଇଲ ଫୋନ ଜବତ**

ବାରିପଦା ଅଫିସ,୬।୨:

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଉପନିର୍ଦ୍ଦେଶକ ଓ ବାରିପଦା ବନଖଣ୍ଡ ଅଧିକାରୀ ମିଳିତ ଚଢ଼ାଉ କରି ୫ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ମୃତ ହାତୀର ହାଡ଼, କଇଁଛ ଖୋଳପା ଓ ବିଭିନ୍ନ ବନ୍ୟପ୍ରାଣୀଙ୍କ ହାଡ଼ ସହିତ ୨ଦେଶୀ ବନ୍ଧୁକ ଓ ଦୁଇଟି ମୋବାଇଲ ଫୋନ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ରାଇରଙ୍ଗପୁର ସଦର ଥାନା ଅଧୀନ କରକଚିଆ ଗ୍ରାମର ସୁନ୍ଦର ମୋହନ, ବେତନଟୀ ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ରାମ ବିନ୍ଧାଣି, ବାରିପଦା ସଦର ଥାନା ଅଧୀନ ଲାଲଗଞ୍ଜ ଗ୍ରାମର ବୁଦ୍ଧିରାମ ସିଂ ଓ ଜିତେନ ଶ୍ୟାମ ସିଂ ଏବଂ ପାଇକବସା ଗ୍ରାମର ସୁନାରାମ ବାରିକ।

ଖାରପୋଖରିଆ ଥାନା ଅଧୀନ ଜଳଡିଙ୍ଗାର ଏକ ଢାବାରୁ କିଛିଦିନ ପୂର୍ବେ କଲରାପତରିଆ ବାଘର ଛାଲ ଜବତ ହେବା ଓ ଜେନାବିଲ ରେଞ୍ଜର ଗୋରାଣ୍ଡି ବିଟ୍‌ରେ ହାତୀ ଶିକାର ପରେ ପ୍ରମାଣ ନଷ୍ଟ କରିବା ଘଟଣା ଲୋକଲୋଚନକୁ ଆସିଥିଲା। ଏହି ଦୁଇ ଘଟଣାରେ ଜଡିତ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ମିଳିଥିବା ସୂଚନାକୁ ଆଧାର କରି ବନ ବିଭାଗ ତଦନ୍ତ ଚଳାଇଥିଲା। ତେବେ ସୁନାରାମଙ୍କ ଘରେ ଚୋରା ବ୍ୟବସାୟ ପାଇଁ ମୂଳଚାଲ ଚାଲିଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ପୂର୍ବରୁ ଉକ୍ତ ଶିକାରୀମାନେ ସମାନ ଘଟଣାରେ ସମ୍ପୃକ୍ତ ଥାଇ ଜେଲ ଯାଇଥିଲେ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀ ସୂଚନା ଦେଇଛନ୍ତି।

# ବନ କର୍ମଚାରୀଙ୍କୁ ଆକ୍ରମଣ

**ବୋଲେରୋ, ବାଇକ୍ ଭାଙ୍ଗିଦେଲେ**

ବାରିପଦା ଅଫିସ,୬।୨:

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଅଷ୍ଟକୁଅଁର ପଞ୍ଚାୟତ ଅନ୍ତର୍ଗତ ନଅଣା ଗ୍ରାମ ସରମସାହିରେ ବନ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ବନବିଭାଗ ଓ ଯଶିପୁର ଥାନାରେ ପୃଥକ ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ, ରବିବାର ବିଳମ୍ବିତ ରାତିରେ ନଅଁଣା ରେଞ୍ଜର ଫରେଷ୍ଟର, ୨ଜଣ ଗାର୍ଡ ଓ ୪ ବନ ସୁରକ୍ଷା କର୍ମୀ ସରମସାହି ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ୪୦/୫୦ଜଣ ମହିଳା ପୁରୁଷ ଏକାଠି ହୋଇ ଏକ ବିଶାଳ ଶାଳଗଛକୁ କାଟି ଖଣ୍ଡ ଖଣ୍ଡ କରି ରଖିବା ଦେଖି ବନ କର୍ମଚାରୀମାନେ ପଚରାଉଚୁରା କରିଥିଲେ। ଏହି ସମୟରେ ସେମାନେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ବନ କର୍ମଚାରୀଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଧନୁତୀର ଦେଖାଇ ଜୀବନରୁ ମାରିଦେବାକୁ ଉଦ୍ୟମ କରିବା ବେଳେ ବନ କର୍ମଚାରୀମାନେ ଭୟରେ ଉକ୍ତ ସ୍ଥାନ ଛାଡ଼ି ପଳାଇ ଆସିଥିଲେ। ଗ୍ରାମବାସୀମାନେ ଜଣେ ବନ କର୍ମଚାରୀଙ୍କଠାରୁ ୫ଶହ ଟଙ୍କା ଓ ମୋବାଇଲ ଛଡ଼ାଇ ନେବା ସହ ସରକାରୀ ବୋଲେରୋ ଓ ଏକ ବାଇକ୍‌କୁ ଭଙ୍ଗାରୁଜା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଖବରପାଇ ଏସିଏଫ୍ ନିକେଶ କୁମାରଙ୍କ ସହ ଯଶିପୁର ବନବିଭାଗର କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ ଭାଙ୍ଗିରୁଜି ଯାଇଥିବା ବୋଲେରୋ ଓ ବାଇକ୍ ଆଣିବା ସହ ୧୯ଖଣ୍ଡ ଶାଳ ପଟା ଜବତ କରିଛନ୍ତି।

# ‘ବର୍ତ୍ତମାନ ସମୟରେ ଆଇନଜୀବୀଙ୍କ କ୍ଷମା ଆବେଦନ ବିଚାର ସମ୍ଭବ ନୁହେଁ’

**ସର୍ବୋଚ୍ଚ ଅଦାଲତଙ୍କ କଠୋର ମନୋଭାବ ପୋଷଣ**

ନୂଆଦିଲ୍ଲୀ/ସମ୍ବଲପୁର(ବ୍ୟୁରୋ),୬।୨

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଡିସେମ୍ବର ୧୨ରେ କୋର୍ଟ ଭଙ୍ଗାରୁଜା ସହ ବିଚାରପତିଙ୍କୁ ବାହାର କରିବା ଘଟଣାରେ ସୁପ୍ରିମକୋର୍ଟ ସୋମବାର କଠୋର ଆଭିମୁଖ୍ୟ ପ୍ରକାଶ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଆଇନଜୀବୀମାନେ କରିଥିବା ନିଃସର୍ତ୍ତ କ୍ଷମା ପ୍ରାର୍ଥନାକୁ ବର୍ତ୍ତମାନ ସମୟରେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଓକିଲମାନେ କ୍ଷମା ପ୍ରାର୍ଥନା ହୃଦୟରୁ କି ଅଦାଲତ ଅବମାନନା ପ୍ରୋସିଡିଂରୁ ବର୍ତ୍ତିବା ପାଇଁ କରିଛନ୍ତି, ତାହାକୁ ଅନୁଧ୍ୟାନ କରିବା ପରେ ଏସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ୍ ୧୭ରେ ହେବ।

ତେବେ ଗିରଫ ଆଇନଜୀବୀଙ୍କ ଜାମିନ ଆବେଦନ ସମ୍ପର୍କିତ ବିଚାର ପ୍ରକ୍ରିୟାରେ ସୁପ୍ରିମକୋର୍ଟରେ ଚାଲିଥିବା କ୍ଷମା ପ୍ରାର୍ଥନା ସମ୍ପର୍କିତ ଶୁଣାଣିର କୌଣସି ପ୍ରତିବନ୍ଧକ ନାହିଁ ବିଚାରପତି ଏସ୍.କେ. କଲ୍ ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ପୀଠ ସ୍ପଷ୍ଟ କରିଛନ୍ତି। ଗିରଫ ଆଇନଜୀବୀମାନେ ସେମାନଙ୍କ ଜାମିନ ଆବେଦନ ତଳ କୋର୍ଟ କିମ୍ବା ହାଇକୋର୍ଟରେ କରିପାରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଆବେଦନର ଶୁଣାଣି ସମୟରେ ଖଣ୍ଡପୀଠ ଓକିଲମାନଙ୍କ କାର୍ଯ୍ୟାକଳାପରେ ଅସନ୍ତୋଷ ପ୍ରକାଶ କରିଥିଲେ। ବିଚାରପତିମାନେ ଓକିଲସଂଘର ଏକ ଅଂଶ। ତଥାପି ଏଭଳି କାର୍ଯ୍ୟକୁ ବର୍ତ୍ତମାନ ସ୍ଥିତିରେ ବିଚାରକୁ ନିଆଯାଇପାରିବ ନାହିଁ। ତେଣୁ ଅଦାଲତ ଅବମାନନା ଅଭିଯୋଗରୁ ଆଇନଜୀବୀଙ୍କୁ ଏବେ କୌଣସି ନିସ୍ତାର ମିଳିପାରିବ ନାହିଁ ବୋଲି ପୀଠ କହିଛନ୍ତି। କ୍ଷମା ପ୍ରାର୍ଥନା ସହ ଭବିଷ୍ୟତରେ ଏଭଳି କାର୍ଯ୍ୟରେ ସମ୍ପୃକ୍ତ ନ ହେବା ନେଇ ଏକ ଅଙ୍ଗୀକାର ଦେବାକୁ କୋର୍ଟ କହିଛନ୍ତି। ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ମାମଲା ଲଢୁଥିବା ଓକିଲ ବିକାଶ ସିଂ କହିଥିଲେ ଯେ, ଆଇନ୍‌ଜୀବୀମାନେ ଇତିମଧ୍ୟରେ ଜେଲ୍ ଭିତରେ ୫୮ଦିନ ରହିଲେଣି। ଏପରି କରି ପୋଲିସ ଆକ୍ରମଣର ଶିକାର ମଧ୍ୟ ହୋଇଛନ୍ତି। ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ମନନ୍ ମିଶ୍ର କହିଥିଲେ ଯେ, ଜେଲ୍‌ରେ ଥିବା ଆଇନଜୀବୀଙ୍କ ମଧ୍ୟରେ କିଛି ମହିଳା ଏବଂ ୭୫ବର୍ଷରୁ ଊର୍ଦ୍ଧ୍ୱ ଅଛନ୍ତି। ତେଣୁ ସେମାନଙ୍କ କଥା ବିଚାର କରିବାକୁ ନିବେଦନ କରିଥିଲେ। ଏହା ସତ୍ତ୍ୱେ ଖଣ୍ଡପୀଠ ତାଙ୍କ ନିଷ୍ପତ୍ତିରେ କୌଣସି ପରିବର୍ତ୍ତନ କରି ନ ଥିଲେ। ଏହି ଘଟଣାରେ ୩୦ ଓକିଲ ଏବେ ଜେଲ୍‌ରେ ଅଛନ୍ତି।

ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଗତ ନଭେମ୍ବର ୩୦ ତାରିଖ ପୋଲିସ ଓ ଆନ୍ଦୋଳନକାରୀ କୋର୍ଟ ବାହାରେ ଧସ୍ତାଧସ୍ତି ହୋଇଥିଲେ। ବିଚାରପତିମାନେ ଫେରି ଯାଇଥିଲେ। ଏହାକୁ ନେଇ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇ ପକ୍ଷ ରଖିବାକୁ କହିଥିଲେ। ସୁପ୍ରିମକୋର୍ଟ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ସିଏସି ନିର୍ଦ୍ଦେଶ ଦେଇଥିଲେ। ପରେ ଡିସେମ୍ବର ୧୨ରେ ପୁଣି ଆନ୍ଦୋଳନ ସମୟରେ ଅଭାବନୀୟ ଘଟଣା ଘଟିଥିଲା। କୋର୍ଟ ଭଙ୍ଗାରୁଜା ସହ ବିଚାରପତିମାନଙ୍କୁ କୋର୍ଟ ପରିସରରୁ ବାହାର କରିଦେଇଥିଲେ। ଏହି ଘଟଣାରେ ସମ୍ବଲପୁର ଜିଲା ଓକିଲ ସଂଘର ସମସ୍ତ ସଦସ୍ୟଙ୍କୁ ବାର କାଉନ୍‌ସିଲ ଅଫ ଇଣ୍ଡିଆ ନିଲମ୍ବନ କରିବାକୁ ରାଜ୍ୟ ବାର କାଉନସିଲକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ୪୩ ଜଣ ଓକିଲଙ୍କ ୧୮ ମାସ ପର୍ଯ୍ୟନ୍ତ ଲାଇସେନ୍ସ ନିଲମ୍ବନ କରିଦେଇଥିଲେ। ପରେ ୪୩ ଜଣଙ୍କୁ ଛାଡ଼ି ସମସ୍ତଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲା। କୋର୍ଟ କାର୍ଯ୍ୟ ସ୍ୱାଭାବିକ କରିବା ପାଇଁ ସୁପ୍ରିମକୋର୍ଟ ପୁଣି ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୧ମାସ ପରେ ଓକିଲ ସଂଘ ସଦସ୍ୟମାନେ କୋର୍ଟ କାର୍ଯ୍ୟରେ ଯୋଗ ଦେଇଥିଲେ।

# ୬ ପ୍ରୋବେସନାରି ଆଇଏଏସ୍ ଅଫିସରଙ୍କୁ ତହସିଲଦାର ଦାୟିତ୍ୱ

ଭୁବନେଶ୍ୱର, ୬।୨(ବ୍ୟୁରୋ)

ଓଡ଼ିଶା କ୍ୟାଡର୍‌ର ୬ ଜଣ ପ୍ରୋବେସନାରି ଆଇଏଏସ୍ ଅଫିସରଙ୍କୁ ରାଜ୍ୟ ସରକାର ବିଭିନ୍ନ ତହସିଲରେ ତହସିଲଦାର ଭାବେ ନିଯୁକ୍ତି ଦେଇଛନ୍ତି। ଏହି ଆଇଏଏସ୍ ଅଫିସରମାନେ ଫେବୃୟାରୀ ୫ରୁ ମାର୍ଚ୍ଚ ୧୮ତାରିଖ ପର୍ଯ୍ୟନ୍ତ ତହସିଲଦାର ଭାବେ କାର୍ଯ୍ୟ କରିବେ। ସମ୍ପୃକ୍ତ ତହସିଲରେ ଏବେ କାର୍ଯ୍ୟରତ ତହସିଲଦାରମାନଙ୍କୁ ଏହି ସ୍ୱଳ୍ପ ଅବଧି ପାଇଁ ସେଠାରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ପ୍ରୋବେସନରେ ଥିବା ୬ଜଣ ଓଡ଼ିଶା କ୍ୟାଡର୍‌ର ଆଇଏଏସ୍ ଧୀନାହ ଦସ୍ତାଗିରଙ୍କୁ ଗଞ୍ଜାମ ତହସିଲ, ଧୀମନ ଚକମାଙ୍କୁ କେନ୍ଦୁଝର ସଦର ତହସିଲ, କିରନଦୀପ କୌର ସାହୋତଙ୍କୁ ରେମୁଣା, ପ୍ରଥମେଶ ଅରବିନ୍ଦ ରାଜଶିରେକ୍ରଙ୍କୁ କୋରାପୁଟ ତହସିଲ, ରେହନ କ୍ଷତ୍ରୀଙ୍କୁ ସମ୍ବଲପୁର ତହସିଲ ଓ ରୀନା ପ୍ରଧାନଙ୍କୁ ସୁନ୍ଦରଗଡ଼ ସଦର ତହସିଲରେ ତହସିଲଦାର ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଧିକାରୀମାନେ ୨୦୨୧ ବ୍ୟାଚ୍‌ର ଓଡ଼ିଶା କ୍ୟାଡର୍ ଆଇଏଏସ୍ ଅଫିସର ବୋଲି ଜଣାପଡ଼ିଛି।

## ଆଦାନୀ ଜାଲିଆତିର...

ପ୍ରସଙ୍ଗରେ ଉଭୟ ଗୃହରେ ଆଲୋଚନା ଦାବି କରିଥିଲେ। ନରେନ୍ଦ୍ର ମୋଦି ସରକାର ଦେଶର ସମସ୍ତ ସରକାରୀ ସମ୍ପତ୍ତିକୁ ବିକି ଦେଉଥିବା ଏବଂ ଅଳ୍ପ କେତେଜଣ ଶିଳ୍ପପତିଙ୍କୁ ସୁବିଧା ଦେଉଥିବା ବିରୋଧୀ ଅଭିଯୋଗ କରିଥିଲେ। ଆଦାନୀ ଗ୍ରୁପ୍‌ରେ ଏଲ୍ଆଇସି ୨୬,୫୦୦ କୋଟି ଏବଂ ବ୍ୟାଙ୍କଗୁଡ଼ିକ ୮୦ ହଜାର କୋଟି ଟଙ୍କା ନିବେଶ କରିଥିଲେ। ଏହା ଜନସାଧାରଣଙ୍କ କଷ୍ଟଲବ୍ଧ ଅର୍ଥ। ଆଦାନୀ ଗ୍ରୁପ୍‌ର ଷ୍ଟକ୍ ହ୍ରାସ ପାଉଥିବାବେଳେ ସେମାନଙ୍କ ଅର୍ଥରାଶିର ଭବିଷ୍ୟତ କ’ଣ ହେବ ବୋଲି କଂଗ୍ରେସ ଆଶଙ୍କା ବ୍ୟକ୍ତ କରିଛି। ଆଦାନୀ ଗ୍ରୁପ୍‌ର ବଜାର ମୂଲ୍ୟ ପାଖାପାଖି ୧୦୩ ବିଲିୟନ ଡଲାର (ପ୍ରାୟ ୮.୫ ଲକ୍ଷ କୋଟି ଟଙ୍କା) ହ୍ରାସ ପାଇଲାଣି।

# ନାବାଳିକାଙ୍କୁ ବଳାତ୍କାର ମାମଲା: ଦୋଷୀଙ୍କୁ ୧୦ ବର୍ଷ ଜେଲଦଣ୍ଡ

**କେନ୍ଦୁଝର,୬।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଫାଷ୍ଟ ଟ୍ରାକ୍ କୋର୍ଟରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ମାନସ ମିଶ୍ର ଶୁଣାଣି କରି ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଦଣ୍ଡିତ କରିଛନ୍ତି। ପ୍ରକାଶ ଯେ, ତୁରୁମୁଙ୍ଗା ଥାନା ଅଞ୍ଚଳର ଖଗେଶ୍ୱର ପାତ୍ର (୨୯) ଜଣେ ନାବାଳିକାଙ୍କୁ ବିବାହାର ପ୍ରତିଶ୍ରୁତି ଦେଇ ବାରମ୍ବାର ବଳାତ୍କାର କରିଥିଲେ। ନାବାଳିକା ଗର୍ଭବତୀ ହେବାପରେ ମେଡିସିନ ଦେଇ ଗର୍ଭ ନଷ୍ଟ କରିଦେଇଥିଲେ। ଏ ସମ୍ପର୍କରେ ନାବାଳିକା ତୁରୁମୁଙ୍ଗା ଥାନାରେ ଏତଲା ଦେଇଥିଲେ। ପୋଲିସ (ନଂ.୧୨/୨୦୧୮)ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୨ ଜଣ ସାକ୍ଷୀଙ୍କ ବୟାନ ସହ ଫରେନ୍ସିକ ତଥ୍ୟକୁ ଆଧାର କରି ୩୭୬(୨)(ଏନ) ଦଫାରେ କୋର୍ଟ ଉକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ପୀଡ଼ିତାଙ୍କୁ ଆଇନ ସହାୟତା କେନ୍ଦ୍ର ତରଫରୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ପାଇଁ ଆଦେଶ ଦିଆଯାଇଛି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ଜ୍ଞାନେନ୍ଦ୍ର ନାଥ ଜେନା ମାମଲା ପରିଚାଳନା କରୁଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୃତ୍ତିକା ନକ୍ଷତ୍ର କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା ଲାଭ ସୁଯୋଗ ପାଇବେ। ଆଜକୁ କେତେଦିନ ହେଲା ମନେ ମନେ ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ। ପ୍ରତିବନ୍ଧକଜନିତ ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। ସାମାଜିକ ସ୍ତରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବୃଷ** ମୃଗଶିରା ନକ୍ଷତ୍ରର ଘରୋଇ ଝମେଲା କାରଣରୁ ମନ ଭଲ ରହିବ ନାହିଁ। ଯେଉଁ କାମରେ ହାତ ଦେଇଛନ୍ତି ତାହାକୁ ଯେକୌଣସି ପ୍ରକାରେ କରିବାରେ ସମର୍ଥ ହେବେ। ବାଣିଜ୍ୟ, ପରିବହନ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆଲୋଚନା ପରିସରରେ ବନ୍ଧୁଙ୍କ ପ୍ରତି ସ୍ନେହ ପ୍ରଦର୍ଶନକରି ପ୍ରଶଂସିତ ହେବେ।

**ମିଥୁନ** ଆଜି ଚନ୍ଦ୍ରଶୁଦ୍ଧି ହେତୁ ମନ ଭଲ ରହିବ ଏବଂ ବହୁ ଦିନରୁ ଅଟକି ରହିଥିବା କାମ ସୁବିଧାରେ ହୋଇଯିବ। ପୁନର୍ବସୁ ନକ୍ଷତ୍ରର କାମ କରିବାର ସ୍ପୃହା ଥିଲେ ମଧ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କର୍ମମୁଖର ହେବେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଲକ୍ଷ୍ୟ ହାସଲରେ ସମର୍ଥ ହେବେ।

**କର୍କଟ** ଭାଗ୍ୟ ସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ଯୋଗୁ ଆଜି ହସଖୁସିରେ ସମୟ କଟାଇବେ ଏବଂ ବନ୍ଧୁଙ୍କ ସାହାଯ୍ୟରେ କାମ ହାସଲ କରିବେ। ଅଶ୍ଳେଷା ନକ୍ଷତ୍ର ଅତୀତ କଥାକୁ ଚିନ୍ତାକରି ପରିସ୍ଥିତିକୁ ଯେତେ ଜଟିଳ ମନେକରୁଛନ୍ତି ସେମିତି କିଛି ହେବନି। ଶିଳ୍ପ, ବ୍ୟବସାୟ, ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ସିଂହ** ଦ୍ୱାଦଶସ୍ଥ ଚନ୍ଦ୍ର ହେତୁ ବ୍ୟୟବୃଦ୍ଧି ଜନିତ ମାନସିକ ସ୍ଥିରତା ରହି ନ ପାରେ। ଅବଶ୍ୟ ପ୍ରଶାସନ, ଆଇନ, ଅଦାଲତ ଓ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ହାସଲରେ ସମର୍ଥ ହେବେ।

**କନ୍ୟା** ତୃତୀୟରେ କେତୁ ଥିବାରୁ ମାଗଣାରେ କୌଣସି କାମ କରିବା ସମ୍ଭବପର ହେବ ନାହିଁ। ଆଜି ଯେତିକି ପାଇବେ ତା’ଠାରୁ ଅଧିକ ବ୍ୟୟ କରିବେ। ପୂର୍ବ ପ୍ରସ୍ତୁତି ନ ଥାଇ ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବା ସକାଶେ ମନ ବଳାଇପାରନ୍ତି। ମାଲି ମକଦ୍ଦମା, ତର୍କବିତର୍କ, ସଭା ସମିତି, ସଙ୍ଗଠନ, ନିର୍ମାଣ, ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ଆଜି ଏକାଦଶ ଚନ୍ଦ୍ର ଯୋଗୁ ପ୍ରତ୍ୟେକ କାମ ପାଇଁ ଅନୁକୂଳ ରହିବ। ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଜିନିଷ ପାଇ ମନ ଖୁସି ହୋଇଯିବ। ଚିତ୍ରା ନକ୍ଷତ୍ର ଜାତ ବ୍ୟକ୍ତିମାନେ ପୂର୍ବ ଶତ୍ରୁତା କାରଣରୁ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ ପ୍ରଶାସନିକ ସ୍ତରରେ ବ୍ୟତିକ୍ରମ ପରିଲକ୍ଷିତ ହେବ।

**ବିଛା** ଅନୁକୂଳ ଗ୍ରହ ପ୍ରଭାବରୁ କାର୍ଯ୍ୟସିଦ୍ଧି ଘଟିବ, କିନ୍ତୁ ସାଧାରଣ ବ୍ୟତିକ୍ରମ ଦେଖାଗଲେ ମଧ୍ୟ କାମ ଅଟକିବ ନାହିଁ। ଯାହାକୁ ଅତି ଭଲ ପାଉଛନ୍ତି ତା’ଠାରୁ ପ୍ରତିଦାନ ପାଇବା କଷ୍ଟକର ହେବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ସାହିତ୍ୟ, ରାଜନୀତି, ସଙ୍ଗଠନ, କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ** ପାପ ମଧ୍ୟ ବୃହସ୍ପତିଙ୍କ କୁପ୍ରଭାବରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ପରିବାରରେ ପାରସ୍ପରିକ ବୁଝାମଣା ହେତୁ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ। କର୍ମକ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତି ସମସ୍ୟା ବଢ଼ାଇ ଦେଇପାରନ୍ତି। ବନ୍ଧୁଙ୍କଠାରୁ ବାକି ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ

**ମକର** ସମ୍ପର୍କୀୟଙ୍କ ଅନୁକମ୍ପା ଲାଭକରି କାର୍ଯ୍ୟ ପାଇଁ ପ୍ରସ୍ତୁତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି ବୃଦ୍ଧି କାରଣରୁ ମନରେ ସରସତା ରହିବ ନାହିଁ। ଉତ୍ତରାଷାଢ଼ା ନକ୍ଷତ୍ର ପାଇଁ ବନ୍ଧୁଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ରପ୍ତାନି କାରବାର ଏଜେନ୍ସି, ରଚନାତ୍ମକ କାର୍ଯ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** ବହୁ ଦିନହେଲା ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ଆଜି ତାହା ସୁବିଧାରେ ପାଇଯିବେ। ପୂର୍ବଭାଦ୍ରପଦ ନକ୍ଷତ୍ର ଜଣେ ବନ୍ଧୁ ସମସ୍ୟା ସମାଧାନ ସକାଶେ ଚେଷ୍ଟା କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଲାଭ ପାଇବେ। ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ** ଆଜି ଅଟକି ରହିଥିବା କାମ ସମ୍ପନ୍ନହେବା କଷ୍ଟକର ହୋଇପଡ଼ିବ। ଉତ୍ତରଭାଦ୍ରପଦ ବନ୍ଧୁଙ୍କ ନିକଟରୁ ଅର୍ଥ ଓ ସମ୍ମାନ ପାଇବାରେ ଅସୁବିଧା ହେବନାହିଁ। ସଭାସମିତିରେ ଅପ୍ରିୟ ସତ କହି ସମାଲୋଚିତ ହୋଇପାରନ୍ତି। ଶାସ୍ତ୍ରାଲୋଚନା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ନିର୍ମାଣ, ପରିବହନ କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା ମଙ୍ଗଳବାର, ଫେବୃୟାରୀ ୭ ତାରିଖ, ରାଶି ନକ୍ଷତ୍ର–ମଘା/ସିଂହ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୧୨ ଗତେ, ଘ.୧୦।୫୩ ମଧ୍ୟେ, ଘ. ୦୧।୦୮ ଗତେ, ଘ. ୦୧।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୪୯ ଗତେ, ଘ.୦୪।୧୩ ମଧ୍ୟେ ରାହୁକାଳ।



ଆଦାନୀ ଗ୍ରୁପ୍‌ର ଜାଲିଆତି ଓ ରାଷ୍ଟ୍ର ବିରୋଧୀ କାରନାମା ବିରୋଧରେ ସୋମବାର ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ ଗଣବିକ୍ଷୋଭ। (ଫଟୋ: ମୌସମ)

# ନବଙ୍କ ହତ୍ୟା ନେଇ ବିରୋଧୀଙ୍କ ଟାର୍ଗେଟ

- ହତ୍ୟା ପଛରେ ପ୍ରଭାବଶାଳୀ ଉପକୂଳିଆ ନେତା: ସୁବାସ
- ସନ୍ଦେହରେ ବ୍ୟବସାୟିକ, ରାଜନୈତିକ ଲୋକଙ୍କ ଲିଙ୍କ୍: ସାଲୁଜା
- ତଦନ୍ତ ପରେ କିଏ କାହିଁକି ମାରିଛି ସମସ୍ତେ ଜାଣିବେ: ବ୍ୟୋମକେଶ

ଭୁବନେଶ୍ୱର, ୬।୨(ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟାକୁ ନେଇ ରାଜ୍ୟ ରାଜନୀତି ଏପଟ ସେପଟ ହୋଇଯାଇଛି। ମୁଖ୍ୟତଃ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଆସିଥିବା ସ୍ଥାନୀୟ ଅଞ୍ଚଳର ଏଏସ୍‌ଆଇ ଗୁଳିକରି ହତ୍ୟା କରିବା କଥା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ରାଜ୍ୟର ପ୍ରାୟ ସବୁ ନେତା, ମନ୍ତ୍ରୀ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ନେଇ ଭୟଭୀତ ଅବସ୍ଥାରେ ଅଛନ୍ତି। ନିଜ ନିଜର ସରକାରୀ ପିଏସ୍‌ଓଙ୍କୁ ଏବେ ନେତାମାନେ ବେଶି ମାତ୍ରାରେ ଡରିବାକୁ ଲାଗିଲେଣି। ତେବେ ଏହାରି ଭିତରେ ନବଙ୍କ ହତ୍ୟାକୁ ନେଇ ବିରୋଧୀ ପ୍ରତ୍ୟେକ ଦିନ ରାଜ୍ୟ ସରକାରଙ୍କ ବିରୋଧରେ ଅଭିଯୋଗ ଆଣିବାରେ ଲାଗିଛନ୍ତି। ତେବେ ସୋମବାର ଭାଜପା ବିଧାୟକ ସୁବାସ ପାଣିଗ୍ରାହୀ ଏକ ଗୁରୁତର ଅଭିଯୋଗ ଆଣିଥିବା ବେଳେ କଂଗ୍ରେସ ଘଟଣାର ତଦନ୍ତ ପ୍ରକ୍ରିୟାକୁ ନେଇ ପୁଣି ପ୍ରଶ୍ନ ଉଠାଇବା ସଙ୍ଗେ ସଙ୍ଗେ ଏସ୍‌ଆଇଟି ଦାବି କରିଛି।

ଅନ୍ୟପଟେ ଏହି ଘଟଣା ପଛରେ କେଉଁ କାରଣ ରହିଛି ତାକୁ ନେଇ ରାଜ୍ୟବାସୀଙ୍କ ଭିତରେ ନାନାପ୍ରକାର ଚର୍ଚ୍ଚା ହେଉଥିବା ବେଳେ ବିରୋଧୀ କଂଗ୍ରେସ ଏବଂ ଭାଜପା କହିଛନ୍ତି ବ୍ୟବସାୟିକ କାରଣରୁ ରାଜନୈତିକ ଷଡ଼ଯନ୍ତ୍ର କରି ନବଙ୍କୁ ହତ୍ୟା କରାଯାଇଛି।

ଭାଜପା ବିଧାୟକ ସୁବାସ ପାଣିଗ୍ରାହୀ କହିଛନ୍ତି, ୨୦୨୪ ସାଧାରଣ ନିର୍ବାଚନ ବର୍ଷେ ଅଛି। ତେଣୁ ବର୍ଷେ ଭିତରେ ସୁନିଶ୍ଚିତ ଭାବେ ନିର୍ବାଚନ ହେବ। ସେ ଜାଣିବାରେ ନିର୍ବାଚନକୁ ଦୁଇ ମାସ ଥାଇ ମଧ୍ୟ ନିର୍ବାଚନ ହୋଇଛି। ତେଣୁ ଏବେ ନିର୍ବାଚନ ହେବାରେ କୌଣସି ଅସୁବିଧା ନାହିଁ। ବିଜେଡିର ଗୋଟିଏ ଲକ୍ଷ୍ୟ ସେମାନେ କେମିତି ନିର୍ବାଚନ ଜିତିବେ। କିଏ ମରିଗଲା କିଏ ତରିଗଲା ସେଗୁଡ଼ାକ କିଛି ସେମାନେ ଦେଖୁନାହାନ୍ତି। ନବ ଦାସଙ୍କ ବହୁ ପ୍ରକାର ବ୍ୟବସାୟ ଥିଲା। ସେଇଟା ତାଙ୍କର ଗୋଟିଏ ସାମ୍ରାଜ୍ୟ। ତାଙ୍କ ବ୍ୟବସାୟିକ ସାମ୍ରାଜ୍ୟ ଦେଖିଲେ ଜଣାପଡୁଛି ଏଠି ଏକ ବଡ଼ ଷଡ଼ଯନ୍ତ୍ର ଅଛି, ଯେଉଁଥିରେ କି ରାଜନୈତିକ ଷଡ଼ଯନ୍ତ୍ର ମଧ୍ୟ ଅଛି। ଗୋଟିଏ ଗୋଟିଏ ଖଣିର ମାଲିକ ରାଜନୈତିକ ଲୋକ ଅଛନ୍ତି। ସେମାନେ ଖଣିରୁ ଟଙ୍କା ଆଣି ରାଜନୀତିରେ ଲଗାଉଛନ୍ତି। ପଶ୍ଚିମ ଓଡ଼ିଶାରେ ନବ ଜଣେ ଟାଣୁଆ ନେତା ଥିଲେ। ତାଙ୍କ ସାମ୍ରାଜ୍ୟକୁ ଶେଷ କରି ଆଉ ଜଣେ କେହି ସେଠାରେ ପହଞ୍ଚି ସେଠାରୁ ଟଙ୍କା ଆଦାୟ କରି ନବ ଦାସଙ୍କ ଭଳି ନେତା ହେଲା ଭଳି ଜଣାପଡୁଛି। ବିଜେଡିର ଜଣେ ଉପକୂଳ ଅଞ୍ଚଳର ପ୍ରଭାବଶାଳୀ ନେତାଙ୍କର ଏଥିରେ ଷଡ଼ଯନ୍ତ୍ର ଥିବା ସୁବାସ ଅଭିଯୋଗ କରିଛନ୍ତି।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ସମସ୍ତଙ୍କ ସନ୍ଦେହ ଅଛି ନବ ଦାସଙ୍କ ହତ୍ୟାର ତଦନ୍ତ କାଗଜପତ୍ରରେ ହୋଇଯିବ କିନ୍ତୁ ତାଙ୍କ ପ୍ରକୃତ ହତ୍ୟାକାରୀକୁ ସରକାର ଧରିପାରିବେ ନାହିଁ। କାରଣ ଏଥିରେ ବଡ଼ ବଡ଼ ଲୋକମାନେ ସମ୍ପୃକ୍ତ ଅଛନ୍ତି। ଏଥିରେ ସରକାରୀ ଦଳଠାରୁ ଆରମ୍ଭ କରି ବ୍ୟବସାୟିକ ଲିଙ୍କ୍ ନେଇ ସମସ୍ତେ ସନ୍ଦେହ ଘେରରେ ଅଛନ୍ତି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ କରି ସବୁ ତଥ୍ୟ ପ୍ରମାଣ ହଟାଇବାକୁ ଚେଷ୍ଟା କରାଯିବାର ସନ୍ଦେହ ରହିଛି। ତେଣୁ ରାଜ୍ୟ ସରକାର ଏସ୍‌ଆଇଟି ତଦନ୍ତ କରାନ୍ତୁ ବୋଲି ସାଲୁଜା ଦାବି କରିଛନ୍ତି।

ବିଜେଡି ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି, ନବ ଦାସଙ୍କୁ କେଉଁମାନେ କାହିଁକି ହତ୍ୟା କରିଛନ୍ତି ତାହାର ତଦନ୍ତ କ୍ରାଇମବ୍ରାଞ୍ଚ ଦ୍ୱାରା କରାଯାଉଛି। ତେଣୁ ତଦନ୍ତ ସରିବା ପରେ କିଏ ଏବଂ କେଉଁଥିଲାଗି ନବଙ୍କୁ ହତ୍ୟା କରିଛନ୍ତି ସେସବୁ କଥା ରାଜ୍ୟବାସୀ ଜାଣିବେ ବୋଲି ବ୍ୟୋମକେଶ କହିଛନ୍ତି।

# ପୋର୍‌ବନ୍ଦରରୁ ଆସାମ ରାହୁଲଙ୍କ ପରବର୍ତ୍ତୀ ଯାତ୍ରା

ଅହମଦାବାଦ,୬।୨



କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କର କନ୍ୟାକୁମାରୀରୁ କଶ୍ମୀର ଭାରତ ଯୋଡ଼ୋ ଯାତ୍ରାର ସଫଳତା ପରେ ଏବେ ଗୁଜରାଟର ପୋର୍‌ବନ୍ଦରରୁ ଆସାମକୁ ପଦଯାତ୍ରା କରିବା ଲାଗି ଯୋଜନା ପ୍ରସ୍ତୁତ ହେଉଛି। ଏନେଇ ଚଳିତ ମାସ ଶେଷ ଭାଗରେ ରାୟପୁରରେ ଅନୁଷ୍ଠିତ ହେବାକୁ ଥିବା ଏଆଇସିସି ଅଧିବେଶନରେ ନିଷ୍ପତ୍ତି ନିଆଯିବା ଆଶା କରାଯାଉଛି ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ମହାତ୍ମା ଗାନ୍ଧୀଙ୍କ ଜନ୍ମସ୍ଥାନ ପୋର୍‌ବନ୍ଦରରୁ ପଦଯାତ୍ରା ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। ଯାତ୍ରାର ତାରିଖ ଚୂଡ଼ାନ୍ତ ହୋଇ ନ ଥିବାବେଳେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ପରେ କିମ୍ବା ଚଳିତ ବର୍ଷ ଶେଷ ଭାଗରେ ପ୍ରସ୍ତାବିତ ପଦଯାତ୍ରା ଆରମ୍ଭ ହୋଇପାରେ। ରାହୁଲଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରାକୁ ଅଭୂତପୂର୍ବ ସମର୍ଥନ ମିଳିଥିଲା। ଏହି ଯାତ୍ରା ବେଳେ ବେରୋଜଗାରି, ମୂଲ୍ୟବୃଦ୍ଧି ଏବଂ ଅସମାନତା ଆଦି ପ୍ରସଙ୍ଗକୁ ଦଳ ସଫଳତାର ସହ ଲୋକଙ୍କ ପାଖରେ ପହଞ୍ଚାଇଥିଲା। ପଶ୍ଚିମରୁ ପୂର୍ବକୁ ପ୍ରସ୍ତାବିତ ପଦଯାତ୍ରା ଲାଗି ଏଆଇସିସି ଅଧିବେଶନରେ ନିଷ୍ପତ୍ତି ନିଆଯିବ ବୋଲି ଜଣେ ବରିଷ୍ଠ ନେତା କହିଛନ୍ତି।




**PARADIP PORT AUTHORITY**
**e-TENDER CALL NOTICE**
No.EM/IOHP/GE-18(Pt.-I)/50, Date.31.01.2023
Corrigendum-I to e-Tender Call Notice No.EM/IOHP-02/2023 for the work "Design Manufacture, Supply, Erection & Commissioning of 3200 TPH capacity Shiploader at IOB."
The last date of submission and opening of the bid for the above e-Tender call Notice are hereby extended as follows: 1.Last date & time of Bid Submission : 28.02.2023 upto 1800 hrs. 2.Opening of Technical Bid : 01.03.2023 at 1030 hrs. All other terms and conditions of the original tender will remain unchanged. Refer our website : https://eprocure.gov.in/eprocure/app for details.
Executive Engineer (M)
Iron Ore Handling Plant, PPA
PPA/PR/222/2022-23, Dt.02.02.2023




**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.MSM-WAGON-CHAR-2-23
କାର୍ଯ୍ୟର ନାମ : 22 ମାସ ସମୟାବଧି ନିମନ୍ତେ ଚରମାଲ (CHAR) ୟାର୍ଡ ଠାରେ BOXN ରେକ୍‌ଗୁଡ଼ିକର ପରୀକ୍ଷଣ ସମୟରେ ୱାଗନଗୁଡ଼ିକର ମରାମତିର ଦେଖାଶୁଣା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 92,44,214.20, EMD (ଟଙ୍କାରେ) : 1,84,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/-, କାର୍ଯ୍ୟ ଶେଷ ହେବା ଅବଧି : 22 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.22.02.2023 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର, ସମ୍ବଲପୁର
PR-969/N/22-23

# ୪୮ ଘଣ୍ଟାରେ ଚାଷୀଙ୍କୁ ବକେୟା ନ ମିଳିଲେ ଆନ୍ଦୋଳନ



ଯୋଗାଣ ନିଗମ ଏମ୍‌ଡିଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଭାଜପା କୃଷକ ମୋର୍ଚ୍ଚାର ପ୍ରତିନିଧି ମଣ୍ଡଳୀ।

## ଭାଜପା କୃଷକ ମୋର୍ଚ୍ଚାର ଚେତାବନୀ

ଭୁବନେଶ୍ୱର,୬।୨(ବ୍ୟୁରୋ)

ଚାଷୀ ବିକ୍ରି ଧାନର ଟଙ୍କା ପାଇପାରୁନାହାନ୍ତି। ମାସେ ବିତିଗଲେ ମଧ୍ୟ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପହଞ୍ଚୁନାହିଁ। ଏହାର ପ୍ରତିବାଦରେ ଭାଜପା କୃଷକ ମୋର୍ଚ୍ଚାର ଏକ ୧୦ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି)ଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବକେୟା ଥିବା ଧାନ ବିକ୍ରି ବାବଦ ପ୍ରାପ୍ୟ ପ୍ରଦାନ କରା ନ ଗଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ପ୍ରତିନିଧି ମଣ୍ଡଳୀ ଚେତାବନୀ ଦେଇଛି।

ଧାନ ବିକ୍ରି ପ୍ରାପ୍ୟ ଚାଷୀ ପାଇପାରୁ ନ ଥିବା ବେଳେ ବିଭାଗୀୟ ଏମ୍‌ଡି ଦୀର୍ଘଦିନ ଧରି କେଉଁଆଡ଼େ ଯାଇଛନ୍ତି ତାହା ତାଙ୍କ ଅଧିକାରୀମାନଙ୍କ ପାଖରେ ଖବର ନାହିଁ। ଏହାର ପ୍ରତିବାଦରେ କୃଷକ ମୋର୍ଚ୍ଚାର ପ୍ରତିନିଧି ମଣ୍ଡଳୀ ଏମ୍‌ଡିଙ୍କ କାର୍ଯ୍ୟାଳୟ କବାଟ ଏବଂ ମୁଖ୍ୟ ଫାଟକରେ ଲଟ୍କା ଜାରି କରି ଏମ୍‌ଡି ନିଖୋଜ ଥିବାର ଫଟୋ ଲଗାଇଛନ୍ତି। କୃଷକ ମୋର୍ଚ୍ଚା ଅଭିଯୋଗ କରିଛି ଯେ, ଓଡ଼ିଶାର ଧାନମଣ୍ଡି ବ୍ୟବସ୍ଥା ସମ୍ପୂର୍ଣ୍ଣ ଦୋହଲିଯାଇଛି। ଏଠାରେ ମିଲରଙ୍କ ମନମାନିରେ ମଣ୍ଡି ଚାଲିଛି। ରାଜ୍ୟ ଯୋଗାଣ ବିଭାଗ ତତ୍ତ୍ୱାବଧାନରେ ମଣ୍ଡି ଚାଲିବା ବ୍ୟବସ୍ଥା ଥିବାବେଳେ ତାହା ମିଲରଙ୍କ କବ୍‌ଜାରେ ରହିଛି। କେନ୍ଦ୍ର ସରକାର କୁଇଣ୍ଟାଲ ପିଛା ୨୦୪୦ ଟଙ୍କା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ସ୍ଥିର କରି ରାଜ୍ୟ ସରକାରଙ୍କ ମାଧ୍ୟମରେ କିଣିବା ବ୍ୟବସ୍ଥା କରୁଥିଲେ ମଧ୍ୟ କଟ୍‌ନୀ ଛଟ୍‌ନୀରେ ଚାଷୀ ଫସିଯାଇଛି। ଚାଷୀଙ୍କ ଧାନ ଠିକ୍ ସମୟରେ ବିକ୍ରି ହୋଇପାରୁନାହିଁ। ଟୋକନ୍ ରଦ୍ଦ ହେଉଛି। ରାଜ୍ୟ ସରକାର ଚାଷୀଙ୍କ ଧାନ ବିକ୍ରି ପ୍ରାପ୍ୟ ପୈଠ କରିବାରେ ଘୋର ଅବହେଳା କରିଛନ୍ତି। ଅନ୍‌ଲାଇନ ବ୍ୟବସ୍ଥାରେ ଧାନ ବିକ୍ରିର ୨୪ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଯିବା ବ୍ୟବସ୍ଥା ଥିବା ବେଳେ ୧ ମାସ ପରେ ମଧ୍ୟ ପହଞ୍ଚୁନାହିଁ। ମଣ୍ଡି ଅଧିକାରୀ ଏବଂ ଜିଲାସ୍ତରରେ ଯୋଗାଣ ଅଧିକାରୀ ଟଙ୍କା ଆସିଲେ ଦିଆଯିବ ବୋଲି କହିବା ଅତ୍ୟନ୍ତ ହାସ୍ୟାସ୍ପଦ ଓ କଷ୍ଟଦାୟକ ବୋଲି ମୋର୍ଚ୍ଚା ପକ୍ଷରୁ କୁହାଯାଇଛି।

ପ୍ରତିନିଧି ମଣ୍ଡଳୀରେ କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ହୃଷୀକେଶ ଜେନା ଓ ଶ୍ରୀରଞ୍ଜନ ମଙ୍ଗରାଜ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମିରଞ୍ଜନ କାନୁନ୍‌ଗୋ, ରାଜ୍ୟ କୋଷାଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁଙ୍କ ସମେତ ସଂଯୋଜକ ହିତେଶ୍ ମହାପାତ୍ର, ବିକ୍ରମ କେଶରୀ ରାଉତରାୟ ଓ ପ୍ରିୟରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବା ସଂଗମ ଭଳି ପଦକ୍ଷେପ ଭାରତର ଭାବନାକୁ ଦୃଢ଼ୀଭୂତ କରିବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୬।୨(ବ୍ୟୁରୋ)

ଉତ୍ତର-ପୂର୍ବ ଏବଂ ଭାରତର ଅନ୍ୟାନ୍ୟ ଅଞ୍ଚଳ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ 'ଯୁବା ସଂଗମ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ଅନନ୍ୟ ପଦକ୍ଷେପ। 'ଯୁବା ସଂଗମ' ଭଳି ଅଭିନବ ପଦକ୍ଷେପ ଅମୃତ କାଳରେ 'ଭାରତର ଭାବନା'କୁ ଦୃଢ଼ୀଭୂତ କରିବ ବୋଲି ସୋମବାର ନୂଆଦିଲ୍ଲୀ ଠାରେ ଏହି ପୋର୍ଟାଲର ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ଏକ ଭାରତ, ଶ୍ରେଷ୍ଠ ଭାରତ ବିଚାର ଆଧାରରେ ଯୁବା ସଂଗମ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ମଜଭୁତ କରିବ। ଉତ୍ତର-ପୂର୍ବ ରାଜ୍ୟ ସମୂହର ଗୌରବମୟ ସଂସ୍କୃତିର ପ୍ରଚାର ପ୍ରସାର କରିବ ଏବଂ ବିଶେଷ ଭାବେ ଯୁବପିଢ଼ିଙ୍କ ମଧ୍ୟରେ ଜ୍ଞାନର ଆଦାନପ୍ରଦାନ ଦ୍ୱାରା ଅନେକ ସୁଯୋଗ ଓ ସମ୍ଭାବନା ଉତ୍ପନ୍ନ ହେବ। ଯୁବା ସଂଗମ ଦେଶର ବିବିଧତାକୁ ପାଳନ କରିବାର ଏକ ଅବସର। ଏହା ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧିବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କଳ୍ପନା କରାଯାଇଥିବା ଭାରତର ଗଣତାନ୍ତ୍ରିକ ଶକ୍ତି ପ୍ରଦର୍ଶନ କରିବ। ଉତ୍ତର-ପୂର୍ବାଞ୍ଚଳର ସଂସ୍କୃତି ସହ ଯୋଡି ହେବା ପାଇଁ ଯୁବା ସଂଗମ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କଳ୍ପନା କରାଯାଇଛି। ପର୍ଯ୍ୟଟନ, ପରମ୍ପରା, ପ୍ରଗତି, ଉଦ୍ୟୋଗିକୀ, ପାରସ୍ପରିକ ସମ୍ପର୍କ ସ୍ତମ୍ଭ ଆଧାରରେ ଏକତାର ଭାବନାକୁ ପାଳନ କରିବା ସହ ଦେଶର ଚିତ୍ରଣକୁ ପ୍ରଦର୍ଶନ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ, ଅନୁରାଗ ଠାକୁର, ଜି. କିଷାନ ରେଡ୍ଡୀ, ସୁବାସ ସରକାର ଓ ରାଜକୁମାର ରଞ୍ଜନ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ବିରୋଧୀ ଦଳ ପ୍ରଶ୍ନ କଲେ ବିଜେଡିକୁ କଷ୍ଟ ହେଉଛି: ଭାଜପା

ଭୁବନେଶ୍ୱର, ୬।୨(ବ୍ୟୁରୋ)

ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ଆତଙ୍କିତ ରାଜ୍ୟବାସୀଙ୍କୁ ଆଶ୍ୱସ୍ତି ନ ଦେଇ ବିଜେଡି 'ଦୋଷାରୋପର ଖେଳ' ଆରମ୍ଭ କରିଛି। ବିଶେଷକରି ନବ ଦାସଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ତାଙ୍କୁ ଗୁଳିକରି ହତ୍ୟା କରିବା ପରେ ପୋଲିସ ଓ ଗୃହ ବିଭାଗର ମୁଖା ଖୋଲିଯାଇଛି। ଏଭଳି ସମ୍ବେଦନଶୀଳ ଘଟଣାର ତଦନ୍ତ ପ୍ରକ୍ରିୟା ଠିକ୍ ଭାବେ ନିଶ୍ଚିତ ହେବା ଉଚିତ୍। କିନ୍ତୁ ଏହା ହେଉ ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ବିରୋଧୀ ଦଳ ଭାବେ ଭାଜପା ପ୍ରଶ୍ନ ପଚାରିଲେ ବିଜେଡିକୁ କଷ୍ଟ ହେଉଛି। ପ୍ରଶ୍ନର ଜବାବ ଦେବା ବଦଳରେ ଶାସକ ଦଳର ନେତା ଓ ମୁଖପାତ୍ରମାନେ କେନ୍ଦ୍ରମନ୍ତ୍ରୀ, ବିରୋଧୀ ଦଳ ନେତାଙ୍କ ସମେତ ଭାଜପାର ନେତୃବୃନ୍ଦଙ୍କୁ ବ୍ୟକ୍ତିଗତ ଆକ୍ଷେପ କରିବା ସହିତ ମୂଳ ପ୍ରସଙ୍ଗରୁ ଓହରିଯାଇ କୁତ୍ସାରଟନା କରୁଛନ୍ତି ବୋଲି ଭାଜପା ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନୋଜ କହିଛନ୍ତି ଯେ, ୨୦୦୭ରେ ଘଟିଥିବା କନ୍ଧମାଳ ଘଟଣାକୁ ବୋଧହୁଏ ବିଜେଡି ଏମ୍‌ପି ସସ୍ମିତ ପାତ୍ର ଭୁଲିଯାଇଛନ୍ତି। ରାଜ୍ୟ ରାଜନୀତିରେ ଅପରାଧୀକରଣର ଅଧ୍ୟାୟ ଏଇଠୁ ଆରମ୍ଭ ହୋଇଥିଲା। ୨୦୦୭ର ଏହି ଘଟଣାର ତଦନ୍ତ କରିଥିବା ଜଷ୍ଟିସ୍ ବାସୁଦେବ ପାଣିଗ୍ରାହୀ କମିଶନ ନିଜ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ସତ୍ତ୍ୱେ ଏହାକୁ ସାର୍ବଜନୀନ କରାଗଲା ନାହିଁ। ଏହାକୁ ରାଜ୍ୟ ସରକାର କାହିଁକି ଚାପି ରଖିଛନ୍ତି। ଏହାର ଜବାବ୍ ସସ୍ମିତ ପ୍ରଥମେ ରଖିବା ଉଚିତ। ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପୋଲିସର ପକ୍ଷପାତିତା ଏବଂ ନ୍ୟାୟାଳୟର ହସ୍ତକ୍ଷେପ ଯୋଗୁ ତଦନ୍ତ ହେଉଥିବା ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିବାବେଳେ ସୋମବାର ଆଉ ଏକ ନୂଆ ଅଧ୍ୟାୟ ଏଥିରେ ଯୋଡ଼ିହୋଇଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏହା କ'ଣ ମିଛ ବୋଲି ମନୋଜ ପ୍ରଶ୍ନ କରିଛନ୍ତି।

**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC)**
RAYAGADA DISTRICT, Phone : 9438200057
District Website : www.rayagada.nic.in

Tender No. 281/2023 Dt-06.02.2023

**AUCTION SALE NOTICE FOR MOBILE VANS**

Sealed tenders are invited for auction sale of three old Condemned mobile vans bearing No. (1) OR-02L-3403, (2) OR-02L-8031, (3) OR-02L-8028 of this organisation, the up-set price of said vehicle is fixed to Rs. 1,80,000/-, Rs. 1,80,000/- & Rs. 1,82,000/- only respectively. The last date of receipt of tender is dt. 28.02.2023 upto 1.00 P.M. The detail tender documents with terms & conditions of the tender shall be available in the website of OSCSC Ltd, i.e. www.oscsc.in or District website i.e. www.rayagada.nic.in or can be obtained from office of the CSO-cum-District Manager, OSCSC Ltd., Rayagada.

Sd/- District Manager,
OSCSC Ltd., Rayagada

**ODISHA PUBLIC SERVICE COMMISSION, CUTTACK**
**NOTICE**
No. 1290/PSC Dt.06.02.2023
PF-1E-11-2021/22 (DR-III)

No. D-314: It is for information of all concerned that, pursuant to Advt. No. 24 of 2021-22, **78 (Seventy Eight)** candidates bearing following PPSAN have been allowed to appear in the interview to determine their eligibility for recruitment to the post of **Post Graduate Teachers in Commerce**. The Interview in respect of the following candidates will be held in the Office of the Commission, 19, Dr. P.K. Parija Road, Cuttack - 753001 on 28.02.2023, 01.03.2023, 02.03.2023, 03.03.2023 & 04.03.2023 as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 28.02.2023 | 10.30 A.M. | 00124655, 00117694, 00099992, 00114428, 00120821, 00114008, 00119809, 00119565 & 00117856 = **09 Candidates** |
| | | 2.30 P.M. | 00115430, 00116532, 00119370, 00122989, 00113584, 00077450, 00116800 & 00099990 = **08 Candidates** |
| 2 | 01.03.2023 | 10.30 A.M. | 00114719, 00077301, 00114027, 00090520, 00076770, 00117410, 00118639, 00113827 & 00126781 = **09 Candidates** |
| | | 2.30 P.M. | 00088562, 00068595, 00078523, 00054785, 00088107, 00095747, 00118083 & 00121685 = **08 Candidates** |
| 3 | 02.03.2023 | 10.30 A.M. | 00130670, 00019946, 00114395, 00115557, 00097265, 00114910, 00039098, 00027020 & 00114005 = **09 Candidates** |
| | | 2.30 P.M. | 00113697, 00121837, 00125633, 00038162, 00081503, 00130923, 00098808 & 00036449 = **08 Candidates** |
| 4 | 03.03.2023 | 10.30 A.M. | 00095040, 00039914, 00037142, 00133472, 00120376, 00125390, 00095207, 00124962 & 00095090 = **09 Candidates** |
| | | 2.30 P.M. | 00027996, 00086016, 00099142, 00116527, 00114271, 00096308, 00079965 & 00132506 = **08 Candidates** |
| 5 | 04.03.2023 | 10.30 A.M. | 00120128, 00122721, 00132868, 00065288, 00120637, 00022735, 00122473, 00064343, 00125815 & 00117062 = **10 Candidates** |

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the Office of the Commission **half an hour before the commencement of interview** on the scheduled date & time as mentioned above.

**Note:** The candidates are informed that the pedagogy skill is part of the interview. They are to come prepared to present a topic of their choice within 8 to 10 minutes before the Interview Board. White board shall be provided by the commission for the purpose.

OIPR-12002/11/0268/2223 Sd./- Secretary

ଜଣକ ଭିତରେ ଅହଂକାର ଥିବା ଯାଏ ସେ କାହାକୁ ଭଲ ପାଇ ପାରିବ ନାହିଁ। ପ୍ରେମ ହିଁ କେବଳ ପ୍ରେମ କରିପାରେ। କେବଳ ପ୍ରେମ ହିଁ ଅହଂକାରକୁ ଜୟ କରିପାରେ। ନିଜକୁ ଦେଇ ନ ଦେବା ଯାଏ ପ୍ରେମ ନାହିଁ। -ଶ୍ରୀମା



# ଆଦାନୀ ନୁହେଁ ଭାରତ

ଆମେରିକାର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଭାରତର ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ବିରୋଧରେ ଶକ୍ତିଶାଳୀ ଅଭିଯୋଗ ଆଣିବା ପରେ ଭାରତୀୟ ପୁଞ୍ଜିବଜାର ଦୋହଲିଯାଇଛି। ବିଶ୍ୱରେ ତୃତୀୟ ଧନୀ ବ୍ୟକ୍ତି ଭାବେ ପହଞ୍ଚିଥିବା ଆଦାନୀ ବହୁ ତଳକୁ ଖସିପଡ଼ିଛନ୍ତି। ସେ ଜାଣିଶୁଣି ଷ୍ଟକ୍ ମୂଲ୍ୟରେ ବୃଦ୍ଧି ଘଟାଇ ଗତ କିଛି ବର୍ଷ ମଧ୍ୟରେ ଅପ୍ରତ୍ୟାଶିତ ଧନରାଶି ଠୁଳ କରିଥିଲେ। ହିଣ୍ଡେନ୍‌ବର୍ଗ ପକ୍ଷରୁ ପ୍ରକାଶିତ ଗୋଟିଏ ରିପୋର୍ଟ ତାଙ୍କ ଆର୍ଥିକ ପାହାଡ଼କୁ ଖଣ୍ଡ ଖଣ୍ଡ କରିଦେଇଛି। ହେଲେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଉ ନ ଥିବା ଦେଖିବାକୁ ମିଳୁଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହୁଛନ୍ତି, ଏହାର ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିବ ନାହିଁ। ଆଦାନୀ ଓ ଏହାର ବଜାର ଉଭୟ ଭାବେ ନିୟନ୍ତ୍ରକଙ୍କ ପକ୍ଷରୁ ପରିଚାଳିତ ହେଉଛି। ସୀତାରାମନଙ୍କ ବାଚବଣା ମନ୍ତବ୍ୟ ଏବେ ଭାରତର ଯେକୌଣସି ସ୍କୁଲର ପିଲା ମଧ୍ୟ ବୁଝିପାରିବେ। ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ଏବଂ ରାଜସ୍ୱ ଗୋଇନ୍ଦା ମହାନିର୍ଦ୍ଦେଶାଳୟ(ଡିଆରଆଇ) ଭଳି ସଂସ୍ଥା ସମ୍ପୂର୍ଣ୍ଣ ଭାବେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ। ଏହି ସଂସ୍ଥାର କ୍ଷମତାକୁ ଦେଖିଲେ ବଜାର ଅର୍ଥନୀତିରେ ଘଟୁଥିବା କୌଣସି ଭୁଲ୍ କାର୍ଯ୍ୟକୁ ରୋକିବା ଅତ୍ୟନ୍ତ ସହଜ। କିନ୍ତୁ ମୋଦି ସରକାରଙ୍କ ନୀତି ଯୋଗୁ ଆଜି ଭାରତର ପ୍ରାୟ ସବୁ କେନ୍ଦ୍ରୀୟ ସଂସ୍ଥା ଏପରିକି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଭଳି ସମ୍ବିଧାନ ଦ୍ୱାରା ଗଠିତ ସଂସ୍ଥା ପଙ୍ଗୁ ହୋଇଯାଇଛନ୍ତି। ବିଶେଷକରି ବିମୁଦ୍ରୀକରଣ ପରେ ରିଜର୍ଭ ବ୍ୟାଙ୍କ ଯେଉଁଭଳି ହତାଶ ହୋଇଥିଲା ତାହା ସମସ୍ତେ ଦେଖିଛନ୍ତି। ସେହି ସମୟର ଆର୍‌ବିଆଇ ଗଭର୍ନର ମୋଦିଙ୍କ ଦ୍ୱାରା ବଛା ହୋଇଥିଲେ ମଧ୍ୟ ଏତେବଡ଼ ନିଷ୍ପତ୍ତି ବିଷୟରେ କୌଣସି ସୁରାକ୍ ପାଇ ନ ଥିଲେ। ସମ୍ଭବତଃ ସେଥିପାଇଁ ବିମୁଦ୍ରୀକରଣ ପରେ ଉର୍ଜିତ ପଟେଲ ନିଜ ପଦବୀରୁ ଇସ୍ତଫା ଦେଲେ ଏବଂ ତାଙ୍କ ଜାଗାରେ ଜଣେ ପୂର୍ବର ସୁପରିଚିତ ବୋଲକରା ସ୍ଥାନ ପାଇଛନ୍ତି।

ସରକାର ଆଦାନୀ ଗ୍ରୁପ୍‌କୁ ଅନେକ ମାତ୍ରାରେ ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରିଥିବା ନେଇ ବିରୋଧୀ ଯେଉଁ ଅଭିଯୋଗ ଆଣୁଛନ୍ତି, ତାହାକୁ ଅର୍ଥମନ୍ତ୍ରୀ ଅସ୍ୱୀକାର କରିଛନ୍ତି। ମନେହେଉଛି ଅର୍ଥମନ୍ତ୍ରୀ ଯେମିତି ସର୍ବଜ୍ଞାନୀ। ଏହା ଏକ ସିଦ୍ଧ କଥା ଯେ ଯେତେବେଳେ ଶାସକ ଦଳ ବିରୋଧରେ କିଛି ଅଭିଯୋଗ ଆସିଥାଏ, ତାହାକୁ ସରକାରୀ ଭାବେ ଖଣ୍ଡନ କରାଯାଏ। କିନ୍ତୁ ଭୁଲ୍ କାର୍ଯ୍ୟରେ ଭିତିରି ସମ୍ପର୍କ ଥିଲେ ସରକାର ଶଙ୍କାଗ୍ରସ୍ତ ହୁଅନ୍ତି। ବର୍ତ୍ତମାନର ସ୍ଥିତି ଦେଖିଲେ ମୋଦି ସରକାର ସେଭଳି ଏକ ବିପଦର ସମ୍ମୁଖୀନ ହୋଇଛନ୍ତି। କାରଣ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଅତି ସୂକ୍ଷ୍ମ ସ୍ତରରେ ତର୍ଜମା କରିବା ପରେ ଆଦାନୀ ଗ୍ରୁପରେ ଘଟିଥିବା ଅନିୟମିତତାକୁ ସମ୍ଭବତଃ ଚିହ୍ନଟ କରିଛି। ତାହା ନ ହୋଇ ଥିଲେ ସମ୍ପୃକ୍ତ ଗ୍ରୁପର ଶେୟାର ତାସଘର ଭଳି ଭୁଶୁଡ଼ି ନ ଥାଆନ୍ତା।

> ଯେତେବେଳେ ଗୋଟେ ଦେଶ ବିଶ୍ୱ ବଜାର ପ୍ରତି ନଜର ପକାଇବ ସେତେବେଳେ ସେହି ଦେଶର ବ୍ୟବସାୟିକ ପଦ୍ଧତି ମଧ୍ୟ ବିଶ୍ୱ ସ୍ତରରେ ଯାଞ୍ଚ ଓ ଆଲୋଚିତ ହେବ

ନିରପେକ୍ଷ ଭାବେ ସ୍ଥିତିକୁ ଅନୁଧ୍ୟାନ କରୁଥିବା ବର୍ଗ ହୁଏତ କହିପାରନ୍ତି, ଆଦାନୀ ଗ୍ରୁପ୍ ଏକ ଘରୋଇ ସଂସ୍ଥା ଓ ତାହାର ପତନରେ ଦେଶ କାହିଁକି ଭୋଗିବ। ଏହାର ତତ୍‌କ୍ଷଣାତ୍ ଉତ୍ତର ହେଉଛି ଯେ, ସେହି ସଂସ୍ଥା ସହିତ ସରକାର ଓ ଅମଲାତାନ୍ତ୍ରିକ ସହଯୋଗ ଯୋଗୁ ତାହାର ଅଭିବୃଦ୍ଧି ଆଖିଦୃଶିଆ ହୋଇଛି। ଅବଶ୍ୟ ସେଥିପାଇଁ ଭାରତର କରଦାତା ଓ ଭାରତୀୟ ଜୀବନ ବୀମାକାରୀଙ୍କ ଅର୍ଥକୁ ହଡ଼ପ କରି ଆଦାନୀଙ୍କୁ ଧରେଇ ଦିଆଯାଇଛି। ଯଦି ଆଦାନୀଙ୍କ ଆଭ୍ୟନ୍ତରୀଣ ହିସାବ ଏବଂ ପରିଚାଳନା ବ୍ୟବସ୍ଥା ଦୃଢ଼ ଓ ସ୍ୱଚ୍ଛ ହୋଇଥାଆନ୍ତା, ତେବେ ହିଣ୍ଡେନ୍‌ବର୍ଗ ତାଙ୍କ ସମ୍ପର୍କରେ କୌଣସି ରିପୋର୍ଟ ପ୍ରସ୍ତୁତ କରିପାରି ନ ଥାଆନ୍ତା। ଗୋଟେ ପଟେ କୁହାଯାଉଛି ଭାରତ ହେବ ବିଶ୍ୱଗୁରୁ ଏବଂ ତାହାର ଅର୍ଥନୀତି ଅନ୍ତର୍ଜାତୀୟ ବଜାରକୁ ପ୍ରଭାବିତ କରିବ। ଯେତେବେଳେ ଗୋଟେ ଦେଶ ବିଶ୍ୱ ବଜାର ପ୍ରତି ନଜର ପକାଇବ ସେତେବେଳେ ସେହି ଦେଶର ବ୍ୟବସାୟିକ ପଦ୍ଧତି ମଧ୍ୟ ବିଶ୍ୱ ସ୍ତରରେ ଯାଞ୍ଚ ଓ ଆଲୋଚିତ ହେବ। ଦୁଇ ହାତରେ ତାଳିବାଜେ। ଗୋଟେ ପଟେ କୁହାଯାଉଛି ଭାରତ ହେବ ସୁପରପାୱାର ବା ସର୍ବଶକ୍ତି। ଅନ୍ୟପଟେ ଅବଶ୍ୟ ସାଧାରଣରେ ଉଲଗ୍ନ ହେଲା ବେଳେ କୁହାଯାଉଛି ଏହା ଏକ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ର, ଯାହାର ଲକ୍ଷ୍ୟ ହେଉଛି ଭାରତ ବିରୋଧୀ। ସେତେଯେମିତି ଆଦାନୀ ଉପରେ ଆକ୍ରମଣ ହେଲେ ଭାରତ ଉପରେ ହେଉଛି।

ଏବେ ଦେଶର ଅନେକ ଉଡ଼ାଜାହାଜ ଓ ବନ୍ଦରର ମାଲିକାନା ଆଦାନୀଙ୍କ ପାଖକୁ ଚାଲିଯିବା ସମ୍ଭବ ହୋଇ ନ ଥାଆନ୍ତା, ଯଦି ଆଶୀର୍ବାଦ ମୋଦିଙ୍କଠାରୁ ଆସି ନ ଥାଆନ୍ତା। ଭାରତରେ ଏଭଳି କୌଣସି ବୃହତ୍ ବ୍ୟବସାୟ ନାହିଁ, ଯିଏ ଦେଶର ପୁଞ୍ଜି ବା ପ୍ରାକୃତିକ ସମ୍ବଳ ବ୍ୟବହାର କରି ବଡ଼ ହୋଇ ନାହିଁ। ବିର୍ଲା, ଟାଟାଙ୍କଠାରୁ ଆରମ୍ଭ କରି ଆଦାନୀଙ୍କ ପର୍ଯ୍ୟନ୍ତ ସମସ୍ତେ ସରକାରଙ୍କ ନିକଟରେ ହୋଇ କରଦାତାଙ୍କୁ ଓ ଦେଶକୁ ଲୁଟି ଆସୁଛନ୍ତି। ସରକାର ହିସାବ କରି ଯେଉଁ ଘରୋଇ ସଂସ୍ଥାକୁ ଅଭୂତପୂର୍ବ ଅନୁଗ୍ରହ ପ୍ରଦର୍ଶନ କରିଆସିଛନ୍ତି, ସେହି ସଂସ୍ଥା ଉପରୁ ଅଲଗା ଭାବେ ଉପଯୁକ୍ତ ଯେଉଁଠି ପାରିଥାଏ ସେଠୁ ଫାଇଦା ଗୋଟାଇବାରେ ଲାଗିପଡ଼େ। ଆଦାନୀ ଗ୍ରୁପ୍‌ରେ ଜୀବନ ବୀମା ନିଗମ (ଏଲ୍‌ଆଇସି) ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ବିପୁଳ ଅର୍ଥ ଲାଗିଥିବା ଏବଂ ହିଣ୍ଡେନ୍‌ବର୍ଗ ରିପୋର୍ଟ ପ୍ରକାଶ ପରେ ଉଭୟ ସଂସ୍ଥା ଅନେକ ହଜାର କୋଟି ଟଙ୍କା କ୍ଷତି ସହିଥିବା ବିଷୟ କ୍ରମାଗତ ଗଣମାଧ୍ୟମରେ ଚର୍ଚ୍ଚା ଚାଲିଛି। ଯେହେତୁ ଉଭୟ ସଂସ୍ଥାରେ ସରକାରୀ ଭାଗୀଦାରି ରହିଛି, ସେହେତୁ ଜନସାଧାରଣଙ୍କ ଅର୍ଥ ବରବାଦ ହୋଇ ଚାଲିଛି। କେନ୍ଦ୍ର ସରକାର ଏ ଦିଗରେ ତୁରନ୍ତ ହସ୍ତକ୍ଷେପ କରୁ ନ ଥିବାରୁ କ୍ଷତି ବଢ଼ିଚାଲିଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 2 | | | | | | 7 |
| | | 6 | | | | | | |
| 9 | | 5 | 6 | | 4 | | 1 | |
| | | | 3 | | | | | 6 |
| 3 | | | | | 8 | 7 | | |
| 1 | | | | | | | 8 | |
| | | | | | 1 | 9 | 6 | 5 |
| | 5 | 4 | | | | | | |
| | | | | | 7 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 9 | 8 | 1 | 7 | 5 | 2 | 4 |
| 1 | 8 | 4 | 5 | 2 | 9 | 7 | 3 | 6 |
| 5 | 2 | 7 | 6 | 4 | 3 | 8 | 9 | 1 |
| 9 | 6 | 1 | 2 | 8 | 4 | 3 | 5 | 7 |
| 7 | 4 | 2 | 3 | 9 | 5 | 6 | 1 | 8 |
| 8 | 5 | 3 | 1 | 7 | 6 | 2 | 4 | 9 |
| 3 | 1 | 5 | 4 | 6 | 8 | 9 | 7 | 2 |
| 2 | 9 | 8 | 7 | 5 | 1 | 4 | 6 | 3 |
| 4 | 7 | 6 | 9 | 3 | 2 | 1 | 8 | 5 |

ଗତକାଲିର ଉତ୍ତର

# ଜୈବିକ କୃଷି ଓ ପାରଜିନୀୟ ଫସଲ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ସ୍ୱାଧୀନତା ପ୍ରାପ୍ତି ପରେ ପ୍ରାୟ ଦୁଇ ଦଶନ୍ଧି ଧରି ଆମ ଦେଶ କ୍ଷୁଧା ସହିତ ସଂଗ୍ରାମ ଚଳାଇ ଆସିଥିଲା ଆମେରିକା ବା ମେକ୍ସିକୋରୁ ଆମଦାନୀ ହେଉଥିବା ଗହମର ସହାୟତାରେ। ତେବେ କୃଷି ବିଜ୍ଞାନୀ ଏମ୍.ଏସ୍. ସ୍ୱାମୀନାଥନଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା 'ସବୁଜ ବିପ୍ଳବ' ଏ ସମସ୍ୟାକୁ ଧୀରେ ଧୀରେ ପ୍ରଶମିତ କରିବାକୁ ଲାଗିଲା ଏବଂ ଆମେ ଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେଲୁ। ଏହି ପ୍ରକ୍ରିୟାର ତିନୋଟି ପ୍ରଧାନ ବାହକ ଥିଲେ ରାସାୟନିକ ସାର ଓ କୀଟନାଶକ ଏବଂ ଅଧିକ ଅମଳକ୍ଷମ ସଙ୍କର ବିହନ। ଏହି ତିନୋଟି ଯାକ ଏବେ ପରିବେଶ ଓ ପରିସଂସ୍ଥା ପ୍ରତି ଘାତକ ସାବ୍ୟସ୍ତ ହୋଇଛନ୍ତି। ଏପରି କି ମୃତ୍ତିକା ଏବଂ ଜନସ୍ୱାସ୍ଥ୍ୟ ମଧ୍ୟ ଏହାଦ୍ୱାରା ନକାରାତ୍ମକ ଭାବେ ପ୍ରଭାବିତ। ସେଥିପାଇଁ ବର୍ତ୍ତମାନ ମତ ପ୍ରକାଶ ପାଉଛି 'ଜୈବିକ କୃଷି' ଅବଲମ୍ବନ ଲାଗି। ଅନ୍ୟପକ୍ଷରେ ପ୍ରଚଳିତ 'ରାସାୟନିକ କୃଷି' ବା 'ସଘନ କୃଷି' ରୂପୀ 'ବାଘପିଠିରୁ' ହଠାତ୍ ଅବତରଣ ଆମ ଖାଦ୍ୟ ନିରାପତ୍ତାକୁ ଯେ ଗଭୀର ଭାବେ ପ୍ରଭାବିତ କରିବ ଏଥିରେ ସନ୍ଦେହର ଅବକାଶ ନାହିଁ।

ଫସଲ ଆବର୍ତ୍ତନ, ସବୁଜ ଖତ ଓ କମ୍ପୋଷ୍ଟ ଏବଂ ଜୈବିକ ରୋଗ କୀଟ ନିବାରକର ଉପଯୋଗ ଉପରେ ଜୈବିକ କୃଷି ପ୍ରତିଷ୍ଠିତ। ଏଥିରେ ବ୍ୟବହୃତ ସାର ଓ କୀଟାଣୁ ନାଶକ ପ୍ରାକୃତିକ ପଦାର୍ଥମାନଙ୍କରୁ ଉତ୍ପନ୍ନ କରାଯାଏ। ଅତଏବ ଏହାର ଜାଗତିକ ଉଷ୍ଣତା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନର ମାପକାଠି 'ଅଙ୍ଗାରକ ପଦଚିହ୍ନ' କମ୍ ଏବଂ ଏହା ମୃତ୍ତିକା ସଂରକ୍ଷଣ କରିବା ସହିତ ତାହାର ମାନବୃଦ୍ଧି କରେ, ପ୍ରାକୃତିକ ପରିସଂସ୍ଥାକୁ ପୁନଃ ସମୃଦ୍ଧ କରିବା ମାଧ୍ୟମରେ ଜଳ ଓ ବାୟୁକୁ ପ୍ରଦୂଷଣମୁକ୍ତ କରେ ଏବଂ ଆମ ସ୍ୱାସ୍ଥ୍ୟକୁ ସୁରକ୍ଷା ଦିଏ। ପୁନଶ୍ଚ ଏଥିରୁ ଉତ୍ପାଦିତ ଖାଦ୍ୟ ପଦାର୍ଥରେ କୀଟନାଶକର ଅବଶେଷମାନ ନ ଥାଏ, ଜୈବ ବିଭିନ୍ନତା ପାଇଁ ମଧ୍ୟ ଏହା ହିତକର। ଏକ ଆକଳନ ଅନୁସାରେ ଏହା ଦ୍ୱାରା ସ୍ଥାନୀୟ ପ୍ରଜାତିଗୁଡିକର ୩୪ ଶତାଂଶ ଏବଂ ସେମାନଙ୍କ ସଂଖ୍ୟାର ୫୦ ଶତାଂଶ ପର୍ଯ୍ୟନ୍ତ ସମୃଦ୍ଧି ଘଟେ।

ଅନ୍ୟପକ୍ଷରେ, ଜୈବିକ କୃଷିର ସବୁଠାରୁ ବଡ଼ ଦୁର୍ବଳତା ହେଲା ଉତ୍ପାଦନର ସ୍ୱଳ୍ପତା। ସଘନ କୃଷି ତୁଳନାରେ ସାଧାରଣ ଭାବେ ଏଥିରେ ତାହା ୨୫ ଶତାଂଶ କମ୍ ବୋଲି ଆକଳନ କରାଯାଇଛି। ପୁନଶ୍ଚ ଏଥିପାଇଁ ଆବଶ୍ୟକ ଅଧିକ ଚାଷଜମି, ଯାହାର ମୁଣ୍ଡପିଛା ଲଭ୍ୟତା ସଙ୍କୁଚିତ ହୋଇଚାଲିଛି। ଏଣୁ ଏହା ବଢ଼ି ବଢ଼ି ଚାଲିଲେ ହୁଏତ ସେଥିପାଇଁ ଜଙ୍ଗଲ ଜମିକୁ ଚାଷଜମିରେ ପରିଣତ କରିବା ଆବଶ୍ୟକ ପଡିପାରେ। ଫଳରେ ପ୍ରାକୃତିକ ବାସସ୍ଥଳୀର ଅବକ୍ଷୟ ଘଟି ବିଭିନ୍ନ ଜୀବଙ୍କର ବଂଶହାନି ଏବଂ ଜୈବ ବିବିଧତାର ଅପଚୟ ଘଟିପାରେ। ପୁନଶ୍ଚ ଏଥିରେ ଆୟ ମଧ୍ୟ ସଘନ କୃଷି ତୁଳନାରେ ୪୦ ପ୍ରତିଶତ କମ୍। ପୁନଶ୍ଚ ଏହାଫଳରେ ଉତ୍ପାଦିତ ପଦାର୍ଥର ଦାମ୍ ଅଧିକ ହେବାରୁ ନିମ୍ନଆୟକାରୀ ବର୍ଗଙ୍କ ଅପହଞ୍ଚ ହେବ। ଅନ୍ୟପକ୍ଷରେ, ଜୈବିକ କୃଷି ପାଇଁ ଆବଶ୍ୟକ ହୁଏ ଉଚ୍ଚମାନର ଖତ ବା ଜୈବସାର। ଏହାର ମୁଖ୍ୟ ଉତ୍ସ ହେଲା ଗୋପାଳନ, ଯାହା କି ପ୍ରଚୁର ମିଥେନ ଓ ନାଇଟ୍ରସ୍ ଅକ୍ସାଇଡ ଭଳି ସବୁଜ ଗୃହବାଷ୍ପ ନିର୍ଗମନକାରୀ।



ଗତବର୍ଷ ଆନ୍ତର୍ଜାତିକ ସ୍ତରରେ ଆମକୁ କ୍ଷୁଧା ମାନାଙ୍କରେ ୧୧୨ଟି ଦେଶ ମଧ୍ୟରେ ୧୦୭ତମ ସ୍ଥାନ ମିଳିଛି। ଏଣୁ ହଠାତ୍ ସଘନ କୃଷିକୁ ବିଦାୟ ଦେଲେ ଉତ୍ପାଦନ ହ୍ରାସ ସଙ୍ଗେ ସଙ୍ଗେ ଏ ସମସ୍ୟା ବ୍ୟାପକ ହେବ। ଏସବୁ ଦୃଷ୍ଟିରୁ ବିଚାର କଲେ ଅନ୍ତତଃ ବର୍ତ୍ତମାନ ପାଇଁ ଖାଦ୍ୟ ଓ ପୁଷ୍ଟି ନିରାପତ୍ତା ଦୃଷ୍ଟିରୁ କେବଳ ଆମ ଦେଶ କାହିଁକି ସମସ୍ତ ବିକାଶଶୀଳ ଦେଶଗୁଡ଼ିକ ପକ୍ଷେ ଜୈବିକ କୃଷି ଗ୍ରହଣୀୟ ହୋଇ ନ ପାରେ। ନିକଟ ଅତୀତରେ ହଠାତ୍ ଜୈବିକ କୃଷିକୁ ଆପଣାଇଥିବା ଶ୍ରୀଲଙ୍କାରେ ଘଟିଥିବା ଅର୍ଥନୈତିକ ବିପର୍ଯ୍ୟୟ ଏଠାରେ ସୂଚନାଯୋଗ୍ୟ। ପ୍ରାୟ ବର୍ଷେ ଦୁଇବର୍ଷ ତଳେ ସେଠାର ସରକାର ରାସାୟନିକ ସାର ଏବଂ କୀଟାଣୁ ନାଶକର ଆମଦାନୀ ବନ୍ଦ କରିଦେଲେ। ଚାଷରେ ବ୍ୟବହୃତ ହେଲା ସ୍ଥାନୀୟ ଭାବେ ପ୍ରସ୍ତୁତ ବିବିଧ ଜୈବସାର। ଫଳରେ ଫସଲ ଉତ୍ପାଦନ ହ୍ରାସ ପାଇଗଲା। ଉଦାହରଣସ୍ୱରୂପ, ୨୦୨୧-୨୨ରେ ଧାନ ୫୦ ଶତାଂଶ ଏବଂ ମକା ୭୦ ଶତାଂଶ କମ୍ ଉତ୍ପାଦିତ ହେଲା। ଅତଏବ ଦେଶ ଘୋର ଖାଦ୍ୟାଭାବର ସମ୍ମୁଖୀନ ହେଲା, ତେଣୁ ଏହା ୨୦୨୨ ଜୁନ୍‌ରେ ଭାରତରୁ ୫୫ ନିୟୁତ ଡଲାର ମୂଲ୍ୟର ୟୁରିଆ ସାର କିଣିବାକୁ ବାଧ୍ୟ ହେଲା। ଏପରିସ୍ଥଳେ ହଠାତ୍ ସଘନ କୃଷିରୁ ଜୈବିକ କୃଷିକୁ ଲମ୍ଫ ଦେବା ଆମ ଦେଶର ଜନସଂଖ୍ୟା ଦୃଷ୍ଟିରୁ ଅଧିକ ବିପଜ୍ଜନକ ହେବ। ଅନେକଙ୍କ ମତରେ ପାରଜିନୀୟ ଫସଲ ହୁଏତଃ ଏଥିପାଇଁ ଉପଯୁକ୍ତ ହୋଇପାରିବ।

ବିଗତ ୨/୩ ଦଶନ୍ଧି ହେଲା ଜିନୀୟ ପରିବର୍ତ୍ତନ ମାଧ୍ୟମରେ ନୂତନ ଚରିତ୍ରଯୁକ୍ତ ଜୀବମାନ ସୃଷ୍ଟି କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିରେ ଗୋଟିଏ ପ୍ରଜାତିର ଜିନ୍‌କୁ ଆଉ ଗୋଟିଏ ପ୍ରଜାତିଠାରେ ପ୍ରତିରୋପଣ କରାଯାଉଛି। ପାରଜିନୀୟ ଫସଲ ଏହାର ଏକ ଅଂଶ। ଜିନୀୟବିଜ୍ଞାନୀମାନେ ଏଥିମଧ୍ୟରେ ଆଗାମୀକାଲି ପାଇଁ ଖାଦ୍ୟ ଓ ପୁଷ୍ଟି ନିରାପତ୍ତାର ସମ୍ଭାବନା ଦେଖିଲା ବେଳେ କେତେକ ପରିବେଶବିତ୍ ଏହାଦ୍ୱାରା ପରିବେଶ, ପରିସଂସ୍ଥା ଏବଂ ଜନସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼ିବ ବୋଲି ଯୁକ୍ତି ବାଢୁଛନ୍ତି। ଫଳରେ ଏ କ୍ଷେତ୍ରରେ ଗବେଷଣା ବାଧାପ୍ରାପ୍ତ ହେଉଛି। ତଥାପି ଇତିମଧ୍ୟରେ ପାରଜିନୀୟ ଫସଲ ଅନେକ ଦେଶର ଚାଷୀମାନଙ୍କ ଦ୍ୱାରା ଗୃହୀତ ହେଲାଣି। ୨୦୧୫ର ଏକ ଆକଳନ ଅନୁସାରେ ଏ କ୍ଷେତ୍ରରେ ଅଗ୍ରଣୀ ଦେଶଗୁଡ଼ିକ ଥିଲେ ବ୍ରାଜିଲ୍, ଆର୍ଜେଣ୍ଟିନା, ଭାରତ, କାନାଡ଼ା ଏବଂ ଚାଇନା। ଏଠାରେ ଯଥାକ୍ରମେ ୭୦.୯ ନିୟୁତ, ୪୪.୨ ନିୟୁତ, ୨୪.୫ ନିୟୁତ, ୧୧.୬ ନିୟୁତ ଏବଂ ୭.୬ ନିୟୁତ ହେକ୍ଟର ଜମିରେ ଏହା ଚାଷ କରାଯାଉଥିଲା, ଯାହାକି ଏବେ ବୃଦ୍ଧିପ୍ରାପ୍ତ ହୋଇସାରିବଣି। ଏହି ଫସଲଗୁଡ଼ିକ ମଧ୍ୟରେ ମୁଖ୍ୟ ଥିଲା କପା, ମକା, ସୋୟାବିନ, ଆଖୁ, ଆଳୁ ଇତ୍ୟାଦି। ଏହା ବ୍ୟତୀତ ଲୌହ, ଭିଟାମିନ୍-ଏ ତଥା ଅନ୍ୟାନ୍ୟ ପୌଷ୍ଟିକରେ ସମୃଦ୍ଧ ଧାନ ଓ ଗହମର କ୍ଷେତ ପରୀକ୍ଷା ଏବେ ଅଗ୍ରଗତି କରିଚାଲିଛି। ପୁନଶ୍ଚ ୨୦୧୮ରୁ ୨୦୨୦ ମଧ୍ୟରେ ମିଶର, ଅଷ୍ଟ୍ରେଲିଆ, ଜର୍ମାନୀ, ପର୍ତ୍ତୁଗାଲ ଆଦି ଦେଶ ମଧ୍ୟ ଏହା ଆପଣାଇଛନ୍ତି। ଆମ ଦେଶରେ ପାରଜିନୀୟ କପା(ବିଟି-କପା) ବ୍ୟାପକ ଗ୍ରହଣୀୟ ହେଲା ପରେ ଏବେ ଅଧିକ ତୈଳଯୁକ୍ତ ଡିଏମ୍‌ଏଚ୍-୧୧ ସୋରିଷକୁ ଚାଷ ପାଇଁ ଅନୁମତି ମିଳିଛି ଏବଂ ଖୁବ୍ ନିକଟରେ ବିଟି-ବାଇଗଣକୁ ତାହା ମିଳିଯିବ ବୋଲି ଆଶା କରାଯାଏ।

ବହୁ କୃଷି ବିଜ୍ଞାନୀ ମନେକରନ୍ତି ୨୦୫୦ ସୁଦ୍ଧା ସଘନ କୃଷି କବଳରୁ ପରିବେଶ, ପରିସଂସ୍ଥା ଏବଂ ଜନସ୍ୱାସ୍ଥ୍ୟକୁ ସୁରକ୍ଷା ଦେବା ସଙ୍ଗେ ସଙ୍ଗେ ବିଶ୍ୱରୁ ଖାଦ୍ୟ ଓ ପୁଷ୍ଟି ସଙ୍କଟ ଦୂର ଲାଗି ପାରଜିନୀୟ ଫସଲ ଏକମାତ୍ର ଅବଲମ୍ବନ ହୋଇପାରିବ। କାରଣ ଏହାର ଉପାଦେୟତା ରୋଗକୀଟ ପ୍ରତିରୋଧ ବା କଠୋର ପରିବେଶ ଅବସ୍ଥା ସହ୍ୟ କରିବା ମଧ୍ୟରେ ସୀମିତ ରହିବ ନାହିଁ। ତାହା ଅଧିକ ଉତ୍ପାଦନକ୍ଷମ, ପୁଷ୍ଟିକର ଏବଂ ଶସ୍ତାହେବା ସଙ୍ଗେ ସଙ୍ଗେ କମ୍ ଚାଷଜମି ଆବଶ୍ୟକ କରିବ। ଏଣୁ ଜୈବିକ କୃଷିକୁ ଆବଶ୍ୟକ ଗୁରୁତ୍ୱ ଦେବା ସହିତ ଭାରତ ଭଳି ଜନବହୁଳ ଦେଶରେ ପାରଜିନୀୟ ଫସଲ ପ୍ରତି ଧ୍ୟାନ ଦିଆଯିବା ଉଚିତ। ଅବଶ୍ୟ ଏହାର କେତେକ ତ୍ରୁଟି ରହିଛି। ତେବେ ସେଗୁଡ଼ିକ ସୁଧାରିବା ପାଇଁ ଏବଂ ତାହାକୁ ଉନ୍ନତ କରିବା ପାଇଁ ବୈଜ୍ଞାନିକମାନେ ଉଦ୍ୟମ ଅବ୍ୟାହତ ରଖିଛନ୍ତି।

**ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ:୯୯୩୭୩୦୧୪୬୦**

# ମନ୍ଦିରରେ ଆତ୍ମିକ ସେବା



ଡ. ସତ୍ୟନାରାୟଣ ମିଶ୍ର

ଭାରତୀୟ ହିନ୍ଦୁ ଜୀବନରେ ଧର୍ମ ଏକ ସତନ୍ତ୍ର ସ୍ଥାନ ଅଧିକାର କରିଥାଏ। ବିଶେଷତଃ ଦୁଇ ପ୍ରକାରର ବ୍ୟକ୍ତି ସମାଜରେ ଦୃଶ୍ୟମାନ ହୋଇଥାଏ, ଗୋଟିଏ ଆସ୍ତିକ ବା ଯେଉଁମାନେ ଧର୍ମକୁ ବିଶ୍ୱାସ କରିଥାନ୍ତି ଓ ଅନ୍ୟଟି ନାସ୍ତିକ, ଯେଉଁମାନେ ଧର୍ମକୁ ବିଶ୍ୱାସ କରନ୍ତି ନାହିଁ। ତେବେ ଯେଉଁମାନେ ଧର୍ମକୁ ବିଶ୍ୱାସ କରିଥାନ୍ତି ସେମାନେ ମନ୍ଦିରକୁ ଯାଇ ନିଜର ବିଶ୍ୱାସ ଅନୁଯାୟୀ ଉପଚାର ବା ପୂଜାର୍ଚ୍ଚନା କରିଥାନ୍ତି, ଯାହା କେବଳ ବିଶ୍ୱାସ ଓ ସମର୍ପଣ ଉପରେ ଆଧାରିତ। ତେଣୁ ଧର୍ମକୁ ଗ୍ରହଣ କରୁଥିବା ମନ୍ଦିରର ଏକ ବିଶେଷ ସ୍ଥାନ ରହିଛି। ଜଣେ ହିନ୍ଦୁ ପାଇଁ ମନ୍ଦିର କେବଳ ଧାର୍ମିକ ଉପାଦାନ ନୁହେଁ, ବରଂ ସଂସ୍କୃତି, ସମାଜ ଓ ଶିକ୍ଷାର ଉପାଦାନଗୁଡ଼ିକ ପାଇଁ ମଧ୍ୟ ମହତ୍ତ୍ୱପୂର୍ଣ୍ଣ। ମନ୍ଦିରଗୁଡ଼ିକ କେବଳ ପୂଜାପାଠର ସ୍ଥାନ ନୁହେଁ ବରଂ ଏହା ବୈଦିକ ଓ ବୌଦ୍ଧିକ ମଣ୍ଡଳୀ ଆଲୋଚନାର କେନ୍ଦ୍ର, ଶାସ୍ତ୍ର ଆଦି ଉପରେ ସର୍ବସାଧାରଣ ଆଲୋଚନା ଓ ବକ୍ତବ୍ୟର ଏକ ପୀଠ ବୋଲି ବିବେଚନା କରାଯାଏ। ସାମାଜିକ ଏବଂ ଆଧାତ୍ମିକ ଜୀବନରେ ମନ୍ଦିରଗୁଡ଼ିକର ଗୁରୁତ୍ୱକୁ ଅଣଦେଖା କରିବା ଅନୁଚିତ ବୋଲି ଧର୍ମ ବିଶ୍ୱାସୀ ବ୍ୟକ୍ତିମାନେ ଉଚିତ ମଣିଥାନ୍ତି। ତେବେ ମଣିଷର ଇଚ୍ଛା ଓ ଭାବାବେଗକୁ ପରିପୂର୍ଣ୍ଣ କରିବା ପାଇଁ ମଣିଷ ମନ୍ଦିରରେ ଦେବଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥାଏ। ମନ୍ଦିରରେ ପୂଜା ଅନ୍ୟ ସମସ୍ତ ପୂଜାଠାରୁ ଭିନ୍ନ ସଂସ୍କାର ଓ ସଂସ୍କୃତିରେ ହୋଇଥାଏ, ଯେଉଁଠି ଥାଏ ସ୍ୱତନ୍ତ୍ର ନୀତି ଓ ଆଚରଣ।

ମନ୍ଦିରରେ ପୂଜା ସାଧାରଣତଃ ପୂଜକ ଦ୍ୱାରା କରାଯାଇଥାଏ ; ଯାହାକୁ ସେବା ନାମରେ ଅଭିହିତ କରାଯାଇଥାଏ। ସେବା ଶବ୍ଦର ଏକ ସାମ୍ପ୍ରତିକ ବ୍ୟାଖ୍ୟା ହେଉଛି ଅନ୍ୟମାନଙ୍କ ପାଇଁ ଉତ୍ସର୍ଗୀକୃତ ବା ଈଶ୍ୱରଙ୍କ ନିମନ୍ତେ ଆତ୍ମନିବେଦନ ବା ଆତ୍ମିକ ସେବା। ଏହା ଭଗବଦ୍ ଗୀତାରେ ବର୍ଣ୍ଣନା କରାଯାଇଥିବା କର୍ମ ଯୋଗ ଭାବରେ ଜଣାଶୁଣା। ପ୍ରତ୍ୟେକ ଧର୍ମର ଲୋକମାନେ ଏହି ସେବାରେ ଅନ୍ତର୍ଭୁକ୍ତ। ହିନ୍ଦୁଧର୍ମରେ, ପ୍ରତ୍ୟାବର୍ତ୍ତନ ଆଶା ନ କରି ସେବା ହେଉଛି ଭଗବାନ ବା ମାନବିକତାର ସେବା କରିବାର ଧାରଣା। ସେବା ଉତ୍ତମ କର୍ମ ଯୋଗାଇବା ପାଇଁ କୁହାଯାଇଛି, ଯାହା ଆତ୍ମା (ପ୍ରାଣ)କୁ ମୋକ୍ଷ (ମୃତ୍ୟୁ ଏବଂ ପୁନର୍ଜନ୍ମ ଚକ୍ରରୁ ମୁକ୍ତି) ପାଇବାକୁ ସହଜ କରିଥାଏ। ହିନ୍ଦୁ ଧର୍ମରେ ଭଗବାନଙ୍କ ଧାରଣା ଦୁଇଟି ସମାନ୍ତରାଳ ଗତିରେ ଚାଲିଥାଏ: ଗୋଟିଏ ନିର୍ଗୁଣ ବ୍ରହ୍ମ ଯାହା ବିନା ପ୍ରକାଶରେ ଭଗବାନଙ୍କର ଧାରଣା ରହିଥାଏ, ଦ୍ୱିତୀୟ ଗତିରେ ସଗୁଣ ବ୍ରହ୍ମ ଯାହା ଭଗବାନଙ୍କ ଆବିର୍ଭାବିତ ରୂପ ରହିଥାଏ। ତେଣୁ ପୂଜକ ଭଗବାନଙ୍କ ସେବା କଲାବେଳେ ତାହା ଆତ୍ମବତ୍ ବା ଆତ୍ମିକ ସେବା ହେବା ଆବଶ୍ୟକ, କାରଣ ହିନ୍ଦୁ ଶାସ୍ତ୍ରରେ କୁହାଯାଏ ପୂଜକ ଯେତେବେଳେ ପୂଜା ନିବେଦନ ପାଇଁ ଭଗବାନଙ୍କ ମୂର୍ତ୍ତି ସମ୍ମୁଖରେ ଉପବେଶନ ହୋଇଥାନ୍ତି ସେତେବେଳେ ସେ ପ୍ରଥମେ ଆତ୍ମଶୁଦ୍ଧି କରି ଭଗବାନଙ୍କର ସ୍ୱରୂପକୁ ଚିନ୍ତା କରି ସ୍ୱୟଂ ଭଗବାନ ନିଜ ଶରୀରରେ ବିଦ୍ୟମାନ ବୋଲି ଚିନ୍ତା କରିଥାନ୍ତି। ତେଣୁ ସେ ଦୃଷ୍ଟିରୁ ଯେହେତୁ ସ୍ୱୟଂ ଭଗବାନ ନିଜ ଶରୀରରେ ବିଦ୍ୟମାନ, ଅତଏବ ନିଜ ଶରୀରକୁ ଯେଉଁ ରୀତିନୀତି ବା ଶ୍ରଦ୍ଧାରେ ମଣିଷ ନିର୍ବାହ କରିଥାଏ, ସେହିଭଳି ସେବା କରିବା ଉଚିତ। ମାତ୍ର ବର୍ତ୍ତମାନ ବିଶେଷତଃ ଅଧିକ ଭକ୍ତ ବା ପ୍ରତିଷ୍ଠା ଅର୍ଜନ କରିଥିବା ମନ୍ଦିରମାନଙ୍କରେ ପୂଜାର ରୀତିନୀତି ଭିନ୍ନ ଧରଣରେ ହୋଇଥାଏ। ଭଗବାନଙ୍କୁ ସମର୍ପଣ କରାଯାଉଥିବା ଦ୍ରବ୍ୟକୁ ଉପଯୁକ୍ତ ଭାବରେ ଶୁଦ୍ଧତା ଓ ପ୍ରକ୍ଷାଳନ କରାଯାଏ ନାହିଁ। ଅନେକ ଶିବ ମନ୍ଦିରରେ ଶିବ ଲିଙ୍ଗ ଉପରେ ଗୋଟା ନଡ଼ିଆ, ପଇଡ଼, ଅନ୍ୟାନ୍ୟ ଫଳ ଆଦି ସ୍ତୂପ ପରି ପଡ଼ି ରହିଥାଏ ତଥା ଉକ୍ତ କ୍ଷେତ୍ର କର୍ଦ୍ଦମାକ୍ତ ହୋଇ ପବିତ୍ରତାକୁ କ୍ଷୁଣ୍ଣ କରିଥାଏ ଓ ଦୁର୍ଗନ୍ଧ ମଧ୍ୟ ହୋଇଥାଏ। ଅନେକ କ୍ଷେତ୍ରରେ ଭକ୍ତି ଏବଂ ଭାବାବେଗକୁ କ୍ଷୁଣ୍ଣ କରି ପବିତ୍ରତାର ପରିବେଶକୁ କେବଳ ଅର୍ଥ ଉପାର୍ଜନର କ୍ଷେତ୍ରରେ ପରିଣତ କରାଯାଉଅଛି। ମଣିଷ ସ୍ୱଗୃହରେ ଯେତେବେଳେ ପୂଜାର୍ଚ୍ଚନା କରିଥାଏ, ସେତେବେଳେ ଯଥାସାଧ୍ୟ ସତର୍କ ଓ ଆତ୍ମିକ ସେବା କରିଥାଏ, ମାତ୍ର ମନ୍ଦିରକୁ ଯେତେବେଳେ ଶ୍ରଦ୍ଧା ନିବେଦନ କରିବା ପାଇଁ ଯାଇଥାଏ, ସେଠାରେ କେବଳ ବ୍ୟବସାୟର ରୂପରେଖ ଚତୁର୍ଦ୍ଦିଗରେ ବିସ୍ତାରଣ ହୋଇଥାଏ ଓ ଆତ୍ମିକ ସେବାର ସ୍ପର୍ଶ ମଧ୍ୟ ନ ଥାଏ। ମନ୍ଦିରରେ ମୂର୍ତ୍ତି/ବିଗ୍ରହ/ଲିଙ୍ଗ ସମ୍ମୁଖରେ ଯେଉଁଭଳି ଆନ୍ତରିକତାରେ ଓ କ୍ରମରେ ସେବା କରାଯାଏ ତାହା ମଣିଷ ନିଜ କ୍ଷେତ୍ରରେ ପ୍ରୟୋଗ କରିପାରି ନ ଥାଏ। ନିଜ କ୍ଷେତ୍ରରେ ମଣିଷ ଯେତିକି ସ୍ୱଚ୍ଛତା ବା ଉପକ୍ରମ କରିଥାଏ ତାହାର ଅଧିକ ମାତ୍ରା ମଣିଷ ଭଗବାନଙ୍କ ନିକଟରେ କରିବା ଉଚିତ। ମାତ୍ର ତାହା ନ କରି ମଣିଷ ଅଧିକନ୍ତୁ ଧର୍ମର ସେବାକୁ ନଷ୍ଟ କରିବାକୁ ଉଦ୍ୟତ।



ଗୀତାରେ ଅଛି 'ସର୍ବଭୂତ ତିରସ୍କାରଂ କେଶବଂ ପ୍ରତିଗଚ୍ଛତି ...। ଆମେ ଯାହାକୁ ଘୃଣା ବା ତିରସ୍କାର କରିଥାଉ ତାହା ଆମ ଆରାଧ୍ୟ ଦେବତାଙ୍କ ନିକଟକୁ ଯାଇଥାଏ। ଫଳତଃ ଆମେ ଯେଉଁ ପ୍ରକାରରେ ଆତ୍ମବତ୍ ସେବା କରିଥାଉ ସେହି ପ୍ରକାରର ସେବା ଭଗବାନଙ୍କ ନିକଟରେ ପହଞ୍ଚି ଥାଏ। ତେଣୁ ସର୍ବାତ୍ମଭାବ ହେଉଛି ଏକ ଶିକ୍ଷା, ଯାହା ନିର୍ଦ୍ଦେଶ ଦେଇଥାଏ ଈଶ୍ୱର ସର୍ବଭୂତାନାଂ। କୀଟ ପତଙ୍ଗକୁ ମଣିଷ ନିମିଷକରେ ହତ୍ୟା କରିଥାଏ, ହେଲେ ସେଥିରେ ମଣିଷ ଅନୁଶାସନର ଅନୁଶୋଚନା କରି ନ ଥାଏ, ମାତ୍ର ଜଣେ ବଳଶାଳୀ, ପ୍ରତିପତ୍ତିଶାଳୀ ବା ଗୁରୁଜନଙ୍କୁ ଦେଖିଲେ ଯେଉଁ ହାତ ହତ୍ୟା କରିଥିଲା ସେହି ହାତରେ ଉକ୍ତ ବ୍ୟକ୍ତିଙ୍କୁ ପ୍ରଣାମ କରିଥାଏ। ଅନେକ କ୍ଷେତ୍ରରେ ବାଡ଼ି ବଗିଚାରେ ଗୃହପାଳିତ ପଶୁ ବା ଷଣ୍ଢ ଆଦି କ୍ଷୁଧା ନିବାରଣ ପାଇଁ ପ୍ରବେଶ କଲେ ମଣିଷ ସେମାନଙ୍କୁ ବିତାଡ଼ିତ କରି ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେଇଥାଏ, ମାତ୍ର ମଣିଷ ଯେତେବେଳେ ମନ୍ଦିରକୁ ଅଭୀଷ୍ଟ ସିଦ୍ଧି ବା ଧର୍ମ ଅର୍ଜନ ପାଇଁ ଯାଇଥାଏ, ସେତେବେଳେ କାଠ ପଥର ସିମେଣ୍ଟରେ ନିର୍ମିତ ନିର୍ଜୀବ ଷଣ୍ଢ ଆଦିକୁ ଆଲିଙ୍ଗନ କରି ନମସ୍କାର କରେ। 'ସର୍ବଭୂତସ୍ୟମାତ୍ମାନଂ ସର୍ବଭୂତାନି ଚାତ୍ମନି, ଈକ୍ଷତେ ଯୁଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ'। ତେଣୁ ଆତ୍ମିକ ସେବା ମଣିଷର ନିଜର ଆତ୍ମାକୁ ସ୍ୱଚ୍ଛ ଓ ନିର୍ମଳ କରୁଥିବା ବେଳେ ନିଜର ଚିନ୍ତା ଶକ୍ତିକୁ ମଧ୍ୟ ପ୍ରଭାବିତକରିଥାଏ। ମଣିଷ ଯଦି ଈଶ୍ୱରଙ୍କୁ ବିଶ୍ୱାସ କରୁଛି ତେବେ ଆତ୍ମିକ ସେବା କରିବା ଏକାନ୍ତ ଆବଶ୍ୟକ।

**ଅଭିଲେଖାଧିକାରୀ, ଜାତୀୟ ଅଭିଲେଖାଗାର, ଭାରତ ସରକାର ଭୁବନେଶ୍ୱର, ମୋ:୯୯୩୭୩୪୫୯୦୦**

## ଏଇ ଭାରତରେ

ଶିକ୍ଷାଲାଭ କରି ଉଚ୍ଚ ପଦବୀ ହାସଲ କରିବା ପଛରେ ଅନେକଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଥାଏ, ଯାହାର ସାମ୍ନା କରିଛନ୍ତି ଉତ୍ତରାଖଣ୍ଡର ହିମାଂଶୁ କାଫାଲ୍‌ଟିଆ। ଦୁର୍ଗମ ଗାଁ ତୁର୍ସାରରେ ଜନ୍ମିତ ହିମାଂଶୁ ସିଭିଲ ସର୍ଭିସରେ ସଫଳ ହେବା ପରେ ତାଙ୍କ ଆଦ୍ୟ ଜୀବନର ସଂଗ୍ରାମକୁ ସ୍ମରଣ କରି ଏବେ ବହୁ ଦୁର୍ଗମ ଗାଁରେ ପାଠାଗାର ଖୋଲୁଛନ୍ତି। ପିଲାଦିନେ ସେ ୪ କି.ମି. ପାହାଡ଼ ଚଢ଼ି ଗାଁଠାରୁ ଦୂରରେ ଥିବା ସ୍କୁଲକୁ ଯାଉଥିଲେ। ପରେ ସେ ଆଇଏଏସ୍ ହେବା ସ୍ୱପ୍ନ ଦେଖିଥିଲେ ବି ଗାଁରେ ଆବଶ୍ୟକ କୋଚିଂ କିମ୍ବା ବହିର ସୁବିଧା ପାଇପାରି ନ ଥିଲେ। ଏଥିପାଇଁ ଦିଲ୍ଲୀ ଯାଇଥିଲେ ଓ ଆଇଏଏସ୍ ପାଇ ୨୦୧୯ରେ ସର୍ଭିସରେ ଯୋଗ ଦେଇଥିଲେ। ଦୁର୍ଗମ ଗାଁରେ ଛାତ୍ରମାନେ କିଭଳି ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେବେ ସେଥିପାଇଁ ଲାଇବ୍ରେରି ଖୋଲୁଛନ୍ତି। ପ୍ରଥମେ ସେ ନଭେମ୍ବର ୨୦୨୦ରେ ଟାଙ୍କୁର ଗାଁରେ ଲାଇବ୍ରେରି ଖୋଲିବା ପରେ ପାଖାପାଖିରେ ଆଉ ୧୬ଟି ଲାଇବ୍ରେରି ଖୋଲିସାରିଲେଣି। ହିମାଂଶୁଙ୍କ ସ୍ତ୍ରୀ ବି ଜଣେ ଆଇଆର୍‌ଏସ୍ ଅଧିକାରୀ। ସେମାନେ ବହୁ ସମୟରେ ଲାଇବ୍ରେରିଗୁଡ଼ିକୁ ଯାଇ ପିଲାମାନଙ୍କୁ ମାର୍ଗଦର୍ଶନ କରୁଛନ୍ତି ଓ ପଢାଉଛନ୍ତି। ଗଣିତ ଓ ସାଧାରଣ ଜ୍ଞାନ ଉପରେ ପରୀକ୍ଷା କରୁଛନ୍ତି। ଲାଇବ୍ରେରିଗୁଡ଼ିକ ଦିନରାତି ଖୋଲାରହୁଛି। ଛାତ୍ରମାନେ ସକାଳୁ ବିଳମ୍ବିତ ରାତି ଯାଏ ସେଠାରେ ପଢୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ଫେବୃୟାରୀ ୧୯୯୮

- ଆଫଗାନିସ୍ତାନର ତାକହର ପ୍ରଦେଶରେ ଏକ ଶକ୍ତିଶାଳୀ ଭୂମିକମ୍ପ ଘଟି ୪୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି।
- ରୁଆଣ୍ଡାର ଉତ୍ତର-ପଶ୍ଚିମ ଅଞ୍ଚଳରେ ବିଦ୍ରୋହୀମାନେ ଏକ ଗ୍ରାମ ଉପରେ ଆକ୍ରମଣ କରିବା ଫଳରେ ୩୪ ମୃତ।
- ଚୀନରେ ନୂଆ ଚନ୍ଦ୍ରବର୍ଷ ଉତ୍ସବ ପାଳନ ବେଳେ ବିଷାକ୍ତ ମଦ ପାନକରି ୨୨ ଜଣଙ୍କ ପ୍ରାଣହାନି।

## ପାଠକ ଶ୍ରେଷ୍ଠ ବିଚାରକ

### କୃଷକଙ୍କୁ ଅଣଦେଖା

ମହାଶୟ,

ଏମ୍.ଏସ୍. ସ୍ୱାମୀନାଥନ କମିଶନର ସୁପାରିସ ଅନୁଯାୟୀ ସବୁ ଫସଲର ଏମ୍ଏସ୍‌ପି ପ୍ରଦାନକୁ ଆଇନଗତ ଗ୍ୟାରେଣ୍ଟି କରିବା ପାଇଁ ଭାଜପା ସରକାର ଅପାତତଃ ଅସ୍ୱୀକାର କରିଛନ୍ତି। ବଜେଟରେ ଏଥିପାଇଁ କୌଣସି ସ୍ୱତନ୍ତ୍ର ଅନୁଦାନ ବ୍ୟବସ୍ଥା ନ ଥିବାରୁ ଏହା ସ୍ପଷ୍ଟ ହୋଇଛି। ଗ୍ରାମାଞ୍ଚଳରେ କାମ, ଖାଦ୍ୟ ନିରାପତ୍ତା ଯୋଜନା ଏବଂ କୃଷକଙ୍କୁ ରିହାତି କ୍ଷେତ୍ରରେ ବଜେଟରେ ଅନୁଦାନ ପର୍ଯ୍ୟାପ୍ତ ଭାବେ କାଟି ଦିଆଯାଇଛି। ବେକାରି ସମସ୍ୟା ଉତ୍କଟ ଥିବାବେଳେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୩୩% ଅନୁଦାନ କମ୍ ଦିଆଯାଇଛି। ଖାଦ୍ୟ ଯୋଜନାରେ ୯୦,୦୦୦ କୋଟି ରିହାତି ହ୍ରାସ ହୋଇଛି। ସାରରେ ୫୦,୦୦୦ କୋଟି ଟଙ୍କା ରିହାତି କାଟି ଦିଆଯାଇଛି। କୃଷକଙ୍କ ଆୟ ଦୁଇ ଗୁଣ ଘୋଷଣା ଏକ ଫମ୍ପା ଆବାଜ। ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ବ୍ୟୟ ବରାଦ ୬୮,୦୦୦ କୋଟିରୁ ୬୦,୦୦୦ କୋଟିକୁ ହ୍ରାସ ପାଇଛି। ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ଅନୁଯାୟୀ ସେମାନଙ୍କ କଲ୍ୟାଣ ପାଇଁ ବଜେଟ ଅନୁଦାନ ନୈରାଶ୍ୟଜନକ। ବେକାରଙ୍କ ପାଇଁ ନିଯୁକ୍ତିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ବଜେଟରେ କୌଣସି ଦିଶା ନାହିଁ। କୃଷକ, କୃଷି ଶ୍ରମିକ, ବେକାର ଯୁବକ ଏବଂ ସାଧାରଣ ଜନତାଙ୍କ ପାଇଁ ଏହା ନୈରାଶ୍ୟଜନକ ବଜେଟ।

**-ସୁରେଶ ପାଣିଗ୍ରାହୀ, ଜମେଶ୍ୱର ସାମନ୍ତରାୟ, ଓଡ଼ିଶା କୃଷକ ସଭା ସାଧାରଣ ସମ୍ପାଦକ ଓ ସଭାପତି**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆସ ଗୋ ମୋର ଶ୍ରବଣପୁର
ଆସ ଗୋ ମୋର ନିକଟ ଦୂର,
ଆସ ଗୋ ଆସ ରସ ମଧୁର ଯୌବନ
କିଶୋରୀ ଆଗୋ, ବୃଦ୍ଧା ଆଗୋ ଶୋଭନ।
-(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସଂକ୍ଷେପରେ**

## ପୃଥକ ଦୁର୍ଘଟଣାରେ ୨ ମୃତ



ରାୟଗଡ଼ା,୬।୨(ସ୍ୱ.ପ୍ର.)- ରାୟଗଡ଼ା ସହରର ଦୁଇ ପୃଥକ ସ୍ଥାନରେ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ତେଲୀ ମାଝୀ(୫୩) ଓ ତାଉଡୁ ବିଡିଟା(୧୯)। ତେବେ ସେମାନଙ୍କ ରାୟଗଡ଼ା ସହରର ରେଳ ଷ୍ଟେଶନ ନିକଟ ହନୁମାନ ମନ୍ଦିର ସମ୍ମୁଖରେ ଏକ ଦୁର୍ଘଟଣା ଘଟିଥିବାବେଳେ ଏଥିରେ କତାପେଟା ଗ୍ରାମ ଯୁବକ ତାଉଡୁ ବିଡିକାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବିଭୁତି ରଞ୍ଜନ ପତି ନାମକ ବ୍ୟକ୍ତି ଗୁରୁତର ହୋଇଛନ୍ତି। ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିଭଳି ଅନ୍ୟ ଏକ ଦୁର୍ଘଟଣା ମାଁ ମଝିଘରିଆଣୀ ମନ୍ଦିର ନିକଟରେ ଘଟିଛି। ବାଇକ୍‌କୁ ଏକ ଟ୍ରେଲର ଧକ୍କା ଦେବା ଫଳରେ ତେଲିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଉଭୟ ଘଟଣାରେ ପୋଲିସ ପହଞ୍ଚି ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ ଜାରିରଖିଛି। ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ଦିବ୍ୟ ଦର୍ଶନ ସଂଘ ତରଫରୁ ସତ୍‌ସଙ୍ଗ

ଗୁଣପୁର,୬।୨(ଡି.ଏନ୍.ଏ.)- ସଦଗୁରୁ ଶୀ ଶ୍ରୀ ଅର୍ଜୁନଙ୍କ ପ୍ରତିଷ୍ଠିତ ଦିବ୍ୟ ଦର୍ଶନ ସଂଘ ଗୁଣପୁର ଶାଖା ଆନୁକୁଲ୍ୟରେ ଜ୍ଞାନ ମନ୍ଦିର ପରିସର ମଧ୍ୟରେ ସତ୍‌ସଙ୍ଗର ଆୟୋଜନ କରାଯାଇଥିଲା। ଏଥିରେ ଗୁରୁ ଧନଞ୍ଜୟ ହେରା, ଏମନା ମୂର୍ତ୍ତି, ନରେନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ପନ୍ଦରା, ହରିହର ସ୍ୱାଇଁ, ଏସ୍. ଗୌରି ଯୋଗଦେଇ ଆଧାତ୍ମିକ ଜ୍ଞାନ ବିଷୟରେ ଆଲୋକପାତ କରିଥିଲେ। ସଦ୍‌ଗୁରୁ ଦେବଙ୍କର ଅମୃତବାଣୀ ଉପରେ ଅତିଥିଙ୍କ ପକ୍ଷରୁ ମାର୍ଗଦର୍ଶନ କରାଯାଇଥିଲା। ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଆତ୍ମଜ୍ଞାନ ଶିକ୍ଷା ଲାଭ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୋଡ଼ିଙ୍ଗା, ୬।୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅଧୀନ ଭାଟିଗାଁ-ବଡ଼ ମସିଗାଁ କଜୁବାଡ଼ ନିକଟରେ ଜଣେ ଯୁବକ ଝୁଲନ୍ତା ମତଦେହ ମିଳିଛି। ମୃତକ ହେଲେ ଦେଓଳା ଗ୍ରାମର ସୂର୍ଯ୍ୟ ରତନ ଭତ୍ରା (୨୬)। ମିଳିଥିବା ସୂଚନାନୁଯାୟୀ ଭାଟିଗାଁ ଗ୍ରାମର କେତେଜଣ କାଜୁ ଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଦେଖି କୋଡ଼ିଙ୍ଗା ପୋଲିସକୁ ସୂଚନା ଦେଇଥିଲେ। କୋଡ଼ିଙ୍ଗା ପୋଲିସ ଘଟଣାସ୍ଥଳରେ ତଦନ୍ତ କରି ଯୁବକଙ୍କ ପରିଚୟ ପାଇ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ମୃତକଙ୍କ ବାପା ଶିବ ଭତ୍ରା କୋଡ଼ିଙ୍ଗା ଥାନାରେ ଅଭିଯୋଗ କରିଥିଲେ। କୋଡ଼ିଙ୍ଗା ପୋଲିସ ୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଯୁବକଙ୍କ ଆତ୍ମହତ୍ୟା କାରଣ ସ୍ପଷ୍ଟ ହୋଇ ନ ଥିବ କୋଡ଼ିଙ୍ଗା ଥାନା ଏଏସ୍‌ଆଇ ଟି.ଏସ୍ ପ୍ରଧାନ କହିଛନ୍ତି।

# ସିଗାରେଟ କିଣା ବାହାନାରେ ମହିଳାଙ୍କ ଚେନ୍ ଟାଣିନେଲେ

**ରାୟଗଡ଼ା ସହରରେ ଦିନରେ ପୋଲିସକୁ ଚ୍ୟାଲେଞ୍ଜ**

ରାୟଗଡ଼ା(ସ୍ୱ.ପ୍ର.)/ ରାୟଗଡ଼ା ଅଫିସ,୬।୨

ରାୟଗଡ଼ା ସହରରେ ନିୟମିତ ବ୍ୟବଧାନରେ ଚୋରି, ଲୁଟ ବଢ଼ିବାରେ ଲାଗିଛି। ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଦୁର୍ବୃତ୍ତମାନେ ବାରମ୍ବାର ଲୁଟ ଏବଂ ଡକାୟତି କରୁଛନ୍ତି। ସୋମବାର ରାୟଗଡ଼ା ସହରରେ ଆଉ ଏକ ବଡ଼ଧରଣର ଲୁଟ୍ ହୋଇଛି। ସ୍ଥାନୀୟ ଇନ୍ଦିରାନଗର ୪ର୍ଥ ଗଳିରେ ସିଗାରେଟ କିଣିବାକୁ ଯାଇ ଦୁର୍ବୃତ୍ତମାନେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଏବଂ ମଙ୍ଗଳସୂତ୍ର ଟାଣି ନେଇଛନ୍ତି।

ସୂଚନା ଅନୁଯାୟୀ, ଇନ୍ଦିରାନଗର ୪ର୍ଥ ଗଳି ନିବାସୀ ଭି.ଅରୁଣାଙ୍କ ଘରକୁ ତାଙ୍କ ବଡ଼ ଭଉଣୀ ଗୁଣପୁରରୁ ବୁଲିବାକୁ ଆସି ରହିଥିଲେ। ଅରୁଣା ସକାଳେ ଘର କାମ କରୁଥିବା ବେଳେ ତାଙ୍କ ଦୋକାନରେ ବଡ଼ ଭଉଣୀ ତାଙ୍ଗୁଡୁ ରମାମଣି ବସିଥିଲେ। ଦିନ ୧୧.୩୦ ରେ ଏକ ଆପାଚି ବାଇକ୍‌ରେ ୩ ଦୁର୍ବୃତ୍ତ ଦୋକାନକୁ ଆସି ସିଗାରେଟ ମାଗିଥିଲେ। ଭି. ଅରୁଣା ସିଗାରେଟ ରହୁଥିବା ସ୍ଥାନ ରମାମଣିଙ୍କୁ ଦେଖାଇ ଘର ଭିତରକୁ ଚାଲିଯାଇଥିଲେ। ରମାମଣି ତଳୁ ସିଗାରେଟ ବାହାର କରି ଦେବା ସମୟରେ ଦୁର୍ବୃତ୍ତମାନେ ତାଙ୍କ ଗଳାକୁ ଦବାଇ ଚେନ୍ ଓ ମଙ୍ଗଳସୂତ୍ର ଟାଣି ନେଇଥିଲେ। ଚେନ୍‌ର ଅଧାଅଂଶ ମହିଳାଙ୍କ ନିକଟରେ ରହିଛି। ପ୍ରାୟ ୭୦ ଗ୍ରାମର ସୁନା ଚୋରି ହୋଇଥିବା ରମାମଣି କହିଛନ୍ତି। ଏହାର ଆନୁମାନିକ ମୂଲ୍ୟ ୩ଲକ୍ଷ ୫୯ ହଜାର ଟଙ୍କା ହେବ। ଚେନ୍ ଟାଣିନେଇ ଦୁର୍ବୃତ୍ତମାନେ ବାଇକ୍‌ରେ ବସି ଚମ୍ପଟ ମାରିଥିଲେ। ତେବେ ସେଠାରେ ଉପସ୍ଥିତ ଜଣେ ଯୁବତୀ ବାଇକ୍ ନମ୍ବର ଟିପିଥିଲେ। ଗଣମାଧ୍ୟମ ପ୍ରତିନିଧି ଏହାର ସୂଚନା ପାଇ ଟାଉନ ଥାନା ପୋଲିସକୁ ଜଣାଇଥିଲେ। ଏସ୍‌ଆଇ ବିକାଶ କୁମାର ପଟେଲ ଏବଂ ପୋଲିସ ଟିମ୍ ପହଞ୍ଚି ଅନୁସନ୍ଧାନ କରିଥିଲେ। ୩ ଦୁର୍ବୃତ୍ତ ଚୋରି କରି ଫେରାର ହେବା ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ସେଠାରେ ଉପସ୍ଥିତ ଯୁବତୀ ବାଇକ ନମ୍ବର ମଧ୍ୟ ପୋଲିସକୁ ଦେଇଛନ୍ତି। ହେଲେ ଉକ୍ତ ନମ୍ବର ନକଲି ଏବଂ ଗୋଟିଏ ସ୍କୁଟିର ନମ୍ବର ବୋଲି ତଦନ୍ତରୁ ଜଣାପଡ଼ିଛି।



ଲୁଟ୍‌ର ଶିକାର ହୋଇଥିବା ମହିଳା।

ପୋଲିସ ଅଭିଯୁକ୍ତମାନଙ୍କୁ ଖୋଜୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନଙ୍କ ପତ୍ତା ମିଳିନାହିଁ। ଲୁଟ୍ ନେଇ ରମାମଣି ଥାନାରେ ଅଭିଯୋଗ କରିଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି। ଦିନ ଦ୍ୱିପହରରେ ଏଭଳି ଲୁଟ୍ ଯୋଗୁ ଲୋକେ କାମରେ ବାହାକୁ ଯିବାକୁ ମଧ୍ୟ ଅସୁରକ୍ଷିତ ମନେ କଲେଣି। ଏଥିପୂର୍ବରୁ ଗତ ୧ ତାରିଖରେ ମଧ୍ୟ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କ ମା' ମନ୍ଦିରରୁ ଫେରିବା ସମୟରେ ତାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନାଚେନ୍ ଟାଣି ନେଇଥିଲେ। ଘଟଣାର ୬ ଦିନ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଲୁଟେରାଙ୍କ ସନ୍ଧାନ ମିଳିନାହିଁ। ଫଳରେ ମହିଳା ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିବା ଜଣାପଡ଼ିଛି। ସହରରେ ଲୁଟ୍ ଘଟଣାରେ ଏକ ଗ୍ୟାଙ୍ଗ ସାମିଲ ଥିବା ସନ୍ଦେହ କରାଯାଉଛି। ଏ ନେଇ ୧୬ ନଂ. ୱାର୍ଡର ୱାର୍ଡମେମ୍ବର ଶ୍ରମିତା ପାଢ଼ୀଙ୍କୁ ପଚାରିବାରୁ ସେ କହିଛନ୍ତି, ସହରବାସୀ ଦିନରେ ମଧ୍ୟ ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ପୋଲିସ କୌଣସି ଚୋରି ମାମଲାକୁ ଗୁରୁତର ସହ ନେଉ ନ ଥିବାରୁ ଦୁର୍ବୃତ୍ତ ସୁଯୋଗ ନେଉଛନ୍ତି। ତେଣୁ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଉ ବୋଲି ସେ ଦାବି କରିଛନ୍ତି।

## ପିଲାଙ୍କ ଉପରେ ଅଧିକ ଚାପ ନ ପକାଇବାକୁ ପରାମର୍ଶ



ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ସ୍ୱାମୀ ବିବେକାନନ୍ଦ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ**

ମୁନିଗୁଡ଼ା,୬।୨(ଡି.ଏନ୍.ଏ.)

ମୁନିଗୁଡ଼ାସ୍ଥିତ ସ୍ୱାମୀ ବିବେକାନନ୍ଦ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ଦେବାଶିଷ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ମୁନିଗୁଡ଼ା ଥାନା ଅଧିକାରୀ ସୁଜ୍ଞାନୀ ସାହୁ, ମୁଖ୍ୟବକ୍ତା ରୂପେ କଲେଜର ଇତିହାସ ଅଧ୍ୟାପକ ବିରାଟ କିଶୋର ପଣ୍ଡା, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଓ ସହଦେବ ଚିତୁଆନ ପ୍ରମୁଖ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିଥିଲେ। ପରେ ଅତିଥିମାନେ ଛାତ୍ରୀଛାତ୍ରଙ୍କ ଉପରେ ଅଧିକ ଚାପ ନ ପକାଇବାକୁ ପରାମର୍ଶ ଦେଇଥିଲେ। ଏଥିସହ ଶିକ୍ଷାକୁ ନେଇ ପିଲାଙ୍କ ଗୁରୁତ୍ୱ ଓ ଶିକ୍ଷାର ମୂଲ୍ୟବୋଧ ଉପରେ ପ୍ରକାଶ କରିଥିଲେ। ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବରୁ ସ୍କୁଲରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଏଠାରେ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବାର୍ଷିକ ଉତ୍ସବକୁ ଶିକ୍ଷକ ଅବିନାଶ ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସୁଜାତା ମହାନ୍ତି, ପ୍ରକାଶିନୀ ଜେନା, ଭାରତୀ ନାୟକ, ସାଗରିକା ଦାଶ, ଅର୍ଚ୍ଚନା ପଣ୍ଡା, ରେସ୍ମାରାଣୀ ମହାରଣା, ସନ୍ତୋଷୀ ମହାରଣା, ଚିନ୍ମୟୀ ସେନାପତିଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଅଧ୍ୟକ୍ଷ ଧନ୍ୟବାଦ ଦେଇଥିଲେ।

# ଚାଷୀଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ**

ପଦ୍ମପୁର,୬।୨(ଡି.ଏନ୍.ଏ.)

ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ବଡ଼ନାଳ ଠାରେ ଅଧୀକ୍ଷଣ ଯନ୍ତ୍ରୀ ରାଜୀବ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ସମ୍ମାନୀତ ଅତିଥି ରୂପେ ପଦ୍ମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ମଣିମାଳା ଶବର, ଜିଲା କୃଷି ଅଧିକାରୀ(ଗୁଣପୁର) ବିଷ୍ଣୁ ସାହୁ, ଆତ୍ମା ଅଧ୍ୟକ୍ଷ କୈଳାସ କ୍ରାସ୍କା, ପଦ୍ମପୁର ଜିଲା ପରିଷଦ 'ଖ' ଜୋନ୍ ସଦସ୍ୟ ରବି ନାରାୟଣ ଆଚାର୍ଯ୍ୟ, ଉପାଧ୍ୟକ୍ଷ ରମେଶ ସାହୁ, ତେମ୍ବାଗୁଡ଼ା ସରପଞ୍ଚ ସିଦ୍ଧେଶ୍ୱର ଶବର, ସହକାରୀ ଯନ୍ତ୍ରୀ ପ୍ରମୁଖ ମଞ୍ଚାସିନ ଥିଲେ। କନିଷ୍ଠ ଯନ୍ତ୍ରୀ ସଭା ପରିଚାଳନା କରିଥିଲେ। କୃଷକ ନେତାଙ୍କ ମଧ୍ୟରେ ତ୍ରିପତି ନିଶଙ୍କ, ଦୁର୍ଗା ପ୍ରସାଦ ସାହୁ, ପ୍ରଭାକର ବାନପିଲି ପ୍ରମୁଖ ବଡ଼ନାଳ ଜଳସେଚନ ପ୍ରକଳ୍ପର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ପାଣି ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଧାୟକଙ୍କୁ ସମସ୍ତ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। କିଭଳି ସମସ୍ୟାର ସମାଧାନ ହେବା ସହ ଚାଷୀ ଉପକୃତ ହୋଇପାରିବେ ତାହା ଉପରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ।

ବିଶେଷ କରି ପଙ୍କ ଉଦ୍ଧାର, ସାନନଦୀ କିମ୍ବା କୁତ୍ରଧର ନଦୀରୁ ବଡ଼ନାଳକୁ ସଂଯୋଗିକରଣ ଓ ଆବଶ୍ୟକ ମରାମତି କିମ୍ବା ନୂତନ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଆଲୋଚନା ହୋଇଥିଲା। ସାର ସମସ୍ୟାକୁ ଦୃଷ୍ଟିରେ ରଖି ଗୁଣପୁର ଚାଷୀଙ୍କ ପାଇଁ ଗୋଦାମ ଗୃହ କରିବା ନିମନ୍ତେ ଦୁର୍ଗା ପ୍ରସାଦ ସାହୁ ଦାବି ଉପସ୍ଥାପନ କରିଥିଲେ। ଗୁଡୁଟାଇ ଶବର ଇନ୍ଦୁପୁର କଇଲିକୋଟ କେନାଲ ନିର୍ମାଣ ପାଇଁ ଦାବି ରଖିଥିଲେ। ସିମାଞ୍ଚଳ ମାଝି ଜରିପାଙ୍ଗ କେନାଲ ମରାମତି ସମ୍ପର୍କରେ କହିଥିଲେ। ହରେକୃଷ୍ଣ ପାଢ଼ୀ ଅଗ୍ନିଶମ କେନ୍ଦ୍ର ନିକଟରେ ଅସମ୍ପୂର୍ଣ୍ଣ ଥିବା କେନାଲ ନିର୍ମଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଉପରେ ଉପସ୍ଥାପନ କରିଥିଲେ। ପଦ୍ମପୁର ଆତ୍ମା ଅଧ୍ୟକ୍ଷ ପାଣି ପଞ୍ଚାୟତ କାର୍ଯ୍ୟକାରୀ କରିବା ପାଇଁ ନୂତନ ଭାବରେ ଭୋଟର ତାଲିକା ସଂଶୋଧନ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ତେମ୍ବାଗୁଡ଼ା ସରପଞ୍ଚ ଗୋଟିଏ ଜରିପାଙ୍ଗା ଗ୍ରାମ ବ୍ୟତୀତ ଅନ୍ୟ କୌଣସି ଗ୍ରାମରେ ଜଳସେଚନ ସୁବିଧା ନ ଥିବା ପ୍ରକାଶ କରିଥିଲେ। ବିଶିଷ୍ଟ ଚାଷୀଙ୍କ ମଧ୍ୟରେ କିଲାନା ଗୋବିନ୍ଦ ରାଓ, ସହଦେବ ମାଣ୍ଡାଙ୍ଗୀ, ବ୍ରଜ ସୁନ୍ଦର ପାଣିଗ୍ରାହୀ, ରଘୁନନ୍ଦନ ନାୟକଙ୍କ ସମେତ ସମସ୍ତ ପାଣି ପଞ୍ଚାୟତର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଶେଷରେ ସହକାରୀ ଯନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ନବରଙ୍ଗପୁରର ପରିମଳ ରାଜ୍ୟରେ ଦ୍ୱିତୀୟ

ନବରଙ୍ଗପୁର,୬।୨(ବି.ପ୍ର.)

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ଆୟୋଜିତ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାର ୧୦୫ ଓଜନ ବର୍ଗରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଗୋବର୍ଲା ଗାଁର ପରିମଳ ସୁନା ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ପାଇଛନ୍ତି। ଓଡ଼ିଶା ପାୱାର ଲିଫ୍‌ଟିଂ ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇ ପରିମଳଙ୍କୁ ପଦକ ପ୍ରଦାନ କରିଛନ୍ତି। ଅନୁନ୍ନତ ନବରଙ୍ଗପୁର ଜିଲାରେ କୋଚିଂର ସୁବିଧା ଓ ଭିତ୍ତିଭୂମି ନଥିବା ସତ୍ତ୍ୱେ ପରିମଳ ନିଜ ଉଦ୍ୟମ ଓ ଅଭ୍ୟାସରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ପାଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଜିଲା ପାୱାର ଲିଫ୍‌ଟିଂ ସମ୍ପାଦକ ରମେଶ ଗରଡାଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପରିମଳଙ୍କୁ ଶୁଭେଚ୍ଛା ଜଣାଯାଇଛି। ସୂଚନାନୁଯାୟୀ, ଫେବୃୟାରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଜିଲାସ୍ତରୀୟ ନିଯୁକ୍ତି ତାଲିମ ଶିବିର

ଡାବୁଗାଁ, ୬।୨ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଭୈରବ ସ୍ନାତକ ମହାବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ନିଯୁକ୍ତି ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶଶାଙ୍କ ଶେଖର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗ ମୁଖ୍ୟ ଚନ୍ଦନା ପଣ୍ଡା, ଅଧାପିକା ମନିସା ସରକାର, ଅର୍ଥନୀତି ବିଭାଗର ମୁଖ୍ୟ ଉର୍ମିଳା ବ୍ରହ୍ମା ଅଧ୍ୟାପକ ସନ୍ନ୍ୟାସୀ ସାହୁ ନବରଙ୍ଗପୁର ଜିଲା ଶିଳ୍ପ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ବିକ୍ରମ ରାଜୁ ବାବୁ ଉପସ୍ଥିତ ଥିଲେ।

# ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଉତ୍ସବ

ଗୁଣପୁର,୬।୨(ଡି.ଏନ୍.ଏ.)

ଗୁଣପୁର ସ୍ଥିତ ଅରୋଶ୍ରୀ ବିହାରଠାରେ ଯୋଗୀଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ଏକ ବିଂଶତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ସକାଳେ ପ୍ରାରମ୍ଭରେ ମାତୃ ପତାକା ଉତ୍ତୋଳନ କରାଯାଇଥିଲା। ଏହାପରେ ଦେହାଂଶ ପ୍ରତିଷ୍ଠା ସ୍ଥାନ ସମାଧି ସ୍ଥଳରେ ସମବେତ ଧ୍ୟାନ କାର୍ଯ୍ୟକ୍ରମ ହେଇଥିଲା। ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲାର ସଙ୍ଗଠକ ଉନ୍ନା ସୀମାଞ୍ଚଳ ଯୋଗ ଦେଇଥିବାବେଳେ କୋଟପାଡ଼ ଶ୍ରୀଅରବିନ୍ଦ ଯୋଗାଳୟର ପ୍ରତାପ କୁମାର ଦେୱାନ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ସେମାନେ ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କ ତ୍ୟାଗପୂତ ଜୀବନୀ ଉପରେ ଆଲୋକପାତ କରିଥିଲେ। ଗୁଣପୁର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମ୍ପାଦକ ସୁଦର୍ଶନ ପୃଷ୍ଟି ମଞ୍ଚାସିନ ଥିଲେ। ସୁଜାତା ରଥ ଦୁର୍ଗା ସ୍ତୋତ୍ର ପାଠ କରିଥିବାବେଳେ ବୃନ୍ଦାବତୀ ପଣ୍ଡା ମାତୃ ବନ୍ଦନା ପାଠ କରିଥିଲେ। କୃଷ୍ଣଚନ୍ଦ୍ର ଭୁକ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଜଗନ୍ନାଥ ମିଶ୍ର, ଯୋଗେନ୍ଦ୍ର ନାରାୟଣ ଦେଓ, ପତିତପାବନ ଗୌଡ଼, ଗୁପ୍ତେଶ୍ୱର ସାହୁ, ସୋମନାଥ ଗୌଡ଼, ରଘୁନାଥ ଆଚାର୍ଯ୍ୟଙ୍କ ସମେତ ଅନ୍ୟ ମାତୃପ୍ରେମୀ ଏବଂ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡ଼ା ଅଫିସ,୬।୨

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଜିଲା ସଦର ମହକୁମାଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱଧା ଦେବ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲାପାଳ ଭୀମସେନ ଶବର, ସିଡିଏମ୍‌ପିଏଚ୍‌ଓ ଡା. ଲାଲମୋହନ ରାଉତରାୟ, ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଜିଲା ଯୋଗାଣ ଅଧିକାରୀ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ, ଅଭିଯୋଗ ଶୁଣାଣି ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ଅନ୍ୱେଷା ଦାଶ, ଜିଲା ଆପତକାଳୀନ ଅଧିକାରୀ ସୁକାନ୍ତ କୁମାର ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ତହସିଲଦାର ତାପସ କୁମାର ରାଉତ, ବିଡିଓ ଲକ୍ଷ୍ମୀ ନାରାୟଣ ସାବତ, ପୌର ନିର୍ବାହୀ ଅଧିକାରୀ ୟାଶିର ବିଲାଲ ଅହମ୍ମଦଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମୋଟ ୫୦ ଅଭିଯୋଗ ଆଗତ ହୋଇଥିବାବେଳେ ସେଥିମଧ୍ୟରୁ ୪୬ଟି ବ୍ୟକ୍ତିଗତ ଏବଂ ୪ ସାମୂହିକ ଥିଲା। ଜିଲାପାଳ ଉକ୍ତ ଅଭିଯୋଗ ଗୁଡ଼ିକୁ ପାଇବା ପରେ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ସନ୍ତୋଷ ବଚ୍ଛାଙ୍କୁ ଓଡ଼ିଶା ରତ୍ନ ସମ୍ମାନ

ରାୟଗଡ଼ା ଅଫିସ,୬।୨

- କୁଇ ଭାଷାରେ ପରିବେଷଣ କରୁଛନ୍ତି ସଚେତନତାମୂଳକ ନାଟକ, ଗୀତ
- ଆଞ୍ଚଳିକ ଭାଷା , ଲୋକକଳା ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲକ୍ଷ୍ୟ

କୁଇ ଭାଷାରେ ବିଭିନ୍ନ ସଚେତନାତାମୂଳକ ନାଟକ, ପଥପ୍ରାନ୍ତ ନାଟକ ଓ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରି ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଥିବା ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଅଞ୍ଚଳର ସନ୍ତୋଷ କୁମାର ବଚ୍ଛାଙ୍କୁ ଓଡ଼ିଶାରତ୍ନ ଆୱାର୍ଡରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଜାନୁୟାରୀ ୩୦ରେ ସଙ୍ଗୀତ ମୂର୍ଚ୍ଛନା ଓ ଓଡ଼ିଶା ସଂସ୍କୃତି କଳା ଏକାଡେମୀ ପକ୍ଷରୁ ଅନୁଷ୍ଠାନର ପ୍ରତିଷ୍ଠାତା ଓ ସଭାପତି ବସନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଦିନେଶ କୁମାର ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥି, ବିଶିଷ୍ଟ ଗୀତିକାର ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମ ମୁଖ୍ୟ ବକ୍ତା, ଚଳଚିତ୍ର ନିର୍ଦ୍ଦେଶକ ଅଶୋକ ମଲ୍ଲିକ, ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ ଦାସ, ଅଶୋକ ମଲ୍ଲିକ, ସୁଧାକର ମିଶ୍ର, ବିଷ୍ଣୁମୋହନ କବି, ଗୀତା ଦାସ, ଏନ୍‌ଜିଲା ମିଶ୍ର, କୁମାର ଦିଲ୍ଲୀପ, ସୌଭାଗ୍ୟ ପତି, ଜ୍ୟୋତିର୍ମୟ କାନୁନଗୋ, କୈଳାସ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶାର ପ୍ରାୟ୧୫୦ ପ୍ରତିଭାଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ସୂଚନାନୁଯାୟୀ, ସନ୍ତୋଷ ୨୦୦୭ରୁ କୁଇ ଭାଷାରେ ନାଚଗୀତ, ପଥପ୍ରାନ୍ତ ନାଟକ ଓ ଅନେକ ସଚେତନମୂଳକ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରି ଆସୁଛନ୍ତି। ତାଙ୍କ ନାଟକ ଓ ଗୀତ ସବୁ ଦେଶ ବିଦେଶରେ ଲୋକପ୍ରିୟ ହେଉଛି। ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ ଏକ ଲକ୍ଷ ସସ୍‌କ୍ରାଇବର ଅଛନ୍ତି। ଆଞ୍ଚଳିକ ଭାଷା ଲୋକକଳା ସଂସ୍କୃତିକୁ ବିଶ୍ୱ ଦରବାରରେ ପ୍ରଚାର ପ୍ରସାର କରିବା ଲକ୍ଷ୍ୟ ବୋଲି ସନ୍ତୋଷ କହିଛନ୍ତି। ସନ୍ତୋଷଙ୍କୁ ଏହି ସମ୍ମାନ ମିଳିବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଦେଉଛନ୍ତି।



ଅତିଥିମାନେ ସନ୍ତୋଷଙ୍କୁ ପୁରସ୍କୃତ କରୁଛନ୍ତି।

# ପୋଲିସକୁ ଡରୁନାହାନ୍ତି ଅପରାଧୀ

ରାୟଗଡ଼ା,୬।୨(ସ୍ୱ.ପ୍ର.)

- ରାୟଗଡ଼ା ସହରରେ ଅପରାଧ ଉପରେ ରହୁନି ନିୟନ୍ତ୍ରଣ
- ଆପାଚି ଲୁଟେରାଙ୍କୁ ନେଇ ଚର୍ଚ୍ଚା
- ନକଲି ନମ୍ବର ବ୍ୟବହାର କରି ଲୁଟ୍ କରୁଛନ୍ତି

ରାୟଗଡ଼ା ଜିଲା ସଦର ମହକୁମାରେ ଜିଲା ପୋଲିସ କାର୍ଯ୍ୟାଳୟ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ପୋଲିସ ବିଭାଗର ଜିଲାସ୍ତରୀୟ ଅଧିକାରୀ ଏବଂ ଟାଉନ ଥାନା ରହିଛି। ତଥାପି ପୋଲିସକୁ ଡରୁନାହାଁନ୍ତି ଲୁଟେରା। ଦିନକୁ ଦିନ ସହରରେ ଛିନତାଇ, ଚୋରି ଏବଂ ଡକାୟତି ବଢୁଛି। ପୋଲିସକୁ ଖାତିର କରୁନାହାଁନ୍ତି ଚୋର। ଦିନ ଦ୍ୱିପହରରେ ଆପଚି ବାଇକ୍‌ରେ ଆସି ବିଭିନ୍ନ ସ୍ଥାନରେ ମହିଳା ଏବଂ ବୃଦ୍ଧାଙ୍କୁ ଟାର୍ଗେଟ କରୁଛନ୍ତି। ହେଲେ ଚୋରଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ପୋଲିସ ଗୋଇନ୍ଦା ବିଭାଗ ପାଖରେ ମଧ୍ୟ କୌଣସି ସୂଚନା ରହୁନି। ଏମିତିକି ପୂର୍ବରୁ ପୋଲିସ ଥାନାରୁ ପିସିଆର ଭ୍ୟାନ୍ ଚୋରି ହୋଇଯାଇଥିଲେ ମଧ୍ୟ ଏସ୍‌ପି, ଏସ୍‌ଡିପିଓ ଓ ଆଇଆଇସିଙ୍କ ନିକଟରେ କୌଣସି ସୂଚନା ନ ଥିବା ଜଣାପଡ଼ିଥିଲା। ସୋମବାର ସକାଳେ ଇନ୍ଦିରାନଗରରେ ହୋଇଥିବା ଚୋରି ବିଷୟରେ ମଧ୍ୟ ପୋଲିସ ସୂଚନା ପାଇ ନ ଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କ ଠାରୁ ସୂଚନା ପାଇ ପୋଲିସ ପହଞ୍ଚିଥିଲା। ଲୋକେ ପୋଲିସ ଚୋରି ଘଟଣାରେ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହେଉ ନ ଥିବାରୁ ଲୋକେ ନିରାଶ ହୋଇ ପୋଲିସକୁ ଜଣାଇବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା ମଧ୍ୟ ଶୁଣିବାକୁ ମିଳୁଛି। ହେଲେ ଏ ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇପାରିନି। ତେଣୁ ପୋଲିସ ଅଭିଯୁକ୍ତଙ୍କୁ ଧରିପାରୁନି ନାଁ ଆଗ୍ରହ ନାହିଁ ବୋଲି ଲୋକଙ୍କ ମନରେ ପ୍ରଶ୍ନ ଉଠିଛି।

ଜାନୁୟାରୀ ୧୯ରେ ବ୍ୟାଙ୍କ କଲୋନୀ ସ୍ଥିତ ଶ୍ରୀନିବାସଙ୍କ ଘରେ ହୋଇଥିବା ଚୋରିର ପର୍ଦ୍ଦାଫାସ କରି ପୋଲିସ ବାହାବା ମାରୁଥିବା ବେଳେ ଏବେ ଦୋକାନକୁ ଆସି ଦିନରେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଟାଣିନେଇ ଦୁର୍ବୃତ୍ତ ପୋଲିସର ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରିଛନ୍ତି। ସେହିପରି ପ୍ରତ୍ୟେକ ଦିନ ସହରରେ ଗାଡ଼ି ଚୋରି ସାଧାରଣ ଘଟଣା ପାଲଟିଛି। ଗାଡ଼ି ଚୋରି ନେଇ ଥାନାରେ ଏତଲା ଦେଲେ ମଧ୍ୟ ପୋଲିସ ଏତଲା ପଞ୍ଜୀକୃତ କରୁ ନ ଥିବା ଏବଂ ଆମେ ଖୋଜିବୁ ଆପଣ ମଧ୍ୟ ଖୋଜନ୍ତୁ କହୁଥିବା କେତେଜଣ ବ୍ୟକ୍ତି ନାମ ଗୋପନ ରଖି ଅଭିଯୋଗ କରିଛନ୍ତି। ଜୁନ ୨୦୨୧ରେ ଜଣେ ବ୍ୟକ୍ତିଙ୍କ ବାଇକ୍ ଚୋରି ହୋଇଥିଲା। ସେ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ସହଯୋଗ କରି ନ ଥିବା ସେ ପ୍ରକାଶ କରିଛନ୍ତି। ପରେ ସେ ନିଜ ସାଙ୍ଗମାନଙ୍କ ସହ ମିଶି ବାଇକ୍ ଖୋଜି ପାଇଥିବା ଜଣାପଡ଼ିଛି। ତାଙ୍କ ବାଇକ୍‌ର ନମ୍ବର ପ୍ଲେଟ ବାହାର କରି କନ୍ଧମାଳ ଜିଲାର ଏକ ନକଲି ନମ୍ବର ପ୍ଲେଟ ଲଗାଇ ଦୁର୍ବୃତ୍ତ ବାଇକ୍ ବ୍ୟବହାର କରୁଥିବା ସମୟରେ ବାଇକ୍ ମିଳିଥିଲା। ଆଶ୍ଚର୍ଯ୍ୟର କଥା ହେଲା ପୋଲିସ ଠାରୁ ଚୋର ଅଧିକ ସ୍ମାର୍ଟ ହୋଇଛନ୍ତି। ଆପାଚି ବାଇକ୍‌ରେ ସ୍କୁଟିର ଫେକ୍ ନମ୍ବର ପ୍ଲେଟ ଲଗାଇ ଚୋରି କରୁଛନ୍ତି। ସିସିଟିଭିରେ ଧରା ପଡ଼ିଥିବା ନମ୍ବର ପ୍ଲେଟକୁ ଯାଞ୍ଚ କଲେ ନକଲି ନମ୍ବର ବୋଲି ଜଣାପଡୁଛି। ଅନ୍ୟପକ୍ଷରେ ଚୋରି କରି ଅଭିଯୁକ୍ତମାନେ କେଉଁଆଡ଼େ ଗାୟବ ହେଉଛନ୍ତି ତାହାର ପତ୍ତା ମିଳୁନି। ଶ୍ରୀନିବାସଙ୍କ ଘରୁ ୭୮୦ ଗ୍ରାମ ଚୋରି ହୋଇଥିବା ବେଳେ ଗିରଫ ବ୍ୟକ୍ତିଙ୍କ ଠାରୁ ମାତ୍ର ୩୨୫ ଗ୍ରାମ ସୁନା ଜବତ ହୋଇଛି। ତେବେ ବଳକା ସୁନା ଓ ନଗଦ ୯ଲକ୍ଷ ଟଙ୍କା କୁଆଡ଼େ ଗଲା ତାହାର କୌଣସି ସୂଚନା ପୋଲିସ ଦେଇନାହିଁ। ସେହିପରି ବିଷମକଟକ-ଥେରୁବାଲି ମଝିରାସ୍ତାରେ ଯାନବାହନକୁ ଅଟକାଇ ମୋବାଇଲ ଓ ଟଙ୍କା ଲୁଟ୍ ଘଟଣାରେ ମଧ୍ୟ ପୋଲିସକୁ ସଫଳତା ମିଳିନି। ଫେବୃୟାରୀ ୨୦୨୧ରୁ ଅଦ୍ୟାବଧି ୨୦ରୁ ଉର୍ଦ୍ଧ୍ୱ ବଡ଼ଧରଣର ଚୋରି ହୋଇଥିବା ବେଳେ ଆଉ କେତେକ ଚୋରି ଘଟଣାରେ ମାମଲା ଥାନାରେ ରୁଜୁ ହୋଇ ନ ଥିବା ଜଣାପଡ଼ିଛି। । ଗତ ବର୍ଷ କାଳି ପୂଜା ସମୟରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀଙ୍କ ବାଇକ ମଧ୍ୟ ଚୋରି ହୋଇଥିବାବେଳେ ବର୍ଷକ ମଧ୍ୟରେ ୭ ପୋଲିସ କର୍ମଚାରୀଙ୍କ ବାଇକ୍ ଚୋରି ହୋଇଥିବା ଜଣାପଡ଼ିଛି। ତେବେ ପୋଲିସ ବିଭାଗୀୟ କର୍ମଚାରୀ ହୋଇଥିବାରୁ କୌଣସି ଏତଲା ରୁଜୁ ନ ହୋଇ ଖବରକୁ ଗୁପ୍ତ ରଖାଯାଇଛି। ଯେଉଁଠି ପୋଲିସ କର୍ମଚାରୀଙ୍କ ଠାରୁ ଚୋରି ଜିନିଷ ଏ ପର୍ଯ୍ୟନ୍ତ ମିଳି ନ ଥିବାବେଳେ ସାଧାରଣ ଜନତାଙ୍କ ସୁରକ୍ଷାକୁ ପୋଲିସ କିଭଳି ଧ୍ୟାନ ଦେଉଥିବା ତାହାକୁ ନେଇ ପ୍ରଶ୍ନ। ପୋଲିସ କର୍ମଚାରୀଙ୍କ ଅଭାବ ଦର୍ଶାଇ ଅଧିକାରୀମାନେ ନିଜ ଉପରୁ ଦୋଷ ହଟାଉଛନ୍ତି। ହେଲେ ସହରବାସୀଙ୍କୁ ସୁରକ୍ଷା କିଏ ଦେବ ବୋଲି ଜନସାଧାରଣ ଏବଂ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। କୌଣସି ସାଧାରଣ ବ୍ୟକ୍ତି ସୋସିଆଲ ମିଡିଆରେ ପୋଲିସର ନୀରବତା ନେଇ ପ୍ରଶ୍ନ କଲେ କିମ୍ବା ଲେଖିଲେ ନିକଟତମ ବ୍ୟକ୍ତିଙ୍କ ମାଧ୍ୟମରେ ଏଭଳି ନ କରିବାକୁ ମଧ୍ୟ ପୋଲିସ ଚାପ ପକାଯାଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ପୋଲିସ କେବଳ ଉତ୍ସବ, ସଭାସମିତି ଓ ଭିଆଇପିଙ୍କ ସୁରକ୍ଷା ଦାୟିତ୍ୱରେ ନାଁ ଜନସାଧାରଣଙ୍କ ସୁରକ୍ଷା ମଧ୍ୟ କର୍ତ୍ତବ୍ୟ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ଦିବ୍ୟଜୀବନ ସଂଘ ଖାତିଗୁଡ଼ା ଶାଖାର ପ୍ରତିଷ୍ଠା ଉତ୍ସବ



ତେନ୍ତୁଲିଖୁଣ୍ଟି, ୬।୨(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ଶ୍ରୀ ଶ୍ରୀ ଗୋପାଳ ଶ୍ରୀକ୍ଷେତ୍ର ପ୍ରାଙ୍ଗଣ କଲ୍ୟାଣ ମଣ୍ଡପରେ ଦିବ୍ୟଜୀବନ ସଂଘ ଖାତିଗୁଡ଼ା ଶାଖାର ୪୨ତମ ପ୍ରତିଷ୍ଠା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜୟ ଗଣେଶ କୀର୍ତ୍ତନ, ଗୁରୁ ସ୍ତୋତ୍ର ଗାନ, ପାଦୁକା ପୂଜା, ଶାନ୍ତି ପାଠ ସହ ଗୀତାପାଠରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଦିବ୍ୟଜୀବନ ସଂଘ ମୁଖ୍ୟ କାର୍ଯ୍ୟାଳୟ ଋଷିକେଶରୁ ଆସିଥିବା ସ୍ୱାମୀ ଆନନ୍ଦ ସ୍ୱରୂପାନନ୍ଦ ଜୀ ଓ ବରଗଡ଼ରୁ ଆସିଥିବା ସ୍ୱାମୀ ବ୍ରହ୍ମାନନ୍ଦ ଜୀ ଉପସ୍ଥିତ ଶ୍ରୋତାଙ୍କୁ ଆଶୀର୍ବଚନ ଦେଇଥିଲେ। ଏହି ଅବସରରେ ଜଗଦେକେଶରୀ ସାମନ୍ତ ଗୁରୁ ବନ୍ଦନା ଗାନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ଦଶାବତାର ନୃତ୍ୟ ପରିବେଷଣ କରିଥିଲେ। ସଞ୍ଜୀବ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରତିଷ୍ଠା ଉତ୍ସବ ପାଇଁ ସ୍କୁଲ ପିଲାଙ୍କୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପୁରସ୍କୃତ କରାଯାଇଛି। ଖାତିଗୁଡ଼ା ଶାଖା ସଭାପତି ବିଜୟ କୁମାର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିନୋଦ ପାତ୍ର, କେଳିକୃଷ୍ଣ ପଣ୍ଡା, ହରିବନ୍ଧୁ ପରିଡ଼ା, ଅଜିତ ମାନ୍ଧାତା, ରଞ୍ଜିତ ତ୍ରିପାଠୀ, ସର୍ବେଶ୍ୱର ବେହେରା, ପ୍ରଭାଶଙ୍କର ପଣ୍ଡା, ହେମନ୍ତ ନାୟକ ପୃଥ୍ୱୀରାଜ ପାଇକରାୟ, ପ୍ରଦୀପ ଖୁଣ୍ଟିଆ, ସନ୍ତୋଷ ସାମଲ ଓ ଅଗସ୍ତି ସାମଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ନୃସିଂହ ଚରଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ପାପଡାହାଣ୍ଡି,୬।୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ପ୍ରଧାନୀଗୁଡା ବୁଲାଣି ନିକଟରେ ସୋମବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବେଲାଲସେନ ପୁଜାରୀ ଓ ଦେବେନ୍ଦ୍ର ଭତରା। ଗୁରୁତରଙ୍କୁ ସ୍ଥାନୀୟ ପୋଲିସ ଉଦ୍ଧାର କରି ପାପଡାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୂଚନାନୁଯାୟୀ, ଉଭୟ ବେଲାଲସନ ଓ ଦେବେନ୍ଦ୍ର ଅପରାହ୍ନରେ ଏକ ବାଇକରେ ଚିରମାପଣ୍ଡିରୁ ଝିଟକୁଗୁଡା ଯିବା ସମୟରେ ବୁଲାଣିରେ ବାଇକଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ବେଲାଲ ଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତ ସ୍ରାବ ହୋଇଥିବା ବେଳେ ଦେବେନ୍ଦ୍ରଙ୍କ ଗୋଡ଼ରେ ମାଡ଼ ବାଜିଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୋଡିଙ୍ଗା, ୬।୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅଧୀନ ଭାଟିଗାଁ-ବଡ଼ ମସିଗାଁ କଜୁବାଡ଼ ନିକଟରେ ଜଣେ ଯୁବକ ଝୁଲନ୍ତା ମତଦେହ ମିଳିଛି। ମୃତକ ହେଲେ ଦେଓଳା ଗ୍ରାମର ସୂର୍ଯ୍ୟ ରତନ ଭତ୍ରା (୨୬)। ମିଳିଥିବା ସୂଚନାନୁଯାୟୀ ଭାଟିଗାଁ ଗ୍ରାମର କେତେଜଣ କାଜୁ ଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଦେଖି କୋଡ଼ିଙ୍ଗା ପୋଲିସକୁ ସୂଚନା ଦେଇଥିଲେ। କୋଡ଼ିଙ୍ଗା ପୋଲିସ ଘଟଣାସ୍ଥଳରେ ତଦନ୍ତ କରି ଯୁବକଙ୍କ ପରିଚୟ ପାଇ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ମୃତକଙ୍କ ବାପା ଶିବ ଭତ୍ରା କୋଡ଼ିଙ୍ଗା ଥାନାରେ ଅଭିଯୋଗ କରିଥିଲେ। କୋଡ଼ିଙ୍ଗା ପୋଲିସ ୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଯୁବକଙ୍କ ଆତ୍ମହତ୍ୟା କାରଣ ସ୍ପଷ୍ଟ ହୋଇ ନ ଥିବ କୋଡ଼ିଙ୍ଗା ଥାନା ଏଏସ୍ଆଇ ଟି.ଏସ୍ ପ୍ରଧାନ କହିଛନ୍ତି।

### ଶଙ୍କର-୧୧ ମାଁ ଠାକୁରାଣୀ ଆନ୍ତଃ ରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ଚାମ୍ପିୟନ

ଡାବୁଗାଁ, ୬।୨(ଡି.ଏନ୍.ଏ.)- ଚଚରାଗୁଡ଼ା ଗ୍ରାମରେ ଚାଲିଥିବା ମାଁ ଠାକୁରାଣୀ ଆନ୍ତଃ ରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ କଳାହାଣ୍ଡି ଜିଲା ଧର୍ମଗଡ଼ର ଶଙ୍କର-୧୧ ଓ ବଲାଙ୍ଗୀର ଜିଲା ଟିଟିଲାଗଡ଼ର କ୍ରିଷ୍ଣା-୧୧ ଦଳ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଶଙ୍କର-୧୧ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୩୭ ରନ ସଂଗ୍ରହ କରିଥିଲା। ୨୩୮ ରନର ପିଛା କରି କ୍ରିଷ୍ଣା-୧୧ ୨୦ ଓଭରରେ ୯ ଉଇକେଟ ହରାଇ ୨୨୪ ରନକରି ୧୩ ରନ୍‌ରେ ହାରିଥିଲା। ଛତିଶଗଡ଼ ଅବକାରୀ, ଉଦ୍ୟୋଗ ଓ ଶିଳ୍ପ ବିଭାଗ କ୍ୟାବିନେଟ ମନ୍ତ୍ରୀ କବାସୀ ଲକ୍ଷମା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ୫୧ ହାଜର ୧୧୧ ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୩୧ ହଜାର୧୧୧ ଟଙ୍କା ପୁରସ୍କାର ଦେଇଛନ୍ତି। ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ।

# 'ଶାସନକୁ ଆସିବା ପରେ ପ୍ରତିଶ୍ରୁତି ଭୁଲିଗଲା ଭାଜପା'

## ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ଜନମଞ୍ଚର ଅଭିଯୋଗ

ନବରଙ୍ଗପୁର,୬।୨(ବି.ପ୍ର.)

ନବରଙ୍ଗପୁର ସଦରର ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି ଜନମଞ୍ଚ। ମଞ୍ଚ ସଭାପତି ତଥା ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ତ୍ରିପାଠୀ ଏକ ଖବରଦାତା ସମ୍ମିଳନୀରେ ବିଭିନ୍ନ ଦାବି କରିଛନ୍ତି। ପୌର ପରିଷଦ ଗଠନକୁ ବର୍ଷେ ପୂରିବାକୁ ବସିଲାଣି। ବର୍ତ୍ତମାନ ସୁଦ୍ଧା ପୌରାଞ୍ଚଳରେ କୌଣସି ଆଖିଦୃଶିଆ ଉନ୍ନୟନ କାର୍ଯ୍ୟ ହୋଇପାରି ନାହିଁ ବୋଲି ମଞ୍ଚ ସଭାପତି ଅଭିଯୋଗ କରିଛନ୍ତି।

ସହରର ମୁଖ୍ୟ ଦୈନିକ ବଜାର ଅବ୍ୟବସ୍ଥା ଘେରରେ। ଗ୍ରାହକଙ୍କ ସୁବିଧା ପାଇଁ କୌଣସି ବ୍ୟବସ୍ଥା କରାଯାଉ ନାହିଁ। କୃଷକ ବଜାର ନାମ କେବଳ ଫଳକରେ ସୀମିତ ଥିବାବେଳେ ଚାଷୀଙ୍କ ସ୍ୱାର୍ଥ ପାଇଁ ବ୍ୟବସ୍ଥା ନାହିଁ। ସେହିଭଳି କେଉଟ ସାହିରୁ ଦୈନିକ ବଜାରକୁ ଯିବା ରାସ୍ତା ଅତି ଶୋଚନୀୟ। ଦୈନନ୍ଦିନ ଟ୍ରାଫିକ ସମସ୍ୟା ଉତ୍କଟ ହେବାରେ ଲାଗିଛି । ପୌର ଓ ପୋଲିସ ପ୍ରଶାସନ ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି କରାଯାଇଛି। ଆବଶ୍ୟକସ୍ଥଳେ ଯାନବାହନଗୁଡ଼ିକୁ ଜଗନ୍ନାଥ ମନ୍ଦିର ଛକରୁ ବଜାର ପର୍ଯ୍ୟନ୍ତ ୱାନ୍ ୱେ କରି ଛାଡିବା ବ୍ୟବସ୍ଥା କରିବା, ପୌର ପ୍ରଶାସନ ଅଧୀନରେ ଥିବା ଏକମାତ୍ର ଶିଶୁ ଉଦ୍ୟାନ କାମ ସାରି ଲୋକଙ୍କ ପାଇଁ ବ୍ୟବହାର ଉପଯୋଗ କରିବାକୁ ଦାବି ହୋଇଛି। ପୌର ନିର୍ବାଚନବେଳେ ହୋଲ୍‌ଡିଂ ଟ୍ୟାକ୍ସ ସରଳୀକରଣ ସହ କଲ୍ୟାଣ ମଣ୍ଡପ ଓ ଗୋଷ୍ଠୀ ସାଧନ କେନ୍ଦ୍ର ନିର୍ମାଣ, ୨୪ ଘଣ୍ଟା ପାନୀୟ ଜଳ ଯୋଗାଣ, ଭୂମିହୀନଙ୍କୁ ପଟ୍ଟା ବଣ୍ଟନ, ପକ୍କା ଘର ଯୋଗାଣ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ଉଠାଦୋକାନୀଙ୍କୁ ପ୍ରାଥମିକତା, ବରିଷ୍ଠ ନାଗରିକଙ୍କ ସୁରକ୍ଷା ସହିତ ସ୍ୱାସ୍ଥ୍ୟସେବା ସହ ପ୍ରତି ବସ୍ତିରେ ଡ୍ରେନ, ରାସ୍ତା, ଷ୍ଟ୍ରିଟ୍‌ଲାଇଟ ଓ ଶୌଚାଳୟକୁ ପ୍ରାଥମିକତା ଦିଆଯିବ ବୋଲି ଭାଜପା ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଶାସନକୁ ଆସିବା ପରେ ସେ ସବୁକୁ ଭୁଲିଯାଇଛି। ନବରଙ୍ଗପୁର ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ କାର୍ଯ୍ୟକ୍ରମ ସୁପରିଚାଳନା ନିମନ୍ତେ ଆଲୁମ୍‌ନି କମିଟି ଗଠନ କରାଯାଇଥିଲା। ସମାରୋହ ପାଇଁ ସମସ୍ତ ଆୟବ୍ୟୟ ଏହି କମିଟି ଜରିଆରେ କରାଯାଉଥିଲା। ଏଥିପାଇଁ ଅନ୍‌ଲାଇନରେ ଆୟ ବ୍ୟୟ ବ୍ୟବସ୍ଥା କରାଯାଇଥିଲା। ଏଣୁ ସର୍ବସାଧାରଣରେ ପ୍ରଦତ୍ତ ଜମାରାଶି ଖର୍ଚ୍ଚର ସଠିକ ହିସାବ ବିବରଣୀ ସାର୍ବଜନୀନ କରାଯାଉ। ଆଲୁମ୍‌ନି କମିଟି ଅଧ୍ୟକ୍ଷ ତଥା ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ଓ ବିହିତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଜନମଞ୍ଚ ସଭାପତି ସୂର୍ଯ୍ୟ ତ୍ରିପାଠୀ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି।

# ବରିଷ୍ଠ ନାଗରିକଙ୍କ ପାଇଁ ଖୋଲିଲା ଫିଜିଓଥେରାପି ସେଣ୍ଟର



ଜିଲାପାଳ ଫିଜିଓଥେରାପି ସେଣ୍ଟର ଫିତାକାଟି ଉଦ୍‌ଘାଟନ କରୁଛନ୍ତି।

ନବରଙ୍ଗପୁର,୬।୨(ବି.ପ୍ର.)

ନବରଙ୍ଗପୁର ଚାଉରିଆଗୁଡ଼ାରେ ଭୁବନେଶ୍ୱରର ଶ୍ରଦ୍ଧାଞ୍ଜଳି ବେସରକାରୀ ସଂସ୍ଥା ଦ୍ୱାରା ବରିଷ୍ଠ ନାଗରିକଙ୍କ ପାଇଁ ଏକ ଫିଜିଓଥେରାପି ସେଣ୍ଟର ଖୋଲାଯାଇଛି। ବରିଷ୍ଠ ନାଗରିକଙ୍କ ଆଣ୍ଠୁଗଣ୍ଠିଜନିତ ଯନ୍ତ୍ରଣାକୁ ଏହିଠାରେ ଉପଶମ କରାଯାଇପାରିବ। ଜିଲାପାଳ କମଳ ଲୋଚନ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଏସ୍‌ପି ଏସ୍.ସୁଶ୍ରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଧନଞ୍ଜୟ ରାଓଙ୍କ ସହିତ ଡାକ୍ତର ରଞ୍ଜନ ସାହୁ, ଡାକ୍ତର ରୁସେଲି ମହାନ୍ତି, ଡାକ୍ତର ଆଲୋକ ପାଣିଗ୍ରାହୀ, ଡାକ୍ତର ଶ୍ରୀକାନ୍ତ ପାତ୍ର ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ଗୋପବନ୍ଧୁ ବିଷୋୟୀ, ପ୍ରେମଚାନ୍ଦ ପଟ୍ଟନାୟକ ଏଠାରେ ବିଭିନ୍ନ ଥେରାପି ନେଇଥିଲେ। ଜିଲାପାଳ ଗୋଟିଏ ସିଲେଇ ମେଶିନ ତେନ୍ତୁଳିଖୁଣ୍ଟି ଦିବ୍ୟାଙ୍ଗ ଫଲେଭିୟା ମିଲ୍ଟନ ଏବଂ ଏକ ଅତ୍ୟାଧୁନିକ ଶ୍ରବଣଯନ୍ତ୍ର ଚନ୍ଦାହାଣ୍ଡିର ଦିଲେଶ୍ୱରୀ ଗୌଡ଼ଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଥୁନ ତ୍ରିପାଠୀ, ବୃନ୍ଦାବନ ବେବର୍ତ୍ତା, ଜ୍ୟୋତିର୍ମୟ ବେହେରା,ଅମୃତା ଭୂଷଣ, ଶିବପ୍ରସାଦ ସାହୁ, ଜଗନ୍ନାଥ ବେହେରା, ତ୍ରିପତି ବାଲାଜି ସାହୁ, ହିମାଂଶୁ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜାଲିଆତିର ତଦନ୍ତ ଦାବିକଲା କଂଗ୍ରେସ




## କେନ୍ଦ୍ର ସରକାର, ଆଦାନୀ ଗ୍ରୁପ ବିରୋଧରେ ପିକେଟିଂ

ନବରଙ୍ଗପୁର,୬।୨(ବି.ପ୍ର.)

ଅଖିଳ ଭାରତୀୟ କଂଗ୍ରେସ କମିଟିନିର୍ଦ୍ଦେଶରେ ଜିଲା କଂଗ୍ରେସ ପକ୍ଷରୁ ନବରଙ୍ଗପୁର ଏଲ୍ଆଇସି କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରାଯାଇଥିଲା। କେନ୍ଦ୍ର ସରକାର ଓ ଆଦାନୀ ଗ୍ରୁପ ବିରୋଧରେ ବ୍ୟାଙ୍କଗୁଡ଼ିକ ସମ୍ମୁଖରେ କଂଗ୍ରେସ ଦଳ ପକ୍ଷରୁ ପିକେଟିଂ କରାଯାଇଛି।

ଏସିଆ ମହାଦେଶର ଧନୀ ତାଲିକାରେ ତୃତୀୟ ବ୍ୟକ୍ତି ତଥା ଭାରତବର୍ଷର ଏକ ନମ୍ବର ଧନୀ ଆଦାନୀ ଗ୍ରୁପ୍‌ର କଳାକାରନାମା ପଦାରେ ପଡ଼ିଛି। ଲକ୍ଷାଧିକ କୋଟି ସମ୍ପତ୍ତି ତାଲିକାରେ ଥିବା ଆଦାନୀ ଗ୍ରୁପ୍ ହଜାରେ କୋଟି ସମ୍ପତ୍ତି ତାଲିକାକୁ ଖସିଯାଇଛି। ଏଥିପାଇଁ ଶେୟାର ବଜାରରେ ଆଦାନୀ ଗ୍ରୁପ୍‌ରେ ପୁଞ୍ଜି ନିବେଶ କରୁଥିବା ବଡ଼ ବଡ଼ ଉଦ୍ୟୋଗପତି ହାତ ଛାଡ଼ି ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମିତ୍ରତାର ସୁଯୋଗ ନେଇ ଆଦାନୀ ଭାରତବର୍ଷର ଅର୍ଥ ବ୍ୟବସ୍ଥା ଉପରେ କଳାକାରନାମା ବିସ୍ତାର କରିଛି ବୋଲି କଂଗ୍ରେସ ନେତାମାନେ କହିଛନ୍ତି। ଏହି ଜାଲିଆତିର ତଦନ୍ତ ଦଳ ଦାବି କରିଛି। ଭାରତୀୟ ଜାତୀୟ କଂଗ୍ରେସର ନେତା ବହୁ ପୂର୍ବରୁ ଏହା ଆକଳନ କରିସାରିଥିଲେ ବୋଲି ସେମାନେ କହିଛନ୍ତି। ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପିକେଟିଂ କରାଯାଇଥିଲା। ଏଥିରେ ଅଖିଳ ଭାରତୀୟ କଂଗ୍ରେସ କମିଟି ସଦସ୍ୟା ମନିସା ତ୍ରିପାଠୀ, ବ୍ଲକ ସଭାପତି ବୃନ୍ଦାବନ ତ୍ରିପାଠୀ, ଅବଦୁଲ୍ ଫିରୋଜ, ପ୍ରହଲ୍ଲାଦ ହିଆଲ, ଅଗ୍ନିପୁର ସରପଞ୍ଚ ଦିବାକର ପୂଜାରୀ, ନଗର କଂଗ୍ରେସ ସଭାପତି ପ୍ରଦୀପ ସାହୁ, ନଗର ମଣ୍ଡଳ ସଭାପତି ନବକିଶୋର ମନ୍ଦାର, ଦେବକାନ୍ତ ପଣ୍ଡା, ବରିଷ୍ଠ ନେତା ସୁନାମ ପାତ୍ର ସୁନା, ବାସୁଦେବ ପଟ୍ଟନାୟକ, ବଳରାମ ସ୍ୱାଇଁ, ବିକାଶ ବାଘଙ୍କ ସହ ଅନେକ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନବରଙ୍ଗପୁରର ପରିମଳ ରାଜ୍ୟରେ ଦ୍ୱିତୀୟ

## ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା

ନବରଙ୍ଗପୁର,୬।୨(ବି.ପ୍ର.)

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ଆୟୋଜିତ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାର ୧୦୫ ଓଜନ ବର୍ଗରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଗୋବର୍ଲା ଗାଁର ପରିମଳ ସୁନା ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ପାଇଛନ୍ତି । ଓଡ଼ିଶା ପାୱାର ଲିଫ୍‌ଟିଂ ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇ ପରିମଳଙ୍କୁ ପଦକ ପ୍ରଦାନ କରିଛନ୍ତି। ଅନୁନ୍ନତ ନବରଙ୍ଗପୁର ଜିଲାରେ କୋଚିଂର ସୁବିଧା ଓ ଭିତ୍ତିଭୂମି ନଥିବା ସତ୍ତ୍ୱେ ପରିମଳ ନିଜ ଉଦ୍ୟମ ଓ ଅଭ୍ୟାସରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ପାଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଜିଲା ପାୱାର ଲିଫ୍‌ଟିଂ ସମ୍ପାଦକ ରମେଶ ଗରଡାଙ୍କ ସମେତ



ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପରିମଳଙ୍କୁ ଶୁଭେଚ୍ଛା ଜଣାଯାଇଛି। ସୂଚନାନୁଯାୟୀ, ଫେବୃୟାରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଓଡ଼ିଶା ସାହିତ୍ୟ ଏକାଡେମୀର 'ଆମ ଗାଁ ଆମ ସାହିତ୍ୟ' କାର୍ଯ୍ୟକ୍ରମ




ଅତିଥିମାନେ କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି।

ନବରଙ୍ଗପୁର,୬।୨(ବି.ପ୍ର.)

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ନବରଙ୍ଗପୁର ତୃପ୍ତି ଲଜ୍ ସଭାକକ୍ଷରେ ଆମ ଗାଁ ଆମ ସାହିତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବଲ୍ଲଭ ରାଉତ ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ମୁଖ୍ୟ ଅତିଥି, ପୂର୍ବତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଶୋକ ପଟ୍ଟନାୟକ ବରେଣ୍ୟ ଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟକାରିଣୀ ସଦସ୍ୟ ଡ. ଚନ୍ଦ୍ରଶେଖର ହୋତା ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଅଖିଳ ଭଞ୍ଜ ଅତିଥି ପରିଚୟ ପ୍ରଦାନ କରିଥିଲେ। ରତିକାନ୍ତ ଦୁବେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ. ପ୍ରଦୀପ କୁମାର ମିଶ୍ର, ଜେମାମଣି ବିଷୋୟୀ, ବିଜୟ ଚୌଧୁରୀ, ଜଗଦୀଶ ତ୍ରିପାଠୀ, ଅଧ୍ୟାପକ ପରୀକ୍ଷିତ ସାହୁ, ସହଦେବ ପରିଡ଼ା, ନିରଞ୍ଜନ ମିଶ୍ର, କେଦାରେଶ୍ୱର ପଟ୍ଟନାୟକ, ପ୍ରଭାତୀ ଦେବନାଥ, ଗୋପାଳ ମହାରଣା, ରାମପ୍ରସାଦ ପାତ୍ର, ଡ. ସାଇ ରମେଶ ରାଓ, ଦ୍ୱିତୀକୃଷ୍ଣ ପଣ୍ଡା, ସୁଶୋଭିତା ମେରିଲିନ ଡୁରୁକ, ଦୁର୍ଗାପ୍ରସାଦ ପାଢ଼ୀ ଓ ବଲ୍ଲଭ କୁମାର ରାଉତ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ବଂଶୀଧର ଭୂୟା ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠ କରାଯାଇଥିଲା। ସଭାପତି ପ୍ରେମଚାନ୍ଦ ପଟ୍ଟନାୟକ, ଅଧ୍ୟାପକ ଦିଲୀପ ହୋତା, ସୁଧୀରାଜ ରାଉତ, ଅଧ୍ୟାପିକା ସ୍ୱପ୍ନା ମହାନ୍ତି, ଜାହ୍ନବୀ ପଣ୍ଡା ଉପସ୍ଥିତ ଥିଲେ। ମନୋଜ ପଟ୍ଟନାୟକଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ନାହାକଙ୍କ ୩୦୦୦ବର୍ଷର କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା।

# ରାଜା ଚାଉଁରିଆ ଆନ୍ତଃ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଅତିଥିଙ୍କ ସହ ଖେଳାଳିମାନେ।

କୋଡ଼ିଙ୍ଗା,୬।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସଦର କୋଡ଼ିଙ୍ଗା ପଞ୍ଚାୟତ ମିନି ଷ୍ଟାଡିୟମରେ ରାଜା ଚାଉଁରିଆ ଅନ୍ତଃ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଅଧ୍ୟକ୍ଷା ସର୍ବେଶ୍ୱରୀ ମାଝି, କୋଡ଼ିଙ୍ଗା ତହସିଲଦାର ଟିକୁନୁ ପୁଟା, କୋଡ଼ିଙ୍ଗା ରେଞ୍ଜର କାମେଶ୍ୱର ଆଚାରୀ, ଜିଲା ପରିଷଦ ସଭ୍ୟ କ୍ଷୀରୋଦ ନାୟକ, ମୋହନ ମାଝି, ତ୍ରିଲୋଚନ ଧାକଡ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ୍‌ରେ ତାରାଗାଁ ଦଳ ୨-୧ ଗୋଲରେ ବିଜୟୀ ହୋଇଛି। ବିଜେତା ତାରାଗାଁ ଦଳକୁ ଟ୍ରଫି ସହ ୧୬ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ରନର ଅପ୍ ଦଳକୁ ଟ୍ରଫି ସହ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟ ପରିଚାଳନା ସଭାପତି ବଦ୍ରିନାରାୟଣ ସିଂ, ରେଫରି ଜଉଲ ହୁସେନ, ସମୀର ଓ ଭିକି ଉପସ୍ଥିତ ଥିଲେ। ସ୍ଥାନୀୟ ମୃତ ଖେଳାଳିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଟୁର୍ନାମେଣ୍ଟକୁ ରାଜ ଚାଉଁରିଆ ସ୍ପୋର୍ଟିଂ କ୍ଲବ ପରିଚାଳନା କରିଥିଲେ। ପ୍ରକାଶ ଯେ, ଜାନୁୟାରୀ ୧୬ରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ମୋଟ ୧୬ ଦଳ ଭାଗ ନେଇଥିଲେ।

# ଜିଲାସ୍ତରୀୟ ନିଯୁକ୍ତି ତାଲିମ ଶିବିର

ଡାବୁଗାଁ, ୬।୨ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଭୈରବ ସ୍ନାତକ ମହାବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ନିଯୁକ୍ତି ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶଶାଙ୍କ ଶେଖର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗ ମୁଖ୍ୟ ଚନ୍ଦନା ପଣ୍ଡା, ଅଧ୍ୟାପିକା ମନିସା ସରକାର, ଅର୍ଥନୀତି ବିଭାଗର ମୁଖ୍ୟ ଉର୍ମିଳା ବ୍ରହ୍ମା ଅଧ୍ୟାପକ ସନ୍ନ୍ୟାସୀ ସାହୁ ନବରଙ୍ଗପୁର ଜିଲା ଶିଳ୍ପ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ବିକ୍ରମ ରାଜୁ ବାବୁ ଉପସ୍ଥିତ ଥିଲେ। ସ୍ୱଚ୍ଛ ଅର୍ଥନୀତିରେ ବିକାଶ ସହ ନିଯୁକ୍ତି, ଦକ୍ଷତା ଓ ତାଲିମକୁ ଗୁରୁତ୍ୱ ଦେଇ ବ୍ୟକ୍ତିଗତ ଓ ଅର୍ଥନୀତି ବିକାଶରେ ଯୋଡ଼ିହେବାକୁ ଅତିଥିମାନେ କହିଥିଲେ। ଇତିହାସ ବିଭାଗ ଅଧ୍ୟାପକ ଦୟାରାମ ମନୋହର ଧନ୍ୟବାଦ ଦେଇଥିଲେ। ଇତିହାସ ବିଭାଗର ମୁଖ୍ୟ ପୁଷ୍ପାଞ୍ଜଳି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଦାଶିବ ସୁକୁମାର ହାଇସ୍କୁଲ ବାର୍ଷିକୋତ୍ସବ

ଉମରକୋଟ, ୬।୨(ସ୍ୱ.ପ୍ର.)

ଉମରକୋଟ ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ସ୍ୱତନ୍ତ୍ର ଅତିଥି, ନବରଙ୍ଗପୁର ଡିଇଓ ପ୍ରଦୀପ କୁମାର ନାଗ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ପୌର ନିର୍ବାହୀ ଅଧିକାରୀ ଋଷି ମାଝି, ବିଇଓ ବିକାଶ ଚନ୍ଦ୍ର ସରକାର, ମୋ ସ୍କୁଲ ଅଭିଯାନ ଅଧ୍ୟକ୍ଷ ସାଇନାରାୟଣ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ବେନ୍ୟାମିନ ଉପାସ ବିଦ୍ୟାଳୟ ଆବଶ୍ୟକତା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଧାନ ଶିକ୍ଷକ ରିଚପାଲ ସାଗର ଉପସ୍ଥିତ ଥିଲେ। କ୍ରୀଡ଼ା ପ୍ରତିଯୋଗିତା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ପ୍ରମିଳା ରାଣୀ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟ ପରିବେଷଣ କରିଥିଲେ।

# ୬୫ ଅଭିଯୋଗ ଶୁଣିଲେ ଜିଲାପାଳ

## ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

ନବରଙ୍ଗପୁର, ୬।୨(ବି.ପ୍ର.)

ଜିଲାସ୍ତରୀୟ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ନବରଙ୍ଗପୁରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଶୋକ ମେହେଟା ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୬୫ ଜଣଙ୍କର ଆପତ୍ତି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ଜିଲାପାଳ ଡକ୍ଟର କମଳଲୋଚନ ମିଶ୍ର ଅଭିଯୋଗର ଶୁଣାଣି କରି ଏହାର ସମାଧାନ କରିବା ଦିଗରେ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ୪ ଜଣଙ୍କୁ ଡିଆର୍‌ଆଇ, ଲୋନ୍, ୨ଜଣଙ୍କୁ ଶ୍ରବଣ ଯନ୍ତ୍ର, ଗୋଟିଏ ସିଲେଇ ମେଶିନ ପ୍ରଦାନ କରାଯାଇଥିଲା। ଏହି ଯୁଗ୍ମ ଜନ ଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଏସ୍. ସୁଶ୍ରୀ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ସିଡିଏମ୍‌ଓ ଡାକ୍ତର କାଳୀ ପ୍ରସାଦ ବେହେରା, ଜିଲାପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ଟାଲୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ଭେଙ୍କଟ ରେଡ୍ଡୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ସରକାରୀ ଯୋଜନାର ଫାଇଦା ନେବାକୁ ଗୁରୁତ୍ୱ

## ଜୀବିକା ପାଇଁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କିତ ତାଲିମ, କର୍ମଶାଳା

ତେନ୍ତୁଳିଖୁଣ୍ଟି, ୬।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମ୍ମିଳନୀ କକ୍ଷରେ ଜୀବିକା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ତାଲିମ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି, ମତ୍ସ୍ୟ ଓ ପଶୁପାଳନ ବିଭାଗୀୟ ଅଧିକାରୀ ଯୋଗଦେଇ ସେମାନଙ୍କ ବିଭାଗ ଜୀବିକା ପାଇଁ ଯୋଗାଇଦେଉଥିବା ଯୋଜନା ଓ ତାହାର ଫାଇଦା କିପରି ନିଆଯାଇପାରିବ ସେ ସମ୍ପର୍କରେ ବୁଝାଇଥିଲେ। ସରକାର କିଭଳି ଆର୍ଥିକ ତଥା ବୈଷୟିକ ସହାୟତା ଯୋଗାଉଛନ୍ତି ତାହା ଅଧିକାରୀମାନେ ବୁଝାଇଥିଲେ। ଏସ୍‌ଏଚ୍‌ଜି, କୃଷକଙ୍କ ପାଇଁ ଅନେକ ବ୍ୟବସ୍ଥା ରହିଛି। କୁକୁଡ଼ା ଚାଷ, ଅଣ୍ଡା ଉତ୍ପାଦନ, ଗୋପାଳନ, ମତ୍ସ୍ୟଚାଷ ଆଦିର ସୁବିଧା ମିଳୁଛି। ପୋଖରୀ, ଗୁହାଳ ଘର, ଜମି ମରାମତି ପାଇଁ ମିଳୁଥିବା ସୁବିଧା ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। କର୍ମଶାଳାରେ ଏପିଡି ରାଜେଶ ପଟ୍ଟନାୟକ, ବିଡିଓ ଦୁର୍ଯ୍ୟୋଧନ ଭୋଇ, ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋଇ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ପ୍ରଭୁଦତ୍ତ ଦାସ, ଡାକ୍ତର ଗୁଣନିଧି ବେହେରା, ଡାକ୍ତର ମହେନ୍ଦ୍ର ସମରଥ, ରାଟେଲ ମହାକୁଡ଼ ସରକାର ଦେଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳାରେ ସରପଞ୍ଚ ସମିତି ସଭ୍ୟଙ୍କ ସମେତ ଚାଷୀ ଓ ଏସ୍‌ଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ପ୍ରତିନିଧିଙ୍କୁ ପୂର୍ବରୁ ସୂଚନା ଦିଆଯାଇ ନ ଥିଲା। ସୋମବାର ସକାଳେ ହିଁ ଫୋନ ମାଧ୍ୟମରେ ଅବଗତ କରାଯାଇଥିବାରୁ କେତେଜଣ ସରପଞ୍ଚ ଓ ସମିତି ସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। କେତେଜଣ ନିଜ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ଯୋଗୁ ଅନୁପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ବିଭାଗୀୟ ଅଧିକାରୀ, ଲୋକ ପ୍ରତିନିଧି ଓ ଅନ୍ୟମାନେ।

## ସଂକ୍ଷେପରେ

### ବିଦ୍ୟାଳୟ ଯାଇ ଛାତ୍ର ନିଖୋଜ

କୁଡୁମୁଲୁଗୁମ୍ମା,୬।୨(ଡି.ଏନ.ଏ.)-ଖଇରପୁଟ ବ୍ଲକ ଅନ୍ତର୍ଗତ କଦମଗୁଡ଼ା ପଞ୍ଚାୟତର ପାଣ୍ଡ୍ରାଗୁଡ଼ା ଗ୍ରାମର ଜଣେ ନାବାଳକ ନିଖୋଜ ହୋଇଯାଇଛନ୍ତି। ସେ ଗ୍ରାମର ସମାରୁ ପାଙ୍ଗିଙ୍କ ପୁଅ ରିଙ୍କୁ (୧୫) ବୋଲି ଜଣାପଡ଼ିଛି। ନବମ ଶ୍ରେଣୀରେ ପଢୁଥିବା ରିଙ୍କୁ ଗୁରୁବାର ସ୍କୁଲ ପୋଷାକ ପିନ୍ଧି ବହିପତ୍ର ଧରି ସାଇକେଲରେ ବିଦ୍ୟାଳୟର ଯାଉଛି ବୋଲି କହି ଘରୁ ଯାଇଥିଲେ। ବିଦ୍ୟାଳୟ ଛୁଟି ହେବା ପରେ ଘରକୁ ନ ଆସିବାରୁ ତାଙ୍କ ବାପା ଓ ସମ୍ପର୍କୀୟ ବିଦ୍ୟାଳୟକୁ ଯାଇ ପ୍ରଧାନ ଶିକ୍ଷକଙ୍କୁ ପଚାରିଥିଲେ। ମାତ୍ର ରିଙ୍କୁ ବିଦ୍ୟାଳୟ ଆସି ନ ଥିବା ପ୍ରଧାନଶିକ୍ଷକ କହିଥିଲେ। ପରେ ପରିବାର ଲୋକେ ତାଙ୍କର ସମସ୍ତ ସମ୍ପର୍କୀୟମାନଙ୍କ ଘରେ ଖୋଜିବା ସହ କେତେକଙ୍କୁ ଫୋନ କରି ପଚାରି ଥିଲେ ମଧ ପୁଅର କିଛି ଖବର ପାଇ ନ ଥିଲେ। ସମରୁ ଏନେଇ ଶନିବାର ମୁଦୁଲିପଡା ଥାନାରେ ଏତଲା ଦେଇଛନ୍ତି। ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ଏହାର ଅନୁସନ୍ଧାନ ଚାଲିଥିବା କହିଛନ୍ତି।

### ଶହୀଦ ନରସିଂହଙ୍କ ଶ୍ରାଦ୍ଧ ଦିବସ ପାଳିତ

କୋରାପୁଟ,୬।୨(ସ୍ୱ.ପ୍ର. )- କୋରାପୁଟସ୍ଥିତ ସ୍ଥାନୀୟ ପୁରୁଣା କୋରାପୁଟସ୍ଥିତ ଶହୀଦ ନରସିଂହ ନାୟକଙ୍କ ୧୯ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ ଯୋଗଦେଇ ନରସିଂହଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନରସିଂହଙ୍କ ବୀରତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ପୌର ଉପାଧକ୍ଷ ସବିତା ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ସସ୍ମିକ ଜମାଦାର, କାଉନସିଲର ମାଲେଶ୍ୱର ରାଓ, କୃଷ୍ଣ ଖେମୁଣ୍ଡୁ, ଚନ୍ଦ୍ରପ୍ରଭା ହିଆଲ ପ୍ରମୁଖ ଯୋଗଦେଇ ନରସିଂହଙ୍କ ଜୀବନୀ, ତାଙ୍କ ଦେଶଭକ୍ତି ପ୍ରତି ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଅମିତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶରତ ନାୟକ, କାମାକ୍ଷା ପ୍ରସାଦ ମାଝୀ ସହଯୋଗ କରିଥିଲେ।

### ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଜଣେ ଗିରଫ

ଜୟପୁର, ୬।୨ (ନି.ପ୍ର.)- ଜଣେ ନାବାଳିକାଙ୍କୁ ଅପହରଣ କରି ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ମହିଳା ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଡଙ୍ଗାଗୁଡା ଗ୍ରାମର ମଙ୍ଗୁଲୁ ନାୟକ (୨୨)। ବିବାହିତ ଯୁବକ ମଙ୍ଗୁଲୁ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରିନେଇ ବଳାତ୍କାର କରିଥିବା ମହିଳା ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ମଙ୍ଗୁଲୁ ସମ୍ପୃକ୍ତ ଥିବା ଜାଣି ତାଙ୍କୁ ଗିରଫ କରିଛି ବୋଲି ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ଜଗନ୍ନାଥ ସାଗର ତଟରେ ଶୁଦ୍ଧିକ୍ରିୟା ଗୃହ ନିର୍ମାଣ ଦାବି

ଜୟପୁର, ୬।୨ (ନି.ପ୍ର.)- ଜୟପୁର ଜଗନ୍ନାଥ ସାଗରର ଉନ୍ନତୀକରଣ ତଥା ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନିଆଯାଉଛି। ଜୟପୁର ତଥା ଆଖପାଖ ଅଞ୍ଚଳର କୌଣସି ବ୍ୟକ୍ତି ବିଶେଷଙ୍କ ତିରୋଧାନ ଘଟିଲେ ତାଙ୍କ ଦଶାହ ତଥା ଶୁଦ୍ଧିକ୍ରିୟା କାର୍ଯ୍ୟ ପାଇଁ ଜଗନ୍ନାଥ ସାଗରରେ କୌଣସି ସ୍ଥାନ ନାହିଁ। କେତେ ଜଣ ବଦାନ୍ୟ ବ୍ୟକ୍ତି ଆର୍ଥିକ ସହାୟତା ଦେଇ ଦଶାହତୁଠ ନିର୍ମାଣ କରିଛନ୍ତି। ସୌନ୍ଦର୍ଯ୍ୟକରଣ ନାମରେ ଏହି ଦଶାହ ତୁଠକୁ ସମ୍ପୂର୍ଣ୍ଣ ବନ୍ଦ କରି ଦେବାକୁ ଏବେ ଚକ୍ରାନ୍ତ ଚାଲିଛି। ଜୟପୁର ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜଗନ୍ନାଥ ସାଗରର ପଞ୍ଚାନନ ମନ୍ଦିର ଛକ ଓ ଜୟନଗର ଛକରେ ଦୁଇଟି ଶୁଦ୍ଧିକ୍ରିୟା ଗୃହ ନିର୍ମାଣ କରିବାକୁ ସାହିବାସିନ୍ଦା ଦାବି କରିଛନ୍ତି। ସେମାନେ ଏକାଠି ହୋଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ମଧ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏଡିଏମଙ୍କ ଜରିଆରେ ଦାବିପତ୍ର ଦେଇଛନ୍ତି।

### ଗ୍ରାମ ସମସ୍ୟା ସମାଧାନ ନେଇ ପଦଯାତ୍ରା

ଜୟପୁର, ୬।୨ (ନି.ପ୍ର.)- ବୋରିଗୁମ୍ମା ବ୍ଲକର ରଣସପୁର ପଞ୍ଚାୟତର ରାଣୀଗଡ, ସରଗିପଦର ଏବଂ ଆମ୍ବାପାଲି ଗ୍ରାମର ସସମ୍ୟା ନେଇ ଗ୍ରାମବାସୀ ପଦଯାତ୍ରା କରି ପ୍ରତିବାଦ ଜଣାଇଛନ୍ତି। ସମାଜିକ କର୍ମୀ ବି.ହରି ରାଓଙ୍କ ନେତୃତ୍ୱରେ ଗ୍ରାମବାସୀ ସଦର ଥାନା ନିକଟରୁ ପଦଯାତ୍ରାରେ ବାହାରି ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏଡିଏମ ରାଜେନ୍ଦ୍ର ମାଝୀଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ରଣସପୁର ପଞ୍ଚାୟତର ରାଣୀଗଡ, ସରଗିପଦର ଗ୍ରାମର ଜନସାଧାରଣଙ୍କ ପନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ଅଙ୍ଗନୱାଡି ସମସ୍ୟା ସମାଧାନ ଲାଗି ବୋରିଗୁମ୍ମା ବିଡିଓଙ୍କୁ ସାକ୍ଷାତ କରି ଦାବି କରିଥିଲେ। ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଗ୍ରାମବାସୀ ପଦଯାତ୍ରା ମାଧ୍ୟମରେ ପ୍ରତିବାଦ ଜଣାଇ ଜୟପୁର ପ୍ରଶାସନକୁ ଦାବିପତ୍ର ଦେଇଥିବା ପ୍ରକାଶ କରିଛନ୍ତି।

# ୩ ଭାଗରେ ବିଭକ୍ତ ହେଲା ପଟ୍ଟାଙ୍ଗି ଲ୍ୟାମ୍ପସ

## ମାଳିପୁଟ, କୋଟିଆ ଓ ପୁକାଳି ପାଇଲା ନୂଆ ଲ୍ୟାମ୍ପସ୍ ମାନ୍ୟତା

ପଟ୍ଟାଙ୍ଗି,୬।୨(ଡି.ଏନ.ଏ.)



ପଟ୍ଟାଙ୍ଗୀ ଲ୍ୟାମ୍ପ କାର୍ଯ୍ୟାଳୟ ।

ଚାଷୀଙ୍କଠାରୁ ଆମଦାନୀ ହେଉଥିବା ଫସଲ ଏବଂ ସେମାନେ ଯେପରି ସୁବିଧାରେ ଋଣଠାରୁ ଆରମ୍ଭକରି ଚାଷ ପାଇଁ ଆବଶ୍ୟକ ବିଭିନ୍ନ କିସମର ଧାନ ବିହନ ଓ ସାର ସୁଲଭ ମୂଲ୍ୟରେ ସୁବିଧାରେ ପାଇପାରିବେ ସେନେଇ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦରରେ ଥିବା ପୁରାତନ ଲ୍ୟାମ୍ପକୁ ୩ ଭାଗରେ ବିଭକ୍ତ କରାଯାଇଛି। ୧୯୭୬ରେ ପଟ୍ଟାଙ୍ଗି ଲ୍ୟାମ୍ପ ଭାବେ ସ୍ଥାପିତ ହୋଇଥିବା ଏହି ଲ୍ୟାମ୍ପ ଅଧୀନରେ ପୁକାଳି, ସମ୍ବାଇ,ଚନ୍ଦକା, କୋଟିଆ, ନୂଆଁଗା, ଦେଓପଟ୍ଟାଙ୍ଗି, ମାଳିପୁଟ, ଗାଙ୍ଗରାଜପୁର, ରାଲେଗଡ଼ା ଓ ପଟ୍ଟାଙ୍ଗି ପଞ୍ଚାୟତ ରହିଥିଲା। ଲ୍ୟାମ୍ପ ଚାଷୀଙ୍କୁ ସରକାରଙ୍କ ବିଭିନ୍ନ ସହାୟତା ଯୋଗାଇଦେଉଥିଲା । ମାତ୍ର ବର୍ତ୍ତମାନ ଏହାକୁ ୩ ଭାଗରେ ବିଭକ୍ତ କରି ମାଳିପୁଟ, କୋଟିଆ ଏବଂ ପୁକାଳି ଲ୍ୟାମ୍ପ ମାନ୍ୟତା ପ୍ରଦାନ କରାଯାଇଥିବା ପଟ୍ଟାଙ୍ଗି ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଦିଗାମ୍ବର ନାୟକ ସୂଚନା ଦେଇଛନ୍ତି। ନୂତନ ମାନ୍ୟତା ପାଇଥିବା ପୁକାଳି, ସମ୍ବାଇ ଓ ଚନ୍ଦକା ପଞ୍ଚାୟତକୁ ନେଇ ଗୋଟିଏ ଲ୍ୟାମ୍ପ ହୋଇଥିବା ବେଳେ ମାଳିପୁଟ, ଦେଓପଟ୍ଟାଙ୍ଗି ଏବଂ କୁନ୍ଦୁଲିହାଟପଦା ପଞ୍ଚାୟତକୁ ନେଇ ଅନ୍ୟ ଏକ ଲ୍ୟାମ୍ପସ୍ ହୋଇଛି। କୋଟିଆ ଏବଂ ନୂଆଁଗା ପଞ୍ଚାୟତକୁ ନେଇ ଅନ୍ୟ ଗୋଟିଏ ଲ୍ୟାମ୍ପସ୍ ଗଠିତ ହୋଇଛି। କୋଟିଆ ଲ୍ୟାମ୍ପସ୍କୁ କୋରାପୁଟ ଏଆର୍‌ସିଏସ୍ ଲକ୍ଷ୍ମୀଧର ରାଉତ, ବସନ୍ତ ଚୌଧୁରୀ ଏବଂ ପଟ୍ଟାଙ୍ଗି ଲ୍ୟାମ୍ପ ସଭାପତି ଚିକୁଣ୍ଡୁ ପାଙ୍ଗୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୋଟିଆ ସରପଞ୍ଚ ଲିୟୁ ଗେମେଲ, ନୂଆଁଗା ସରପଞ୍ଚ ସୁବାସ ଖରା ଅନ୍ୟତମ ଅତିଥି ରୂପେ ଉପସ୍ଥିତ ଥିଲେ। ଗଠିତ ୩ ଲ୍ୟାମ୍ପସ କାର୍ଯ୍ୟାଳୟରେ ନୂତନ କର୍ମଚାରୀ ନିଯୁକ୍ତି ପର୍ଯ୍ୟନ୍ତ ପଟ୍ଟାଙ୍ଗି ଲ୍ୟାମ୍ପସ୍ କାର୍ଯ୍ୟାଳୟ କର୍ମଚାରୀ ଉକ୍ତ ୩ ଲ୍ୟାମ୍ପସ୍ ଦାୟିତ୍ୱରେ ରହିବେ ବୋଲି ପରିଚାଳନା ନିର୍ଦ୍ଦେଶକ ନାୟକ ପ୍ରକାଶ କରିଛନ୍ତି।

# ଜିଲାସ୍ତରୀୟ କ୍ରିକେଟ୍ ଖେଳାଳି ଚୟନ ଚୂଡାନ୍ତ


ଅତିଥିଙ୍କ ସହ ଖେଳାଳିମାନେ ।

ବୈପାରିଗୁଡା,୫।୨ (ଡି.ଏନ୍.ଏ.)- ସ୍ଥାନୀୟ ମିନି ଷ୍ଟାଡିୟମ୍‌ଠାରେ ଓସିଏ ପକ୍ଷରୁ ଗତ ୧ରୁ ଚାଲିଥିବା ଖେଳାଳି ଚୟନ ସୋମବାର ଚୂଡାନ୍ତ ହୋଇଛି । ଏଥିରେ କୋରାପୁଟ ଜିଲାର ବିଭିନ୍ନ ବ୍ଲକର ୧୯ ବର୍ଷ ବୟସରୁ କମ୍ ଓ ୧୬ ବର୍ଷ ବୟସରୁ କମ୍ ବୟସର ୮୦ ଜଣ ଖେଳାଳି ପଞ୍ଜୀକୃତ ହୋଇଥିଲେ। ସେମାନଙ୍କୁ ବିଭିନ୍ନ ଗ୍ରୁପ୍‌ରେ ବିଭକ୍ତ କରାଯାଇ କ୍ରିକେଟ୍ ମ୍ୟାଚ ଆୟୋଜନ କରାଯାଇଥିଲା। ଏଥିରେ ଭଲ ପ୍ରଦର୍ଶନ କରିଥିବା ୧୫ ଜଣଙ୍କୁ ମନୋନୀତ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୯ ବର୍ଷରୁ କମ୍ ବର୍ଗରେ ୮ ଜଣ ଏବଂ ୧୬ ବର୍ଷ ବୟସରୁ କମ୍ ବର୍ଗରେ ୭ ଜଣ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଦିବସରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ପଡାଲ, କୋଟପାଡ ବିଧାୟକ ପଦ୍ମିନି ଦିଆନ୍, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଚନ୍ଦ୍ର ଶେଖର ମାଝି, ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ,ବ୍ଲକ ଅଧକ୍ଷ ପ୍ରଶାନ୍ତ ଗୁପ୍ତା, ଉପାଧକ୍ଷ ପୂର୍ଣ୍ଣିମା ବାରିକ, ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମମତା ସଏ,ସରପଞ୍ଚ ସୂର୍ଯ୍ୟମଣି ନାୟକ, ଜିଲା ପରିଷଦ ସଭ୍ୟ ରାଜେଶ ମହୁରିଆ ଓ ମଣି ଜାନି,ଓସିଏ ପ୍ୟାନେଲ୍ ଅମ୍ପାୟାର ପ୍ରଦିପ ମହାନ୍ତି, କୋରାପୁଟ ଜିଲା କ୍ରିକେଟ ସଂଘ କୋଷାଧକ୍ଷ ସଞ୍ଜୟ ଜେନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ପାଠ ପଢ଼ିବାକୁ ଗ୍ରାମାଞ୍ଚଳ ପିଲାଙ୍କୁ ପାଠ୍ୟପୁସ୍ତକ ବାଣ୍ଟିଲେ ପୂର୍ବତନ ଏମ୍‌ପି


ପାଠ୍ୟପୁସ୍ତକ ପାଇଥିବ ଛାତ୍ରୀଛାତ୍ରମାନେ।

ଲକ୍ଷ୍ମୀପୁର,୬।୨(ସ୍ୱ.ପ୍ର.)

ଶିକ୍ଷାର ବିକାଶ ଓ ଏଥିପ୍ରତି ପିଲାଙ୍କ ଆଗ୍ରହ ବୃଦ୍ଧି ଲାଗି ପୂର୍ବତନ ଏମ୍‌ପି ଝିନ୍ନ ହିକକା, ଗୋପେସ ଗରଡ଼ା, ହେମେନ୍ତ ମୋହାନନ୍ଦ୍ୟାଙ୍କ ସହ ୮/୧୦ ଜଣ ବନ୍ଧୁମିଶି ନିଜସ୍ୱ ଖର୍ଚ୍ଚରେ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ଯୋଗାଇ ଦେଉଛନ୍ତି। କୋରାପୁଟ ଜିଲା ଏବଂ ରାୟଗଡ଼ା ଜିଲା ଅଧୀନ ବିଭିନ୍ନ ପଞ୍ଚାୟତର ଗ୍ରାମଗୁଡ଼ିକରେ ସେମାନେ ପିଲାମାନଙ୍କୁ ଏହା ଯୋଗାଇ ଦେଇ ସେମାନଙ୍କୁ ଉତ୍ସାହିତ କରୁଛନ୍ତି। ସୋମବାର ଲକ୍ଷ୍ମୀପୁର ବ୍ଲକର କାକିରିଗୁମା ଗ୍ରାମ ଏବଂ ପୋଡ଼ପଦର ଗ୍ରାମଠାରେ ଥିବା ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟ ଉପକରଣ ପୂର୍ବତନ ଏମ୍‌ପି ହିକ୍‌କା ବନ୍ଧୁମାନଙ୍କ ସହ ମିଶି ଯୋଗାଇଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶଙ୍କର ସାଉନ୍ତା, ରାମ ଜାନି, ଗିରିଧର ସାଉନ୍ତା, ମଧୁ ସାଉନ୍ତା, ଚୁକୁନା ବିଷୋୟୀ, ମିଶ୍ର ସାଉନ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କରୋନା ମହାମାରୀ ସମୟରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ପିଲାଙ୍କ ପାଠ ପଢ଼ା ଅନ୍‌ଲାଇନରେ ଚାଲୁଥିଲା। ଅନେକ ପିଲାଙ୍କ ଘରେ ମୋବାଇଲ ନ ଥିବାରୁ ସେମାନେ ପାଠପଢ଼ାରୁ ବଞ୍ଚିତ ହେଉଥିଲେ। ସେହି ସମୟରେ ହିକ୍‌କା ବନ୍ଧୁମାନଙ୍କ ସହ ମିଶି ଏହି କାର୍ଯ୍ୟକ୍ରମ ଆରମ୍ଭ କରି ବିଭିନ୍ନ ଗ୍ରାମାଞ୍ଚଳ ବୁଲି ଅନେକ ଗରିବ ପିଲାଙ୍କୁ ମୋବାଇଲ ଫୋନ ଯୋଗାଇ ଦେଇଥିଲେ।

## ଓଡ଼ିଶା ଅମଲା ସଂଘର ବୈଠକ

କୋରାପୁଟ, ୬।୨(ସ୍ୱ.ପ୍ର.)

କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟ ସଭାଗୃହରେ ରବିବାର ଓଡିଶା ଅମଲା ସଂଘର ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଂଘର କୋରାପୁଟ ଜିଲା ଶାଖା ସମ୍ପାଦକ ଶିଶୀ ଭୂଷଣ ଦାସ ଅଧକ୍ଷତା କରି ବିବରଣୀ ପାଠ କରିଥିଲେ । ରାଜ୍ୟ ଅମଲା ସଂଘ ସଭାପତି ନାରାୟଣ ଦାଶ, ସମ୍ପାଦକ ପ୍ରସନ୍ନ ତ୍ରିପାଠୀ, ସଂଘର ପୂର୍ବତନ ରାଜ୍ୟ ଅଧକ୍ଷ ସୁନାକର ରାଉତ, ପୂର୍ବତନ ଜିଲା ସଭାପତି ଭବାନୀ ଶଙ୍କର ଆଚାର୍ଯ୍ୟଙ୍କ ସମେତ ଅବିଭକ୍ତ କୋରାପୁଟ ଜିଲା ଓ ରାଜ୍ୟର ଅନ୍ୟ ଜିଲାର ସଭାପତି ଓ ସମ୍ପାଦକମାନେ ଯୋଗଦେଇ ରାଜ୍ୟସରକାରଙ୍କ ଦ୍ୱାରା ଅମଲାଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ କରାଯାଇଥିବାବେଳେ କନିଷ୍ଠ ସହକାରୀମାନଙ୍କ ଗ୍ରେଡ ପେ ୪୨୦୦ ଟଙ୍କା ବର୍ତ୍ତମାନ ସୁଦ୍ଧା କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ । ୧୫ ସୁଦ୍ଧା ଦାବି ପୂରଣ ନ ହେଲେ ମାର୍ଚ୍ଚ ପହିଲାରୁ ଆନ୍ଦୋଳନ ହେବ । ଏହିଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା।

# ୪୬ ଅଭିଯୋଗର ଶୁଣାଣି ହେଲା



ଅଧିକାରୀମାନେ ଜଣେ ବୃଦ୍ଧାଙ୍କଠାରୁ ଅଭିଯୋଗ ଶୁଣୁଛନ୍ତି।

ଜୟପୁର, ୬।୨ (ନି.ପ୍ର.)-

ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଅଭିଯୋଗର ଶୁଣାଣି କରିଥିଲେ। ଶୁଣାଣି ପାଇଁ ୧୧ଟି ଗୋଷ୍ଠୀଗତ ଓ ୩୫ଟି ବ୍ୟକ୍ତିଗତ ଏପରି ମୋଟ ୪୬ଟି ଅଭିଯୋଗ ଆସିଥିଲା। ଗୋଷ୍ଠୀଗତ ଅଭିଯୋଗ ଗୁଡିକ ମଧ୍ୟରେ ବାର୍ଦ୍ଧକ୍ୟ ଭତ୍ତା, ଆବାସ ଯୋଜନା, ଜମିଜମା ବିବାଦ, ନଳକୂପ ଖନନ ଆଦି ଅଭିଯୋଗ ଶୁଣାଣି ହୋଇଛି। ଜୟପୁର ବ୍ଲକ ବାରିଣୀପୁଟ ପଞ୍ଚାୟତର ଡାଙ୍ଗରାବେଡା ଗ୍ରାମବାସୀ ଅଭିଯୋଗ ଶୁଣାଣିରେ ଉପସ୍ଥିତ ରହି ଗ୍ରାମର ପାନୀୟ ଜଳ ସମସ୍ୟା ନେଇ ଅଭିଯୋଗ କରିଥିଲେ। ସେମାନେ ଗ୍ରାମରେ ୨୫ ଘର ରହିଥିବା ବେଳେ ପାନୀୟ ଜଳ ସମସ୍ୟା ଲାଗି ରହୁଛି ବୋଲି ପ୍ରକାଶ କରି ଏହାର ସମାଧାନ ଦାବି କରିଥିଲେ। ଶୁଣାଣିରେ ଉପ ଜିଲାପାଳ ବେଦବର ପ୍ରଧାନ, ଏସ୍‌ଡିପିଓ ହରିଶ୍ ବିସି, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ଜିଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା, ବିଡିଓ ରାଜୀବ ଦାସଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଭିଯୋଗଗୁଡିକ ଉପରେ ଗୁରୁତ୍ୱ ଦେଇ ସମସ୍ୟାର ସମାଧାନ ଲାଗି ପଦକ୍ଷେପ ନେବାକୁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ।

# ଅନିୟମିତତା ନେଇ ବିଡିଓଙ୍କୁ ଦାବିପତ୍ର ଦେଲା ଭାଜପା

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ମାଲକାନଗିରି/କୁଡୁମୁଲୁଗୁମ୍ମା, ୬।୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମଣ୍ଡଳ ଭାଜପା ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତାକୁ ନେଇ ଖଇରପୁଟ ବିଡିଓ ହୃଦାନନ୍ଦ ସାହୁ ଏବଂ ମୁଦୁଲିପଡା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟରେ ବହୁ ଅନିୟମିତତା ହୋଇଛି। ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦେଇ ଅଯୋଗ୍ୟଙ୍କ ନାମ ରହିଛି।


ଭାଜପା କର୍ମକର୍ତ୍ତାମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

ଆଗାମୀ ୧୦ ତାରିଖ ସୁଦ୍ଧା ଏହାର ସଂଶୋଧନ କରା ନ ଗଲେ ଭାଜପା ୧୩ ତାରିଖରେ ଖଇରପୁଟ ବ୍ଲକ ଘେରାଉ କରିବ ବୋଲି ଦାବିପତ୍ରରେ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଖଇରପୁଟ ମଣ୍ଡଳ ସଭାପତି ବିଦ୍ୟାଧର ସାହାଣୀ, ଭାରତୀୟ ଯୁବ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ବେହେରା, ମଣ୍ଡଳ ସାଧାରଣ ସମ୍ପାଦକ ଗୁଣନିଧି ନାୟକ, ନାଗେଶ୍ୱର ନାଥୁ, ସମ୍ପାଦକ ବାଲାରାଜୁ କଡ୍ରି, କୋଷାଧକ୍ଷ ଅଜୟ ପଟ୍ଟନାୟକ, ଉପସଭାପତି ସୋମା ଧାଙ୍ଗାଡା ମାଝି, ହୃଦାରଞ୍ଜନ ସେଠୀ, କର୍ଣ୍ଣ ମହୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

## କୁଡୁମୁଲୁଗୁମ୍ମାରେ ନୂଆ ତହସିଲଦାର

କୁଡୁମୁଲୁଗୁମ୍ମା,୬।୨(ଡି.ଏନ.ଏ.)

କୁଡୁମୁଲୁଗୁମ୍ମା ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ଅଶୋକ ମୁଦୁଲି ସୋମବାର ଯୋଗ ଦେଇଛନ୍ତି। ପୂର୍ବରୁ ସେ ଚିତ୍ରକୋଣ୍ଡା ତହସିଲରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ପଦୋନ୍ନତି ପାଇ ମୁଦୁଲି କୁଡୁମୁଲୁଗୁମ୍ମା ତହସିଲଦାର ଭାବେ ଯୋଗ ଦେଇଥିବା ଜଣାପଡିଛି। ଏହି ଅବସରରେ ଖବରଦାତାମାନେ ଫୁଲ ତୋଡା ଦେଇ ସ୍ୱାଗତ କରିଛନ୍ତି। ଅତିରିକ୍ତ ତହସିଲଦାର ବ୍ରଜ ବିହାରୀ ପ୍ରଧାନ, ରାଜସ୍ୱ ନିରୀକ୍ଷକ ରୁଦ୍ର ପ୍ରସାଦ ଗୌଡ଼, କୁଡୁମୁଲୁଗୁମ୍ମା ସାମ୍ବାଦିକ ସଂଘ ସଭାପତି ହୃଷୀକେଶ ସେଠୀ, ବାଳକୃଷ୍ଣ ପ୍ରଧାନ, ଗଣେଶ ପ୍ରସାଦ ଦାଶ, ପ୍ରଭାକର ସୁନା, ଭଗବାନ ସାହୁ ଓ ଜ୍ୟୋତି ରଞ୍ଜନ ବେହେରା ଉପସ୍ଥିତ ଥିଲେ।

# ଅବକାରୀ କର୍ମଚାରୀଙ୍କୁ ଦେଖି ଜଙ୍ଗଲ ଭିତରକୁ ଦୌଡ଼ିଲେ ବାଇକ୍ ଚାଳକ

## ୧୦ କେଜି ଗଞ୍ଜେଇ ଜବତ

ମାଥିଲି,୬।୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶରେ ମାଥିଲି ଅବକାରୀ ଉପ ନିରୀକ୍ଷକ ରବୀନ୍ଦ୍ରନାଥ ପ୍ରଧାନଙ୍କ ନେତୃତ୍ୱରେ ସୋମବାର ଭୋର ସମୟରେ ମାଥିଲି ଥାନା ଅନ୍ତର୍ଗତ କୁଲାବେଡ଼ା ଗ୍ରାମ ନିକଟରେ ଗାଡ଼ିମୋଟର ଯାଞ୍ଚ ଚାଲିଥିଲା। ଦୂରରୁ ଅବକାରୀ କର୍ମଚାରୀଙ୍କୁ ଦେଖି ଜଣେ ବ୍ୟକ୍ତି ବାଇକ ଓ ଜରି ପ୍ୟାକେଟ ଛାଡ଼ି ନିକଟସ୍ଥ ଜଙ୍ଗଲକୁ ଦୌଡ଼ି ପଳାଇଥିଲେ। ଅବକାରୀ କର୍ମଚାରୀମାନେ ବାଇକ ନିକଟରେ ପହଞ୍ଚି ଏହାକୁ ଯାଞ୍ଚ କରିବାରୁ ଜରି ବସ୍ତାରୁ ଗଞ୍ଜେଇ ମିଳିଥିଲା। ଏହାକୁ ଜବତକରି ଓଜନ କରିବାରୁ ସେଥିରେ ୧୦ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏନେଇ ୧୬୬/୨୨/୨୩ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଧରିବା ଲାଗି ଉଦ୍ୟମ ଚାଲିଥିବା ଉପ ନିରୀକ୍ଷକ ପ୍ରଧାନ କହିଛନ୍ତି।



ଜବତ ଗଞ୍ଜେଇ ଓ ବାଇକ୍।

# ଗୋଲୁର ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର

ନନ୍ଦପୁର,୬।୨

କୋରାପୁଟ ଜିଲା ପ୍ରଶାସନ ନିର୍ଦ୍ଦେଶ ମୁତାବକ ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ଗୋଲୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଶିବିରରେ ଗୋଲୁର ନାଏବ ସରପଞ୍ଚ,


ଶିବିରରେ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

ସମିତିସଭ୍ୟ, ୱାର୍ଡସଭ୍ୟ, ବୁଦ୍ଧିଜୀବୀ, ଆଶାକର୍ମୀ, ଅଙ୍ଗନୱାଡି, ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତବାସୀଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ସମ୍ପର୍କରେ ଆଲୋଚନା କରାଯାଇ ୯ଟି ସାମୂହିକ ଅଭିଯୋଗ ପଞ୍ଜୀକୃତ କରାଯାଇଥିଲା। ଏହାକୁ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମାଧାନ କରାଯିବ ବୋଲି ବିଡିଓ ମିଶ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଜାସକେତନ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁ, ଜିପିଓ ବେଦାନ୍ତ ମାଝି, ରାଜସ୍ୱ ମଣ୍ଡଳ ଅଧିକାରୀ ରାମଚନ୍ଦ୍ର ବେହେରାଙ୍କ ସମେତ ବ୍ଲକ ଅଞ୍ଚଳର ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅର୍ଜୁନ ମାଝି ଶିବିର ପରିଚାଳନା କରିଥିଲେ।

# ଆପ୍‌ର ବ୍ଲକ,ପଞ୍ଚାୟତସ୍ତରୀୟ କମିଟି ଗଠନ

ମାଲକାନଗିରି,୬।୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମ୍.ଭି.-୬୬ ଗ୍ରାମରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ ସୋମବାର ବ୍ଲକ ଓ ୧୯ଟି ପଞ୍ଚାୟତର ବିଭିନ୍ନ କମିଟି ଗଠନ କରା ଯାଇଛି। ବୈଠକରେ ଏଏପି ଜିଲା ସଭାପତି କେ. ଦେଶୀରାଜୁ ଆଚାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗଠିତ କାଲିମେଲା ବ୍ଲକ କମିଟିକୁ ସଭାପତି କାର୍ତ୍ତିକ ମଣ୍ଡଳ, ଉପସଭାପତି ପଙ୍କଜ ବାଲା, ସମ୍ପାଦକ ପବିତ୍ର ବୈଦ୍ୟ, ସହ ସମ୍ପାଦକ ରମେଶ ମାଟାମ ଓ କାଲିମେଲା ବ୍ଲକ ସୋସିଆଲ ମିଡିଆ ଓ ଯୁବ ସଭାପତି ଅଭିଲାଷ ମଣ୍ଡଳଙ୍କୁ ଚୟନ କରାଯାଇଛି। କାର୍ଯ୍ୟକ୍ରମ ଅବସରରେ ଆଇନଜୀବୀ ରବୀନ୍ଦ୍ରନାଥ ମାଢ଼ି, ଦେବବ୍ରତ ମଣ୍ଡଳ, ବିଜୁଳି ସରକାର, ରାମଚନ୍ଦ୍ର କରାମି ଉପସ୍ଥିତ ରହି ସଙ୍ଗଠନକୁ ସୁଦୃଢ଼ କରି ଜନସାଧାରଣଙ୍କ ମୌଳିକ ସମସ୍ୟା ସମାଧାନ ପାଇଁ ଆନ୍ଦୋଳନ କରିବା ଲାଗି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ କାଲିମେଲା ବ୍ଲକର ପ୍ରତ୍ୟେକ ଗ୍ରାମର ସମସ୍ୟାକୁ ନେଇ ଆପ୍ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ସଭାପତି ଆଚାରୀ ସୂଚନା ଦେଇଥିଲେ।


ବୈଠକରେ ଉପସ୍ଥିତ ଥିବା ଆପ୍‌କର୍ମକର୍ତ୍ତାମାନେ ।

# ୩ ଲୁଟେରା ଗିରଫ, ୧ଲକ୍ଷ ୭୦ ହଜାର ଜବତ

କୋରାପୁଟ,୬।୨(ସ୍ୱ.ପ୍ର.)

କୋରାପୁଟ ଟାଉନ ଥାନା ପୋଲିସ ନିକଟରେ ହୋଇଥିବା ୩ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ଜଡ଼ିତ ୩ଜଣଙ୍କୁ ସୋମବାର ଗିରଫ କରିଛି। ସେମାନେ ହେଲେ ଏ. ଶିବା (୩୦), ଡି. ରାଜେନ୍ଦ୍ର (୨୩) ଓ ଏ. ଅର୍ଜୁନ (୧୯)। ଏମାନଙ୍କ ଘର ଗଞ୍ଜାମ ଜିଲାର ଆସ୍କା ଅଞ୍ଚଳରେ। ସେମାନଙ୍କଠାରୁ ୧ଲକ୍ଷ ୭୦ ହଜାର ୫୪୬ ଟଙ୍କା ଜବତ ହୋଇଛି। ଏଥିସହ ସେମାନେ ବ୍ୟବହାର କରୁଥିବା ୨ଟି ବାଇକ୍ ଏବଂ ୩ଟି ମୋବାଇଲ ଫୋନ ପୋଲିସ ଜବତ କରିଥିବା ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଅବିନଭ ସୋନକାର କହିଛନ୍ତି। ୩୦/୨୩ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି। ତେବେ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଲୁଟେରା ଫେରାର ଥିବା ଏସ୍‌ପି ସୂଚନା ଦେଇଛନ୍ତି।

ଖବରରୁ ଜଣାପଡିଛି, ଗତ ମାସ ୩୧ ତାରିଖରେ କୋରାପୁଟ ବ୍ଲକ ଅନ୍ତର୍ଗତ ଉମୁରି ଗ୍ରାମର ପର୍ଶୁରାମ ମୁଦୁଲିଙ୍କଠାରୁ କୋରାପୁଟ ଟ୍ରାଫିକ ଛକ ନିକଟରେ କେତେଜଣ ଲୁଟେରା ୩ଲକ୍ଷ ଟଙ୍କା ଲୁଟ୍ କରି ନେଇଥିଲେ। ସେହିଦିନ ପର୍ଶୁରାମ ଘଟଣା ସମ୍ପର୍କରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ରୁଜୁ ହୋଇ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଜାରି ରହିଥିଲା। ଟିମ୍‌ରେ ଏସ୍. ମନୋଜ ପୂଜାରୀ,ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ, ତଦନ୍ତ ଅଧିକାରୀ ଭାବେ ଏସ୍‌ଆଇ ସୁଦର୍ଶନ ଅଧିକାରୀ,ଏସ୍‌ଆଇ ରଞ୍ଜିତ ମିଶ୍ର,ଏଏସ୍‌ଆଇ ଏସ୍.ଚନ୍ଦ୍ର ଶିଶା ଥିଲେ। ସହରର ସିସି ଟିଭି ଫୁଟେଜକୁ ଆଧାରକରି ଟିମ୍ ରାୟଗଡ଼ା, ଗଜପତି, ଗଞ୍ଜାମ, ମାଲକାନଗିରି ଆଦି ଅଞ୍ଚଳକୁ ଯାଇ ଅଭିଯୁକ୍ତମାନଙ୍କ ଫୋନ ଟ୍ରାପ କରି ପ୍ରଥମେ



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି ଏସ୍‌ପି ସୋନକାର।

## ୩ ଲକ୍ଷ ଲୁଟ୍ ଘଟଣାର ପର୍ଦ୍ଦାଫାଶ

ମାଲକାନଗିରି ଅଞ୍ଚଳରୁ ଏ. ଅର୍ଜୁନଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ଏକ ବାଇକ ସହ ୧୦ହଜାର ଟଙ୍କା ଜବତ ହୋଇଥିଲା। ତାଙ୍କୁ ପଚରାଉଚରା ପରେ କୋରାପୁଟ ଜିଲା ଦାମନଯୋଡ଼ି ନିକଟସ୍ଥ ମାଥାଲପୁଟ ଅଞ୍ଚଳରୁ ଶିବା ଓ ରାଜେନ୍ଦ୍ରଙ୍କୁ ଗିରଫ କରାଯାଇଥିଲା। ଉଭୟଙ୍କଠାରୁ ଲୁଟ୍ ଟଙ୍କାରୁ ୧ଲକ୍ଷ ୬୦ହଜାର ୫୪୬ ଟଙ୍କା ଏବଂ ବାଇକ୍ ଜବତ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଘଟଣାର ମାଷ୍ଟର ମାଇଣ୍ଡ ଫେରାର ଥିବା ବେଳେ ବଳକା ୧ଲକ୍ଷ ୨୯ ହଜାର ୪୫୪ ଟଙ୍କା ଉଦ୍ଧାର ପାଇଁ ଟିମ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ଖୁବ୍ ଶୀଘ୍ର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ସୋନକାର ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ମନୋଜ ପୂଜାରୀ, ଟାଉନ ଥାନା ଅଧିକାରୀ ପଟ୍ଟନାୟକ ଓ ଏସ୍‌ଆଇ ଅଧିକାରୀ ଉପସ୍ଥିତ ଥିଲେ।

## ଏଫ୍‌ଡି ଉପରେ ବନ୍ଧନ ବ୍ୟାଙ୍କର ସୁଧ ବୃଦ୍ଧି

**ନୂଆଦିଲ୍ଲୀ:** ବନ୍ଧନ ବ୍ୟାଙ୍କ ପକ୍ଷରୁ ଫିକ୍ସଡ୍ ଡିପୋଜିଟ୍ (ମିଆଦି ଜମା) ବା ଏଫ୍‌ଡି ଉପରେ ସୁଧରେ ୦.୫୦% ବୃଦ୍ଧି ଘୋଷଣା କରାଯାଇଛି। ଏପରିକି ଦୁଇ କୋଟି ଟଙ୍କା ପର୍ଯ୍ୟନ୍ତ ଖୁଚୁରା ଜମା ଉପରେ ଏହି ସଂଶୋଧିତ ସୁଧ ହାର ଲାଗୁ ହେବ ଏବଂ ୨୦୨୩ ଫେବୃୟାରୀ ୬ ପରଠାରୁ ତାହା କାର୍ଯ୍ୟକାରୀ ହେବ। ଏହି ଅଫର ସୀମିତ ସମୟ ପାଇଁ। ସୁଧରେ ଏହି ଉର୍ଦ୍ଧ୍ୱମୁଖୀ ବୃଦ୍ଧି ସହ ବ୍ୟାଙ୍କ ଶିଳ୍ପରେ ବନ୍ଧନ ବ୍ୟାଙ୍କ ପକ୍ଷରୁ ଅନ୍ୟତମ ସର୍ବାଧିକ ସୁଧ ହାର ପ୍ରଦାନ କରାଯାଉଛି। ବ୍ୟାଙ୍କ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ବାର୍ଷିକ ୮.୫% ଏବଂ ଅନ୍ୟମାନଙ୍କୁ ୮% ସୁଧ ପ୍ରଦାନ କରାଯିବ।

# ପଣ୍ୟ ବୋଝେଇରୁ ୨୦,୬୩୫ କୋଟିର ଆୟ

■ପଣ୍ୟ ବୋଝେଇରେ ପୂର୍ବତଟ ରେଳପଥର ରେକର୍ଡ

■୩୧୦ ଦିନରେ ୨୦୦ନିୟୁତ ଟନ୍‌ରୁ ଅଧିକ ପଣ୍ୟ ବୋଝେଇ



**ଭୁବନେଶ୍ୱର,୬ା୨**

ଭାରତୀୟ ରେଲୱେର ଏକ ପ୍ରମୁଖ ଜୋନ ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ (୨୦୨୨-୨୩)ର ଶେଷ ପୂର୍ବରୁ ରେଳ ମନ୍ତ୍ରଣାଳୟର ଲକ୍ଷ୍ୟ ଧାର୍ଯ୍ୟ ପୂରଣ ସହ ପଣ୍ୟ ବୋଝେଇରେ ଏକ ନୂତନ ରେକର୍ଡ ହାସଲ କରିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପରିକି ୩୧୦ ଦିନ ମଧ୍ୟରେ ପୂର୍ବତଟ ରେଳପଥ ୨୦୦.୪୩ ନିୟୁତ ଟନ୍ ପଣ୍ୟ ବୋଝେଇ କରି ଏହି ସଫଳତା ହାସଲ କରିଛି। ବିଶେଷ କରି ଉକ୍ତ ଆକଳନ ହାସଲ କରିବାକୁ ପୂର୍ବତଟ ରେଳପଥ ୨୦୨୧-୨୨ ଆର୍ଥିକ ବର୍ଷରେ ୩୨୦ଦିନ ସମୟ ଲାଗିଥିବାବେଳେ ୨୦୨୦-୨୧ ରେ ୩୬୦ ଦିନ ଏବଂ ୨୦୧୯-୨୦ ଆର୍ଥିକ ବର୍ଷରେ ୩୬୬ ଦିନ ସମୟ ନେଇଥିଲା। ସେହିଭଳି ଏହି ସମୟ ମଧ୍ୟରେ ପଣ୍ୟ ବୋଝେଇରୁ ଆୟ ବାବଦରେ ପୂର୍ବତଟ ରେଳପଥ ପ୍ରାୟ ୨୦,୬୩୫ କୋଟି ଟଙ୍କା ଆୟ କରିଛି, ଯାହା ଗତ ଆର୍ଥିକ ବର୍ଷର ୧୯,୨୦୪ କୋଟି ଟଙ୍କା ତୁଳନାରେ ୭.୫% ବୃଦ୍ଧି ଘଟିଛି। ଅପରପକ୍ଷରେ ପଣ୍ୟ ବୋଝେଇ ଏବଂ ଟ୍ରେନ୍ ଚଳାଚଳ କ୍ଷେତ୍ରରେ ଅନେକ ପ୍ରତିବନ୍ଧକ ଏବଂ ପ୍ରତିକୂଳ ପ୍ରଭାବ ସତ୍ତ୍ୱେ ପୂର୍ବତଟ ରେଳପଥ ଉକ୍ତ ମାଇଲଖୁଣ୍ଟ ହାସଲ କରିଛି, ରେଳ ମନ୍ତ୍ରଣାଳୟର ଅଭିନବ ପଦକ୍ଷେପ ଏବଂ ପ୍ରମୁଖ ହସ୍ତକ୍ଷେପ ଉପରେ ଧ୍ୟାନ ଦେଇ ୨୦୦ ନିୟୁତ ଟନ୍ ପଣ୍ୟ ବୋଝେଇକୁ ଅତିକ୍ରମ ହାସଲ କରାଯାଇଛି। ଯାହା ଏହାକୁ ଫାଷ୍ଟ-ଟ୍ରାକରେ ପହଞ୍ଚାଇବାରେ ସାହାଯ୍ୟ କରିଛି, ଏହି ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୨୯.୯୩ ନିୟୁତ ଟନ୍ ପଣ୍ୟ ପରିବହନ କରିଥିବା ବେଳେ ୱାଲଟିୟର ରେଳ ମଣ୍ଡଳ ୫୭.୦୩ ନିୟୁତ ଟନ୍ ଏବଂ ସମ୍ବଲପୁର ରେଳମଣ୍ଡଳ ୧୩.୪୭ ନିୟୁତ ଟନ୍ ମାଲ ପରିବହନ କରିଛି। ଏ ସମ୍ପର୍କରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା କହିଛନ୍ତି ଏହି ସଫଳତା ପାଇଁ ଏହାର ତିନିଟି ରେଳ ମଣ୍ଡଳ ଓ ପରିଶ୍ରମୀ ତଥା ଉତ୍ସର୍ଗୀକୃତ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଶ୍ରେୟ ଦେଇଛନ୍ତି। ଏହା ସହିତ ସେ ରେଳପଥର ସହଭାଗୀ କୋଲିୟାରୀ, ବନ୍ଦର, ଇସ୍ପାତ କାରଖାନା, ସିମେଣ୍ଟ, ଆଲୁମିନା ପ୍ଲାଣ୍ଟ, ପେଟ୍ରୋଲିୟମ କମ୍ପାନୀ ଏବଂ ଖାଦ୍ୟ ନିଗମ ସମେତ ସମସ୍ତ ହିତାଧିକାରୀଙ୍କ ଉଦ୍ୟମ ଏବଂ ସହଯୋଗ ଯୋଗୁ ଉକ୍ତ ସଫଳତା ମିଳିପାରିଛି ବୋଲି ଶର୍ମା ମତପ୍ରକାଶ କରିଛନ୍ତି।

## ଏମ୍‌ଆଇଏମ୍ ପକ୍ଷରୁ କ୍ୱାଣ୍ଟ ଫଣ୍ଡର ଶୁଭାରମ୍ଭ

**ନୂଆଦିଲ୍ଲୀ,୬ା୨**

ପୋର୍ଟଫୋଲିଓ ମ୍ୟାନେଜ୍‌ମେଣ୍ଟ କମ୍ପାନୀ ମାର୍ସେଲସ୍ ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜର୍ସ (ଏମ୍‌ଆଇଏମ୍) ପ୍ରା.ଲିଃ ପକ୍ଷରୁ ଏକ ସ୍ୱତନ୍ତ୍ର କ୍ୱାଣ୍ଟ-ଆଧାରିତ ଫଣ୍ଡ ମାର୍ସେଲସ୍ ମେରିଟରକ୍ୟୁ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଉତ୍ପାଦ ଲାର୍ଜ, ମିଡ୍ ଓ ସ୍ମଲ୍ କ୍ୟାପ ସେଗ୍‌ମେଣ୍ଟରେ ୩୫ରୁ ୪୫ଟି ଷ୍ଟକ୍ ଥିବା ଏକ ବିବିଧ ପୋର୍ଟଫୋଲିଓ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ନିଫ୍ଟି ୫୦୦ ଟିଆର୍‌ଆଇ ବିରୋଧରେ ଏହି ଫଣ୍ଡ ବେଞ୍ଚମାର୍କ ହେବ। ଏ ସମ୍ପର୍କରେ ଏମ୍‌ଆଇଏମର (ସିଓଆଇ) ଚିଫ ଇନ୍‌ଭେଷ୍ଟମେଣ୍ଟ ଅଫିସର ସୌରଭ ମୁଖାର୍ଜୀ କହିଛନ୍ତି, ଅନେକ ଖୁଚୁରା ନିବେଶକମାନେ ବହୁଦିନରୁ ଇଚ୍ଛା କରି ଆସୁଥିଲେ ଯେ ମାର୍ସେଲସ୍ ବଜାରକୁ ଏଭଳି ଏକ ଉତ୍ପାଦ ଆଣୁ ଯାହା ଏକ କ୍ଷୁଦ୍ର ଆକାରର ନିବେଶ ଆବଶ୍ୟକ କରୁଥିବ।

## ସୋନାଲିକାର ୨୬% ଘରୋଇ ଅଭିବୃଦ୍ଧି ହାସଲ

**ନୂଆଦିଲ୍ଲୀ,୬ା୨**



ଦେଶର ପ୍ରମୁଖ ଟ୍ରାକ୍ଟର ରପ୍ତାନି ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସ ଚଳିତ ବର୍ଷ ଜାନୁୟାରୀରେ ମୋଟ ୯,୭୪୧ଟି ଟ୍ରାକ୍ଟର ବିକ୍ରି କରିଥିବା ଜଣାପଡିଛି। ଏପରିକି କମ୍ପାନୀର ବିକ୍ରି ପରିମାଣ ଜାନୁୟାରୀରେ ପ୍ରାୟ ୨୬% ଅଭିବୃଦ୍ଧିର ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବିଶେଷକରି କମ୍ପାନୀର ଅଫିସିଆଲ ୱେବ୍‌ସାଇଟ୍‌ରେ ମଧ୍ୟ ବ୍ରାଣ୍ଡର ସମସ୍ତ ଟ୍ରାକ୍ଟର ମୂଲ୍ୟକୁ ଉନ୍ମୋଚନ କରିବାର ଏକ ଅତୁଳନୀୟ ପଦକ୍ଷେପ ଗ୍ରହଣ କରିଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ସୋନାଲିକା ଟ୍ରାକ୍ଟର୍ସରେ ଆମେ କୃଷକଙ୍କ ସମୃଦ୍ଧି ଓ ଆୟ ବୃଦ୍ଧି ପାଇଁ ନିରନ୍ତର ଉଦ୍ଭାବନ ଜାରି ରଖିଛୁ। ଏପରିକି ଆମର ସ୍ୱତନ୍ତ୍ର ଆଭିମୁଖ୍ୟ ଆମ ଡିଏନ୍‌ଏରେ ଗଭୀର ଭାବେ ଅନ୍ତର୍ନିହିତ ରହିଛି, ବିଶେଷକରି ଅଭିନବ ଉତ୍ପାଦ ଲଞ୍ଚ କରିବା ସହ ଆମେ ୱେବ୍‌ସାଇଟ୍‌ରେ ମଧ୍ୟ ଟ୍ରାକ୍ଟର ମୂଲ୍ୟ ଉନ୍ମୋଚନ କରିବା ଭଳି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛୁ, ଯାହା କୃଷି ସମୁଦାୟ ମଧ୍ୟରେ ଏକ ପ୍ରକାରର ବିପ୍ଳବ ସୃଷ୍ଟି କରିଛି। ଏଭଳି ପଦକ୍ଷେପ ଦ୍ୱାରା ଆମର ବର୍ଦ୍ଧିତ ଉତ୍ପାଦ ପୋର୍ଟଫୋଲିଓରେ ଟ୍ରାକ୍ଟର କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ସୁନିଶ୍ଚିତ ହୋଇପାରୁଛି, ଫଳରେ ଚାଷୀଙ୍କ ଏକ ବଡ ସମସ୍ୟାର ସମାଧାନ ହୋଇପାରିଛି। ଏହା ଆମକୁ ୨୦୨୩ ଜାନୁୟାରୀରେ ଶିଳ୍ପ ଅଭିବୃଦ୍ଧିକୁ ପଛରେ ପକାଇ ୯୭୪୧ଟି ଟ୍ରାକ୍ଟର ବିକ୍ରି ସହ ୨୬% ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ କରିଛି।

## ଆକ୍ସିସ୍ ବ୍ୟାଙ୍କ୍‌ର 'ଉନ୍ନତ ରିୱାର୍ଡ ରିଡେମ୍ପଶନ୍' କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ,୬ା୨**

ଆକ୍ସିସ୍ ବ୍ୟାଙ୍କ୍ ପକ୍ଷରୁ ଏକ ଅଭିନବ ବ୍ୟବସାୟିକ ଯୋଜନା 'ଉନ୍ନତ ରିୱାର୍ଡ ରିଡେମ୍ପଶନ୍'କାର୍ଯ୍ୟକ୍ରମର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବିଭିନ୍ନ ଶିଳ୍ପ କ୍ଷେତ୍ରର ଏୟାରଲାଇନ୍ସ ଓ ହୋଟେଲ୍ ଲୟାଲ୍‌ଟି ପ୍ରୋଗ୍ରାମ ସହଯୋଗିତାରେ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଆକ୍ସିସ୍ ବ୍ୟାଙ୍କ୍ ଡେବିଟ୍ କାର୍ଡ ଏବଂ କ୍ରେଡିଟ୍ କାର୍ଡ ଗ୍ରାହକମାନଙ୍କୁ ସେମାନେ ହାସଲ କରିଥିବା ଏଜ୍ ରିୱାର୍ଡ-ମାଇଲ୍‌କୁ ସିଙ୍ଗାପୁର ଏୟାରଲାଇନ୍ସ (କ୍ରିସ୍‌ଫ୍ଲାୟର), ମାରିଅଟ ଇଣ୍ଟରନ୍ୟାଶନାଲ୍ (ମାରିଅଟ ବନଭଏ), ଆଇଟିସି ହୋଟେଲ୍ (କ୍ଲବ୍ ଆଇଟିସି), ଟର୍କିସ ଏୟାରଲାଇନ୍ସ (ମାଇଲ୍‌ସ ଆଣ୍ଡ ସ୍ମାଇଲ୍‌ସ), କତାର ଏୟାରୱେଜ୍ (ପ୍ରିଭିଲେଜ୍ କ୍ଲବ୍), ୟୁନାଇଟେଡ୍ ଏୟାରଲାଇନ୍ସ (ମାଇଲେଜ୍‌ପ୍ଲସ) ଭଳି ୧୩ ସହଯୋଗୀଙ୍କୁ ନିରବଚ୍ଛିନ୍ନ ଭାବେ ସ୍ଥାନାନ୍ତର କରିପାରିବେ। ସେହିଭଳି ବ୍ୟାଙ୍କ୍‌ର ଏଭଳି ଏକ ସେବା ଗ୍ରାହକମାନଙ୍କୁ ଚୟନ କରିବା ଲାଗି ବ୍ୟାପକ ରିୱାର୍ଡର ବିକଳ୍ପ ସହ ନିଜ ଯାତାୟାତ ଯୋଜନାରେ ତାହାକୁ ସାମିଲ କରିବାର ଶକ୍ତି ପ୍ରଦାନ କରୁଛି। ବ୍ୟାଙ୍କିଙ୍ଗ ଶିଳ୍ପରେ ସର୍ବବୃହତ ରିୱାର୍ଡ ସ୍ଥାନାନ୍ତର ସେବା ସହ ଉକ୍ତ କାର୍ଯ୍ୟକ୍ରମକୁ ସମ୍ପ୍ରସାରଣ କରିବାକୁ ବ୍ୟାଙ୍କ୍ ଲକ୍ଷ୍ୟ ରଖିଛି। ସେହିପରି ଆକ୍ସିସ୍ ବ୍ୟାଙ୍କ୍ କ୍ରେଡିଟ୍ କାର୍ଡର ସମ୍ଭ୍ରାନ୍ତ ବର୍ଗର ଗ୍ରାହକମାନଙ୍କ ଲାଗି ଉକ୍ତ କାର୍ଯ୍ୟକ୍ରମ ବେଶ୍ ଉପଯୋଗୀ ହେବ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ସଭାପତି ଓ ମୁଖ୍ୟ-କାର୍ଡସ ଆଣ୍ଡ ପେମେଣ୍ଟସ ସଞ୍ଜୀବ ମୋଘେ କହିଛନ୍ତି, ଗ୍ରାହକମାନଙ୍କୁ ପ୍ରଦାନ କରାଯାଉଥିବା ମୂଲ୍ୟ ଉପସ୍ଥାପନାକୁ ସୁଦୃଢ଼ କରିବା ଏବଂ ସୁବିଧାରେ ପ୍ରିମିୟମ୍ ଲାଭ ପ୍ରଦାନ କରିବା ପାଇଁ ଆମେ ନିରନ୍ତର ଭାବେ ନବସୃଜନ ନେତୃତ୍ୱାଧୀନ ମଡେଲ୍ ଉପରେ କାର୍ଯ୍ୟ କରୁଛୁ।

## ଖିମ୍‌ଜୀର ଭାଲେଣ୍ଟାଇନ୍ କଲେକ୍ସନ 'ଲଭ୍‌ଷ୍ଟ୍ରକ୍-୨୦୨୩'

**ଭୁବନେଶ୍ୱର,୬ା୨**

ରାଜ୍ୟର ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ସ୍ୱତନ୍ତ୍ର ଭାଲେଣ୍ଟାଇନ୍ କଲେକ୍ସନ 'ଲଭ୍‌ଷ୍ଟ୍ରକ୍ ୨୦୨୩'ର ଉନ୍ମୋଚନ କରାଯାଇଛି। ବିଶେଷ କରି ଚଳିତ ବର୍ଷ ଫେବୃୟାରୀ ୧୪ ପର୍ଯ୍ୟନ୍ତ ଏହି କଲେକ୍ସନ ଖିମ୍‌ଜୀର ସମସ୍ତ ଷ୍ଟୋରରେ ଉପଲବ୍ଧ ରହିବ। ସେହିଭଳି 'ଲଭ୍‌ଷ୍ଟ୍ରକ୍ ୨୦୨୩' ଅବସରରେ ୧୨,୬୦୦ ଟଙ୍କାରୁ ଆରମ୍ଭ କରି ଗ୍ରାହକମାନେ ହୀରା ଅଳଙ୍କାରର ପେଣ୍ଡେଣ୍ଟ, ମୁଦି ଏବଂ ବ୍ରେସ୍‌ଲେଟ୍‌ର ବ୍ୟାପକ ସମ୍ଭାର ପାଇପାରିବେ। ଏହା ସହିତ ଖିମ୍‌ଜୀ ଷ୍ଟୋରକୁ ଆସୁଥିବା ଦମ୍ପତିମାନଙ୍କ ପାଇଁ ମଧ୍ୟ ଏକ 'ସେଲ୍ଫି ପ୍ରତିଯୋଗିତା'ର ଆୟୋଜନ କରାଯାଇଛି। ଉକ୍ତ ପ୍ରତିଯୋଗିତାର ନିୟମ ଅନୁଯାୟୀ ପ୍ରତିଯୋଗୀମାନେ ଖିମଜୀ ଷ୍ଟୋର ପରିସରରେ ସ୍ୱତନ୍ତ୍ର ଭାବେ ଡିଜାଇନ୍ ହୋଇଥିବା 'ସେଲ୍ଫି ସ୍ପଟ୍'ରେ ଏକ ସେଲ୍ଫି ନେଇ ତାହାକୁ ନିଜର ଫେସ୍‌ବୁକ୍ କିମ୍ବା ଇନ୍‌ଷ୍ଟାଗ୍ରାମ ଟାଇମଲାଇନ୍‌ରେ ପୋଷ୍ଟ କରି ଖିମ୍‌ଜୀର ଅଫିସିଆଲ୍ ପେଜ୍‌କୁ ଟ୍ୟାଗ୍ କରିବେ। ଏପରିକି ଉକ୍ତ ପ୍ରତିଯୋଗିତାର ସର୍ବୋତ୍ତମ ଫଟୋକୁ ଖିମ୍‌ଜୀ ଜୁଏଲର୍ସ ଅଫିସଆଲ୍ ଆକାଉଣ୍ଟରେ ଅପ୍‌ଲୋଡ୍ କରାଯିବ।

ଏ ସମ୍ପର୍କରେ ଖିମଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଭାଲେଣ୍ଟାଇନ୍ ଡେ ହେଉଛି ପ୍ରେମର ଉତ୍ସବ। ଆମର ପ୍ରିୟ ଗ୍ରାହକମାନଙ୍କ ଭାବନାକୁ ବୁଝି ଆମେ ଏହି ସ୍ୱତନ୍ତ୍ର ସଂଗ୍ରହଗୁଡିକୁ ନେଇ ଆସିଛୁ। ପ୍ରେମ ଏବଂ ଉତ୍ସାହ ସହିତ ନିର୍ମିତ 'ଲଭ୍‌ଷ୍ଟ୍ରକ୍ ୨୦୨୩'ର ସଂଗ୍ରହ ଆମ ପ୍ରିୟଜନଙ୍କ ପାଇଁ ପ୍ରେମର ଅଭିବ୍ୟକ୍ତିକୁ ଦର୍ଶାଇବ ବୋଲି ସେ ମତପ୍ରକାଶ କରିଛନ୍ତି।




## ଜାନୁୟାରୀରେ ୧୮,୨୬,୬୬୯ ୟୁନିଟ ଗାଡ଼ି ବିକ୍ରି

**ନୂଆଦିଲ୍ଲୀ,୬ା୨**

ଚଳିତ ବର୍ଷ ଜାନୁୟାରୀ ମାସରେ ଦେଶର ଅଟୋମୋବାଇଲ ସେଲ (ଯାନ ବିକ୍ରି) ପୂର୍ବ ବର୍ଷର ସମାନ ଅବଧିର ବିକ୍ରି ଅପେକ୍ଷା ପ୍ରାୟ ୧୪% (୧୩.୫୬) ବୃଦ୍ଧି ପାଇଥିବା ଜଣାପଡିଛି। ଏପରିକି ୨୦୨୩ ଜାନୁୟାରୀରେ ଦେଶର ମୋଟ ୧୮,୨୬,୬୬୯ ୟୁନିଟ ଗାଡ଼ି ବିକ୍ରି ହୋଇଥିବା ବେଳେ ୨୦୨୨ ଜାନୁୟାରୀରେ ଏହାର ପରିମାଣ ୧୬,୦୮,୫୦୫ ୟୁନିଟ କରାଯାଇଥିବା ଫେଡେରେସନ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ (ଫାଡା) ପକ୍ଷରୁ କୁହାଯାଇଛି। ଏପରିକି ସୋମବାର ଫାଡା ପକ୍ଷରୁ ୨୦୨୩ ଜାନୁୟାରୀ ମାସର ଗାଡ଼ି ବିକ୍ରି ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ସେହିଭଳି ୨୦୨୩ ଜାନୁୟାରୀରେ ୨ ଚକିଆ ଗାଡ଼ି ୧୦%, ୩ ଚକିଆ ଗାଡ଼ି ୫୯%, ଯାତ୍ରୀବାହୀ ଗାଡ଼ି ୨୨%, ଟ୍ରାକ୍ଟର ୮% ଏବଂ ବାଣିଜ୍ୟକ ଗାଡ଼ି ୧୬ % ବିକ୍ରି ହୋଇଥିବା ଫାଡା ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଫାଡାର ସଭାପତି ମନିଷ ରାଜ ସିଂଘାଣିଆ କହିଛନ୍ତି, ଦେଶରେ ଯାତ୍ରୀବାହୀ ଗାଡ଼ି ବୁକିଂ ଅର୍ଡ଼ର ଦିନକୁ ଦିନ ବୃଦ୍ଧି ପାଉଛି। ହେଲେ ଦେଶରେ ୨ ଚକିଆ ଗାଡ଼ି ବିକ୍ରି ପ୍ରଦର୍ଶନ ଭଲ ରହୁଛି, ବିଶେଷ କରି ଗ୍ରାମାଞ୍ଚଳରେ ଗାଡ଼ି ବିକ୍ରିରେ ଭଲ ପ୍ରଦର୍ଶନ କରିନାହିଁ। ତେବେ ୩ ଚକିଆ ଗାଡ଼ି ବିକ୍ରି ଦେଶରେ ପୂର୍ବବର୍ଷ ତୁଳନାରେ ୬୦% ବୃଦ୍ଧି ପାଇଛି। ଏପରିକି ଯାତ୍ରୀବାହୀ ଗାଡ଼ି ପୂର୍ବବର୍ଷ ତୁଳନାରେ ୨୨% ବୃଦ୍ଧି ହୋଇଛି। ସେହିଭଳି ୨୦୨୧ ଜାନୁୟାରୀରୁ ୧୦ % ଏବଂ ୨୦୨୦ ଜାନୁୟାରୀ ଠାରୁ ୮% ଗାଡ଼ି ବିକ୍ରିରେ ବୃଦ୍ଧି ଘଟିଛି। ଏତଦ୍‌ବ୍ୟତୀତ ବଜାରରେ ବିଳାସପୂର୍ଣ୍ଣ ଗାଡ଼ି ମାନଙ୍କ ମଧ୍ୟରେ ମାରୁତି ସୁଜୁକି ଗାଡ଼ି ଦେଶରେ ବିକ୍ରି କରିବାରେ ଭଲ ପ୍ରଦର୍ଶନ ଜାରି ରଖିଛି। ଏହା ପରେ ହୁଣ୍ଡାଇ ମୋଟର ଏବଂ ଟାଟା ମୋଟର୍ସର ଗାଡ଼ି ବିକ୍ରି ଉତ୍ସାହଜନକ ରହିଥିଲା ବୋଲି ସେ ମତପ୍ରକାଶ କରିଛନ୍ତି।

ଫୁର୍‌ସତ୍

## ଇ-ବର୍ଜ୍ୟବସ୍ତୁରେ ଷ୍ଟାଚ୍ୟୁ

**ଲକ୍ଷ୍ନୌ**

ବର୍ତ୍ତମାନ ସମୟରେ ଆବର୍ଜନାକୁ ବ୍ୟବହାର କରି ବିଭିନ୍ନ କଳାକୃତି ମାନ ତିଆରି କରାଯାଉଛି। ତେବେ ଜୟପୁରର ମୁକେଶ କୁମାର ଜୱାଲା ନାମକ ଯୁବକ ବ୍ୟାଙ୍କରେ ବ୍ୟବହୃତ ଇ-ବର୍ଜ୍ୟବସ୍ତୁ ଜିନିଷକୁ ଏକାଠି କରି ଏକ ଷ୍ଟାଚ୍ୟୁ ତିଆରି କରିଛନ୍ତି। ଏହାର ଉଚ୍ଚତା ୧୦ ଫୁଟ ରହିଛି। ଷ୍ଟାଚ୍ୟୁର ନାମ ହେଉଛି 'ମାତ୍ରକ', ଯାହାର ଅର୍ଥ ଜଣେ ମହିଳା ବା ସୃଷ୍ଟିକର୍ତ୍ତା। ଷ୍ଟାଚ୍ୟୁଟିରେ ଜଣେ ମହିଳା ଚକା ପକାଇ ବସିବା ସହ ହାତ ଯୋଡ଼ିଥିବା ନଜରକୁ ଆସିଛି। ତାଙ୍କ ମୁହଁ ଏସ୍‌ବିଆଇର ଲୋଗୋ ସଦୃଶ ହୋଇଛି। ଆର୍ଟିଷ୍ଟ ମୁକେଶ ଏହି ଷ୍ଟାଚ୍ୟୁକୁ ତିଆରି କରିବା ପାଇଁ କମ୍ପ୍ୟୁଟରର ବିଭିନ୍ନ ସରଞ୍ଜାମ ଯଥା ୨୫୦ ଡେକ୍ସଟପ୍, ୨୦୦ ମଦର ବୋର୍ଡ, ଡେବିଡ୍ ଓ କ୍ରେଡିଟ୍ କାର୍ଡ, ମାଉସ୍, ଡିଭିଡି ରାଇଟର୍ ସହ ବ୍ୟାଙ୍କରେ ବ୍ୟବହୃତ ଇ-ବର୍ଜ୍ୟବସ୍ତୁ ବ୍ୟବହାର କରିଛନ୍ତି। ଏହାକୁ ତିଆରି କରିବା ପାଇଁ ତାଙ୍କ ଟିମ୍‌କୁ ଏକ ମାସ ସମୟ ଲାଗିଥିଲା।



## ନିମନ୍ତ୍ରଣ ରଖିଲେ

**ମୁମ୍ବାଇ:** ବଲିଉଡ୍ ଅଭିନେତା ସୋନୁ ସୁଦ୍ ତାଙ୍କ କାର୍ଯ୍ୟକଳାପ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଆ'ନ୍ତି। ନିକଟରେ ସେ ଜୟପୁରରେ ଏକ ଠେଲାଗାଡ଼ିରୁ ପାଓଭାଜି ଖାଇ ଖୁସି ବାଣ୍ଟିଛନ୍ତି। ୨୦୨୧ ଜାନୁୟାରୀରେ ବଳରାମ ସିଂ ନାମକ ଜଣେ ବ୍ୟକ୍ତି ସୋନୁଙ୍କ ନାମରେ ଏକ ଠେଲାଗାଡ଼ିରେ ଜଳଖିଆ ଦୋକାନ ଖୋଲିଥିଲେ। ତାଙ୍କର ସେହି ଦୋକାନର ଫଟୋ ଉଠାଇ ବିକାଶ ଗୁପ୍ତା ନାମକ ଜଣେ ବ୍ୟକ୍ତି ସୋନୁଙ୍କୁ ଟ୍ୟାଗ କରି ଟୁଇଟରରେ ପୋଷ୍ଟ କରିଥିଲେ। ଆଉ ଲେଖିଥିଲେ, ସାର୍! ଖାଦ୍ୟ ଖାଇବାକୁ ଜୟପୁର କେବେ ଆସୁଛନ୍ତି? ସେହି ଟୁଇଟର ଜବାବରେ ସୋନୁ ଲେଖିଥିଲେ, 'ଦିନେ ନିଶ୍ଚୟ ଆସିବି, ହେଲେ ପାଓଭାଜିରେ ମଖନ ଟିକେ ଅଧିକ ପକାଇବ।' ଗତ ଶନିବାର ବଳରାମଙ୍କ ପାଖକୁ ଏକ ଫୋନ୍‌କଲ୍ ଆସିଥିଲା ଯେ ସୋନୁ ତାଙ୍କ ଦୋକାନକୁ ଆସୁଛନ୍ତି। ହେଲେ ବଳରାମ ପ୍ରଥମେ ବିଶ୍ୱାସ କରି ନ ଥିଲେ। ପରେ ପରେ ସୋନୁ ତାଙ୍କ ନିମନ୍ତ୍ରଣ ରଖି ଆସି ଦୋକାନରେ ପହଞ୍ଚିଥିଲେ।



ସୋନୁ ସୁଦ୍

## ବୋବାଉ ନ ଥିବା ବେଙ୍ଗ

**ଡୋଡୋମା**

ନିକଟରେ ଆଫ୍ରିକାର ୟୁନିଭର୍ସିଟି ଅଫ୍ ସିନ୍‌ସିନାଟି, ଓହିଓର ଗବେଷକ ବେଙ୍ଗର ଏକ ନୂଆ ପ୍ରଜାତି ଠାବ କରିଛନ୍ତି। ତାଞ୍ଜାନିଆର ୟୁକାଗୁରୁ ପର୍ବତରୁ ଠାବ କରାଯାଇଥିବା ଏହି ମେରୁଦଣ୍ଡ ଥିବା ପ୍ରଜାତିର ବେଙ୍ଗ ବିଶ୍ୱରେ ବହୁତ କମ୍ ମାତ୍ରାରେ ଦେଖିବାକୁ ମିଳିଆ'ନ୍ତି। ଏହି ପ୍ରଜାତିର ବେଙ୍ଗ ଜନସଂଖ୍ୟା ବହୁତ ଛୋଟ। ତେବେ ପୁରୁଷ ବେଙ୍ଗମାନେ ଅନ୍ୟ ବେଙ୍ଗଙ୍କ ଭଳି ଶବ୍ଦ କରିପାରନ୍ତି ନାହିଁ। ସେମାନେ କଥାବାର୍ତ୍ତା ପାଇଁ ଏକ ବ୍ରେଲି ଭଳି କିଛି ପ୍ରଣାଳୀ ଆପଣାଉଥିବା ଗବେଷକମାନେ ଅନୁମାନ କରି କହିଛନ୍ତି। ଏହି ପ୍ରଜାତିର ବେଙ୍ଗଙ୍କ ସଂଖ୍ୟା କମ୍ ଥିବାବେଳେ ଏମାନେ ବିଲୁପ୍ତ ପ୍ରାୟ ଗୋଷ୍ଠିରେ ଅନ୍ତର୍ଭୁକ୍ତ। ସେମାନେ ସାଧାରଣତଃ ସବୁଜ, ସୁନାରଙ୍ଗ, ମାଟିଆ ରଙ୍ଗର ହୋଇଥା'ନ୍ତି। ଏମାନଙ୍କ ମୁଣ୍ଡ ଅପେକ୍ଷା ଆଖି ଛୋଟ ହୋଇଥାଏ।



## ସାଣ୍ଡୱିଚ ଚୋରି କରି ଚାକିରି ଗଲା

### ପାଉଥିଲେ ୯.୨ କୋଟି ଦରମା

**ଲଣ୍ଡନ:** ଅଫିସ କ୍ୟାଣ୍ଟିନରୁ ସାଣ୍ଡୱିଚ ଚୋରି କରିବା ପଡ଼ିଲା ମହଙ୍ଗା। ଏଭଳି ଏକ ଆଶ୍ଚର୍ଯ୍ୟଜନକ ଘଟଣା କେନରି ୱାର୍ଫରେ ଥିବା ସିଟିବ୍ୟାଙ୍କ ୟୁରୋପୀୟ ମୁଖ୍ୟାଳୟରେ ଘଟିଛି। ସୂଚନାନୁଯାୟୀ, ଲଣ୍ଡନରେ ଥିବା ଏକ ଅଫିସ କ୍ୟାଣ୍ଟିନରୁ ସାଣ୍ଡୱିଚ ଚୋରି କରିଥିବାରୁ ହାଇ ପ୍ରୋଫାଇଲ ଭାରତୀୟ ବ୍ୟାଙ୍କର ପାରସ ଶାହାଙ୍କୁ ଚାକିରିରୁ ବରଖାସ୍ତ କରିଦିଆଯାଇଛି। ପାରସଙ୍କ ବାର୍ଷିକ ଦରମା ପ୍ରାୟ ୯.୨ କୋଟି ଟଙ୍କା ଥିଲା। ବ୍ୟାଙ୍କର ଏଭଳି କାର୍ଯ୍ୟାନୁଷ୍ଠାନ ପରେ ଏହା ଶାହାଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇଥିବା କିଛି ଲୋକେ କହୁଥିବା ବେଳେ ଆଉ କେତେକ ବ୍ୟାଙ୍କ ପରିଚାଳନାର କଠୋର ମନୋଭାବକୁ ପ୍ରଶଂସା କରିଛନ୍ତି। ଶାହା ୨୦୧୦ରେ ବାଥ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ଡିଗ୍ରୀ ହାସଲ କରିଥିଲେ। ଏହା ପରେ ସେ ଏଚଏସ୍‌ବିସିର ଫିକ୍ସଡ ଇନ୍‌କମ ଟ୍ରେଡିଂ ବିଭାଗରେ ଥିଲେ। ପରେ ୨୦୧୭ରେ ସିଟିବ୍ୟାଙ୍କ ଗ୍ରୁପରେ ସେ ଯୋଗ ଦେଇଥିଲେ। ସୂଚନା ଅନୁଯାୟୀ, ପାରସ ଶାହାଙ୍କ ବିରୋଧରେ ଏହା ପ୍ରଥମ ମାମଲା ନୁହେଁ। ଏହାପୂର୍ବରୁ ମଧ୍ୟ ତାଙ୍କ ନାଁରେ ଚୋରି ଅଭିଯୋଗ ହୋଇଛି।



## ରାସ୍ତା ମଝିରେ ଦେହରେ ବନ୍ଧୁକ ଝୁଲାଇ ଡ୍ୟାନ୍ସ



**ଲକ୍ଷ୍ନୌ**

ନିକଟରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ କିଛି ଯୁବକ ନିଶାସକ୍ତ ଅବସ୍ଥାରେ ରାସ୍ତା ମଝିରେ ବନ୍ଧୁକ କାନ୍ଧରେ ଝୁଲାଇ ଡ୍ୟାନ୍ସ କରୁଥିବା ନଜରକୁ ଆସିଛି। ଏଥିପାଇଁ ପୋଲିସ ସେମାନଙ୍କ ନାମରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଶନିବାର ଉତ୍ତର ପ୍ରଦେଶ ଅନ୍ତର୍ଗତ ଗାଜିଆବାଦର ଇନ୍ଦିରାପୁରମ୍ ପୋଲିସ ଷ୍ଟେଶନ ଅଞ୍ଚଳରେ କିଛି ଯୁବକ ଏପରି କାଣ୍ଡ କରିଛନ୍ତି। କାର୍‌ରେ ଉଚ୍ଚ ଶବ୍ଦଯୁକ୍ତ ଗୀତ ଲଗାଇବା ସହ ନିଶା ସେବନ କରି କାନ୍ଧରେ ବନ୍ଧୁକ ଝୁଲାଇଥିଲେ। ଅନ୍ୟ ଏକ ଭିଡିଓରେ ସେମାନେ ଗାଡ଼ି ଚଲାଉଥିବା ସହ ଶୂନ୍ୟରେ ଗୁଳିଚାଳନା କରିଥିବା ଦେଖିବାକୁ ମିଳିଛି। ପୋଲିସ ସେହି କାର୍ ନମ୍ବରକୁ ଯାଞ୍ଚ କରି କାରର ମାଲିକଙ୍କ ନାମରେ ମାମଲା ରୁଜୁ କରିଛି। ଏହା ପୂର୍ବରୁ ଗତ ଡିସେମ୍ବରରେ ସେହି ରାସ୍ତାରେ ଏପରି ଏକ ଘଟଣାରେ କିଛି ଯୁବକଙ୍କୁ ପୋଲିସ ଗିରଫ କରିଥିଲା।

# ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

**ବଘିଆପଡ଼ା, ୬।୨(ଡି.ଏନ୍.ଏ.):** ବୌଦ୍ଧ ଥାନା ବଘିଆପଡ଼ା ଫାଣ୍ଡି ଅନ୍ତର୍ଗତ ଗୌଡଦେଈସ୍ଥିତ ପଲିଟେକ୍ନିକ୍ କଲେଜ ପଛ ପାଖ ଜଙ୍ଗଲର ଏକ ଗଛରୁ ସୋମବାର ପୋଲିସ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତ ଯୁବକ ଜାମୁପାଲି ଗ୍ରାମର ଅଜିତ ଭୋଇ ହୋଇଥିବାବେଳେ ଯୁବତୀଙ୍କ ପରିଚୟ ମିଳିପାରିନାହିଁ।

ମିଳିଥିବା ସୂଚନା ମୁତାବକ ଜାମୁପାଲି ଗ୍ରାମର ଅଜିତ ବିବାହିତ ହୋଇଥିବାବେଳେ ତାଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି। ତେବେ ସେ କାମ କରିବାକୁ ତାମିଲନାଡୁ ରାଜ୍ୟକୁ ଯାଇଥିବାବେଳେ ସେଠାରେ ଜଣେ ଓଡ଼ିଆ ଯୁବତୀଙ୍କୁ ପ୍ରେମ କରି ଗତକିଛି ଦିନ ତଳେ ଘରକୁ ଆଣିଥିଲେ। ଏହାକୁ ଅଜିତଙ୍କ ଘରଲୋକ ଓ ସ୍ତ୍ରୀ ସହଜରେ ଗ୍ରହଣ କରି ନ ଥିଲେ। ସ୍ତ୍ରୀ ତାଙ୍କୁ ଛାଡି ବାପ ଘରକୁ ଚାଲିଯାଇଥିଲେ। ଅଜିତ ଯୁବତୀଙ୍କ ସହ ଘରେ ରହିଆସୁଥିଲେ। କିନ୍ତୁ ସୋମବାର ସକାଳେ ଉଭୟଙ୍କ ମୃତଦେହ ଗଛରେ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ବୌଦ୍ଧ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ସୋମାଲିକାଙ୍କ ବୟାନ ରେକର୍ଡ

## ବିଧାୟକ ବିଜୟଶଙ୍କରଙ୍କ ପ୍ରେମ ସମ୍ପର୍କ, ବିବାହ ପ୍ରତିଶ୍ରୁତି ମାମଲା

■ ୬ ଘଣ୍ଟା ପଚରାଉଚରା, ଡାକ୍ତରୀମାଇନା


ବିଜୟଶଙ୍କର ଦାସ


ସୋମାଲିକା ଦାଶ

**ଜଗତ୍‌ସିଂହପୁର ଅଫିସ, ୬।୨:** ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ପ୍ରେମ ସମ୍ପର୍କ ଓ ବିବାହ ମାମଲା ଦିନକୁ ଦିନ ଭିନ୍ନ ମୋଡ଼ ନେବାରେ ଲାଗିଛି। ବିଧାୟକ ଦାସଙ୍କ ବିରୋଧରେ ତାଙ୍କ ପ୍ରେମିକା ତଥା ସ୍ଥାନୀୟ ଦେଉଳୀଗ୍ରାମେଶ୍ୱର ଗ୍ରାମର ସଂଗ୍ରାମ କିଶୋର ଦାଶଙ୍କ ଝିଅ ସୋମାଲିକା ଦାଶ (୨୯) ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଜଗତ୍‌ସିଂହପୁର ଥାନାରେ ପୁନଃ ଅଭିଯୋଗ କଲାପରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ସୋମବାର ସୋମାଲିକାଙ୍କୁ ଜଗତ୍‌ସିଂହପୁର ଥାନାକୁ ଡକାଇ ପ୍ରାୟ ୬ ଘଣ୍ଟା କାଳ ପଚରାଉଚରା କରିଛି। ଜଗତ୍‌ସିଂହପୁର ଏସ୍‌ଡିପିଓ ରମେଶ ଚନ୍ଦ୍ର ସିଂହ, ଜଗତ୍‌ସିଂହପୁର ଥାନା ଆଇଆଇସି ଶୁଭ୍ରାଂଶୁ ପରିଡ଼ା ଓ ତଦନ୍ତକାରୀ ଅଧିକାରୀ ବବିତା ଦଳେଇ ପ୍ରମୁଖ ସୋମାଲିକାଙ୍କଠାରୁ ବିଧାୟକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଏବଂ ବିବାହ ପ୍ରତିଶ୍ରୁତି ଆଦି ଉପରେ ତଥ୍ୟ ଓ ପ୍ରମାଣ ଯୋଗାଡ଼ ପାଇଁ ଉଦ୍ୟମ କରିଛନ୍ତି। ଏହାପରେ ପୋଲିସ ସୋମାଲିକାଙ୍କୁ ଡାକ୍ତରୀମାଇନା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଛି। ସେଠାରେ ତାଙ୍କ ଡିଏନ୍‌ଏ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିବା କୁହାଯାଉଛି। ଏଥିସହ ରକ୍ତ ଓ ଅନ୍ୟାନ୍ୟ ନମୁନା ସଂଗ୍ରହ କରାଯାଇଛି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟ ସୁପରିଣ୍ଟେଣ୍ଡେଣ୍ଟ ନିମାଇଁ ଚରଣ ନାୟକଙ୍କୁ ପଚାରିବାରୁ ପୋଲିସ ରିକ୍ୟୁଜିଶନ ଆଧାରରେ ସୋମାଲିକାଙ୍କ ବିଭିନ୍ନ ପରୀକ୍ଷା ହେଉଛି ବୋଲି କହିଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗର ଡ. ପୁଷ୍କର କୁମାର ବେହେରା ଓ ଡ. ମଧୁସ୍ମିତା ସାହୁ ଏହି ଦାୟିତ୍ୱରେ ଅଛନ୍ତି। ଏସ୍‌ଡିପିଓ ସିଂହ କହିଛନ୍ତି, ଧାରା ୧୬୧ ଅନୁଯାୟୀ, ସୋମାଲିକାଙ୍କ ବୟାନ ରେକର୍ଡ ସହ ଡାକ୍ତରୀ ମାଇନା କରାଯାଇଛି। ଏସ୍‌ପି ରାହୁଲ ପିଆର୍ କହିଛନ୍ତି, ଏବେ ତଦନ୍ତର ପ୍ରାଥମିକ ଅବସ୍ଥା। ତଦନ୍ତ ଆଗକୁ ଅଧିକ ହେବ। ତେଣୁ ଏବେ କିଛି କହିବା ସମ୍ଭବ ନୁହେଁ। ସୋମାଲିକା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ପୋଲିସ ତାଙ୍କୁ ଯାହା କିଛି ପଚାରିଛି, ସେ ତା'ର ଉତ୍ତର ଦେଇଛନ୍ତି । ଏସବୁ ରେକର୍ଡ କରାଯାଇଛି । ପରେ ସେ ଅଧିକ ସୂଚନା ଦେବେ ବୋଲି କହିଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଧାୟକ ଦାସଙ୍କ ସହ ସୋମାଲିକାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ସୋମାଲିକା ନିଜେ ଏହାକୁ ଭାଇରାଲ କରି ଚର୍ଚ୍ଚାକୁ ଆସିଥିଲେ। ପରେ ସେମାନଙ୍କ ବିବାହ ନିଷ୍ପତ୍ତି ହୋଇଥିଲା। ୧୭।୫।୨୦୨୨ରେ ଜଗତ୍‌ସିଂହପୁର ସ୍ୱତନ୍ତ୍ର ବିବାହ ଅଧିକାରୀ (ଡିଏସ୍‌ଆର୍)ଙ୍କ କୋର୍ଟରେ ଉଭୟ ବିବାହ ପାଇଁ ଆବେଦନ କରିଥିଲେ। ଆବେଦନର ୩୦ ଦିନ ଭିତରେ କାହାରି କିଛି ଆପତ୍ତି ଅଭିଯୋଗ ନ ଥିଲେ ୩୧ ଦିନରୁ ୯୦ ଦିନ ମଧ୍ୟରେ ଯେ କୌଣସି ସମୟରେ ଉଭୟ ବିବାହ କରିପାରିବେ ବୋଲି କୁହାଯାଇଥିଲା। କିନ୍ତୁ ଆବେଦନର ୩୧ ଦିନ ସୋମାଲିକା ତାଙ୍କ ସମର୍ଥକୀୟମାନଙ୍କ ସହ ଡିଏସ୍‌ଆର୍‌ଙ୍କ କାର୍ଯ୍ୟାଳୟରେ ବିବାହ ପାଇଁ ପହଞ୍ଚିଥିଲେ। ସକାଳୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଧାୟକ ବିଜୟଶଙ୍କରଙ୍କୁ ଅପେକ୍ଷା କରି ନିରାଶ ହେଲା ପରେ ସେ ଫେରି ଯାଇଥିଲେ। ରାଗରେ ସେ ବିଧାୟକଙ୍କ ଚରିତ୍ରକୁ ନେଇ କଟୁ ସମାଲୋଚନା କରିଥିଲେ। ପୂର୍ବରୁ ସେ ବିଜୟଶଙ୍କରଙ୍କ ନାଁରେ ଜଗତ୍‌ସିଂହପୁର ଥାନା ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିବାରୁ ପୁଣି ମାମଲା ଚାଲୁ କରିବାକୁ ସେତେବେଳେ ଚେତାବନୀ ଦେଇଥିଲେ। କିନ୍ତୁ ମା'ଙ୍କ ଦେହ ଖରାପ କାରଣରୁ ପରବର୍ତ୍ତୀ ସମୟରେ ବିବାହ କରିବେ ବୋଲି ବିଜୟଶଙ୍କର ପ୍ରତିଶ୍ରୁତି ଦେଇ ଦୀର୍ଘ ଦିନ ପର୍ଯ୍ୟନ୍ତ କୌଣସି ଆଗ୍ରହ ପ୍ରକାଶ କରି ନାହାନ୍ତି। ଏନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ପର୍ଯ୍ୟାୟକ୍ରମେ ବଢି ଚାଲିଥିଲା। ଏହି ଘଟଣାରେ ପୋଲିସ ନୀରବତା ଅବଲମ୍ବନ କରିବାରୁ ସୋମାଲିକା ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ।

# 'ବ୍ୟାପକ ହେବ କୋଡିଂ ଶିକ୍ଷା'



କାର୍ଯ୍ୟକ୍ରମରେ 'ମୋ ସ୍କୁଲ୍ ଅଭିଯାନ' ଅଧକ୍ଷା ସୁସ୍ମିତା ବାଗ୍‌ଚୀ ଓ ଅନ୍ୟମାନେ ।

## ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ

**ଭୁବନେଶ୍ୱର, ୬।୨(ବ୍ୟୁରୋ):** ରାଜ୍ୟ ସରକାରଙ୍କ 'ମୋ ସ୍କୁଲ୍ ଅଭିଯାନ' ପକ୍ଷରୁ ଏକ ୩ ଦିନିଆ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ସ୍ଥାନୀୟ ଏକ ହୋଟେଲରେ ଉଦ୍‌ଘାଟିତ ହୋଇଯାଇଛି। 'ମୋ ସ୍କୁଲ୍ ଅଭିଯାନ' ଅଧକ୍ଷା ସୁସ୍ମିତା ବାଗ୍‌ଚୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ସ୍କୁଲ୍‌ସ୍ତରରେ କୋଡିଂ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୋ ସ୍କୁଲ୍ ଅଭିଯାନ ଏହାର 'ଷ୍ଟୁଡେଣ୍ଟ ଆସ୍ପିରେଶନାଲ କାର୍ଯ୍ୟକ୍ରମ' ମାଧ୍ୟମରେ ରାଜ୍ୟର ଉଚ୍ଚ ବିଦ୍ୟାଳୟଗୁଡ଼ିକରେ କୋଡିଂ ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଏଥିପାଇଁ ଏକାଧିକ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥା ସହଭାଗିତାରେ 'ମୋ ସ୍କୁଲ୍' କାର୍ଯ୍ୟ କରୁଛି ବୋଲି ବାଗ୍‌ଚୀ କହିଥିଲେ। ଆଗାମୀ ଭବିଷ୍ୟତରେ କୋଡିଂର ଆବଶ୍ୟକତା ଓ ଗୁରୁତ୍ୱକୁ ଉପଲବ୍ଧ କରି 'ମୋ ସ୍କୁଲ୍ ଅଭିଯାନ' କୋଡିଂ ଶିକ୍ଷାକୁ ଆହୁରି ବ୍ୟାପକ କରିବାକୁ ଲକ୍ଷ୍ୟ ରଖିଛି। ଏହା ମାଧ୍ୟମରେ ଯେପରି ଛାତ୍ରୀଛାତ୍ରଙ୍କ ଗଣନା ଶୈଳୀ ଓ ସୃଜନଶୀଳତା ବୃଦ୍ଧି ହେବ, ତା'ଉପରେ ମଧ 'ମୋ ସ୍କୁଲ୍' ଗୁରୁତ୍ୱ ଦେଉଥିବା ସୁସ୍ମିତା କହିଥିଲେ। ୩ଦିନ ଧରି ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୩୦ ଜିଲାରୁ ବିଜ୍ଞାନ ଶିକ୍ଷକମାନେ ପ୍ରଶିକ୍ଷଣ ନେଉଛନ୍ତି। ପ୍ରଥମ ଦିନରେ ୫୦ଟି ଉଚ୍ଚ ବିଦ୍ୟାଳୟରୁ ୬୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଆଡ୍‌ଭାନ୍ସ କୋଡିଂ ଉପରେ ପ୍ରଶିକ୍ଷଣ ନେଇଥିଲେ। ଆଗାମୀ ଦିନରେ ସ୍କୁଲ୍‌ସ୍ତରରେ ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷିତ କରାଯିବ। କାର୍ଯ୍ୟକ୍ରମରେ 'ମୋ ସ୍କୁଲ୍ ଅଭିଯାନ' ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ ଜେନାଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। 'କ୍ୱେଷ୍ଟ ଆଲିଆନ୍ସ' ସହ ମିଶି ଏହି କାର୍ଯ୍ୟକ୍ରମର ଆୟୋଜନ କରୁଛି 'ମୋ ସ୍କୁଲ୍ ଅଭିଯାନ'।


ଶ୍ରୁତି ଭୁବନେଶ୍ୱର ପକ୍ଷରୁ ସୋମବାର ସୂଚନା ଭବନରେ ଆୟୋଜିତ ୧୮ତମ ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହରେ ଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି। (ଫୋଟ: ମନୋରଞ୍ଜନ)

# କିଟ୍ ପଲିଟେକ୍ନିକକୁ ଏନ୍‌ବିଏ ମାନ୍ୟତା

**ଭୁବନେଶ୍ୱର, ୬।୨(ବ୍ୟୁରୋ):** ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅଧୀନ ନ୍ୟାଶନାଲ ବୋର୍ଡ ଅଫ୍ ଆକ୍ରିଡିଟେଶନ୍(ଏନ୍‌ବିଏ) ମାନ୍ୟତାପ୍ରାପ୍ତ ପଲିଟେକ୍‌ନିକ ମଧ୍ୟରେ କିଟ୍ ପଲିଟେକ୍‌ନିକ୍ ସ୍ଥାନ ପାଇଛି। ଏନ୍‌ବିଏ ପକ୍ଷରୁ କିଟ୍ ପଲିଟେକ୍‌ନିକର ୩ଟି ଡିପ୍ଲୋମା ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଅନୁଷ୍ଠାନର କାର୍ଯ୍ୟକ୍ରମ, ସଂରଚନା ଓ ସଫଳତା ଆଦିକୁ ଏନ୍‌ବିଏ ସ୍ୱୀକୃତି ମିଳିଛି। ଏନ୍‌ବିଏର ୬ଜଣିଆ ବିଶେଷଜ୍ଞ ଦଳ ୨୦୨୨ ନଭେମ୍ବରରେ କିଟ୍ ପଲିଟେକ୍‌ନିକ ପରିଦର୍ଶନ କରି ବିଭିନ୍ନ ମାନଦଣ୍ଡ ଆଧାରରେ ଆକଳନ ଓ ପର୍ଯ୍ୟାଲୋଚନା କରିଥିଲେ। ବିଶେଷକରି ଗୁଣାତ୍ମକ ଶିକ୍ଷାଦାନ, ଅଧ୍ୟାପକଙ୍କ ଅବଦାନ, ଜ୍ଞାନ ଓ ଦକ୍ଷତାରେ ଛାତ୍ରର ଅଗ୍ରଗତି, ଭିତ୍ତିଭୂମି ଓ ପ୍ରଶାସନିକ କାର୍ଯ୍ୟକଳାପ ଆଦି ମାନଦଣ୍ଡ ଆଧାରରେ ଏହି ମାନ୍ୟତା ପ୍ରଦାନ କରାଯାଇଛି। କିଟ୍ ପଲିଟେକ୍‌ନିକର ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କିଟ୍ ରୌପ୍ୟ ଜୟନ୍ତୀ ବର୍ଷ ପାଳନ ଅବସରରେ ଏଭଳି ସଫଳତା ନିଶ୍ଚିତ ଭାବେ ଛାତ୍ରୀଛାତ୍ରଙ୍କୁ ଆହୁରି ପ୍ରେରଣା ଯୋଗାଇବ ବୋଲି ସାମନ୍ତ କହିଛନ୍ତି।

# କୋରାପୁଟରେ ଜଣଙ୍କୁ ହତ୍ୟା


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି ।

**କୋରାପୁଟ, ୬।୨(ସ୍ୱ.ପ୍ର.):** କୋରାପୁଟ ସହରରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସହରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ଥିବା ଏକ ଟିଣଘରେ ଏହି ହତ୍ୟାକାଣ୍ଡ ଘଟିଛି। ଏନେଇ ସହରରେ ଆଲୋଡନ ଖେଳିଯାଇଛି। ମୃତ ବ୍ୟକ୍ତି ହେଲେ ବିଜୟ ପଣ୍ଡା (୪୫) । ଧାରୁଆ ଅସ୍ତ୍ରରେ ତାଙ୍କ ବେକ କାଟି ହତ୍ୟା କରାଯାଇଥିବା ଜଣାପଡିଛି। ଖବରରୁ ଜଣାପଡିଛି, ବିଜୟଙ୍କ ସ୍ତ୍ରୀ ଗତ ୬ବର୍ଷ ତଳେ ମୃତ୍ୟୁବରଣ କରିଥିଲେ। ତାଙ୍କ ଝିଅପୁଅ ବ୍ରହ୍ମପୁରରେ ପାଠ ପଢୁଛନ୍ତି। ଫଳରେ ବିଜୟ କୋରାପୁଟରେ ଏକୁଟିଆ ରହୁଥିଲେ। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଏସ୍‌ପି ଅଭିନବ ସୋନକାର, ଏସ୍‌ଡିପିଓ ମନୋଜ ପୂଜାରୀ, ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସେହିପରି ସାଇଣ୍ଟିଫିକ ଟିମ୍ ମଧ୍ୟ ପହଞ୍ଚି ଏହାର ତଦନ୍ତ ଜାରି ରଖିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଇଛି। ଏନେଇ ବିଜୟଙ୍କ ଭାଇ ଲକ୍ଷ୍ମୀ ଚରଣ ପଣ୍ଡା ଟାଉନ ଥାନାରେ ଏକ ଏତଲା ଦେଇଛନ୍ତି। ଏହାକୁ ଭିତ୍ତି କରି ପୋଲିସ ୩୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି।

# ଏବର୍ଷ ଜଙ୍ଗଲରେ ଅଧିକ ନିଆଁ ଲାଗିବା ଆଶଙ୍କା

## ସତର୍କ କଲେ, ସଚେତନତାକୁ ଗୁରୁତ୍ୱ ଦେଲେ ପିସିସିଏଫ୍

**ଭୁବନେଶ୍ୱର, ୬।୨(ବ୍ୟୁରୋ)** ବଢୁଥିବା ତାପମାତ୍ରା ଓ ଦୀର୍ଘଦିନ ହେବ ବର୍ଷା ହୋଇ ନ ଥିବାରୁ ରାଜ୍ୟରେ ଅଧିକ ନିଆଁ ଲାଗିବାର ଆଶଙ୍କା ରହିଥିବା ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି। ସେ କହିଛନ୍ତି, ୨୦୨୧ରେ ଜଙ୍ଗଲରେ ନିଆଁ ଲାଗିବା ଘଟଣା ସବୁଠାରୁ ଅଧିକ ଚିହ୍ନଟ ହୋଇଥିଲା। ୨୦୨୨ରେ ଏହି ଘଟଣା ପ୍ରାୟ ଅଧା କମିଥିଲା। ଏବର୍ଷ ଜାନୁୟାରୀ ଚତୁର୍ଥ ସପ୍ତାହରୁ ଜଙ୍ଗଲରେ ନିଆଁ ଲାଗିବା ଆରମ୍ଭ ହୋଇଗଲାଣି। ଗଛ ପତ୍ର ଝଡ଼ା ଦେଇଥିବା ବେଳେ ତାପମାତ୍ରା ବଢ଼ିବାରେ ଲାଗିଛି। ଦୀର୍ଘଦିନ ହେଲା ବର୍ଷା ନ ଥିବାରୁ ଜଙ୍ଗଲ ନିଆଁ ଅଧିକ ବ୍ୟାପିବା ଆଶଙ୍କା କରାଯାଉଛି। ଯଦି ନିକଟ ଭବିଷ୍ୟତରେ ବର୍ଷା ନ ହୁଏ, ତେବେ ଜଙ୍ଗଲ ନିଆଁ ଅଧିକ ଲାଗିବ ବୋଲି ପିସିସିଏଫ୍ ସତର୍କ କରାଇଛନ୍ତି। ସେ କହିଛନ୍ତି, ଜଙ୍ଗଲରେ ନିଆଁ ନ ଲାଗିବା ପାଇଁ ବନ ବିଭାଗ ଅନେକ ପଦକ୍ଷେପ ନିଏ। କିନ୍ତୁ ମନୁଷ୍ୟକୃତ ନିଆଁ ଯୋଗୁ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ବିଶେଷ କ୍ଷତି ହୋଇଥାଏ। ଅନେକ ଲୋକ ବିଡ଼ି ଓ ସିଗାରେଟ ଖାଇବା ପରେ ନ ଲିଭାଇ ଜଙ୍ଗଲରେ ପକାଇ ଦିଅନ୍ତି। ଅନେକ ଦୁର୍ବୃତ୍ତ ପଶୁ ଶିକାର ନିମନ୍ତେ ଜଙ୍ଗଲରେ ନିଆଁ ଲଗାଇ ଦିଅନ୍ତି। ଜଙ୍ଗଲରେ ନିଆଁ ଲାଗିବା ଜଣାପଡ଼ିବା ପରେ ବୈଷୟିକ ଜ୍ଞାନକୌଶଳର ସାହାଯ୍ୟ ନିଆଯାଉଛି। ସାଟେଲାଇଟ୍ ଫଟୋ ଆଧାରରେ ଜଙ୍ଗଲ ନିଆଁକୁ ଲିଭାଇବାକୁ ପ୍ରୟାସ କରାଯାଉଛି। ସୂଚନା ମିଳିବା ପରେ ଜଙ୍ଗଲ ନିଆଁ ଲିଭାଇବାରେ ବିଭାଗ ୯୦ ପ୍ରତିଶତ ସଫଳ ହେଉଛି। ଏବେ ଦିନକୁ ୧୦୦ରୁ ଅଧିକ ଜାଗାରେ ନିଆଁ ଲାଗିବା ଖବର ଆସୁଛି। ତେବେ ଜଙ୍ଗଲ ନିଆଁ କାବୁ କରିବାକୁ ପ୍ରତି ଜିଲାରେ ଜିଲାପାଳଙ୍କ ନେତୃତ୍ୱରେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ବିଭାଗୀୟ କର୍ମଚାରୀ ସ୍କ୍ୱାଡ୍ ପ୍ରସ୍ତୁତ ଅଛନ୍ତି। ଜଙ୍ଗଲ ଭିତରେ ଥିବା ଗାଁଗୁଡ଼ିକରେ ନିଆଁ ନ ଲଗାଇବା ପାଇଁ ଓ ନିଆଁ ଦେଖିଲେ ତୁରନ୍ତ ସୂଚନା ଦେବାକୁ ସଚେତନତା କରାଯାଉଛି। ବାଲିଗୁଡ଼ା, ଫୁଲବାଣୀ, ବୌଦ୍ଧ, ସୁନ୍ଦରଗଡ଼, ଶିମିଳିପାଳ ଜଙ୍ଗଲରେ ସବୁଠାରୁ ଗୁରୁତର ନିଆଁ ଲାଗିଥାଏ। ତେବେ ବନ ବିଭାଗ ନିଆଁକୁ ଆୟତ୍ତ କରିବା ପାଇଁ ସଜାଗ ରହିଛି। ଅନ୍ୟପଟେ ଲୋକଙ୍କୁ ସଚେତନତା କରିବା ନିମନ୍ତେ ଏସ୍‌ଏଚ୍‌ଜିକୁ ପଥପ୍ରାନ୍ତ ନାଟକ କରିବାକୁ ଦାୟିତ୍ୱ ଦିଆଯାଇଛି ବୋଲି ପିସିସିଏଫ୍ କହିଛନ୍ତି।

# ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା






## ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ଘଟଣା

**କଟକ ଅଫିସ,୬।୨:** ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ସିବିଆଇ ତଦନ୍ତ ପାଇଁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ଆବେଦନକାରୀ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଓ ଜଗତ୍‌ସିଂହପୁର ଜିଲା ସଭାପତି ସୁବ୍ରତ କୁମାର ଦାଶ ପିଟିଶନରେ ଦର୍ଶାଇଛନ୍ତି, ବ୍ରଜରାଜନଗରଠାରେ ଏକ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ନବ ଯିବାବେଳେ ଗାନ୍ଧୀଛକଠାରେ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ସ୍ପଷ୍ଟ ଦିବାଲୋକରେ ରାଜ୍ୟ କ୍ୟାବିନେଟ୍‌ର ଜଣେ ମନ୍ତ୍ରୀଙ୍କ ହତ୍ୟାର ତଦନ୍ତ ଠିକ୍ ଭାବେ କରାଯାଉନାହିଁ। ରାଜନୈତିକ ଚାପ ରହୁଥିବା କାରଣରୁ ତଦନ୍ତ ପ୍ରକ୍ରିୟା ସ୍ୱଚ୍ଛ ଓ ନିରପେକ୍ଷ ହୋଇପାରୁନାହିଁ। ନବଙ୍କ ପିଏସ୍‌ଓଙ୍କୁ ତାଙ୍କ କରରେ ନ ବସିବା ପାଇଁ କିଏ ନିର୍ଦ୍ଦେଶ ଦେଇଥିଲେ? ଉଦ୍‌ଘାଟନ ସ୍ଥଳର ୧୦୦ ମିଟର ଦୂରରୁ କାର୍ ରଖିବା ପାଇଁ ଡ୍ରାଇଭରଙ୍କୁ କିଏ ନିର୍ଦ୍ଦେଶ ଦେଇଥିଲେ? ନବଙ୍କ ନିକଟରେ ଆଇଆଇସି ଥିବାବେଳେ ଟ୍ରାଫିକ ଦାୟିତ୍ୱରେ ଥିବା ଏଏସ୍‌ଆଇ ଗୋପାଳ ଦାସଙ୍କୁ ସେଠାକୁ ଯିବାପାଇଁ କେମିତି ଅନୁମତି ଦିଆଗଲା? ଯଦି ଗୋପାଳ ମାନସିକ ରୋଗୀ ତାଙ୍କୁ ରିଭଲଭର କେମିତି ଦିଆଗଲା? ଏଭଳି ପ୍ରଶ୍ନ ତଦନ୍ତର ଗୁରୁତର ଦିଗ ହୋଇଥିବାବେଳେ ଏଏସ୍‌ଆଇଙ୍କ ସ୍ତ୍ରୀ ତାଙ୍କ ସ୍ୱାମୀ ୮ରୁ ୧୦ ବର୍ଷ ହେଲା ମାନସିକ ଚିକିତ୍ସା ହେଉଥିବା ଦାବି କରିବା, ହତ୍ୟାର ଏକ ଘଣ୍ଟା ମଧ୍ୟରେ ଆଇଆଇସି ମାମଲା ରୁଜୁ କରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନବ ଦାସଙ୍କ ହତ୍ୟା ପୂର୍ବ ଯୋଜନାବଦ୍ଧ, ସୁପରିକଳ୍ପିତ ଏକ ରାଜନୈତିକ ଷଡ଼ଯନ୍ତ୍ର। ଏଥିରେ ରାଜନେତା ଓ କ୍ଷମତାଧାରୀ ଉଚ୍ଚପଦସ୍ଥ ଅଧିକାରୀମାନେ ଜଡ଼ିତ ଅଛନ୍ତି। ରାଜ୍ୟ ସରକାର ତରବରିଆ ଭାବେ କ୍ରାଇମବ୍ରାଞ୍ଚ ତଦନ୍ତ ସହିତ ଅବସରପ୍ରାପ୍ତ ବିଚାରପତିଙ୍କ ତଦାରଖରେ ମାମଲା ତଦନ୍ତ ଯାଞ୍ଚ କରିବା ବ୍ୟବସ୍ଥା କରିଛନ୍ତି।

ପୂର୍ବରୁ ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ହତ୍ୟା ମାମଲା ଯେଉଁଥିରେ ରାଜ୍ୟର ମନ୍ତ୍ରୀ, ରାଜନେତା ଓ ବଡ଼ ଅଧିକାରୀମାନେ ଜଡ଼ିତ, କ୍ରାଇମବ୍ରାଞ୍ଚ ସେଗୁଡିକୁ ରଫାଦଫା କରିଛି। ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ରାଜ୍ୟ ସରକାର ବଞ୍ଚାଇପାରିଲେ ନାହିଁ, ତେଣୁ ସାଧାରଣ ଲୋକଙ୍କ ଜୀବନ କିପରି ବଞ୍ଚାଇପାରିବେ ସେ ନେଇ ରାଜ୍ୟବାସୀଙ୍କ ସନ୍ଦେହ ଜାତ ହେଉଛି। ନବ ଦାସଙ୍କ ମୃତଦେହ ଆପୋଲୋ ହସ୍ପିଟାଲରେ କିପରି ଅସ୍ତ୍ରୋପ୍ରଚାର କଲେ ତାହାର ସତ୍ୟାସତ୍ୟ ଲୋକଲୋଚନକୁ ଆଣନ୍ତୁ। ବର୍ତ୍ତମାନ ସୁଦ୍ଧା ନବଙ୍କ ଶରୀରରେ ବାଜିଥିବା ଗୁଳି ଚିହ୍ନଟ କରାଯାଇନାହିଁ। କିନ୍ତୁ କ୍ରାଇମବ୍ରାଞ୍ଚ ତଦନ୍ତକାରୀ ଦଳ ନୂଆ ନୂଆ କଥା କହୁଛି। ଏସବୁ ଦୃଷ୍ଟିରୁ ଅଭିଯୁକ୍ତ ଗୋପାଳ, ତାଙ୍କ ସ୍ତ୍ରୀ ଓ ବ୍ରହ୍ମପୁର ମେଡିକାଲ କଲେଜ ଡାକ୍ତରଙ୍କ ଲାଏ ଡିଟେକସନ୍ ପରୀକ୍ଷା କରିବା ସହିତ ଅଭିଯୁକ୍ତଙ୍କ ମାନସିକ ପରୀକ୍ଷା ଏମ୍ସ୍ ଡାକ୍ତରୀ ଦଳ ଦ୍ୱାରା କରିବା ପାଇଁ ମଧ ଆବେଦନରେ ଉଲ୍ଲେଖ କରାଯାଇଛି। ଏହି ମାମଲାରେ କେନ୍ଦ୍ର ସରକାରଙ୍କ ସମେତ ରାଜ୍ୟ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ ଓ କ୍ରାଇମବ୍ରାଞ୍ଚକୁ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ଗୋପାଳ ପ୍ରାସାଦ ଜେନା ମାମଲା ପରିଚାଳନା କରୁଛନ୍ତି ।

# ଠିକ୍ ତଦନ୍ତ କରି ସତ ସାମ୍ନାକୁ ଅଣାଯାଉ : ଜୟନ୍ତୀ

**ବ୍ରହ୍ମପୁର ଅଫିସ,୬।୨:** ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ଗୁଳିକରି ହତ୍ୟାକରିବା ଘଟଣାର ତଦନ୍ତ କରି ଫେରିଛି କ୍ରାଇମବ୍ରାଞ୍ଚ ଟିମ୍। କ୍ରାଇମବ୍ରାଞ୍ଚ ଡିଏସ୍‌ପି ଶିଶିର ମିଶ୍ରଙ୍କ ନେତୃତ୍ୱରେ ଆସିଥିବା ଟିମ୍ ବିଭିନ୍ନ ଦିଗ ଉପରେ ତଥ୍ୟ ଓ ପ୍ରମାଣ ସଂଗ୍ରହ କରି ଥିଲା। ସେପଟେ ପୋଲିସ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସଙ୍କ ସ୍ତ୍ରୀ ଜୟନ୍ତୀ ଦାସ ପ୍ରତିକ୍ରିୟାରେ କହିଛନ୍ତି, ମୁଁ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିଛି। କାହିଁକି ଓ କିଭଳି ପରିସ୍ଥିତିରେ ଏତେ ବଡ଼ ଘଟଣା ଘଟିଲା ତାହାର ଠିକ୍ ତଦନ୍ତ ହେବା ଦରକାର। ନିରପେକ୍ଷ ତଦନ୍ତ କରି ସତ ସାମ୍ନାକୁ ଅଣାଯାଉ ବୋଲି ସେ କହିଛନ୍ତି। କ୍ରାଇମବ୍ରାଞ୍ଚ ଟିମ୍ ଘର ଯାଞ୍ଚ କରିବା ସହିତ ସ୍ୱାମୀଙ୍କ ମାନସିକ ରୋଗର ଚିକିତ୍ସା ସମ୍ପର୍କିତ କାଗଜପତ୍ର ଓ ବ୍ୟାଙ୍କ ପାସ୍‌ବୁକ ଯାଞ୍ଚ କରିଥିଲେ। କ୍ରାଇମବ୍ରାଞ୍ଚ ଟିମ୍ ପ୍ରେସ୍‌କ୍ରିପ୍‌ସନ୍ ନେଇଥିବା ବେଳେ ବ୍ୟାଙ୍କ କାଗଜପତ୍ର ମଧ୍ୟ ନେଇଛନ୍ତି। ଘର ଚଳାଇବା ପାଇଁ ମୋର ବ୍ୟାଙ୍କ ଆକାଉଣ୍ଟକୁ ପ୍ରତିମାସରେ ସ୍ୱାମୀ ୨୦/୨୫ହଜାର ଟଙ୍କା ଲେଖାଏ ପଠାଉଥିଲେ। ପଞ୍ଚଶୀଳମାର୍ଗ ସ୍ଥିତ ଘର ତିଆରି କରିବା ପାଇଁ ଗତ ୧୨/୧୩ବର୍ଷ ତଳେ ବ୍ୟାଙ୍କରୁ ଋଣ ନିଆଯାଇଥିଲା। ଏହା ବ୍ୟତୀତ ଅନ୍ୟ କୌଣସି ପ୍ରକାର ନେଣଦେଣ ହୋଇ ନାହିଁ ବୋଲି ଜୟନ୍ତୀ ଗଣମାଧ୍ୟମ ଆଗରେ କହିଛନ୍ତି।

# ନବ ଦାସଙ୍କ ଘରେ ବିଜେଡି ସାଙ୍ଗଠନିକ ସମ୍ପାଦକ

**ବ୍ରଜରାଜନଗର,୬।୨(ଡି.ଏନ.ଏ.):** ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ଜିଲା ପର୍ଯ୍ୟବେକ୍ଷକ ତଥା ବର୍ତ୍ତମାନର କଟକ ମେୟର ସୁବାସ ସିଂହ ସୋମବାର ଝାରସୁଗୁଡ଼ା ଆସି ନବ ଦାସଙ୍କ ଘରେ ପହଞ୍ଚିଥିଲେ। ଏମାନଙ୍କ ସହିତ ଅନ୍ୟ କେତେଜଣ ବିଧାୟକ ମଧ୍ୟ ଆସିଛନ୍ତି। ନେତାମାନେ ପ୍ରୟାଗରାଜରୁ ଅସ୍ଥି ବିସର୍ଜନ କରି ଫେରିଥିବା ନବ ଦାସଙ୍କ ପୁତ୍ର ବିଶାଳ ଦାସ ଓ ଝିଅ ଦୀପାଳି ଦାସଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ। ଆସନ୍ତା ୯ତାରିଖରେ ଗଙ୍ଗା ଭୋଜି ଥିବାରୁ ତାହା ଶାନ୍ତିଶୃଙ୍ଖଳାର ସହ ହେବା ନେଇ ଆଲୋଚନା ହୋଇଥିଲା।

# କ୍ରାଇମବ୍ରାଞ୍ଚ ଏଡିଜିଙ୍କ ଜେରା

**ବ୍ରଜରାଜନଗର,୬।୨(ଡି.ଏନ.ଏ.):** ବହୁଚର୍ଚ୍ଚିତ ନବ ଦାସ ହତ୍ୟା ମାମଲାର ନବମ ଦିନରେ ମଧ କ୍ରାଇମବ୍ରାଞ୍ଚକୁ କୌଣସି ସଫଳତା ମିଳି ପାରିନାହିଁ। କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ସୋମବାର ଦ୍ୱିତୀୟ ପାଳି ରିମାଣ୍ଡର ଦ୍ୱିତୀୟ ଦିନରେ ଗୋପାଳଙ୍କୁ ଜେରା କରିଥିଲେ ମଧ ତାଙ୍କ ମୁହଁରୁ ହତ୍ୟାର କାରଣ ଖୋଜି ବାହାର କରିପାରିନାହାନ୍ତି। କ୍ରାଇମବ୍ରାଞ୍ଚ ଯେତେ କୌଶଳ ଅବଲମ୍ବନ କରୁଛି ଗୋପାଳ ତାଙ୍କଠାରୁ ଗୋଟିଏ ପାଦ ଆଗକୁ ଯାଇ ଜଗିରଖି ଉତ୍ତର ଦେଉଥିବା ଜଣାପଡିଛି। ସୋମବାର ଦିନତମାମ ବାରାକ ଭିତରେ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ରେକର୍ଡ କରାଯାଇଥିଲା। ଏହାସହ ମେଡିକାଲ ଟିମ୍ ଗୋପାଳଙ୍କ ମାନସିକ ସ୍ଥିତି ପରୀକ୍ଷା କରିଥିଲେ। ବିଭିନ୍ନ ମେଶିନ ଲଗାଇ ସେ ସତ କହୁଛନ୍ତି କି ନାହିଁ ତାହା ତନଖି କରିଥିଲେ। ରିମାଣ୍ଡର ଦ୍ୱିତୀୟ ଦିନ ଶେଷ ହୋଇଥିଲେ ମଧ୍ୟ ଗୋପାଳଙ୍କୁ ଘଟଣାସ୍ଥଳକୁ ସିନ୍ ରିକ୍ରିଏଶନ ପାଇଁ ଅଣାଯାଇ ନାହିଁ। ଏସବୁ ଭିତରେ ଘଟଣାର ଛାନ୍‌ଭିନ୍ ପାଇଁ ଗୁଜରାଟରୁ ଏକ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏସ୍‌ଏଫ୍ ଟିମ୍ ଆସିବା ଯୋଜନା ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..........................


ଲକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଏଫ୍‌ସିର ପ୍ଲେ-ଅଫ୍ ଆଶା ଉଜ୍ଜୀବିତ

ଭୁବନେଶ୍ୱର,୬।୨ (ସ୍ପୋର୍ଟ୍ସ ବ୍ୟୁରୋ)

କଳିଙ୍ଗ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ୍ ସୁପର ଲିଗ୍‌ର ଏକ ମ୍ୟାଚ୍‌ରେ ଏଫ୍‌ସି ଗୋଆ ସହିତ ପଏଣ୍ଟ ବାଣ୍ଟିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। କଡା ସଂଘର୍ଷପୂର୍ଣ୍ଣ ମ୍ୟାଚଟି ୧-୧ରେ ଅମୀମାଂସିତ ରହିଥିଲା। ମ୍ୟାଚର ଅନ୍ତିମ ୩୦ ମିନିଟ ଓଏଫ୍‌ସି ୧୦ ଜଣ ଖେଳାଳିଙ୍କୁ ନେଇ ଖେଳିଥିବା ବେଳେ ଦଳର ଡିଫେଣ୍ଡର ଓ ଗୋଲକିପର ଚମତ୍କାର ଖେଳ ପ୍ରଦର୍ଶନ କରି ୧ ପଏଣ୍ଟ ହାସଲ କରିବା ସହିତ ପ୍ଲେ ଅଫ୍ ଆଶା ଉଜ୍ଜୀବିତ ରଖିଛନ୍ତି। ଦଳ ସପ୍ତମ ସ୍ଥାନରେ ରହିଥିବା ବେଳେ ହାତରେ ଆହୁରି ୩ ମ୍ୟାଚ ରହିଥିବା ବେଳେ ପ୍ଲେ ଅଫ୍ ଆଶା ଉଜ୍ଜିବୀତ ରହିଛି।

ପ୍ଲେ ଅଫ୍ ପାଇଁ ଏହି ମ୍ୟାଚ ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ୪-୩-୩ କମ୍ବିନେଶନ ସହିତ ଉଭୟ ଦଳ ପଡିଆକୁ ଓହ୍ଲାଇଥିଲେ। ଓଏଫ୍‌ସି ଟସ୍ ଜିତିବା ସହିତ ପ୍ରଥମେ ଖେଳ ଆରମ୍ଭ କରିଥିଲା। ମ୍ୟାଚର ଦ୍ୱିତୀୟ ମିନିଟରେ ଗୋଲ ସ୍କୋର କରିବା ସହିତ ଗୋଆକୁ ଅଗ୍ରଣୀ କରିଥିଲେ ନୋଆ ଅଲି ସଦାଓ୍ୱୀ। ଓଏଫ୍‌ସି ମିଡଫିଲ୍ଡରଙ୍କ ତ୍ରୁଟିରୁ ଫାଇଦା ଉଠାଇ ଆଲଭେରୋ ଗାର୍ସିଆ ଭାଜକ୍ୱେଜଙ୍କ ପାଶ୍ କରିଥିଲେ। ଲେଫ୍ଟ କର୍ନରରୁ ଅମରିନ୍ଦର ସିଂଙ୍କୁ ପରାସ୍ତ କରି ଗୋଲ ସ୍କୋର କରିଥିଲେ ନୋଆ ଅଲି। ୪୩ ତମ ମିନିଟରେ ଓଏଫ୍‌ସିର ଡିଏଗୋ ମରିସିଓ ଏହି ଗୋଲଟିକୁ ପରିଶୋଧ କରିଥିଲେ। ଗୋଆ ଅଧିନାୟକ ବ୍ରାଣ୍ଡନ ଫର୍ନାଣ୍ଡେସ ଓଏଫ୍‌ସି ମିଡଫିଲ୍ଡର ଆଇଜାକ ଭନଲାଲରୁଆଟଫେଲାଙ୍କୁ ଧକ୍କା ଦେବାରୁ ଓଏଫ୍‌ସିକୁ ଏକ ଫ୍ରି କିକ୍ ମିଳିଥିଲା। ଡିଏଗୋ ମରିସିଓ ଏହି ଫ୍ରି କିକ୍‌ରୁ ଗୋଲ ସ୍କୋର କରିବା ସହିତ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ।


ଏଫ୍‌ସି ଗୋଆ ଓ ଓଡ଼ିଶା ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

**ଇଣ୍ଡିଆନ୍ ସୁପର ଲିଗ୍**

ପ୍ରଥମାର୍ଦ୍ଧ ୧-୧ରେ ଶେଷ ହେବା ପରେ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଆକ୍ରମଣାତ୍ମକ ଆରମ୍ଭ କରିଥିଲେ। ତେବେ ମ୍ୟାଚର ୬୭ ତମ ମିନିଟରେ ଓଡ଼ିଶାର ସାହିଲ ପନଓ୍ୱରଙ୍କୁ ମିଳିଥିଲା ରେଡକାର୍ଡ। ପଛଆଡୁ ଟ୍ୟାକେଲ ପ୍ରୟାସରେ ସାହିଲ ମ୍ୟାଚର ଦ୍ୱିତୀୟ ୟେଲୋ କାର୍ଡ ପାଇ ପଡିଆ ଛାଡିଥିଲେ। ପ୍ରଥମାର୍ଦ୍ଧରେ ଓଏଫ୍‌ସି ୫୧% ସମୟ ବଲ ନିୟନ୍ତ୍ରଣରେ ରଖିଥିବା ବେଳେ ଦ୍ୱିତୀୟାର୍ଦ୍ଧ ଶେଷ ସୁଦ୍ଧା ଏହା ୪୦%ରେ ପହଞ୍ଚିଥିଲା। ୮୦ ଓ ୮୯ ତମ ମିନିଟରେ ହର୍ନାନ ସାଣ୍ଟାନାଙ୍କ ଦୁଇଟି ପ୍ରୟାସକୁ ନିଷ୍ଫଳ କରିବା ସହିତ ଓଏଫ୍‌ସି ଏକ ପଏଣ୍ଟ ହାସଲ କରିଥିଲା। ଏହି ମ୍ୟାଚ ସହିତ ଓଏଫ୍‌ସି ୧୭ ମ୍ୟାଚରୁ ୨୪ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଛି।

# ଘାଟିକିଆ ଫୁଟବଲ: ଷଣ୍ଢପୁର ଚାମ୍ପିୟନ


ଖେଳାଳିଙ୍କ ଗହଣରେ ମନ୍ତ୍ରୀ ଅଶୋକ ପଣ୍ଡା ଓ ଅନ୍ୟ ଅତିଥି।

ପୁରୁଣା ଭୁବନେଶ୍ୱର, ୬।୨ (ଡି.ଏନ.ଏ.)

ବଜରଙ୍ଗବଳୀ ଫୁଟ୍‌ବଲ କ୍ଲବ ଆନୁକୂଲ୍ୟରେ ୨୯ତମ ଘାଟିକିଆ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ନଟ୍ ୟେଟ୍ ଭୁବନେଶ୍ୱର ଏବଂ ଷଣ୍ଢପୁର ସ୍ପୋର୍ଟ୍ସ ଆସୋସିଏଶନ ମଧ୍ୟରେ ହୋଇଥିଲା। ୨ ଦଳ ପରସ୍ପରକୁ ଦୁଇଟି ଲେଖାଏ ଗୋଲ ଦେଇଥିଲାବେଳେ ମ୍ୟାଚଟି ଅମୀମାଂସିତ ରହିଥିଲା। ଟାଇବ୍ରେକରରେ ଷଣ୍ଢପୁର ୯-୮ ଗୋଲରେ ବିଜୟୀ ହୋଇ ସହ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ୭ ହଜାର ସହ ଟ୍ରଫି ଏବଂ ରନରଅପ୍ ଦଳକୁ ୫ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ କର୍ପୋରେଟର କିରଣବାଳା ମାଝି, ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ପୂର୍ବତନ କର୍ପୋରେଟର ଦିଲୀପ ମାଝି ଯୋଗଦେଇଥିଲେ।

# ଜାତୀୟ ଜୁନିୟର ଟେବୁଲ ଟେନିସ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୬।୨ (କ୍ରୀଡ଼ା ପ୍ରତିନିଧି)

ଚେନ୍ନାଇର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚଳିତ ମାସ ୮ରୁ ୧୬ ପର୍ଯ୍ୟନ୍ତ ହେବାକୁଥିବା ୮୪ତମ ଜାତୀୟ ଜୁନିୟର ଓ ଯୁବ ଆନ୍ତଃରାଜ୍ୟ ଟେବୁଲ ଟେନିସ ଟୁର୍ନାମେଣ୍ଟ ପାଇଁ ସୋମବାର ଓଡ଼ିଶା ଦଳ ଘୋଷିତ ହୋଇଛି। ପ୍ରତିଯୋଗିତାରେ ଓଡ଼ିଶାର ୫ ବାଳିକା ଓ ୮ ବାଳକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଓଡ଼ିଶା ଦଳ (ବାଳିକା): ସ୍ୱେତପଦ୍ମା ଦଳାଇ, ସୁକଲଦେଇ ପେଣ୍ଠିଆ, ସୌମ୍ୟାଜ୍ୟୋତି ଦାସ, ବନିତା ମାଝି, ଆଦ୍ୟାଶା ପ୍ରିୟଦର୍ଶିନୀ। ବାଳକ: ଜିଜ୍ଞାଶୁ ସାହୁ, ଫରଜ ରାଜା, ଅନିନ୍ଦ୍ୟ ଅନୁପମ ଦାସ, ମହମ୍ମଦ ଜିସାନ, ମହମ୍ମଦ ଅବୁ ସୁଫିଆନ ତାଜି, ତୁହିନ ବାନିକ, ଏ. ସନ୍ତୋଷ ପ୍ରୀତମ୍, ସାହିଲ ସୁମନ ଭୂୟାଁ। ମ୍ୟାନେଜର: ସମ୍ବିତ ଦାସ, ମହିଳା ମ୍ୟାନେଜର: ଲକ୍ଷ୍ମୀ ସେଠୀ, କୋଚ୍ ସହିଦ ହୁସେନ, ଅମ୍ପାୟୀ: ଏମ. ଚିନା ରାଓ।


## CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385
9178722970, 8018240892
7894447167, 9338226625

SSI 10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ଜାତୀୟ ସଫ୍ଟବଲ ଚାମ୍ପିୟନଶିପ୍**

# କ୍ୱାର୍ଟରରେ ଓଡ଼ିଶା ମହିଳା ଦଳ

ପୁରୀ ଅଫିସ, ୬।୨

ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ୪୪ତମ ଜାତୀୟ ସଫ୍ଟବଲ ପୁରୁଷ ଓ ମହିଳା ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ସୋମବାର ଓଡ଼ିଶା ମହିଳା ଦଳର ପ୍ରାଧାନ୍ୟ ଦେଖିବାକୁ ମିଳିଛି। ମହିଳା ବିଭାଗ ପ୍ରି କ୍ୱାର୍ଟର ମ୍ୟାଚରେ ହିମାଚଳ ପ୍ରଦେଶ ଦଳକୁ ୦୯-୦୦ ସ୍କୋର ବ୍ୟବଧାନରେ ପରାସ୍ତ କରି ଓଡ଼ିଶା ମହିଳା ଦଳ ବିଜୟ ଅଭିଯାନ ଜାରି ରଖିବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସେହିପରି ମହିଳା ବିଭାଗରେ ଅନୁଷ୍ଠିତ ଅନ୍ୟ ପ୍ରି କ୍ୱାର୍ଟର ମ୍ୟାଚଗୁଡିକରେ କେରଳ ୦୮-୦୧ରେ ହରିୟାଣା, ଛତିଶଗଡ଼ ୧୦-୦୦ରେ ପଣ୍ଡିଚେରୀ ଏବଂ ଦିଲ୍ଲୀ ୧୫-୦୦ ସ୍କୋର ବ୍ୟବଧାନରେ ଇଣ୍ଡିଆନ ଅଏଲକୁ ହରାଇଛି।

ଏହା ପୂର୍ବରୁ ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ଗୁଡ଼ିକରେ କେରଳ ୧୫-୦୦ରେ ମଣିପୁର, ମହାରାଷ୍ଟ୍ର ୧୦-୦୦ରେ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ୧୧-୦୧ରେ ଚଣ୍ଡୀଗଡ଼, ପଞ୍ଜାବ ୧୦-୦୦ରେ ତାମିଲନାଡ୍ଡୁ, ତେଲଙ୍ଗାନା ୧୨-୦୦ରେ ଉତ୍ତରପ୍ରଦେଶ, କର୍ନାଟକ ୧୩-୦୩ରେ ତାମିଲନାଡୁ ଏବଂ ରାଜସ୍ଥାନ ୧୦-୦୦ରେ ପଶ୍ଚିମବଙ୍ଗକୁ ହରାଇଛି। ସେହିପରି ପୁରୁଷ ବିଭାଗରେ ଅନୁଷ୍ଠିତ ଲିଗ ମ୍ୟାଚଗୁଡ଼ିକରେ ଦିଲ୍ଲୀ ୦୮-୦୦ରେ ବିହାର, ପଣ୍ଡିଚେରୀ ୧୨-୦୨ରେ ମେଘାଳୟ, ଚଣ୍ଡୀଗଡ଼ ୦୮-୦୦ରେ ଇଣ୍ଡିଆନ ଅଏଲ, ମହାରାଷ୍ଟ୍ର ୦୯-୦୦ରେ ଜମ୍ମୁ କଶ୍ମୀର, ଜମ୍ମୁ କଶ୍ମୀର ୦୯-୦୦ରେ ଉତ୍ତର ପ୍ରଦେଶ, ଗୁଜରାଟ ୦୧-୦୦ରେ କର୍ନାଟକ, ଛତିଶଗଡ଼ ୧୧-୦୦ରେ ମଣିପୁର, ଆନ୍ଧ୍ରପ୍ରଦେଶ ୧୦-୦୦ରେ ପଶ୍ଚିମବଙ୍ଗ, ହିମାଚଳପ୍ରଦେଶ ୧୪-୦୩ରେ ତାମିଲନାଡ୍ଡୁ, ଦିଲ୍ଲୀ ୦୭-୦୨ରେ ମେଘାଳୟ, ଛତିଶଗଡ଼ ୦୭-୦୦ରେ ହିମାଚଳ ପ୍ରଦେଶ, ପଣ୍ଡିଚେରୀ ୦୭-୦୬ରେ ବିହାର, କେରଳ ୧୧-୦୦ରେ ମଣିପୁର, ଇଣ୍ଡିଆନ ଅଏଲ ୧୧-୦୦ରେ ତାମିଲନାଡ୍ଡୁ ଏବଂ ତେଲଙ୍ଗାନା ୧୨-୦୦ରେ ପଶ୍ଚିମବଙ୍ଗକୁ ହରାଇଛି। ମଙ୍ଗଳବାର ଉଭୟ ବିଭାଗର ପ୍ରି କ୍ୱାର୍ଟର ଓ କ୍ୱାର୍ଟର ଫାଇନାଲ ମ୍ୟାଚ ସମେତ ସୁପରଲିଗ୍ ମ୍ୟାଚ ଅନୁଷ୍ଠିତ ହେବ। ୯ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ। ୧୦୦ରୁ ଅଧିକ ବୈଷୟିକ ଅଧିକାରୀ ଏହି ଚାମ୍ପିୟନଶିପ୍‌କୁ ପରିଚାଳନା କରୁଛନ୍ତି। ଦ୍ୱିତୀୟ ଦିବସରେ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଅତିଥିଭାବେ ଯୋଗଦେଇଥିଲେ। ପୁରୀ ଜିଲା ପ୍ରଶାସନ ସହଯୋଗରେ ରାଜ୍ୟ ସଫ୍ଟବଲ ସଂଘ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା ପରିଚାଳନାରେ ସଂଘ କର୍ମକର୍ତ୍ତା ରାଜକିଶୋର ପଟ୍ଟନାୟକ, ସୌମିତ୍ର ହରିଚନ୍ଦନ, ଶତିକାନ୍ତ ପଟ୍ଟନାୟକ, ସୌରଭ ରଥ, ଏଲୋରା କାନୁନଗୋ, ଅରବିନ୍ଦ ଦାସ ଏବଂ ସୁଚରିତା ପଟ୍ଟନାୟକ ପ୍ରମୁଖ ସହଯୋଗ କରୁଛନ୍ତି।

# ସେମିରେ ବାଙ୍କୁଆଳ, ସୁଆଙ୍ଗ

ପୁରୁଣା ଭୁବନେଶ୍ୱର, ୬।୨ (ଡି.ଏନ.ଏ.)

ମା' ଭଗବତୀ କ୍ରିକେଟ କ୍ଲବ ଅନୁକୂଲ୍ୟରେ ସ୍ଥାନୀୟ ବାଙ୍କୁଆଳ ହାଇସ୍କୁଲ ପଡ଼ିଆରେ ଚାଲୁଥିବା ଜଗବନ୍ଧୁ ସ୍ୱାଇଁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋମବାର ତୃତୀୟ କ୍ୱାର୍ଟର ଫାଇନାଲ ଭୁବନେଶ୍ୱରର ସୁଆଙ୍ଗ କ୍ରିକେଟ କ୍ଲବ ଏବଂ ଖୋର୍ଦ୍ଧାର ମୁକୁନ୍ଦ ପ୍ରସାଦ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁଆଙ୍ଗ ଦଳ ନିର୍ଦ୍ଧାରିତ ୧୬ ଓଭରରେ ୭ ଉଇକେଟ ହରାଇ ୨୧୯ରନ କରିଥିଲା। ଜବାବରେ ମୁକୁନ୍ଦ ପ୍ରସାଦ ୭ ଉଇକେଟ ହରାଇ ୨୦୮ରନ କରି ମ୍ୟାଚ ହାରିଯାଇଥିଲା। ବିଜୟ ଦଳର ଅମିତ୍ ବଡ଼ଜେନା ୬୦, ସୂର୍ଯ୍ୟକାନ୍ତ ୭୨ ରନ କରିଥିବାରୁ ତାଙ୍କୁ ମ୍ୟାନଅଫଦି ମ୍ୟାଚ ଘୋଷିତ କରାଯାଇଥିଲା। ୪ର୍ଥ କ୍ୱାର୍ଟର ଫାଇନାଲ ବାଙ୍କୁଆଳ ମେଣ୍ଢାଶାଳ ମଧ୍ୟରେ ହୋଇଥିଲା। ମେଣ୍ଢାଶାଳ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୧୫ରନ କରିଥିଲା। ଜବାବ୍‌ରେ ବାଙ୍କୁଆଳ ଦଳ ୪ ଉଇକେଟ ହରାଇ ୧୧୬ରନ କରି ମ୍ୟାଚ ବିଜୟ ହେବା ସହ ସେମିରେ ପ୍ରବେଶ କରିଥିଲା। ସଞ୍ଜୟ ସାହାଣି, ଆଲୋକ ସାମନ୍ତରାୟ, ଦେବେନ୍ଦ୍ର ସ୍ୱାଇଁ, ରସାନନ୍ଦ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ମଙ୍ଗଳବାର ବାଙ୍କୁଆଳ ଓ ଘାଟିକିଆ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ।


# Classified Everyday
0674-2580101, 2549949




## SALE

Tata Hywa (Model-3118) 2018-5nos, Tata Hywa (Model-2518) 2016-4nos. Contact. 9827516256, 7504690838. D-74200

Bhubaneswar Carz (Preowned Car) for sale. Vehicle price- Honda Jazz V (2017) 5,30,000/-, Tata Tiagoxz (2021) 7, 15, 000/-, Alto 800 Lxi (2015) 2, 30, 000/-, Alto Lxi (2010) 1, 30, 000/-. Contact person- 7764076680, 9776080658. D-2652

## HIRE

41 Seated White Tata Bus within 5years for monthly hire purpose, wanted immediately. Contact: 7077714312. D-2635



REAL ESTATE

## SALE

ଭୁବନେଶ୍ୱର-ନଖରା ଛକ ପାଖରେ ଘର କଲାଭଳି SC plot ବିକ୍ରିହେବ। 9439832956. D-2687

BDA plot Tata Motor frontରେ Pitapalli Chhakaରେ ମିଳୁଅଛି। Contact: 9800700664, 9437285016. D-2572

ନଖରା ତ୍ରିନାଥବଜାର ପାଖରେ ନଗଦ ଘର କରିବା ପାଇଁ ପାଖରେ ଇଲେକ୍ଟ୍ରି ସୁବିଧା ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9439889903. D-74810

ଜଟଣୀ NISER ସାମ୍ନାରେ ଘରବାରି yellowzone ଥାଇ possession plot କିଣି immediate ଘର କରନ୍ତୁ। 9938066403, 9438315973. D-74809

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74801

Highly developed gated society gharabari plot sale near Toshali Square, Puri opposite Medical College. 9937373013. D-74802

Sum Hospitalରୁ 4.5 k.m. ଘଙ୍ଗାପାଟଣାରେ ଏବଂ ଖଣ୍ଡଗିରିରୁ 14 k.m. ମଧ୍ୟରେ NH-16 ପିତାପଲ୍ଲୀଠାରେ ରୋଡ୍, ଇଲେକ୍ଟ୍ରି ସହ ସ୍ଥିତିବାନ ପ୍ଲଟ୍ ମିଳୁଛି। 9938228797. D-74811

ଭୁବନେଶ୍ୱର ହଂସପାଳଠାରୁ 9 K.M. ଭିଙ୍ଗାରପୁରଠାରେ Demarcated 30ft. road, ଘରବାରି, ଇଲେକ୍ଟ୍ରି ସୁବିଧା ଥାଇ sqft.-700/- ପ୍ଲଟ୍ ବିକ୍ରି ହେଉଛି। 9437114429, 9090809945. D-74808

Commercial cum residential plot at Brahmanjharilo, Cuttack (Niali road) 6k.m. to Phulnakhara, 11k.m. to Bhubaneswar. 7809525452. D-74636

ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456. D-74197

Khurdha Collector Office ରୁ 2K.M. distanceରେ ଘରବାରି boundary ଥାଇ plot Rs.-9,00,000/-ରେ ମିଳୁଅଛି। (Owner). 7750068828, 9439101373. D-2571

Bhubaneswar Puri Bypass Sai Mandir NH side ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୁଳିଆ ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ବିକ୍ରିହେବ। 9438525948, 7064468390. D-74812

30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941. D-74195



CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74186




Newly open SPA positively health benefits with expert therapist. 7849011931. D-73680

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Asribada Panchakarma herbal SPA, Kesarimall, Bhubaneswar. Contact: 8926173473. D-74634

Newly open health benefits SPA special Offer@999, Nayapalli. 7846814019. D-73679

Relax, Refresh your body, Mind at Saikrupa Spa with best therapies. 8984068077. D-2586

## AFFIDAVIT

By virtue of an affidavit sworn before the Executive Magistrate, Bargaon, I Sarita Lakra, W/o. Marianus Lakra, R/o. Village- Timna, PS. Bargaon, Dist. Sundargarh (Odisha) declared that my actual and correct date of birth is 14.05.1985. But in the P.P.O. card vide No.234981504941 of my husband, my date of birth was wrongly mentioned as 13.12.1981 instead of 14.05.1985. D-2685

By virtue of an affidavit before Notary Public, Bhubaneswar on 20.1.2023 I have changed my name Smita Rani Baliarsingh to Smita Baliarsingh. Therefore I shall be known as Smita Baliarsingh for all purpose. D-71363

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୁଣମଣି କର୍ମୀ

ସମାଜ ସେବା ପାଇଁ ସମର୍ପିତ ଥିଲେ ଜନନେତା ସ୍ୱର୍ଗତ ଗୁଣମଣି କର୍ମୀ।
ଆବିର୍ଭାବ: ୧୯୩୮
ତିରୋଧାନ: ୦୬।୦୨।୨୦୨୧
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
:ଶୋକସନ୍ତପ୍ତ ପରିବାରବର୍ଗ:
ବିଧବା ପତ୍ନୀ: ପୁଷ୍ପାବତୀ, ପୁତ୍ର: ପ୍ରଦୀପ (ବୁଲୁ), ଝିଅ: କୁନ୍ତଳା କର୍ଣ୍ଣ, ମମତା କର୍ଣ୍ଣ, ନାତୁଣୀ: ରୋଜାଲିନ, ନିକି, ନାତି: ନମନ।
ଧ-୨୬୮୬

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଝୁମୁକା ଇୟର ରିଂ ଫ୍ୟାଶନ

**ଜୁଏଲେରି ମଧ୍ୟରେ ମହିଳାମାନଙ୍କର ଅଧିକ ପସନ୍ଦ ଇୟର ରିଂ । ତେବେ ଏହା ଏବେ କେବଳ ସୁନା କି ରୁପାରେ ସୀମିତ ନାହିଁ, ବରଂ ଭଳିକି ଭଳି ଆର୍ଟିଫିସିଆଲ୍ ଇୟର ରିଂ ଅଧିକ ବ୍ୟବହାର କରୁଛନ୍ତି, ଯାହା ମଧ୍ୟରେ ଝୁମୁକା ରିଂ ପାଲଟିଛି ଲାଟେଷ୍ଟ ଫ୍ୟାଶନ...**

➤ଯଦି ଆପଣ ଲଙ୍ଗ୍ ଝୁମୁକାରେ ସିମ୍ପଲ ଦେଖାଯିବାକୁ ଚାହୁଁଛନ୍ତି ତେବେ ରାଉଣ୍ଡ ଶେପ୍ ଝୁମୁକା ବା ପେଣ୍ଡି ଟ୍ରାଏ କରନ୍ତୁ। ରାଉଣ୍ଡ ଶେପ୍ ଝୁମୁକା ଏବେ ଟ୍ରେଣ୍ଡରେ ଅଛି ଯାହାକୁ ଆପଣ କ୍ୟାରି କରିପାରିବେ। ନିଜ ମୁହଁ ଶେପ୍ ଅନୁସାରେ ରାଉଣ୍ଡ ଝୁମୁକା ଟ୍ରାଏ କରନ୍ତୁ।

➤ବଡ଼ ସାଇଜ୍‌ର ଝୁମୁକା ହେଭି ସୁଟ୍ କିମ୍ବା ଡ୍ରେସ୍‌ରେ ବହୁତ ଭଲ ଲାଗିଥାଏ, ଯାହା ଆପଣଙ୍କୁ ପାର୍ଟିୱେର୍ ଲୁକ୍ ଦେଇଥାଏ।

➤ମିରର୍ ୱାର୍କ ଥିବା ବଡ଼ ଝୁମୁକା ଆପଣଙ୍କୁ ଯେକୌଣସି ପ୍ରୋଗ୍ରାମରେ ଷ୍ଟାଇଲିଶ ଲୁକ୍ ଦେଇଥାଏ। କିନ୍ତୁ ଏହା ବହୁତ ଭାରି ହୋଇଥାଏ। ତେଣୁ ଏହାକୁ ଶାଢ଼ି କିମ୍ବା ଲେହେଙ୍ଗାରେ କ୍ୟାରି କରନ୍ତୁ ଆକର୍ଷଣୀୟ ଦେଖାଯିବେ।

➤କଶ୍ମୀର ଝୁମୁକା ଦେଖିବାକୁ ବହୁ ସୁନ୍ଦର। ଏହାକୁ ଲେୟାର ଡିଜାଇନ କରାଯାଇଥାଏ। ଯଦି ଆପଣଙ୍କ ବେକ ଛୋଟ ତେବେ ଏହା ପର୍‌ଫେକ୍ଟ ଲୁକ୍ ଦେବ। ଏହି ଝୁମୁକାରେ ଗୋଲ୍ଡେନ୍ ୱାର୍କ ସହ ମୋତି ଏବଂ କୁନ୍ଦନ ୱାର୍କ ମଧ୍ୟ ପାଇପାରିବେ।

➤ବର୍ତ୍ତମାନ ଅଧିକାଂଶ ମହିଳାଙ୍କର ପସନ୍ଦ ଟେରାକୋଟା ଝୁମୁକା। ଟେରାକୋଟା ଝୁମୁକା ଲାର୍ଜ ସାଇଜରେ ମଧ୍ୟ ବଜାରରେ ଉପଲବ୍ଧ। ଏହି ଝୁମୁକା ପେଣ୍ଡି ଭାବରେ ସବୁଠୁ ଆକର୍ଷଣୀୟ ଦେଖାଯାଏ। ଏହାକୁ ଆପଣ ପ୍ରତ୍ୟେକ ଡ୍ରେସ୍‌ରେ ଟିମ୍‌ଅପ୍ କରିପାରିବେ।

➤କ୍ଲାସି ଏବଂ ଏଲିଗାଣ୍ଟ ଲୁକ୍ ପାଇବାକୁ ଚାହୁଁଥିଲେ କୁନ୍ଦନ ଝୁମୁକା କ୍ୟାରି କରନ୍ତୁ। ଯଦି ଆପଣଙ୍କୁ ଷ୍ଟୋନ୍ ୱାର୍କ ଥିବା ଜୁଏଲେରି ପସନ୍ଦ ତେବେ କୁନ୍ଦନ ଝୁମୁକାରେ ମଧ୍ୟ ଷ୍ଟୋନ୍ ୱାର୍କ ପାଇପାରିବେ। ସେହିପରି ଜଡାଉ, ମୟୂର, ଫ୍ଲାୱାର ଡିଜାଇନର ଗ୍ରୀନ୍ କଲର କୁନ୍ଦନ ଝୁମୁକା ଏବେ ଟ୍ରେଣ୍ଡରେ ରହିଛି। ତେବେ ଏହି ଝୁମୁକା ମାର୍କେଟରେ ଆପଣଙ୍କୁ ବିଭିନ୍ନ କଲର ଏବଂ ସାଇଜ୍‌ରେ ମିଳିଯିବ।



## ନଷ୍ଟ ହେବ ନାହିଁ ଅଦରକାରୀ ପ୍ଲାଷ୍ଟିକ୍ ...

**ବ୍ୟବହାର ସରିବା ପରେ ପ୍ଲାଷ୍ଟିକ୍ ବୋତଲ, ଡବା ଆଦିକୁ ଆମେ ଅଦରକାରୀ ବୋଲି ଫିଙ୍ଗି ଦେଇଥାଉ। ହେଲେ ଆପଣ ଚାହିଁଲେ ଏହାକୁ ପୁନଃ ବ୍ୟବହାର କରି ବିଭିନ୍ନ ଗୃହସଜ୍ଜା କିମ୍ବା ଆବଶ୍ୟକ ସାମଗ୍ରୀ ପ୍ରସ୍ତୁତ କରି ପାରିବେ। ଜାଣିରଖନ୍ତୁ କେତୋଟି ସହଜ ଉପାୟ...**



–ଯଦି ଆପଣଙ୍କର ଆର୍ଟ କିମ୍ବା କ୍ରାଫ୍ଟ କରିବାରେ ରୁଚି ରହିଛି , ତେବେ ଅଦରକାରୀ ପ୍ଲାଷ୍ଟିକ୍ ଜିନିଷଗୁଡ଼ିକୁ ନିଜ ମନ ପସନ୍ଦ ଡିଜାଇନ୍‌ର କାଟି ଫ୍ଲାୱାରପଟ୍, ଫ୍ଲାୱାରଭେସ୍ ଆଦି ପ୍ରସ୍ତୁତ କରିପାରିବେ ।

–ପ୍ଲାଷ୍ଟିକ୍ ବୋତଲରେ ବିଭିନ୍ନ ଷ୍ଟାଇଲ୍‌ର ଫ୍ଲାୱାର୍, ୱାଲ୍ ହ୍ୟାଙ୍ଗିଙ୍ଗ୍ ଆଦି ପ୍ରସ୍ତୁତ କରି କାନ୍ଥରେ ଟାଙ୍ଗି ଘରକୁ ଆଟ୍ରାକ୍ଟିଭ୍ ଲୁକ୍ ଦେଇ ପାରିବେ।

–ପେନ୍ ଷ୍ଟାଣ୍ଡ, ପେପର୍ ଷ୍ଟାଣ୍ଡ, ମୋବାଇଲ୍ ଷ୍ଟାଣ୍ଡ, ବ୍ରସ୍ ଷ୍ଟାଣ୍ଡ, ଜୁଏଲେରି ଷ୍ଟାଣ୍ଡ, ବୁକ୍ ସେଲ୍ଫ ଆଦି ମଧ୍ୟ ପ୍ଲାଷ୍ଟିକ୍‌ରୁ କରିପାରିବେ। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆପଣ ବିଭିନ୍ନ କଲର ମାଧ୍ୟମରେ ଏହାକୁ ସଜାଇପାରିବେ।

– ପ୍ଲାଷ୍ଟିକ୍ ଡବାକୁ କାଟି ଫୁଲ କୁଣ୍ଡ ଭାବେ ବ୍ୟବହାର କରିପାରିବେ। ଗଛରେ ପାଣି ଦେବା ପାଇଁ ପ୍ଲାଷ୍ଟିକ୍ ବୋତଲକୁ କାଟି ୱାଟରିଙ୍ଗ୍ କ୍ୟାନ୍ ବା ସ୍ପ୍ରିଙ୍କଲର୍ ଭାବେ ବ୍ୟବହାର କରିପାରିବେ।

# ନୀରବ ଘାତକ



**ବର୍ତ୍ତମାନ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ସମଗ୍ର ପୃଥିବୀରେ ବଢିବାରେ ଲାଗିଛି। ଯାହାର ଶିକାର ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ହେଉଥିବାର ଦେଖିବାକୁ ମିଳୁଛି। ତେବେ ମହିଳାଙ୍କ ଠାରେ ଦେଖା ଦେଉଥିବା ବିଭିନ୍ନ କ୍ୟାନ୍ସର ମଧ୍ୟରୁ ଓଭାରିଆନ୍ କ୍ୟାନ୍ସର ବା ଡିମ୍ବକୋଷ କର୍କଟ ଏକ ନୀରବ ଘାତକ। ଯାହାକି ସହଜରେ ଚିହ୍ନଟ ହୋଇ ପାରୁ ନ ଥିବାରୁ ରୋଗୀ ପାଇଁ ବିପଦଜନକ...**



**ଡା. ସରୋଜିନୀ ଷଡ଼ଙ୍ଗୀ**

ଡିମ୍ବକୋଷର କର୍କଟ ରୋଗ ଏଭଳି ଏକ ନୀରବ ଘାତକ, ଯେଉଁଥିରେ ପ୍ରଥମ ପର୍ଯ୍ୟାୟରେ କୌଣସି ଲକ୍ଷଣ ଦେଖାଯିଏ ନାହିଁ ଏବଂ ରୋଗଣୀ ଆଦୌ ଜାଣିପାରେ ନାହିଁ ଯେ, ସେ ଏତେବଡ଼ ମାରାତ୍ମକ ରୋଗର ଶିକାର ହେବାକୁ ଯାଉଛି। ସମୁଦାୟ ସ୍ତ୍ରୀ କର୍କଟ ରୋଗର ଶତକଡ଼ା ୧୫ରୁ ୨୦ ଭାଗ ହେଉଛି ଡିମ୍ବକୋଷର କର୍କଟ ରୋଗ।

**ଲକ୍ଷଣ:**

– ଏଥିରେ ଜଣ ଜଣଙ୍କର ପେଟ ଫୁଲିଯାଏ ଏବଂ ଅଳ୍ପ ଅଳ୍ପ କଷ୍ଟ ହୋଇଥାଏ। ବଦହଜମୀ ବା ଅଜୀର୍ଣ୍ଣ ସହ ହାକୁଟି ହୋଇଥାଏ। ଭୋକ ହୁଏ ନାହିଁ, ଖାଇବାକୁ ଇଚ୍ଛା ହୁଏ ନାହିଁ ଏବଂ ଫୁଲା ଫୁଲା ଲାଗେ।

– ଯଦି ଆଗରୁ ଡିମ୍ବକୋଷର ଅର୍ବୁଦ ଥାଏ ସେଗୁଡିକ ଆକାରରେ ବଢ଼ିଯାଏ, କଷ୍ଟ ହୁଏ, ଫୁଲିଯାଏ ଏବଂ ଦରଜ ହୁଏ। ବେଳେବେଳେ ଅର୍ବୁଦଟି ଖୁବ୍ ଶୀଘ୍ର ବଢ଼ି ଆସ୍ତେ ଆସ୍ତେ ପେଟ ବେଶି ଫୁଲିଯାଏ। ଏହି ଟ୍ୟୁମର ଖୁବ୍ ଶୀଘ୍ର ବଢ଼ିଯାଏ।

– ତଳି ପେଟରେ କଷ୍ଟ ହୁଏ।

– ହଠାତ୍ ଓଜନ କମିଯାଏ।

– ଛାତିରେ ଯନ୍ତ୍ରଣା ହୁଏ ତଥା ନିଃଶ୍ୱାସ ନେବାରେ କଷ୍ଟ ହୁଏ।

–ଋତୁସ୍ରାବରେ ଅନିୟମିତତା ଦେଖାଦିଏ।

ସମୁଦାୟ ଡିମ୍ବକୋଷ ଅର୍ବୁଦ ରୋଗର ଶତକଡ଼ା ୨୦ ଭାଗ ହେଉଛି କର୍କଟ ରୋଗ। ଏହା ବିଶେଷ ଭାବରେ ବନ୍ଧ୍ୟାଦୋଷ ଥିବା ମହିଳାଙ୍କଠାରେ ଦେଖାଦେଇଥାଏ। ସ୍ତନ କର୍କଟ ଓ ଜରାୟୁ ଗ୍ରୀବା କର୍କଟ ପରେ ପରେ ଡିମ୍ବକୋଷର କର୍କଟ ହେଉଛି ମହିଳାମାନଙ୍କର ମୃତ୍ୟୁର ଅନ୍ୟ ଏକ ମୁଖ୍ୟ କାରଣ।

**କାରଣ:** ସ୍ତନ କର୍କଟ, ଅନ୍ତନଳୀର କର୍କଟ ଭଳି ଡିମ୍ବକୋଷର କର୍କଟ ରୋଗ ମଧ୍ୟ ବଂଶଗତ। ପରିବାରରେ ଆଗରୁ ମା’, ଭଉଣୀ ବା ରକ୍ତ ସମ୍ପର୍କୀୟଙ୍କୁ ଏହି କର୍କଟ ରୋଗ ହୋଇଥିଲେ ଉକ୍ତ ରୋଗ ହେବା ସମ୍ଭାବନା ବେଶି ଥାଏ। ବଂଶଗତ ଡିମ୍ବକୋଷ କର୍କଟ ରୋଗରେ ଲିଞ୍ଚ୍ ଟାଇପ୍ ୧ ଓ ଲିଞ୍ଚ୍ ଟାଇପ୍ ୨ ଜିନ୍ ଥାଏ ଏବଂ ଏହାଛଡା ଯେଉଁ ମହିଳାମାନଙ୍କର ବିଆର୍‌ସିଏ ଜିନ୍ ଥାଏ, ସେମାନଙ୍କର ସ୍ତନ ଓ ଡିମ୍ବକୋଷ କର୍କଟ ରୋଗ ହୁଏ। ଗର୍ଭଧାରଣ ନ ହୋଇ ପ୍ରତିମାସରେ ମାସିକ ଋତୁସ୍ରାବ ହୋଇ ଓଭ୍ୟୁଲେସନ ହେଲେ ଏହା ଡିମ୍ବକୋଷ କର୍କଟ ରୋଗ ହେବାରେ ସାହାଯ୍ୟ କରିଥାଏ। ତେଣୁ ଇଷ୍ଟ୍ରୋଜେନ ଓ ପ୍ରୋଜେଷ୍ଟୋରୋନ୍ ମିଶ୍ରିତ ଗର୍ଭ ନିରୋଧକ ବଟିକା ଖାଇଲେ ଓଭ୍ୟୁଲେଶନ ହୁଏ ନାହିଁ ବା ଡିମ୍ବକୋଷକୁ ଡିମ୍ବ ନିର୍ଗତ ହୁଏ ନାହିଁ। ଏହା ହିଁ ଡିମ୍ବକୋଷ କର୍କଟ ରୋଗ ନ ହେବାର ମୁଖ୍ୟ କାରଣ ହୋଇଥାଏ। ତେଣୁ ଯେଉଁ ମହିଳାମାନଙ୍କର ଗର୍ଭଧାରଣ ହୋଇ ନ ଥାଏ ସେମାନଙ୍କର ଏହି କର୍କଟ ରୋଗ ବେଶି ହୋଇଥାଏ। ଅପରପକ୍ଷରେ ବହୁ ସନ୍ତାନ ଥିବା ମହିଳାମାନଙ୍କର ଡିମ୍ବକୋଷ କର୍କଟ ରୋଗ କମ୍ ହୋଇଥାଏ। ଏହାଛଡ଼ା ଅତ୍ୟଧିକ କଫିପାନ, ଧୂମପାନ, ମଦ୍ୟପାନ ତଥା ଚର୍ବି ଓ ତେଲ, ଘିଅ ଛଣାଛଣି ଖାଦ୍ୟ ଖାଇଲେ ଏହି ରୋଗ ହେବା ଆଶଙ୍କା ବେଶି ଥାଏ। ଅପର ପକ୍ଷରେ ସ୍ତନ୍ୟପାନ, ବନ୍ଧ୍ୟାକରଣ ଅସ୍ତ୍ରୋପଚାର (ଟ୍ୟୁବେକ୍ଟୋମି) ଓ ଜରାୟୁ ଅପସାରଣ ଡିମ୍ବକୋଷ କର୍କଟରୋଗ ହେବାର ବିପଦକୁ କମାଇ ଦେଇଥାଏ।

**ଷ୍ଟେଜିଂ :** ଡିମ୍ବକୋଷର କର୍କଟ ରୋଗକୁ ଷ୍ଟେଜିଂ ବା ପର୍ଯ୍ୟାୟଭୁକ୍ତ କରିବା ଅତି ଜରୁରୀ। ଅସ୍ତ୍ରୋପଚାର ପରେ କେମୋଥେରାପି ପାଇଁ ତଥା ଏହାଦ୍ୱାରା ରୋଗୀର ଅବସ୍ଥାର କେତେ ଉନ୍ନତ ଘଟିଲା ତାହା ଜାଣିବା ପାଇଁ ଏହି ଷ୍ଟେଜିଂ କରାଯାଇଥାଏ। ତେଣୁ ଏହି ରୋଗ ଜଟିଳତାକୁ ଧ୍ୟାନରେ ରଖି ୪ଟି ଷ୍ଟେଜିଂ କରାଯାଇ ଚିକିତ୍ସା କରାଯାଇଥାଏ।

**ଶରୀରରେ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ଏହା କିଭଳି ଭାବରେ ବ୍ୟାପିଥାଏ :**

(୧)ଡିମ୍ବକୋଷରୁ କର୍କଟ ରୋଗର କୋଷ ସିଧାସଳଖ ଜରାୟୁ, ଡିମ୍ବବାହୀ ନଳୀ ତଥା ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗକୁ ଯାଇଥାଏ।

(୨) ପେଟ ଭିତରେ ଡିମ୍ବକୋଷର ଉପରିଭାଗ ଫାଟିଯାଇ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ଯାଇଥାଏ।

(୩) ରକ୍ତ ବା ଧମନୀ ଦ୍ୱାରା କର୍କଟ କୋଷ ବିଭିନ୍ନ ଦିଗକୁ ପ୍ରସାରିତ ହୋଇଥାଏ ଯଥା ଯକୃତ, ଫୁସ୍‌ଫୁସ୍ ଓ ହାଡ଼।

(୪) ଲିମ୍ଫାଟିକ୍ ଦ୍ୱାରା ମଧ୍ୟ ଏହା ବିଭିନ୍ନ ଗ୍ଲାଣ୍ଡକୁ ବିଶେଷ କରି ବେକରେ ଥିବା ସୁପ୍ରାକ୍ଲାଭିକୁଲାର ଗ୍ଲାଣ୍ଡକୁ ବ୍ୟାପିଯାଇଥାଏ।

**ବୟସ ସୀମା:**ଏହି ରୋଗ ବୟସ୍କା ମହିଳାମାନଙ୍କୁ ଅଧିକ ହୋଇଥାଏ। ଶତକଡ଼ା ୯୦ ଭାଗ କର୍କଟ ରୋଗ ମାସିକ ଋତୁସ୍ରାବ ବିରତିର ଠିକ୍ ପୂର୍ବରୁ ହୋଇ ଥାଏ। ତେବେ ଏହା ଯେ, କୌଣସି ବୟସର ମହିଳାଙ୍କଠାରେ ମଧ୍ୟ ଦେଖା ଦେଇଥାଏ।



**ହାଇରିସ୍କ:** ୪୫ ବର୍ଷ ବା ତଦୂର୍ଦ୍ଧ୍ୱ ବୟସର ବନ୍ଧ୍ୟା ମହିଳା, ଯେଉଁ ମହିଳାଙ୍କର ବଂଶରେ ମା’ ମାଉସୀ କିମ୍ବା ପ୍ରଥମ ରକ୍ତ ସମ୍ପର୍କୀୟଙ୍କୁ ଯଦି ପୂର୍ବରୁ ଏହି ରୋଗ ହୋଇଥାଏ, ମାସିକ ଋତୁସ୍ରାବର ବିରତି ପୂର୍ବରୁ ମହିଳାଙ୍କର ସନ୍ଦେହଜନକ ଡିମ୍ବକୋଷ ଥିଲେ, ଯଦି ଜଣେ ମହିଳାଙ୍କର ଆଗରୁ ଅଣକର୍କଟ ବା ବନାରନ ଅର୍ବୁଦର ଅସ୍ତ୍ରୋପଚାର ହୋଇଥାଏ, ଯଦି ମହିଳାଙ୍କର ପୂର୍ବରୁ ସ୍ତନକର୍କଟ ରୋଗ ଥାଏ, ଯଦି ବୟସ୍କା ମହିଳା ଆଗରୁ କୌଣସି କର୍କଟ ରୋଗ ପାଇଁ ରେଡିଏଶନ ପାଇଥାନ୍ତି କିମ୍ବା ସେଥିପାଇଁ ତାଙ୍କର ମାସିକ ଋତୁସ୍ରାବର ବିରତି ହୋଇଥାଏ ତେବେ ଡିମ୍ବକୋଷ କର୍କଟ ରୋଗର ଆଶଙ୍କା ବେଶି।

**ପରୀକ୍ଷା :** ପେଟ ପରୀକ୍ଷା କରି ଅର୍ବୁଦର ଆକାର ବଢ଼ିଥିବା ଏବଂ କଠିନ ହୋଇ ନ ହଲୁଥିବା ଜଣାପଡ଼େ। ଯୌନ ପରୀକ୍ଷା ଦ୍ୱାରା ଟ୍ୟୁମରର ଆକାର ସହ ଏହା ଜରାୟୁ ସହ ସଂଶ୍ଳିଷ୍ଟ କି ନାହିଁ ଜଣାପଡ଼େ। ଏହା ବ୍ୟତୀତ ଅସ୍ତ୍ରୋପଚାର କରିବା ପୂର୍ବରୁ ଏହା ଡିମ୍ବାଶୟର କର୍କଟରୋଗ ରୋଗ କି ନୁହେଁ ଏବଂ ଏହା କେତେଦୂର ପର୍ଯ୍ୟନ୍ତ ବ୍ୟାପିଛି ଜାଣିବା ଲାଗି ସ୍ୱତନ୍ତ୍ର ପରୀକ୍ଷା କରାଯାଏ।

**ପ୍ରାଥମିକ ପର୍ଯ୍ୟାୟରେ ଏହାର ଚିହ୍ନଟ:** ଏହା ଚିହ୍ନଟ କରିବା ଖୁବ୍ କଷ୍ଟକର। କାରଣ ଏହାର ନିର୍ଦ୍ଦିଷ୍ଟ ବୟସସୀମା ନ ଥାଏ ଏବଂ ଏହା ପ୍ରାୟ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ମହିଳାମାନଙ୍କୁ ହୋଇଥାଏ। ୧୫ ରୁ ୨୦ ଭାଗ ମହିଳାମାନଙ୍କର ଆଦୌ କିଛି ଲକ୍ଷଣ ନ ଥାଏ। ଏହି ରୋଗର ଚିହ୍ନଟ ହେବାବେଳକୁ ଶତକଡ଼ା ୭୦ ଭାଗ ମହିଳାଙ୍କଠାରେ ଏହା ଶରୀର ଭିତରେ ବହୁ ଅଙ୍ଗକୁ ବ୍ୟାପିଯାଇଥାଏ।

**ଚିକିତ୍ସା :**

ସବୁ କର୍କଟ ରୋଗ ପରି ଡିମ୍ବକୋଷ କର୍କଟ ରୋଗର ପ୍ରତିଷେଧକ ବ୍ୟବସ୍ଥାମାନ ଗ୍ରହଣ କରିବା କଷ୍ଟକର। ତେବେ ମଧ୍ୟ କେତେକ କ୍ଷେତ୍ରରେ ପ୍ରତିଷେଧକ ବ୍ୟବସ୍ଥାତ ଗ୍ରହଣ କଲେ ଏହି ରୋଗଠାରୁ ଦୂରେଇ ରହିପାରିବା। ଜରାୟୁ ଅପସାରଣ ଅସ୍ତ୍ରୋପଚାର ସମୟରେ ‘ହାଇରିସ୍କ’ ମହିଳାମାନଙ୍କ ଶରୀରରୁ ଦୁଇଟି ଯାକ ଡିମ୍ବକୋଷ ବାହାର କରିନେବା ଜରୁରୀ। ବିଶେଷ ଭାବରେ ଲକ୍ଷଣ ନ ଥିବା ମହିଳାମାନଙ୍କ କ୍ଷେତ୍ରରେ ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ ହେବା କଷ୍ଟକର ହୋଇଥାଏ। ତଥାପି ପେଟର ଅଲଟ୍ରାସାଉଣ୍ଡ କରି ଟ୍ୟୁମର ସନ୍ଦେହ ହେଲେ ତୁରନ୍ତ ଚିକିତ୍ସା କରାଇବା ଆବଶ୍ୟକ। ହାଇରିସ୍କ ମହିଳାମାନେ ବର୍ଷକୁ ଅନ୍ତତଃ ଥରେ ସ୍ତ୍ରୀରୋଗ ବିଶେଷଜ୍ଞମାନଙ୍କ ପାଖରେ ନିଜର ସମ୍ପୂର୍ଣ୍ଣ ଶରୀର ପରୀକ୍ଷା କରାଇନେଲେ ଏହି ରୋଗ ପ୍ରାଥମିକ ପର୍ଯ୍ୟାୟରୁ ଚିହ୍ନଟ ହୋଇଥାଏ ଏବଂ ମୂଲ୍ୟବାନ୍ ଜୀବନ ରକ୍ଷା ହୋଇପାରିଥାଏ।

– ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ
ଲିଙ୍କ୍‌ରୋଡ୍, କଟକ–୧୨





ସୌନ୍ଦର୍ଯ୍ୟ

# ସ୍କିନ୍ ଗ୍ଲୋ ବଢ଼ାଏ ବେସନ

**ଖରାର ପ୍ରଭାବ ଧୀରେ ଧୀରେ ଆରମ୍ଭ ହେଲାଣି। ଟ୍ୟାନିଂ ସମସ୍ୟାକୁ ନେଇ ଅନେକେ ଚିନ୍ତାରେ ପଡ଼ିଲେଣି। ଏମିତିରେ ଆପଣ ବେସନକୁ ବ୍ୟବହାରକରି ଘରୋଇ ଉପାୟରେ ତ୍ୱଚାର ଯତ୍ନ ନେଇପାରିବେ ଏବଂ ଗ୍ଲୋଇଂ ଏବଂ ଟ୍ୟାନ୍ ଫ୍ରି ତ୍ୱଚା ପାଇ ପାରିବେ...**



❖୨ ଚାମଚ ବେସନରେ ୧ ଚାମଚ ମହୁ ଏବଂ ଅଳ୍ପ ପାଣି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଲଗାଇ ୧୫–୨୦ ମିନିଟ୍ ରଖନ୍ତୁ। ପାଣିରେ ଆଙ୍ଗୁଳି ଟିପ ସାହାଯ୍ୟରେ ଧୀରେ ଧୀରେ ଘଷି ଧୋଇଦିଅନ୍ତୁ। ସପ୍ତାହରେ ୨ ଥର ଏହି ପ୍ୟାକ୍ ଲଗାଇଲେ ତ୍ୱଚା ଗ୍ଲୋ କରିବ।

❖୨ଟି କମଳାରୁ ଚୋପା ଛଡ଼େଇ ରସ ବାହାର କରନ୍ତୁ। ସେଥିରେ ୧ ଚାମଚ କ୍ଷୀର ଏବଂ ଚିମୁଟାଏ ହଳଦୀ ଏବଂ ଗୋଟେ ଚାମଚ ଲେଖାଏଁ ବେସନ, ମହୁ ମିଶେଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଭଲଭାବେ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ ଏବଂ ୨୦ମିନିଟ୍ ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ। ଏହା ପରେ ପାଣିରେ ଭଲ ଭାବେ ଧୋଇଦିଅନ୍ତୁ। ସପ୍ତାହରେ ଥରେ କିମ୍ବା ୨ ଥର ଏହି ପ୍ୟାକ୍ ଲଗାଇଲେ ଆପଣଙ୍କ ମୁହଁ ଉଜ୍ଜ୍ୱଳ ଏବଂ ଗୋରା ଲାଗିବ।

❖ବେସନରେ ୧ ଚାମଚ ମୁଲ୍ତାନୀ ମାଟି ଏବଂ ଅଳ୍ପ ପାଣି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହି ପ୍ୟାକ୍‌କୁ ନିଜ ମୁହଁରେ ଲଗାଇ ୨୦ ମିନିଟ୍ ରଖିବା ପରେ ଏହାକୁ ଧୋଇଦିଅନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ନରମ ଓ ସତେଜ ରଖିବ।

❖ଯଦି ଆପଣ ବ୍ଲାକ୍‌ହେଡସ୍ ଯୋଗୁ ଚିନ୍ତିତ ତେବେ ୨ଚାମଚ ବେସନରେ ଗୋଟେ ଚାମଚ ଲେମ୍ବୁରସ ମିଶାଇ ମୁହଁରେ ଲଗାନ୍ତୁ। ଏହି ସ୍କ୍ରବ୍ ପ୍ୟାକ୍‌କୁ ସପ୍ତାହରେ ୨ ଥର ବ୍ୟବହାର କଲେ ବ୍ଲାକ୍‌ହେଡ୍‌ସ ଲିଭେଇବାରେ ସାହାଯ୍ୟ କରିବ।



ଖାଦ୍ୟରୁଚି

# ତନ୍ଦୁରି ଢୋକ୍‌ଲା



**ଆବଶ୍ୟକ ସାମଗ୍ରୀ:** ବେସନ ୧ କପ୍, ୧ ଚାମଚ ଅଦା ପେଷ୍ଟ, ୧/୨ ଚାମଚ ବେକିଂ ସୋଡ଼ା, ୧ ଚାମଚ ସୋରିଷ, ୧ ବଡ଼ ଚାମଚ ତେଲ, ୧/୨ ଚାମଚ ଲଙ୍କାଗୁଣ୍ଡ, ୧/୨ ଚାମଚ ହଳଦୀଗୁଣ୍ଡ, ୧/୨ କପ୍ ଦହି, ୧ ଚାମଚ ତନ୍ଦୁରି ମସଲା, ଭୃସୁଙ୍ଗ ପତ୍ର, ୫–୬ଟି କଞ୍ଚାଲଙ୍କା, ପାଣି ଏବଂ ଲୁଣ ଆବଶ୍ୟକ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ବେସନ, ଅଦା ପେଷ୍ଟ, ହଳଦୀଗୁଣ୍ଡ, ବେକିଂ ସୋଡ଼ା, ଅଧା ତନ୍ଦୁରି ମସଲା, ଲଙ୍କାଗୁଣ୍ଡ, ସ୍ୱାଦାନୁଯାୟୀ ଲୁଣ ଏବଂ ଅଳ୍ପ ପାଣି ଦେଇ ଭଲ ଭାବେ ଗାଢ଼ ପେଷ୍ଟ ପ୍ରସ୍ତୁତ କରିଦିଅନ୍ତୁ। ଗୋଟିଏ ଗୋଲ ଥାଳିରେ ତେଲ ଲଗାଇ ଗ୍ରିଜ୍ କରିଦିଅନ୍ତୁ। ପ୍ରସ୍ତୁତ କରିଥିବା ପେଷ୍ଟକୁ ଏହା ଉପରେ ଧୀରେ ଧୀରେ ଢାଳି ଚାମଚ ସାହାଯ୍ୟରେ ସଜାଡ଼ି ଦିଅନ୍ତୁ ଯେପରି ଉପରଭାଗ ପ୍ଲେନ୍ ରହିବ। ଏହାକୁ ଏକ ଷ୍ଟିମର କିମ୍ବା ଇଡ୍‌ଲି ଛାଞ୍ଚରେ ବସାଇ ୧୨–୧୫ମିନିଟ୍ ପର୍ଯ୍ୟନ୍ତ ସିଝିବାକୁ ଛାଡ଼ିଦିଅନ୍ତୁ। ଏହା ହୋଇଗଲେ ଚୁଲା ବନ୍ଦ କରିଦିଅନ୍ତୁ। ଥଣ୍ଡା ହୋଇଯିବା ପରେ ଏହାକୁ ଛୋଟ ଛୋଟ କ୍ୟୁବ୍ ଆକାରରେ କାଟି ଦିଅନ୍ତୁ। ବର୍ତ୍ତମାନ ଚୁଲାରେ ଏକ ପ୍ୟାନ୍ ବସାଇ ତେଲ ଗରମ କରନ୍ତୁ। ସେଥିରେ ସୋରିଷ, ଭୃସୁଙ୍ଗ ପତ୍ର, କଞ୍ଚାଲଙ୍କା ପକାଇ ଫୁଟାଇ ଦିଅନ୍ତୁ। ଏହାକୁ କଟାଯାଇଥିବା ଢୋକ୍‌ଲା ଉପରେ ପକାଇ ଦିଅନ୍ତୁ। ଏହା ଉପରେ ଅଧା ଚାମଚ ତନ୍ଦୁରି ମସଲା ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ତନ୍ଦୁରି ଢୋକ୍‌ଲା, ଏହାକୁ ଚଟଣି ସହ ଖାଇବାର ମଜା ନିଅନ୍ତୁ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୭/୨୦୨୩ Bhubaneswar, Tuesday, February 7/ 2023

# ମାର୍ଚ୍ଚ ୪ରୁ ମହିଳା ପ୍ରିମିୟର ଲିଗ୍



**ନୂଆଦିଲ୍ଲୀ, ୬।୨**

### ୨୬ ତାରିଖରେ ଫାଇନାଲ

- ସମସ୍ତ ମ୍ୟାଚ ମୁମ୍ବାଇର ବ୍ରାବୋର୍ନ ଓ ଡିୱାଇ ପାଟିଲ ଷ୍ଟାଡିୟମରେ ଖେଳାଯିବ
- ଫେବୃୟାରୀ ୧୩ରେ ଖେଳାଳି ନିଲାମ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ସର୍ବପ୍ରଥମ ସଂସ୍କରଣ ମାର୍ଚ୍ଚ ୪ରୁ ଆରମ୍ଭ ହେବ। ଏହା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଲିଗ୍‌ର ସମସ୍ତ ମ୍ୟାଚ ୨ଟି ଭେନ୍ୟୁ ମୁମ୍ବାଇର ବ୍ରାବୋର୍ନ ଓ ଡିୱାଇ ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ବିସିସିଆଇ ପକ୍ଷରୁ ୫ ଫ୍ରାଞ୍ଚାଇଜ୍‌କୁ ଇ-ମେଲ ଯୋଗେ ଜଣାଇ ଦିଆଯାଇଛି। ଏଥିପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଫେବୃୟାରୀ ୧୩ରେ ହେବ ବୋଲି ଏହି ଇ-ମେଲ୍‌ରେ ବିସିସିଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର ହେମାଙ୍ଗ ଅମିନ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନସୁଦ୍ଧା ମୋଟ ୧୫୦୦ ଖେଳାଳିଙ୍କ ନାମ ପଞ୍ଜୀକୃତ ହୋଇଛି। ଅନ୍ତିମ ତାଲିକା ଚଳିତ ସପ୍ତାହ ଶେଷସୁଦ୍ଧା ପ୍ରକାଶ କରାଯିବ। ଅତି ବେଶିରେ ୯୦ ଖେଳାଳି ନିଲାମ ପ୍ରକ୍ରିୟାରେ ସାମିଲ ହୋଇପାରିବେ। ପ୍ରତି ଦଳରେ ୧୫ରୁ ୧୮ ଖେଳାଳି ରହିବେ ବୋଲି ଅମିନ ସ୍ପଷ୍ଟ କରିଛନ୍ତି। ଲିଗ୍‌ରେ ମୋଟ ୨୨ଟି ମ୍ୟାଚ ଅନୁଷ୍ଠିତ ହେବ। ଲିଗ୍ ପର୍ଯ୍ୟାୟର ଶୀର୍ଷ ଦଳ ସିଧାସଳଖ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ ମଧ୍ୟରେ ମ୍ୟାଚ ହୋଇ ଅନ୍ୟ ଫାଇନାଲିଷ୍ଟ ନିର୍ଣ୍ଣିତ ହେବ।

ମାର୍ଚ୍ଚ ୪ ଅର୍ଥ ଦକ୍ଷିଣ ଆଫ୍ରିକାରେ ଫେବୃୟାରୀ ୨୬ରେ ଶେଷ ହେଉଥିବା ମହିଳା ଟି୨୦ ବିଶ୍ୱକପର ୮ ଦିନପରେ ଡବ୍ଲ୍ୟୁପିଏଲ୍ ଆରମ୍ଭ ହେବ। ବିଶ୍ୱକପ ୧୦ ତାରିଖରେ ଆରମ୍ଭ ହେବ। ଏହାର ୩ ଦିନପରେ ଡବ୍ଲ୍ୟୁପିଏଲ ପାଇଁ ଖେଳାଳି ନିଲାମ କରାଯିବ।

# କୃଷକଙ୍କ ଝିଅର ଖେଲୋ ଇଣ୍ଡିଆ ରେକର୍ଡ

**ଇନ୍ଦୋର,୬।୨**

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଭାରୋତ୍ତୋଳନରେ ଜାତୀୟ ରେକର୍ଡ ସ୍ଥାପନ କରିଛନ୍ତି ନାଶିକର ୧୭ ବର୍ଷୀୟ ଭିନତାଇ ଆହେର୍। କୃଷକ ପରିବାରରୁ ଆସିଥିବା ଏହି ଖେଳାଳି ଜଣଙ୍କ ୪୦ କିଗ୍ରା ଓଜନ ବର୍ଗରେ ସମୁଦାୟ ୧୨୯ କିଗ୍ରା ଉଠାଇଥିଲେ। ସ୍ନାଚରେ ୫୭ କିଗ୍ରା ଓଜନ ଉଠାଇଥିବା ବେଳେ କ୍ଲିନ୍ ଆଣ୍ଡ ଜର୍କରେ ୭୨ କିଗ୍ରା ଓଜନ ଉଠାଇ ଜାତୀୟ ରେକର୍ଡ କରିଥିଲେ। ମନ୍ମଦ ଜିମ୍‌ର ପ୍ରବୀଣ ବ୍ୟାଭାରେଙ୍କ ଅଧୀନରେ ସେ ଅଭ୍ୟାସ କରନ୍ତି। ଭିନତାଇଙ୍କ ସହିତ ଅନ୍ୟତମ ୟୁଥ୍ ଗେମ୍ସ ରେକର୍ଡଧାରୀ ୧୪ ବର୍ଷୀୟ ଆକାଙ୍କ୍ଷା ବ୍ୟାଭାରେ ଏକାଠି ଅଭ୍ୟାସ କରନ୍ତି। ଏମ୍‌ଜି କଲେଜରେ ପଢୁଥିବା ଭିନତାଇ ଭବିଷ୍ୟତରେ ଭାରତ ପାଇଁ ପଦକ ଜିତିବାର ଲକ୍ଷ୍ୟ ରଖିଛନ୍ତି। ଏହି ଟୁର୍ନାମେଣ୍ଟଟି ଭଲ ଅଭିଜ୍ଞତା ପ୍ରଦାନ କରିଛି ଏବଂ ଆଗକୁ ବଢ଼ିବାରେ ସହାୟକ ମଧ୍ୟ ହେବ। ଏହା ପରଠାରୁ ବିଭିନ୍ନ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟକୁ ଟାର୍ଗେଟ କରିବା ଲକ୍ଷ୍ୟ ରହିଥିବା ସେ କହିଛନ୍ତି। ଭିନତାଇ ନାଗରକୋଲିରେ ନିଜର ପ୍ରଥମ ଜାତୀୟ ଇଭେଣ୍ଟରେ ଅଂଶଗ୍ରହଣ କରି ଓଡ଼ିଶାର ଜ୍ୟୋତ୍ସ୍ନା ଶବରଙ୍କ ପଛରେ ରହିଥିଲେ। ଏଣିକି ଅଧିକରୁ ଅଧିକ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବି ବୋଲି ଭିନତାଇ ସ୍ପଷ୍ଟ କରିଛନ୍ତି। ଭାରୋତ୍ତୋଳନକୁ ଆସିବା ପଛରେ ବଡ ଭାଇ ମୁକୁନ୍ଦ ଆହେର ତାଙ୍କ ପାଇଁ ପ୍ରେରଣା ବୋଲି ସେ କହିଛନ୍ତି। ମୁକୁନ୍ଦ ୫୫କିଗ୍ରା ଓଜନ ବର୍ଗରେ ଜାତୀୟ ରେକର୍ଡର ଅଧିକାରୀ। ଏପରିକି ତାଙ୍କ ସାନ ଭଉଣୀ ମଧ୍ୟ ଭାରୋତ୍ତୋଳନ କରନ୍ତି ବୋଲି କହିଛନ୍ତି ଭିନତାଇ।



ପଦକ ସହ ଭିନତାଇ ଆହେର।



ଜ୍ୟୋତ୍ସ୍ନା ସବର


ପ୍ରୀତିସ୍ମିତା ଭୋଇ

## ଜ୍ୟୋତ୍ସ୍ନାଙ୍କୁ ରୌପ୍ୟ, ପ୍ରୀତିସ୍ମିତାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୬।୨ (କ୍ରୀଡ଼ା ପ୍ରତିନିଧି)**

ମଧ୍ୟପ୍ରଦେଶରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଓଡ଼ିଶା ପ୍ରତିଯୋଗୀଙ୍କ ଭଲ ପ୍ରଦର୍ଶନ ଜାରି ରହିଛି। ସୋମବାର ଓଡ଼ିଶା ଏଚ୍‌ପିସି ଆଥଲେଟ୍ ଜ୍ୟୋତ୍ସ୍ନା ଶବର ଭାରୋତ୍ତୋଳନର ୪୦ କେଜି ବର୍ଗରେ ମୋଟ ୧୧୮ କେଜି ଉତ୍ତୋଳନ କରି ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଅନ୍ୟତମ ଓଡ଼ିଆ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ୧୧୭ କେଜି ଉତ୍ତୋଳନ କରି ବ୍ରୋଞ୍ଜ୍ ପଦକ ଲାଭ କରିଛନ୍ତି।

# ପ୍ରଥମଥର କ୍ୱାର୍ଟରରେ ଓଡ଼ିଶା ମହିଳା ଦଳ



ଜାତୀୟ ସିନିୟର ଭଲିବଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ଦଳ।

**ଭୁବନେଶ୍ୱର, ୬।୨ (କ୍ରୀଡ଼ା ପ୍ରତିନିଧି)**

### ଜାତୀୟ ସିନିୟର ଭଲିବଲ

ଆସାମର ଗୁଆହାଟୀଠାରେ ଚାଲିଥିବା ୭୧ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ମହିଳା ଦଳ ପ୍ରଥମଥର ପାଇଁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଇତିହାସ ରଚିଛି। ସୋମବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା ଦଳ ଶକ୍ତିଶାଳୀ ତାମିଲନାଡୁକୁ ୩:୦ (୨୫-୧୬, ୨୫-୧୧, ୨୫-୨୦) ସେଟ୍‌ରେ ପରାସ୍ତ କରିଛି। ଜାତୀୟ ସିନିୟର ଭଲିବଲ ପ୍ରତିଯୋଗିତାର ୭୧ ବର୍ଷର ଇତିହାସରେ ଏହା ପୂର୍ବରୁ ଓଡ଼ିଶା ବାଳିକା ଦଳ କେବେହେଲେ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇପାରି ନ ଥିଲା। ଓଡ଼ିଶା ଦଳର ଏହି ବିରଳ ସଫଳତା ପଛରେ ସେଟର ଦେବିକା, ବ୍ଲକର ଅଶ୍ୱିନୀ ଓ ଉତ୍କର୍ଷା, ଆଟାକର ତଥା ଅଧିନାୟିକା ଚେତନା ଓ ଷ୍ଟାନ୍‌ସି, ଅଲ୍‌ରାଉଣ୍ଡର କମଲେଶ ଏବଂ ଲିବେରୋ ଅନନ୍ୟାଙ୍କ ଭୂମିକା ଉଲ୍ଲେଖନୀୟ ରହିଥିଲା। ଏହା ପୂର୍ବରୁ ଅନୁଷ୍ଠିତ ପ୍ଲେ-ଅଫ୍ ମ୍ୟାଚରେ ଓଡ଼ିଶା ଦଳ ୩:୧ (୨୫-୧୯, ୨୩-୨୫, ୨୫-୧୫, ୨୫-୧୩ )ସେଟ୍‌ରେ ଗୁଜରାଟକୁ ହରାଇ ତାମିଲନାଡୁ ବିପକ୍ଷ ପ୍ରି-କ୍ୱାର୍ଟର ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଅନ୍ୟପକ୍ଷରେ ଓଡ଼ିଶା ପୁରୁଷ ଦଳ ଅଳ୍ପକେ କ୍ୱାର୍ଟର ଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଛି। ପ୍ରି-କ୍ୱାର୍ଟରରେ ଦଳ ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ଶକ୍ତିଶାଳୀ ଦିଲ୍ଲୀ ବିପକ୍ଷରେ ୨୩-୨୫, ୨୩-୨୫, ୨୫-୨୨, ୨୫-୨୦ ଓ ୧୫-୧୭ରେ ହାରିଯାଇଥିଲା। ପ୍ରଥମ ୨ ଗେମ୍‌ରେ ଓଡ଼ିଶା ହାରିଯାଇଥିଲେ ହେଁ ପରବର୍ତ୍ତୀ ଦୁଇଟି ଗେମ୍ ଜିତି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ମାତ୍ର ନିର୍ଣ୍ଣାୟକ ଗେମ୍‌ରେ ଅଳ୍ପରେ ପଛରେ ପଡ଼ି ଯାଇଥିଲା। ଗତବର୍ଷ ଓଡ଼ିଶା ମହିଳା ଓ ପୁରୁଷ ଦଳ ଫେଡେରେଶନ କପ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଏପରି ସଫଳତା ପାଇଁ ଓଡ଼ିଶା ଦଳକୁ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍ଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

## ‘ଭାରତରେ ସିରିଜ ବିଜୟ ଆସେସ୍‌ଠାରୁ ବଡ଼’

**ନାଗପୁର, ୬।୨(ପି.ଟି.):** ଆସେସ୍ ଜିତିବା ଅପେକ୍ଷା ଭାରତରେ ଟେଷ୍ଟ ସିରିଜ ବିଜୟୀ ହେବା ଏକ ବଡ଼ ସଫଳତା ବୋଲି ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ୍ ୱାର୍ନରଙ୍କ ସମେତ ଅଷ୍ଟ୍ରେଲିଆର ଷ୍ଟାର ଖେଳାଳିମାନେ କହିଛନ୍ତି। ଭାରତ ଓ ଅଷ୍ଟ୍ରେଲିଆ ଗୁରୁବାରଠାରୁ ବର୍ଡର ଗାଭାସ୍କର ଟ୍ରଫି ପାଇଁ ହାଇପ୍ରୋଫାଇଲ୍ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଷ୍ଟାର ଓପନର ୱାର୍ନର କହିଛନ୍ତି, ବିଶ୍ୱର ଶ୍ରେଷ୍ଠ ସ୍ପିନରଙ୍କ ବିପକ୍ଷରେ ଖେଳିବା ଲାଗି ସେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଗତ ଆସେସ୍‌ର ଅଂଶବିଶେଷ ହୋଇ ସେ ଖେଳକୁ ବେଶ୍ ଉପଭୋଗ କରିଛନ୍ତି। କିନ୍ତୁ ଟେଷ୍ଟ କ୍ରିକେଟରେ ଭାରତକୁ ଭାରତରେ ପରାସ୍ତ କରିବା ସବୁବେଳେ ଆମ ପାଇଁ କଠିନ ଚ୍ୟାଲେଞ୍ଜ ହୋଇଥାଏ। ପେସ୍ ବୋଲର ଜୋସ୍ ହାଜେଲ୍‌ଉଡ୍ କହିଛନ୍ତି, ବିଶ୍ୱ କ୍ରିକେଟରେ ଭାରତରେ ବିଜୟ ହାସଲ କରିବା ଲାଗି ସମସ୍ତଙ୍କ ଅଭିଳାଷ ରହିଥାଏ।




# ସେମିଫାଇନାଲରେ ସୋଲାର

**ଭୁବନେଶ୍ୱର,୬।୨(କ୍ରୀଡ଼ା ପ୍ରତିନିଧି)**

କେଶୁରା ପଡ଼ିଆରେ ଚାଲିଥିବା ତୃତୀୟ ପଞ୍ଚାନନ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱରର ସହିଦ ସ୍ପୋର୍ଟିଂକୁ ୧୯୭ ରନ୍‌ରେ ହରାଇ କଟକର ସୋଲାର କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ସୋଲାର ନିର୍ଦ୍ଧାରିତ ୪୦ ଓଭରରେ ୬ ଉଇକେଟ ହରାଇ ୩୪୪ ରନ୍‌ର ବୃହତ୍ ସ୍କୋର କରିଥିଲା। ଦଳ ପକ୍ଷରୁ ରିତିକ୍ ମହାନ୍ତି (୭୫ ବଲ, ୧୨୩ ରନ୍, ୧୧ ଚୌକା, ୮ ଛକା) ଓ ପ୍ରଦୀପ୍ତ କେ. ଦାଶ (୭୪ ବଲ, ୧୨୩ ରନ, ୧୫ ଚୌକା, ୫ ଛକା) ଦ୍ରୁତ ଶତକ ହାସଲ କରିଥିଲେ। ଏହାବ୍ୟତୀତ କିଷାନ ରଥ ୫୬ ରନ୍‌ର ଇନିଂସ୍ ଖେଳିଥିଲେ। ବିପକ୍ଷ ଦଳର ପ୍ରିୟବ୍ରତ ବେଉରା ଓ ଶୁଭମ୍ ଶତ୍ରୁଜିତ ୨ଟି ଲେଖାଏ ଉଇକେଟ ନେଇଥିଲେ। ୩୪୫ ରନ୍‌ର ପିଛାକରି ସହିଦ ସ୍ପୋର୍ଟିଂ ୩୨.୧ ଓଭରରେ ୧୪୭ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ସୋଲାର ବୋଲର ତାପସ ଦାସ ଚମତ୍କାର ବୋଲିଂ କରି ନିଜ ୭.୨ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେବା ସହ ମାତ୍ର ୨୫ ରନ୍ ଦେଇ ୬ ଉଇକେଟ ସଫଳତା ପାଇଥିଲେ। ସମ୍ବିତ୍ କୁମାରଙ୍କୁ ୩ ଉଇକେଟ ମିଳିଥିଲା। ବିଜୟୀ ଦଳର ପ୍ରଦୀପ୍ତ ଦାଶ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପୂର୍ବତନ ୧୯ ବର୍ଷରୁ କମ୍ ଭାରତୀୟ ଖେଳାଳି ସତ୍ୟରଞ୍ଜନ ଶତପଥୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶରତ ଚନ୍ଦ୍ର ସାହୁ ଓ ସୁଶାନ୍ତ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ମଙ୍ଗଳବାର କଟକର ଜୁଭେନାଇଲ ଓ ଭୁବନେଶ୍ୱରର ପାରାମାଉଣ୍ଟ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ପ୍ରଦୀପ୍ତ ଦାଶ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# ବାସ୍କେଟବଲ ଟିକେଟ ମୂଲ୍ୟ ୫୭ ଲକ୍ଷ

**ଲସଏଞ୍ଜେଲସ୍,୬।୨**

ଆମେରିକୀୟ ବାସ୍କେଟବଲ୍ ଲିଗ୍ ଏନ୍‌ବିଏରେ ଟିକେଟ ମୂଲ୍ୟ ୫୭ ଲକ୍ଷ ଟଙ୍କା। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ ଏହା ସତ। ବାସ୍କେଟବଲ କିମ୍ବଦନ୍ତୀ ଲେବ୍ରନ୍ ଜେମ୍ସ ଏହି ମ୍ୟାଚ୍ ଖେଳୁଥିବା ବେଳେ ଦୁଇ ପାର୍ଶ୍ୱରେ ରହିଥିବା ସିଟ୍ ଗୁଡିକ ପାଇଁ ଟିକେଟ ମୂଲ୍ୟ ୬୮୯୯୫ ଡଲାର ବା ଭାରତୀୟ ମୁଦ୍ରାରେ ୫୭ ଲକ୍ଷ ଟଙ୍କା ରହିଛି। ବାସ୍କେଟବଲରେ ସର୍ବାଧିକ ପଏଣ୍ଟ ଅର୍ଜନ କରିଥିବା କରିମ୍ ଅବଦୁଲ୍ ଜବାରଙ୍କ ଠାରୁ ଜେମ୍ସ ମାତ୍ର ୩୬ ପଏଣ୍ଟ ପଛରେ ଅଛନ୍ତି। ମଙ୍ଗଳବାର ଓକଲାହୋମା ସିଟି ଥଣ୍ଡର ବିପକ୍ଷ ମ୍ୟାଚରେ ସେ ଏହି ରେକର୍ଡ ଅତିକ୍ରମ କରିବେ ବୋଲି ଆଶା କରାଯାଉଛି। ଫ୍ୟାନଙ୍କ ମଧ୍ୟରେ ଟିକେଟ ପାଇଁ ଉତ୍କଣ୍ଠା ଶୀର୍ଷରେ ରହିଥିବା ବେଳେ ମୂଲ୍ୟରେ ୨୮୪୫୦%ବୃଦ୍ଧି ଘଟିଛି। ଚଳିତ ସିଜନରେ ଜେମ୍ସ ମ୍ୟାଚ୍ ପିଛା ୩୦ ଆଭରେଜରେ ପଏଣ୍ଟ ସ୍କୋର କରିଥିବା ବେଳେ ଏହି ମ୍ୟାଚରେ ୩୬ ପଏଣ୍ଟ ଅତିକ୍ରମ କରିବା ନେଇ ଆଶା କରିଛନ୍ତି ଫ୍ୟାନ୍। ଅନ୍ୟ ମ୍ୟାଚ୍ ଗୁଡିକର ଟିକେଟ୍ ମୂଲ୍ୟରେ ୩୦% ପାଖାପାଖି ବୃଦ୍ଧି ଘଟିଥିବା ବେଳେ ଜେମ୍ସଙ୍କ ଦଳ ଲସଏଞ୍ଜେଲସ ଲେକର୍ସର ଟିକେଟ ମୂଲ୍ୟ ଆଶାତୀତ ଭାବରେ ବୃଦ୍ଧି ପାଇଥିବା ସୂଚନା ଦେଇଛନ୍ତି ଟିକେଟ ବିକ୍ରି କରୁଥିବା ସଂସ୍ଥା ଷ୍ଟବ୍ ହବ୍ ଓ ଟିକ୍ ପିକ୍।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ